# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୮/୨୦୨୪ (୨୦ ପୃଷ୍ଠା) | Bhubaneswar, Tuesday, October 8/2024 | Page 20 | ₹ 7.00

୫୦ଶ ଭାଗ ୩୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 315 | ମୂଲ୍ୟ ₹୭/-





KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years



# ୯ରେ ୩୫ ଲକ୍ଷଙ୍କୁ ସୁଭଦ୍ରା କିସ୍ତି

ଭୁବନେଶ୍ୱର, ୭।୧୦(ସୁନିତ୍ ମିଶ୍ର)

ଓଡ଼ିଶାର ୧ କୋଟି ୨୦ ହଜାର ମହିଳା ହିତାଧିକାରୀ ସୋମବାର ସୁଦ୍ଧା ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନାରେ କୋଟିଏରୁ ଅଧିକ ହିତାଧିକାରୀଙ୍କୁ ପଞ୍ଜୀକୃତ କରିବା ଏକ ବଡ଼ ଉପଲବ୍ଧି ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏ କଥା ବର୍ତ୍ତମାନ ପ୍ରମାଣିତ ହୋଇସାରିଛି। ଆସନ୍ତା ୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦାଠାରେ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିବେ। ଏହା ସହ ହିତାଧିକାରୀଙ୍କ ବ୍ୟାଙ୍କ ଖାତା ସଚଳ ଅଛି କି ନାହିଁ ତାହା ପରୀକ୍ଷା କରିବା ସହ ସ୍ୱଚ୍ଛତା ଅନୁଧ୍ୟାନ କରିବା ଲାଗି ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ☞ପୃଷ୍ଠା-୨

## ୨ ଆମେରିକୀୟଙ୍କୁ ମେଡିସିନ୍‌ରେ ନୋବେଲ୍

ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ଭାରତରେ ନିଶା




# ଯବାନ, ହେଲିକପ୍ଟର ଦାବି କଲେ ମୁଖ୍ୟମନ୍ତ୍ରୀ

**ମାଓବାଦୀ ମୁକାବିଲା**

**ଛତିଶଗଡ଼ରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ବଡ଼ଧରଣର ମାଓବାଦୀ ଦମନ କାର୍ଯ୍ୟକଳାପ ଚାଲିଛି। ନିକଟରେ ୩୬ ମାଓବାଦୀ ପୋଲିସ ଗୁଳିରେ ନିହତ ହୋଇଛନ୍ତି। ତେଣୁ ସେଠାରୁ ଓଡ଼ିଶାକୁ ମାଓବାଦୀଙ୍କ ଅନୁପ୍ରବେଶ ବଢ଼ିବା ଆଶଙ୍କା ରହିଛି। ଏହାସହ ରାଜ୍ୟରେ ୩ ଜିଲା କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡିରେ ମାଓବାଦୀଙ୍କ ପ୍ରଭାବ ରହିଛି। ଏସବୁର ମୁକାବିଲା ପାଇଁ ରାଜ୍ୟ ସରକାର ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ(ଓଏସ୍ଏସ୍ଏଫ୍)ର ଅତିରିକ୍ତ ୩ ବାଟାଲିୟନ ସୃଷ୍ଟି କରିଛନ୍ତି। ସେମାନଙ୍କୁ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ମୁତୟନ କରାଯାଇଛି। ଏଭଳି ସ୍ଥିତିରେ ଓଡ଼ିଶାରୁ କେନ୍ଦ୍ରୀୟ ସୁରକ୍ଷା ବାହିନୀକୁ ପ୍ରତ୍ୟାହାର କରା ନ ଯାଇ ଅଧିକ ୧୨ କମ୍ପାନୀ ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସ (ସିଏପିଏଫ୍) ଏବଂ ହେଲିକପ୍ଟର ଯୋଗାଇ ଦିଆଯାଉ। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ସୋମବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ମାଓବାଦୀ ମୁକାବିଲା ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ଦାବି କରିଛନ୍ତି।**

ଭୁବନେଶ୍ୱର,୭।୧୦(ଅନିଲ ଦାସ)

ରାଜ୍ୟର ୯ ଜିଲାର କାଁ ଭାଁ କିଛି ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ସବୁ ଅଞ୍ଚଳକୁ ସୁରକ୍ଷା କର୍ମୀମାନେ ସିପିଆଇ ମାଓବାଦୀ ପ୍ରଭାବରୁ ମୁକ୍ତ କରିପାରିଛନ୍ତି। ମାଓବାଦୀଙ୍କ ପ୍ରତି ସମର୍ଥନକୁ ରୋକାଯିବା ସହ ମାଓବାଦୀ ସଂଗଠନ ପାଇଁ ସ୍ଥାନୀୟ ନିଯୁକ୍ତିକୁ ମଧ୍ୟ ପ୍ରତିହତ କରାଯାଇଛି। ଆମ ସରକାର ପ୍ରତ୍ୟେକ କ୍ଷେତ୍ରରେ ବିକାଶ ଉପରେ ଜୋର ଦେଇ ଅଧିକ ଅଞ୍ଚଳକୁ ସାମାଜିକ-ଅର୍ଥନୈତିକ-ରାଜନୈତିକ ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ଜୋର୍ ଦେଉଛନ୍ତି। ଏବେ ବିଶେଷ ଭାବେ କନ୍ଧମାଳ, କଳାହାଣ୍ଡି ଏବଂ ବୌଦ୍ଧ ଉପରେ ଫୋକସ ଦିଆଯାଉଛି। ଏହି ଅଞ୍ଚଳରେ ମାଓବାଦୀଙ୍କର କିଛି ପ୍ରଭାବ ରହିଛି। ସେହି ସବୁ ଅଞ୍ଚଳରୁ ମାଓବାଦୀଙ୍କୁ ମୂଳପୋଛ କରିବାକୁ ରାଜ୍ୟ ସୁରକ୍ଷା ବାହିନୀ, କେନ୍ଦ୍ରୀୟ ସୁରକ୍ଷା ବଳ, ଗୋଇନ୍ଦା ବିଭାଗ ଏବଂ ସ୍ପେଶାଲ ଟାସ୍କଫୋର୍ସ ଦିନରାତି କାର୍ଯ୍ୟରେ ଲାଗିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମାଝୀ ବୈଠକରେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସେହି ୩ ଜିଲାର ବିକାଶ କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଯାଉଛି। ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ ପାଇଁ ଗୋଷ୍ଠୀ ଭାଗୀଦାରି ଉପରେ ଗୁରୁତ୍ୱ ଦିଆଯାଉଛି। କନ୍ଧମାଳ ଜିଲାର ଦୁର୍ଗମ ଅଞ୍ଚଳରେ ଲୋକମାନଙ୍କୁ ଡ୍ରୋନ ସାହାଯ୍ୟରେ ଔଷଧ ବିତରଣ କରାଯିବ। ☞ପୃଷ୍ଠା-୨



ନୂଆଦିଲ୍ଲୀଠାରେ ସୋମବାର ସ୍ୱତନ୍ତ୍ର ସାକ୍ଷାତ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀ ମୂଳପୋଛ: ଶାହା

ନୂଆଦିଲ୍ଲୀ,୭।୧୦

ମାଓବାଦୀମାନେ ବିକାଶର ବଡ଼ ପ୍ରତିବନ୍ଧକ ଏବଂ ମାନବାଧିକାର ସବୁଠୁ ବଡ଼ ଉଲ୍ଲଂଘନକାରୀ। ସେମାନଙ୍କୁ ନିପାତ କରିବା ପାଇଁ ସୁରକ୍ଷା ବଳ ପ୍ରତିରକ୍ଷାତ୍ମକ ନୁହେଁ ଆକ୍ରମଣାତ୍ମକ ଅଭିଯାନ ଚଳାଇ ବଡ଼ ସଫଳତା ହାସଲ କରିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତରୁ ମାଓବାଦୀ ସମ୍ପୂର୍ଣ୍ଣ ମୂଳପୋଛ ହେବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୋମବାର କହିଛନ୍ତି। ମାଓବାଦୀ ପ୍ରଭାବିତ ୮ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜି)ମାନଙ୍କ ସହ ସୁରକ୍ଷା ଏବଂ ବିକାଶ ସମ୍ପର୍କିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶାହା କହିଛନ୍ତି, ବାମପନ୍ଥୀ ଉଗ୍ରବାଦୀ (ଏଲ୍‌ଡବ୍ଲ୍ୟୁଇ)ମାନଙ୍କ ବିରୋଧରେ ଲଢ଼େଇ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀମାନଙ୍କୁ ସମ୍ପୂର୍ଣ୍ଣ ନିର୍ମୂଳ କରିବା ପାଇଁ ସରକାର ସଂକଳ୍ପବଦ୍ଧ। ବିକାଶର ସୁବିଧା ମାଓବାଦୀ ପ୍ରଭାବିତ ଅଞ୍ଚଳଗୁଡ଼ିକର ଶେଷ ବ୍ୟକ୍ତି ପାଖରେ ☞ପୃଷ୍ଠା-୨






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୪୫ତମ ସ୍ୱର୍ଗାରୋହଣ ଦିବସ, ସ୍ଥାନ: ରେଳ ଷ୍ଟେଶନ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ନୃତ୍ୟଶିଖା ଫାଉଣ୍ଡେଶନ ପକ୍ଷରୁ 'ସମର୍ପଣ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଦୁର୍ଗା ମହୋତ୍ସବ,-୨୦୨୪, ସ୍ଥାନ: ରୟାଲ ରିସୋର୍ଟ, ସାମନ୍ତରାପୁର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୪୫ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଲୋଚନା ସଭା, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚର ୩ୟ ପ୍ରତିଷ୍ଠା ଦିବସ, ସ୍ଥାନ: ୟୁନିଭର୍ସିଟି ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାଜୁଏଟ୍ ଇଞ୍ଜିନିୟରିଂ ଷ୍ଟୁଡେଣ୍ଟସ ୱେଲଫେୟାର ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡ୍‌କ୍ରସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପଞ୍ଚମବେଦର ବାର୍ଷିକ ଉତ୍ସବ ଓ ସମ୍ମାନ ପ୍ରଦାନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- ସିଏମ୍ କିଷାନ ଓ ପିଏମ୍ କିଷାନ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ, ସ୍ଥାନ: ବ୍ଲକ କୃଷି କାର୍ଯ୍ୟାଳୟ ନିଜିଗଡ଼, ଟିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ସିବି ମେଡିକାଲ ଅର୍ଥପେଡିକ ବିଭାଗରେ ବୋନ୍ ବ୍ୟାଙ୍କ ଉଦ୍‌ଘାଟନ, ସ୍ଥାନ: ଅର୍ଥପେଡିକ ବିଭାଗ ପରିସର, ସମୟ: ଅପରାହ୍ନ ୪ଟା।

## ପୁରୀ

- ନିମାପଡ଼ା ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ ଶିଶୁ ମହୋତ୍ସବ 'ସୁରଭି', ସ୍ଥାନ: ନିମାପଡ଼ା ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ସତ୍ୟବାଦୀ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ-୨୦୨୪, ସ୍ଥାନ: ସାକ୍ଷୀଗୋପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା, ସ୍ଥାନ: ଜିଲା ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମହୋଦଧି ଆଳତି, ସ୍ଥାନ: ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମି, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ତମାଖୁ ବର୍ଜନ କର୍ମଶାଳା,ସ୍ଥାନ: ଶାନ୍ତିଲତା ମହାବିଦ୍ୟାଳୟ, ଉଇଟିକିରି, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଶିକ୍ଷାନୀତି-୨୦୨୦ ଆଲୋଚନାଚକ୍ର, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ଟୋକା ଗଣେଶଙ୍କ ଭସାଣି, ସ୍ଥାନ: ପୁରୁଣା ବଜାର, ଭଦ୍ରକ, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ

- ଦୁର୍ଗାପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ମୋରଡ଼ା ବ୍ଲକ,ସମୟ: ସନ୍ଧ୍ୟା ୭ଟା।
- ନବରାତ୍ର ପୂଜା, ସ୍ଥାନ: ବିମଳା ମନ୍ଦିର, ଚିତ୍ରଡ଼ା ଧର୍ମକ୍ଷେତ୍ର, ମୋରଡ଼ା ବ୍ଲକ, ସମୟ: ରାତି ୮ଟା।

## ବ୍ରହ୍ମପୁର

- ରୋଟାରୀ କ୍ଲବ ପକ୍ଷରୁ ନିଯୁକ୍ତି ମେଳା, ସ୍ଥାନ: ଧର୍ମ ନଗର ୫ମ ଗଳି, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ଆସିକା ଏନଏସିସ୍ତରୀୟ ସୁରଭି, ସ୍ଥାନ: ହାଟପଦା ଏକ୍ସ ବୋର୍ଡ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ବ୍ଲକସ୍ତରୀୟ ସୁରଭି, ସ୍ଥାନ: ଭଞ୍ଜନଗର ଦୀନବନ୍ଧୁ ବେହେରା ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ପାତ୍ରପୁର କରୁଣାକର ବିଦ୍ୟାପୀଠ,ସମୟ: ପୂର୍ବାହ୍ନ ୧୦ଟା।
- ସାନଖେମୁଣ୍ଡି ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ, ସ୍ଥାନ: ଦାରିଙ୍ଗବାଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନବରାତ୍ର ଉପଲକ୍ଷେ ମା'କାତ୍ୟାୟନୀଙ୍କ ପୂଜା, ସ୍ଥାନ: ମା 'ପାଟଖଣ୍ଡା ମନ୍ଦିର ପରିସର ଦୁର୍ଗାପୂଜା ମଣ୍ଡପ, ସମୟ: ସନ୍ଧ୍ୟା୬ଟା।

## ଜଗତ୍‌ସିଂହପୁର

- ଭାରତୀୟ ତଟରକ୍ଷୀ ବାହିନୀ କୋଷ୍ଟଗାର୍ଡ ପକ୍ଷରୁ ସମୁଦ୍ରରେ ସନ୍ଧାନ ଓ ଉଦ୍ଧାର ଅଭ୍ୟାସ (ସାରେକ୍ସ)କାର୍ଯ୍ୟକ୍ରମ, ସ୍ଥାନ: ବତିଘର ପାଖ ସମୁଦ୍ର, ପାରାଦୀପ, ସମୟ: ସକାଳ ୬ ଟାରୁ ଅପରାହ୍ନ ୪ଟା।
- ପାର୍ବଣ ଉପଲକ୍ଷେ ମା'ଉତ୍ତରେଶ୍ୱରୀଙ୍କ ସ୍ୱତନ୍ତ୍ର ପୂଜା, ସ୍ଥାନ: ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମର ମା'ଙ୍କ ପୀଠ, ସମୟ: ଅପରାହ୍ନ ୩ଟା।
- ବିଶିଷ୍ଟ ବ୍ୟବସାୟୀ ଗଙ୍ଗାଧର ଜେନାଙ୍କ ବିୟୋଗରେ ଠିକାଦାର ସଂଘ ପକ୍ଷରୁ ଶୋକସଭା, ସ୍ଥାନ: ହାଉସିଂବୋର୍ଡ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ସାନମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବାହାଡ଼ାଶୁଣୀଙ୍କର ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବାହାଡ଼ା ଛକ, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପାଣୁସାହୁପାଟଣା, ସମୟ: ସକାଳ ୭ଟା।
- ଶ୍ରୀନୀଳମାଧବ ମନ୍ଦିର ପାର୍ଶ୍ୱଦେବୀ ମା' ବିମଳାଙ୍କ ନବଦିନାତ୍ମକ ପୂଜାର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଷୋଡ଼ଶ ଦିବସୀୟ ପୂଜାର ୧୫ତମ ଦିବସ, ସ୍ଥାନ: କନକଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟି ପାଖ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ମହିଶାସୁଣୀ ପୀଠରେ ନବଦିନାତ୍ମକ ପୂଜାର ୫ମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଜଗନ୍ନାଥ ପ୍ରଦସାଦର ଦରଦା, ସମୟ: ସକାଳ ୭ଟା।
- ରଣପୁର ବ୍ଲକସ୍ତରୀୟ ଶିଶୁ ପ୍ରତିଭା ଅନ୍ୱେଷଣ ମହୋତ୍ସବ ସୁରଭି, ସ୍ଥାନ: ରଣପୁର ବି.ସି. ହାଇସ୍କୁଲ, ସମୟ: ପୂର୍ବାହ୍ନ ୯ଟା।
- ନୟାଗଡ଼ ବ୍ଲକ ସ୍ତରୀୟ ଶିଶୁ ପ୍ରତିଭା ଅନ୍ୱେଷଣ ମହୋତ୍ସବ ସୁରଭି , ସ୍ଥାନ: ଲାଠିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଗଣିଆ ବ୍ଲକସ୍ତରୀୟ ଶିଶୁ ପ୍ରତିଭା ଅନ୍ୱେଷଣ ମହୋତ୍ସବ ସୁରଭି, ସ୍ଥାନ: ଗଣିଆ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଭାପୁର ବ୍ଲକସ୍ତରୀୟ ଶିଶୁ ପ୍ରତିଭା ଅନ୍ୱେଷଣ ମହୋତ୍ସବ ସୁରଭି, ସ୍ଥାନ: ବଳଦିଆ ନୂଆଗାଁ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୧ଟା।
- ଓଡଗାଁ ବ୍ଲକସ୍ତରୀୟ ଶିଶୁ ପ୍ରତିଭା ଅନ୍ୱେଷଣ ମହୋତ୍ସବ ସୁରଭି, ସ୍ଥାନ: ଓଡ଼ଗାଁ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା

- ବନ୍ୟପ୍ରାଣୀ ସପ୍ତାହ-୨୦୨୪ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଫରେଷ୍ଟ ପାର୍କ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୪୫।
- ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ କନଫରେନ୍ସ ହଲ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।
- କୋରାପୁଟ ଲୋକ ସଭା ସଦସ୍ୟ ଏବଂ ରାୟଗଡା ବିଧାୟକଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଭେଙ୍କଟେଶ୍ୱର କଲ୍ୟାଣ ମଣ୍ଡପ, ଜେକେପୁର, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର

- ଶାରଦୀୟ ଦଶହରା ପୂଜା ଉପଲକ୍ଷେ ଷଷ୍ଠୀ ପୂଜା, ସ୍ଥାନ : ସମଲେଶ୍ୱରୀ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଶାରଦୀୟ ଦଶହରା ପୂଜା ଉପଲକ୍ଷେ ଷଷ୍ଠୀପୂଜା, ସ୍ଥାନ: ଦାନିପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡି ପୀଠ, ସମୟ: ପ୍ରାତଃ ୫ଟା।
- କାଳିବାଡି ଦୁର୍ଗାପୂଜା କମିଟି ପକ୍ଷରୁ ଷଷ୍ଠୀ ପୂଜା, ସ୍ଥାନ : କାଳିବାଡି ପରିସର, ସମୟ : ସକାଳ ୮ଟା।
- ଯୁଯୋମୁରା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ : ଯୁଯୋମୁରା ହାଇସ୍କୁଲ ପଡିଆ, ସମୟ : ପୂର୍ବାହ୍ନ ୧୦ଟା।
- ସିଆରପିଏଫ ଗ୍ରୁପ୍ ସେଣ୍ଟରର ନବ ନିର୍ମିତ ଆବାସିକ ଘର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ଚିପିଲିମା ସ୍ଥିତ ସିଆର୍‌ପିଏଫ ଗ୍ରୁପ ସେଣ୍ଟର କ୍ୟାମ୍ପସ, ସମୟ : ପୂର୍ବାହ୍ନ ୧୧ଟା।
- ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ, ସ୍ଥାନ: ସମଲେଶ୍ୱରୀ ମନ୍ଦିର ପରିସରସ୍ଥ ଦୀପ ଘର ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।
- ଉକିଆ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଲୁପ୍ତ ଲୋକ ଏବଂ ଜନଜାତି କଳା ଉତ୍‌ଥାନ ଉତ୍ସବ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ସାର୍ବଜନୀନ ଦୁର୍ଗାପୂଜାରେ ଦେବୀଙ୍କ କାତ୍ୟାୟନୀ ପୂଜା, ସ୍ଥାନ: ରୁଗୁଡିପଡା, ଟିକ୍ରାପଡା ଗାନ୍ଧୀ ପାଠାଗାର, ପିପି ଏକାଡେମୀ, ତାଳପାଲିପଡା, ଶାନ୍ତିପଡା, ଗାନ୍ଧୀନଗରପଡା, ପେଲେସଲାଇନ୍, ବଲାଙ୍ଗୀର ,ସମୟ: ସକାଳ ୮ଟା

## ସୁବର୍ଣ୍ଣପୁର

- ନବରାତ୍ରିରେ ଷଷ୍ଠ ଦିବସୀୟ ପୂଜା, ସ୍ଥାନ: ଦୁର୍ଗା ମନ୍ଦିର, ତ୍ରିବେଣୀ ଛକ, ବୀରମହାରାଜପୁର, ସମୟ: ସକାଳ ୯ଟା।
- ନବରାତ୍ର, ଘୃତଯଜ୍ଞ, ଚଣ୍ଡୀପାଠର ଷଷ୍ଠ ଦିବସ, ସ୍ଥାନ: କୋଟସମଲେଇ ,ଉଲୁଣ୍ଡା ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ଦୁର୍ଗା ମନ୍ଦିରରେ ସ୍ୱତନ୍ତ୍ର ପୂଜା ଓ ନବରାତ୍ରି ପାଳନ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମହାସମାରୋହରେ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଗୌରୀ ମଣ୍ଡପ, ନାଏକପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ମାଁ ବାଟମଙ୍ଗଳାଙ୍କ ଶାରଦୀୟ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ଭଟଲି, ସମୟ: ସକାଳ ୬ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ସୋହେଲା, ସମୟ: ସକାଳ ୭ଟା।

## ସୁନ୍ଦରଗଡ଼

- ବାଜରା ଉତ୍ପାଦନ କ୍ଷେତ୍ର ଦିବସ ଓ ବାଜରା ଉତ୍ପାଦନ ଯନ୍ତ୍ରର ପ୍ରଦର୍ଶନୀ,ସ୍ଥାନ:ଟାଙ୍ଗରପାଲି ବ୍ଲକ ଗମ୍ଭାରିଡିହି ଗାଁ,ସମୟ: ସକାଳ୧୦ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ସାମୁହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ପାୱାରହାଉସ୍ ରୋଡ୍, ସମୟ: ପ୍ରାତଃ ୫ଟା ୩୦।
- ଡିସୋଜା ସ୍କୁଲରେ ନବରାତ୍ର ପୂଜା, ସ୍ଥାନ: ସେକ୍ଟର-୫ ସ୍କୁଲ ପରିସର, ସମୟ: ସକାଳ ୭ଟା।
- ଅଲ୍ ଟ୍ରେଡ୍ ୟୁନିୟନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୭ଟା୩୦।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ରାଉରକେଲା ମହାନଗର ପକ୍ଷରୁ ବିଜୟା ଦଶମୀ ଉତ୍ସବ, ସ୍ଥାନ: ଉଦିତନଗର ପରେଡ୍ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ସିପିସି ନାଇଟ୍, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ଉନ୍ନତମାନର ଫଳ ଉତ୍ପାଦନ ବୃଦ୍ଧି ନିମନ୍ତେ ୬ ଦିନିଆ ତାଲିମ ଶିବିରର ୨ୟ ଦିବସ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ରର ଷଷ୍ଠ ଦିବସ ପୂଜା ଆରମ୍ଭ, ସ୍ଥାନ: ମା' କନକ ଦୁର୍ଗାମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା।
- ମା' ଦକ୍ଷିଣକାଳୀ ପୀଠରେ ନବରାତ୍ରର ଷଷ୍ଠ ଦିବସ ପୂଜା ଆରମ୍ଭ, ସ୍ଥାନ: ଶନି ମନ୍ଦିର, ଦେବଗଡ ସହର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ସୁରସଙ୍ଗୀତ (ଭଜନ ସନ୍ଧ୍ୟା), ସ୍ଥାନ: ପ୍ରଦେଶୀପଡ଼ା ଭବାନୀପାଟଣା, ସମୟ: ସନ୍ଧ୍ୟା ୭ଟା।
- ଦ୍ରୋଣାଚାର୍ଯ୍ୟ ସ୍କୁଲରେ ଅଭିଭାବକ ସମ୍ମିଳନୀ, ସ୍ଥାନ: କେସିଙ୍ଗା ବ୍ଲକ କେନ୍ଦୁପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ନବରାତ୍ର ଦୁର୍ଗାପୂଜାରେ ମହାଆଳତି, ସ୍ଥାନ: ଶ୍ରୀରାମ ଛକ ଦୁର୍ଗା ମଣ୍ଡପ ନୂଆପଡ଼ା, ସମୟ: ସକାଳ ୭ଟା ଓ ସନ୍ଧା ୭ଟା।
- ବିଶ୍ରାମ ପୂଜା, ସ୍ଥାନ: ଦୁର୍ଗାମଣ୍ଡପ ତରବୋଡ଼, ସମୟ: ସକାଳ ୮ଟା।
- ମାନସ ଗାନ ମାନସ ପରିବାର ବହେରବୁଡ଼ା, ସ୍ଥାନ: ନୂଆପଡ଼ା ବ୍ଲକ ସାରାବଙ୍ଗ ପଞ୍ଚାୟତ ଭଇଷମୁଣ୍ଡି ଗାଁ ଭୈଇଁଷିପାଟ ମନ୍ଦିର ପ୍ରାଙ୍ଗଣ, ସମୟ ରାତ୍ର ୯ଟା।
- ମହାଆଳତି, ମାତା ସ୍କନ୍ଦମାତା ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଦୁର୍ଗାମଣ୍ଡପ, ସମୟ: ସକାଳ ୬ଟା ୩୦।
- ନବରାତ୍ର ଦୁର୍ଗାପୂଜା ଉପଲକ୍ଷେ ଦାଣ୍ଡିଆ ନୃତ୍ୟ, ସ୍ଥାନ: ତେଲିପଡ଼ା ଦୁର୍ଗାମଣ୍ଡପ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।

# ବଦଳିବ ସରକାରୀ କୋଠାର ରଙ୍ଗ

ଭୁବନେଶ୍ୱର,୭।୧୦(ସୁନିତ୍ ମିଶ୍ର)

ରାଜ୍ୟରେ ସବୁ ସରକାରୀ କୋଠାର ରଙ୍ଗ ଗୋଟିଏ ପ୍ରକାରର ହେବ। ନୂଆ କୋଠାଗଡ଼ିକର ନିର୍ମାଣ ସମୟରୁ ହିଁ ନୂଆ ରଙ୍ଗ ବ୍ୟବହାର କରାଯିବ। ସେହିପରି ପୁରୁଣା କୋଠାଗୁଡ଼ିକର ମରାମତି ବା ନବୀକରଣ ବେଳେ ଆଗରୁ ବ୍ୟବହୃତ ହେଉଥିବା ରଙ୍ଗ ବଦଳିବ। ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଇଆଇସି (ସିଭିଲ-କମ୍-ରୋଡ୍ସ), ଇଆଇସି (ଡିପିକ୍ୟୁ), ଓବି ଆଣ୍ଡ ସିସି ଏମ୍‌ଡିଙ୍କୁ ଏନେଇ ଚିଠି କରାଯାଇଛି। ଏହା ସହିତ ପୂର୍ତ୍ତ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ମୁଖ୍ୟଯନ୍ତ୍ରୀଙ୍କୁ ମଧ୍ୟ ଏନେଇ ଚିଠିକରି ଜଣାଇ ଦିଆଯାଇଛି। ଏଣିକି ରାଜ୍ୟ ସରକାରଙ୍କ ସମସ୍ତ ନୂଆ କୋଠାର ବାହାର ପଟର ରଙ୍ଗ ଅରେଞ୍ଜ ଶେଡ୍ କରିବେ। ସେଥିରେ ରେଡ୍ ଶେଡ୍‌ର ବର୍ଡର ରହିବ। ସେହିପରି କାର୍ଯ୍ୟକ୍ଷମ କୋଠାଗୁଡ଼ିକର ମରାମତି ଓ ନବୀକରଣ କାର୍ଯ୍ୟ ବେଳେ ସେଗୁଡ଼ିକର ବାହାର ପଟକୁ ଅରେଞ୍ଜ ଶେଡ୍ ସହିତ ରେଡ୍ ଶେଡ୍ ବର୍ଡର ଦେଇ ରଙ୍ଗ କରାଯିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ସୋମବାର ଚିଠି କରି କୁହାଯାଇଛି। ଏନେଇ ଯେଉଁ ଦୁଇଟି ରଙ୍ଗ ଦିଆଯିବା କଥା କୁହାଯାଇଛି ତାହା ଉକ୍ତ ଚିଠିରେ ଦର୍ଶାଯାଇଛି। ସୂଚନାଯୋଗ୍ୟ ଯେ, ଆଗରୁ ବିଜେଡି ସରକାର ସମୟରେ ସମସ୍ତ ସରକାରୀ ବିଲ୍ଡିଂର ରଙ୍ଗ ନୀଳ ରଙ୍ଗ କରାଯାଉଥିଲା। ଓଡ଼ିଶାର ପ୍ରାୟ ସବୁସରକାରୀ କାର୍ଯ୍ୟାଳୟ ରଙ୍ଗ ମଧ୍ୟ ସେହିପରି ରହିଛି। ଏବେ ଉକ୍ତ କାର୍ଯ୍ୟାଳୟଗୁଡ଼ିକର ରଙ୍ଗ ବଦଳାଇବା ସକାଶେ ସରକାର ଏକପ୍ରକାର ସ୍ଥିର କରିଛନ୍ତି। କିଛିଦିନ ତଳେ ଗତ ସରକାର ସମୟରୁ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍‌ର ରଙ୍ଗ ବଦଳାଯିବାକୁ ନେଇ ରାଜନୀତି ଜୋର୍ ଧରିଥିଲା। ବିଜେଡି ଏନେଇ ରାଜ୍ୟ ସରକାରଙ୍କ ବିରୋଧରେ ଆପତ୍ତି ଉଠାଇଥିଲା। ନିକଟରେ ସବୁ ସ୍କୁଲ ପିଲାଙ୍କ ଡ୍ରେସ୍ କୋଡ୍ ମଧ୍ୟ ପରିବର୍ତ୍ତନ କରିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ୨ ଆମେରିକୀୟଙ୍କୁ ମେଡିସିନ୍‌ରେ ନୋବେଲ୍

ଷ୍ଟକ୍‌ହୋମ୍,୭।୧୦

ମାଇକ୍ରୋ ଆର୍‌ଏନ୍‌ଏର ଉଦ୍ଭାବନ ପାଇଁ ୨ ଆମେରିକୀୟ ବୈଜ୍ଞାନିକ ଭିକ୍ଟର ଆମ୍ବ୍ରୋସ୍ ଏବଂ ଗାରି ରୁଭ୍‌କୁନ୍‌ଙ୍କୁ ଚଳିତ ବର୍ଷ ମେଡିସିନ୍‌ରେ ନୋବେଲ ପୁରସ୍କାର ପାଇଁ ସୋମବାର ମନୋନୀତ କରାଯାଇଛି। ଜିନ୍ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରାଉଥିବା ମୌଳିକ ସିଦ୍ଧାନ୍ତ ହେଉଛି ମାଇକ୍ରୋ ଆର୍‌ଏନ୍‌ଏ। ଜୀବ କିପରି ବିକଶିତ ହୁଏ ଏବଂ କାର୍ଯ୍ୟ କରେ, ତାହା ଜାଣିବାରେ ୨ ବୈଜ୍ଞାନିକଙ୍କ ଉଦ୍‌ଭାବନ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇଥିବା ନୋବେଲ୍ ଆସେମ୍ବ୍ଲି କହିଛି।

ଆମ୍ବ୍ରୋସ୍ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଉକ୍ତ ଗବେଷଣାର ନେତୃତ୍ୱ ନେଇଥିଲେ। ସେ ଏବେ ୟୁନିଭର୍ସିଟି ଅଫ୍ ମାସାଚ୍ୟୁସେଟ୍ସ ମେଡିକାଲ ସ୍କୁଲ୍‌ରେ ନାଚୁରାଲ ସାଇନ୍ସର ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଜେନେଟିକ୍ସ ପ୍ରଫେସର ରୁଭକୁନ୍ ମାସାଚ୍ୟୁସେଟ୍ସ ଜେନେରାଲ ହସ୍ପିଟାଲ ଏବଂ ହାର୍ଭାର୍ଡ ମେଡିକାଲ ସ୍କୁଲ୍‌ରେ ଗବେଷଣା ଚଳାଇଥିଲେ ବୋଲି ନୋବେଲ କମିଟି ମହାସଚିବ ଥୋମାସ୍ ପେର୍ଲମାନ୍ କହିଛନ୍ତି।


ଭିକ୍ଟର ଆମ୍ବ୍ରୋସ୍


ଗାରି ରୁଭ୍‌କୁନ୍

ଗତବର୍ଷ ମେଡିସିନ୍‌ରେ ବିଶ୍ୱର ସର୍ବୋଚ୍ଚ ସମ୍ମାନ ହଙ୍ଗେରୀୟ-ଆମେରିକୀୟ କାଟାଲିନ୍ କାରିକୋ ଏବଂ ଆମେରିକୀୟ ବୈଜ୍ଞାନିକ ଡ୍ରିଉ ୱିସ୍‌ମାନଙ୍କୁ ମିଳିଥିଲା। ସେମାନଙ୍କର ଉଦ୍ଭାବନ କୋଭିଡ୍-୧୯ ରୋକିବାରେ ଏମ୍‌ଆର୍‌ଏନ୍‌ଏ ଟିକା ପ୍ରସ୍ତୁତିରେ ସହାୟକ ହୋଇଥିଲା। ସ୍ୱିଡେନ୍ ବୈଜ୍ଞାନିକ ଆଲ୍‌ଫ୍ରେଡ୍ ନୋବେଲଙ୍କ ଦ୍ୱାରା ସୃଷ୍ଟ ଏହି ପୁରସ୍କାର ପ୍ରତିବର୍ଷ ମେଡିସିନ୍, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ସାହିତ୍ୟ, ଶାନ୍ତି ଏବଂ ଅର୍ଥନୀତିକୁ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଥାଏ। ପୁରସ୍କାର ବାବଦରେ ବିଜେତାଙ୍କୁ ୧୧ ନିୟୁତ ସୁଇଡିସ୍ କ୍ରୋନର (୧ ନିୟୁତ ଡଲାର) ମିଳିଥାଏ।

ପ୍ରଥମ ପୃଷ୍ଠାରୁ...

## ଯବାନ, ହେଲିକପ୍ଟର...

ସହ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ସୁପର ସ୍ପେଶାଲିଟି ଡାକ୍ତରଙ୍କୁ ନିୟୋଜିତ କରାଯାଇଛି। ଏଥିସହିତ ମହିଳାମାନଙ୍କୁ ସଶକ୍ତ କରିବା ସହ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ର ସହଯୋଗରେ ରାଜ୍ୟ ସରକାର ମାଓବାଦୀ ମୁକାବିଲାରେ ସଫଳ ହେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶାକୁ ମାଓବାଦୀଙ୍କ ଅନୁପ୍ରବେଶ ରୋକିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ ଆସନ୍ତା ୨ ବର୍ଷ ପାଇଁ ମାଓବାଦୀପ୍ରବଣ ଅଞ୍ଚଳରେ ମୁତୟନ ନିମନ୍ତେ ୧୨ କମ୍ପାନୀ ସିଏପିଏଫ୍ ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ଏହାଛଡ଼ା ମାଓବାଦୀ ପ୍ରବଣ ଅଞ୍ଚଳକୁ ସୁରକ୍ଷାକର୍ମୀଙ୍କୁ ସୁରକ୍ଷିତ ଭାବେ ନେବା ଆଣିବା ପାଇଁ ହେଲିକପ୍ଟର ଯୋଗାଇ ଦେବାକୁ ମଧ୍ୟ ଦାବି କରିଛନ୍ତି। ମାଓବାଦୀ ବିରୋଧୀ ଅଭିଯାନକୁ ସଫଳ କରିବାକୁ କେନ୍ଦ୍ର ସରକାରଙ୍କ ଟେକ୍ନିକାଲ ଏଜେନ୍ସି ଦ୍ୱାରା ବୈଷୟିକ ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୪ ଜୁଲାଇ ୬ରେ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ୧୨୭ଟି ରାସ୍ତା ନିର୍ମାଣ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଦିଆଯାଇଛି। ସେହି ରାସ୍ତାଗୁଡ଼ିକ ସମ୍ପୃକ୍ତ ଅଞ୍ଚଳରେ ଯୋଗାଯୋଗ କ୍ଷେତ୍ରକୁ ବିକଶିତ କରିବା ସହ ମାଓବାଦୀ ଦମନ କ୍ଷେତ୍ରରେ ସୁରକ୍ଷା କର୍ମୀଙ୍କ ପାଇଁ ବିଶେଷ ସହାୟକ ହେବ। ପ୍ରସ୍ତାବିତ ରାସ୍ତାଗୁଡ଼ିକ ନିର୍ମାଣ ପାଇଁ ରାଜ୍ୟ ସରକାର କେନ୍ଦ୍ରର ସହଯୋଗ ଲୋଡ଼ିଛନ୍ତି।

ରାଜ୍ୟ ସରକାର ବିକାଶ ଉପରେ ଧ୍ୟାନଦେବା ସହ ଲୋକ କେନ୍ଦ୍ରିକ ନୀତି କାର୍ଯ୍ୟକାରୀ କରିବା ଦ୍ୱାରା ମାଓବାଦୀ ପ୍ରଭାବିତ ଅଞ୍ଚଳରେ ପରିବର୍ତ୍ତନ ଆସିଛି। ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ବିଶ୍ୱାସଭାଜନ ହେବା ପାଇଁ ମାଓବାଦୀ ପ୍ରଭାବିତ ଗ୍ରାମଗୁଡ଼ିକରେ ଜନକଲ୍ୟାଣ କାର୍ଯ୍ୟକ୍ରମ କରାଯାଉଛି। ଲୋକଙ୍କ ଜୀବନଶୈଳୀରେ ରୂପାନ୍ତର ପାଇଁ ବହୁ କଲ୍ୟାଣମୂଳକ କାର୍ଯ୍ୟ କରାଯାଉଛି। ସେହି ସବୁ ଅଞ୍ଚଳରେ 'ଧରିତ୍ରୀ ଆବା ଜନଜାତୀୟ ଉତ୍କର୍ଷ ଗ୍ରାମ ଅଭିଯାନ' କାର୍ଯ୍ୟକ୍ରମ ସମ୍ପ୍ରସାରିତ କରାଯିବ। ଏଥିସହିତ ୪୦ଟି ସ୍କିମ୍‌କୁ ନେଇ ଗ୍ରାମୋଦୟ ନାମରେ ନୂଆ ଯୋଜନା କାର୍ଯ୍ୟକାରୀ କରାଯିବ। ଏହାଦ୍ୱାରା ଲୋକମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମାଓବାଦୀ ମୁକାବିଲା ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ। ଏ ଦିଗରେ ଓଡ଼ିଶା ଦୃଢ଼ତାର ସହ କାର୍ଯ୍ୟ କରୁଛି। ପଡ଼ୋଶୀ ରାଜ୍ୟ ଏବଂ ଓଡ଼ିଶାରୁ ମାଓବାଦୀଙ୍କୁ ହଟାଇବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା ସହ ଘନିଷ୍ଠ ସହଯୋଗରେ କାର୍ଯ୍ୟକରି ଆସନ୍ତା ୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ପରିଚାଳନାରେ ଭାରତକୁ ମାଓବାଦୀ ବିପଦରୁ ସମ୍ପୂର୍ଣ୍ଣ ମୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୨୦୨୬ ମାର୍ଚ୍ଚ ସୁଦ୍ଧା...

ପହଞ୍ଚାଇବାକୁ ହେଲେ ଉକ୍ତ ଉଗ୍ରପନ୍ଥୀ ପରିଚାଳିତ ହିଂସାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେବ। ମାଓବାଦୀମାନଙ୍କୁ ସମୂଳେ ବିନାଶ କରିବା ପାଇଁ ଆମକୁ ଚୂଡ଼ାନ୍ତ ପଦକ୍ଷେପ ନେବାକୁ ପଡ଼ିବ। ଏଥିପାଇଁ ସମସ୍ତ ମାଓବାଦୀ ଉପଦ୍ରୁତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ପ୍ରତି ମାସରେ ଅନ୍ୟୂନ ଥରେ ବିକାଶ ଏବଂ ମାଓବାଦୀ ନିରୋଧୀ ଅଭିଯାନର ଅଗ୍ରଗତି ସମୀକ୍ଷା କରିବା ପାଇଁ ଶାହା ନିବେଦନ କରିଛନ୍ତି। ସେହିପରି ପୋଲିସ ଡିଜିମାନେ ପ୍ରତି ୧୫ ଦିନରେ ଥରେ ସମୀକ୍ଷା କରିବା ପାଇଁ ଶାହା ପରାମର୍ଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଓଡ଼ିଶା ସମେତ ଛତିଶଗଡ଼, ତେଲଙ୍ଗନା ଓ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିବାବେଳେ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶର ବରିଷ୍ଠ ମନ୍ତ୍ରୀ ଓ ଅଧିକାରୀମାନେ ପ୍ରତିନିଧିତ୍ୱ କରିଥିଲେ।

ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଆଇନର ଶାସନ ପ୍ରତିଷ୍ଠା କରିବାକୁ ହେଲେ ଏଲ୍‌ଡବ୍ଲ୍ୟୁଇ ବିରୋଧରେ ଲଢ଼େଇ ଜରୁରୀ। ଗତ ୩୦ ବର୍ଷ ମଧ୍ୟରେ ମାଓବାଦୀ ଆକ୍ରମଣରେ ଲୋକଙ୍କ ମୃତ୍ୟୁସଂଖ୍ୟା ପ୍ରଥମ ଥର ପାଇଁ ୧୦୦ରୁ କମ୍ ହୋଇଥିବା ଶାହା କହିଛନ୍ତି। ବାମପନ୍ଥୀ ଉଗ୍ରବାଦୀ କ୍ୟାଡର ସାମର୍ଥ୍ୟର ୮୫ ପ୍ରତିଶତ କେବଳ ଛତିଶଗଡ଼ ମଧ୍ୟରେ ସୀମିତ ରହିଛନ୍ତି। ସେଠାରେ ଚଳିତ ବର୍ଷ ଜାନୁଆରୀରୁ ଇତିମଧ୍ୟରେ ୧୯୪ ମାଓବାଦୀ ନିହତ ହେଲେଣି। ୮୦୧ ମାଓବାଦୀ ଅସ୍ତ୍ର ତ୍ୟାଗ କରିଥିବାବେଳେ ୭୪୨ ଜଣ ଆତ୍ମସମର୍ପଣ କରିଛନ୍ତି। ଏଥିପାଇଁ ଶାହା ଛତିଶଗଡ଼ ମୁଖ୍ୟମନ୍ତ୍ରୀ, ଗୃହମନ୍ତ୍ରୀ ଏବଂ ପୋଲିସ ଡିଜିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମାଓବାଦୀମାନେ ଅସ୍ତ୍ର ତ୍ୟାଗକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସରକାରୀ ସାମର୍ଥ୍ୟ ବୃଦ୍ଧି ନିମନ୍ତେ ଏକ ମିଳିତ ଅଭିଯାନ ଖୁବ୍‌ଶୀଘ୍ର ଆରମ୍ଭ ହେବ। ମାଓବାଦୀ ପ୍ରଭାବିତ ଅଞ୍ଚଳର ବିକାଶମୂଳକ କାର୍ଯ୍ୟକୁ ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ସମ୍ପର୍କିତ ବ୍ୟୟକୁ ୩ ଗୁଣା ବୃଦ୍ଧି କରାଯାଇଛି।

## ୯ରେ ୩୫ ଲକ୍ଷଙ୍କୁ ସୁଭଦ୍ରା...

ହୋଇଥିବା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପରୀକ୍ଷାମୂଳକ ଭାବେ ଏକ ଟଙ୍କା ପଠାଯିବାର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଏପରି କିଛି ବ୍ୟବସ୍ଥା ଏପର୍ଯ୍ୟନ୍ତ ଆରମ୍ଭ କରାଯାଇନାହିଁ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସାମାଜିକ ଗଣମାଧ୍ୟମରେ ଚାଲୁଥିବା ଏହି ମିଥ୍ୟା ଖବର ଦ୍ୱାରା ଭ୍ରମିତ ନ ହେବା ପାଇଁ ବିଭାଗ ତରଫରୁ ଅନୁରୋଧ କରାଯାଇଛି। ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ସମସ୍ତ ଖବର ପାଇଁ ଏଥିଲାଗି ପ୍ରସ୍ତୁତ ଅଫିସିଆଲ ୱେବ୍‌ସାଇଟ କିମ୍ବା ଅଫିସିଆଲ ସୋସିଆଲ ମିଡିଆକୁ ଅନୁସରଣ କରନ୍ତୁ ଅବା ଟୋଲ୍ ଫ୍ରି ନମ୍ବର(୧୪୬୭୮)କୁ କଲ୍ କରନ୍ତୁ ବୋଲି ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆତ୍ମୀୟଙ୍କ ସହ ଆଜିର ଯାତ୍ରା, କର୍ମାରମ୍ଭ ସାଙ୍ଗକୁ ବନ୍ଧୁମିଳନ ପ୍ରୀତିପ୍ରଦ ରହିବ। ସମ୍ପର୍କୀୟଙ୍କ ସହଯୋଗରେ ହାତ ପାହାନ୍ତାକୁ ସୁବିଧା ସୁଯୋଗ ଆସି ଜୁଟିଯିବ। ପ୍ରତ୍ୟେକ ଦିଗରୁ ଲାଭବାନ୍ ହେବେ ଓ ଯାହା ଖୋଜୁଛନ୍ତି ତାହା ପାଇବା ସହ ସ୍ଥଗିତ କାମ ତ୍ୱରାନ୍ୱିତ ହେବ। ଭୁଲ୍ ବୁଝାମଣାରୁ ପରିବାରରେ ମତାନ୍ତର ସୃଷ୍ଟି ଆଶଙ୍କା ରହିଛି।

**ବୃଷ** ସହକର୍ମୀଙ୍କ ସହାନୁଭୂତି ସହ ଆନୁଷଙ୍ଗିକ ସାହଯ୍ୟ ପାଇ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ଟେନ୍‌ସନ ବୃଦ୍ଧି ପାଇପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ପାରିବାରିକ କ୍ଷେତ୍ର ସମସ୍ୟାବହୁଳ ହୋଇପାରେ, କିନ୍ତୁ କୌଣସି କାମ ଅଟକିରହିବ ନାହିଁ।

**ମିଥୁନ** ସାଂସ୍କୃତିକ କାର୍ଯ୍ୟକ୍ରମରେ ବନ୍ଧୁମିଳନରୁ ଖୁସି ରହିବେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ କାନକୁହା କଥା ଶୁଣି ଉପର ଅଧିକାରୀମାନେ ଆପଣଙ୍କ ଉପରେ ଖପ୍ପା ହୋଇପାରନ୍ତି। ମନ ଭିତରର ଗୋପନ କଥାକୁ ମନରେ ରଖିପାରିବେ ନାହିଁ, ଅନ୍ୟକୁ କହି ସମାଲୋଚିତ ହୋଇପାରନ୍ତି।

**କର୍କଟ** ପରିସ୍ଥିତିର ବିଷମତା ସତ୍ତ୍ୱେ କର୍ମକ୍ଷେତ୍ର ଓ ପରିବାର ମଧ୍ୟରେ ଭାରସାମ୍ୟ ରକ୍ଷା କରିବାରେ ସମର୍ଥ ହେବେ। ପ୍ରଚେଷ୍ଟା ଅବ୍ୟାହତ ରଖିଥିବାରୁ ବିଭିନ୍ନ ଦିଗରୁ ଅର୍ଥଲାଭ ସମ୍ଭାବନା ରହିଛି। ସାଧାରଣ କଥାକୁ କେନ୍ଦ୍ରକରି ଅଶାନ୍ତ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କାମ ଓ ସଭାସମିତିରେ ପ୍ରଶଂସିତ ହେବେ।

**ସିଂହ** ସମସ୍ତ କାମ ପଛକୁ ପକାଇ ବନ୍ଧୁଙ୍କୁ ଅନୁସରଣକରି କାମ କରିବାକୁ ମନ ବଳାଇପାରନ୍ତି। ପିଲାଙ୍କ ସମସ୍ୟା ଭିତରେ ନିଜେ ବାନ୍ଧିହୋଇ କାମଗୁଡ଼ିକ ଅବହେଳିତ ରହିଯିବ। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇ ଖୁସି ହୋଇପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଥିଲେ ମଧ୍ୟ ଆବଶ୍ୟକତା ପୂରଣ ସକାଶେ ବହୁତ ଧନ୍ଦିହେବାକୁ ପଡ଼ିପାରେ।

**କନ୍ୟା** କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ଅର୍ଥବ୍ୟୟକୁ ପ୍ରାଧାନ୍ୟ ଦେଇ ନ ପାରନ୍ତି। ଦୈନନ୍ଦିନର ଜୀବନଯାତ୍ରା ପଛରେ ବହୁବିଧ ସମସ୍ୟା ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭରୁ ଲକ୍ଷ୍ୟ ହାସଲ କରିପାରନ୍ତି। ପାରିବାରିକ, ବ୍ୟବସାୟିକ, ସାମାଜିକ, ରାଜନୈତିକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ତୁଳା** ବିଜାତୀୟ ବ୍ୟକ୍ତିଙ୍କ ସହ ବନ୍ଧୁତାର ନିବିଡ଼ତା ବୃଦ୍ଧିପାଇବାରୁ ଖୁସି ହେବେ। ସମ ଅନୁପାତରେ ନିଜ ଲୋକଙ୍କ ନିକଟରୁ ସେତିକି ସମ୍ପର୍କ ହ୍ରାସ ପାଇବ। ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ସାହିତ୍ୟ, କଳା, କାରିଗରି ପ୍ରତି ରୁଚି ବଳିପାରେ। ଆନୁଷ୍ଠାନିକ କାର୍ଯ୍ୟ, ବାଣିଜ୍ୟାରମ୍ଭ ଓ ନିର୍ମାଣାଦି କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ।

**ବିଛା** ମାନସିକ ଅସ୍ଥିରତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ରାଜନୀତି, ସଭାସମିତି କିମ୍ବା ପ୍ରଶାସନିକ ସ୍ତରରେ ସମସ୍ୟାର ସମାଧାନ ହୋଇପାରିବ। କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବା ଆଶା ରହିଛି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, କିନ୍ତୁ ଆର୍ଥିକ ସ୍ଥିତି ମଜଭୁତ ରହିବ।

**ଧନୁ** ଆଜି ସାମାନ୍ୟ କାରଣକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେବା ସହ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ପିଲାଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମକର** ପାରିବାରିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ସବୁ କିଛି ଜାଣିଥିଲେ ମଧ୍ୟ ସାମାଜିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବେ। ଈର୍ଷାପରାୟଣତା କାରଣରୁ ପଡ଼ୋଶୀଙ୍କ ସହ ସମ୍ପର୍କ ତିକ୍ତ ହେବ। କଚେରି ମାମଲା, ପ୍ରତିଯୋଗିତା, ବ୍ୟବସାୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ରହିବ।

**କୁମ୍ଭ** ଟେନ୍‌ସନ ବଢ଼ିବା କାରଣରୁ ମାନସିକ ଓ ଶାରୀରିକ ଅସୁସ୍ଥତା ଦେଖାଦେବ। ବାଣିଜ୍ୟ, ବ୍ୟବସାୟ, ବିବାଦ, ତର୍କ, ଆଲୋଚନା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇପାରନ୍ତି। ଅଫିସିଆଲି କାମ ସକାଶେ ଆଗନ୍ତୁକଟି ଆପଣଙ୍କ ଗୁଣ କୀର୍ତ୍ତନ କରିପାରେ। ପରିବାରରେ ମତାନ୍ତରୁ ମନାନ୍ତର ସୃଷ୍ଟିହେବା ଆଶଙ୍କା ରହିଛି।

**ମୀନ** କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ବନ୍ଧୁଙ୍କ ନିକଟରୁ ଶୁଣାକଥାକୁ ବିଶ୍ୱାସକରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଜମିଜମା କିମ୍ବା ନିର୍ମାଣ କ୍ଷେତ୍ରରେ ବିବାଦର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ଉପଦେଶରେ ମନକୁ ବୁଝାଇ ଭବିଷ୍ୟତର ପରିକଳ୍ପନା କରିବେ।

ଆଜି ଅକ୍ଟୋବର ୮ ତାରିଖ, ଭାରତୀୟ ବାୟୁସେନା ଦିବସ, ଆଶ୍ୱିନ ୫ମୀ ଯୁକ୍ତ ୬ଷ୍ଠୀ ମଙ୍ଗଳବାର। ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ୬ଷ୍ଠୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭।୧୧ ଗତେ, ଘ.୦୮।୩୯ ମଧ୍ୟେ ଅମୃତବେଳା। ଦିବା ଘ.୦୫।୪୨ ଗତେ, ଘ. ୦୬।୨୯ ମଧ୍ୟେ, ଘ.୦୮।୩୮ ଗତେ, ଘ.୧୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୯ ଗତେ, ଘ.୦୩।୫୭ ମଧ୍ୟେ ରାହୁକାଳ।

ଯୋଉ ମୁହୂର୍ତ୍ତରେ ଆମର ବୋଧ ହେବ ଯେ, ସବୁ କିଛି ଖରାପରୁ ବେଶି ଖରାପ ଆଡକୁ ଗତି କରୁଛି– ସେତିକି ବେଳେ ହିଁ ଆମର ବିଶ୍ୱାସ ଖୁବ୍ ଦୃଢ ହୋଇଯିବା ଉଚିତ। ପରମ ବିଶ୍ୱାସର ସହିତ ଆମେ ନିଶ୍ଚିତ ହେବା ଯେ, ଈଶ୍ୱରଙ୍କ କୃପା କେବେ ବି ଆମକୁ ତ୍ୟାଗ କରିବ ନାହିଁ। –ଶ୍ରୀମା



# ଭାରତରେ ନିଶା

ଚଳିତ ମାସର ପ୍ରଥମ ସପ୍ତାହରେ ଭାରତର ବିଭିନ୍ନ ସ୍ଥାନରୁ ୭,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଡ୍ରଗ୍ସ ବା ମାଦକଦ୍ରବ୍ୟ ଜବତ ହୋଇସାରିଲାଣି। ଏହା ଦେଶ ଭିତରେ ଏକ ବଡ଼ ଏବଂ ସକ୍ରିୟ ବେଆଇନ ନିଶା କାରବାର ଦିଗକୁ ସୂଚିତ କରୁଛି। ଅକ୍ଟୋବର ୨ରେ ଦିଲ୍ଲୀ ପୋଲିସ ୫,୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୫୬୦ କେ.ଜି. କୋକେନ ଓ ୪୦ କେ.ଜି.ହାଇଡ୍ରୋପୋନିକ ଗଞ୍ଜେଇ ଜବତ କରି ଭାରତର ଏକ ବଡ଼ ଡ୍ରଗ୍ସ ର୍ୟାକେଟକୁ ସାମ୍ନାକୁ ଆଣିଥିଲା। ଏହାର ୪ ଦିନ ପରେ ଅର୍ଥାତ୍ ୬ ଅକ୍ଟୋବରରେ ଗୁଜରାଟ ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ (ଏଟିଏସ୍) ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ମିଳିତ ଭାବେ ଚଢାଉ କରି ମଧ୍ୟପ୍ରଦେଶର ରାଜଧାନୀ ଭୋପାଳ ସ୍ଥିତ ବଗ୍‌ରୋଦା ଶିଳ୍ପାଞ୍ଚଳର ଏକ ଫ୍ୟାକ୍ଟ୍ରିରୁ ୧,୮୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଡ୍ରଗ୍ସ ଜବତ କରିଥିଲେ। ଏହାସହ ଏହି ଦିନ ମଧ୍ୟ ଦିଲ୍ଲୀ ପୋଲିସର ସ୍ପେଶିଆଲ ସେଲ୍ ପଞ୍ଜାବ ଅମୃତସରରୁ ୧୦ କୋଟି ଟଙ୍କାର କୋକେନ ଜବତ କରିଥିଲା। ମୋଟ ଜବତ ହେଉଥିବା ପରିମାଣ ଯେତେ ଅଧିକ ଦେଖାଗଲେ ବି ସମୁଦାୟ ମାଦକଦ୍ରବ୍ୟ କାରବାରର ଏହା ଏକ ନଗଣ୍ୟ ପ୍ରତିଶତ। ତେବେ ଭୋପାଳ ଘଟଣାରେ ଜବତ ଡ୍ରଗ୍ସର ମୁଖ୍ୟ ସୂତ୍ରଧର କୁହାଯାଉଥିବା ସାନ୍ୟାଲ ପ୍ରକାଶ ବାନେ ପୂର୍ବରୁ ଡ୍ରଗ୍ସ କାରବାରରେ ୫ ବର୍ଷ ଜେଲରେ ରହି ଜାମିନରେ ଆସିବା ପରେ ପୁନର୍ବାର ଡ୍ରଗ୍ସ କାରବାରରେ ଧରାପଡ଼ିଲେ। ବାନେଙ୍କୁ ମିଳିଥିବା ଜାମିନ ପ୍ରମାଣ କରୁଛି ଯେ, ଭାରତରେ ମାଦକ ଦ୍ରବ୍ୟ ସମ୍ପୃକ୍ତ ଆଇନକୁ ଅତି ସହଜରେ ମୋଡ଼ିଦେଇ ହେଉଛି। ଏଥିରୁ ବୁଝାପଡୁଛି, ବେଆଇନ ନିଶାଦ୍ରବ୍ୟ କାରବାରରେ ଜଡ଼ିତ ବ୍ୟକ୍ତିମାନଙ୍କ ପ୍ରତି କଠୋର ଦଣ୍ଡ ବ୍ୟବସ୍ଥା ନ ରହିବାରୁ ସେମାନେ ପୁନର୍ବାର ଏହି କାର୍ଯ୍ୟ କରିବାକୁ ସାହସ କରୁଛନ୍ତି। ଏହାସହ ଯେତେବେଳେ ଡ୍ରଗ୍ସ ଜବତ ହେଉଛି ସେତେବେଳେ ବ୍ୟବହାରକାରୀ କିମ୍ବା ତୃତୀୟପକ୍ଷକୁ ଧରି ଏନ୍‌ସିବି କିମ୍ବା ପୋଲିସ ବାହାବା ନେଉଛନ୍ତି। ସମୁଦ୍ର ପଥରେ କେତୋଟି ବୋଟକୁ ଧରିନେଇ ସଫଳତା ପାଇଲେ ବୋଲି ଦର୍ଶାଉଛନ୍ତି। ଦେଖିବାକୁ ଗଲେ ଭାରତକୁ ସ୍ଥଳ କିମ୍ବା ଜଳ ପଥରେ ଆସୁଥିବା ବିପୁଳ ପରିମାଣର ଡ୍ରଗ୍ସକୁ ରୋକିବାରେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ବିଫଳ ହେଉଛନ୍ତି। ଏହା ବ୍ୟତୀତ ଦେଶ ଭିତରେ କାରବାରରେ ଜଡ଼ିତ ବିରାଟକାୟ ର୍ୟାକେଟ ପାଖରେ ଦକ୍ଷତା ଅଭାବରୁ ପହଞ୍ଚିପାରୁନାହାନ୍ତି କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ପହଞ୍ଚିବାକୁ ଚାହୁଁନାହାନ୍ତି।

**ଆଜି ମାଓବାଦୀଙ୍କୁ ସ୍ପଷ୍ଟ ତାରିଖ ସୁଦ୍ଧା ବିନାଶ କରିଦେବେ ବୋଲି ଘୋଷଣା କରୁଥିବା ସରକାର ଡ୍ରଗ୍ସ କାରବାର ସମ୍ପର୍କରେ ପଦଟିଏ ମଧ୍ୟ ଉଚ୍ଚାରଣ କରୁନାହାନ୍ତି। ଏଭଳି ମାରାତ୍ମକ ରାଜନୈତିକ ପ୍ରଚ୍ଛଦପଟରେ ସାମାଜିକ ସଚେତନତା କେବଳ ମାତ୍ର ଆଶା ଭାବେ ଦେଖାଯାଉଛି।**

ଉଲ୍ଲେଖନୀୟ ଯେ, ଭାରତରେ ଡ୍ରଗ୍ସ ପ୍ରବେଶର ସବୁଠୁ ବଡ଼ ମାଧ୍ୟମ ହୋଇଯାଇଛି ସମୁଦ୍ରପଥ। ବିଶେଷକରି ଗୁଜରାଟ ଉପକୂଳବର୍ତ୍ତୀ ଅଞ୍ଚଳ ଓ ସେଠାକାର ବନ୍ଦରରୁ ଜବତ ହେଉଥିବା ମାଦକଦ୍ରବ୍ୟ ରେକର୍ଡ ଭାଙ୍ଗିଛି। ଉଦାହରଣ ସ୍ୱରୂପ, ସେପ୍ଟେମ୍ବର ୨୦୨୧ରେ ଗୁଜରାଟର ଆଦାନୀଙ୍କ ମୁନ୍ଦ୍ରା ବନ୍ଦରରୁ ୨୧,୦୦୦ କୋଟି ଟଙ୍କାର ୩,୦୦୦ କେଜି ହେରୋଇନ ଜବତ ହୋଇଥିଲା। ଏହି ଘଟଣା ପରେ ବିଗତ ୩ ବର୍ଷ ମଧ୍ୟରେ ନିଶାଦ୍ରବ୍ୟ କାରବାରର ବଡ଼ ସୂଚନା ମିଳି ଚାଲିଛି ଏବଂ ସମୟାନ୍ତରରେ ବିଶେଷକରି ଗୁଜରାଟ ଉପକୂଳରୁ ବିପୁଳ ପରିମାଣର କୋକେନ, ହେରୋଇନ ଓ ଇ-ସିଗାରେଟ ବରମ୍ବାର ଜବତ ହୋଇଛି। ଚଳିତ ବର୍ଷ ଫେବୃଆରୀରେ ଗୁଜରାଟ ଉପକୂଳରୁ ସବୁଠୁ ଅଧିକ ପରିମାଣର ୩,୩୦୦ କେ.ଜି.ଡ୍ରଗ୍ସ ଜବତ ହେବା ଭାରତରେ ନିଶାକାରବାର କ୍ରମାଗତ ଭାବେ ବୃଦ୍ଧି ହେଉଥିବାର ସଙ୍କେତ ଦିଏ। ଚିନ୍ତାର ବିଷୟ ହେଉଛି, ଭାରତରେ ନିଶା କାରବାର ବଢିବା ଦ୍ୱାରା କେବଳ ଯୁବପିଢ଼ି ନୁହେଁ, ଏହାକୁ ବୟସ୍କ ବ୍ୟକ୍ତି ମଧ୍ୟ ବ୍ୟବହାର କରିବା ଫଳରେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଚାପ ବୃଦ୍ଧି ପାଉଛି। ଏହିଭଳି ମାଦକଦ୍ରବ୍ୟ ବ୍ୟବହାର କରୁଥିବା ଲୋକମାନଙ୍କୁ ଅନେକ ପ୍ରକାର ରୋଗ ହୋଇଥାଏ, ଯାହାର ସାମାଜିକ ଏବଂ ଅର୍ଥନୈତିକ ବ୍ୟବସ୍ଥା ଉପରେ ପ୍ରବଳ ଚାପ ପଡ଼ିଥାଏ। ଇତିହାସକୁ ଦେଖିଲେ ଚାଇନାର ଓପିଅମ ଯୁଦ୍ଧ ମନେପଡ଼େ। ସେଥିରେ ସେହି ଦେଶର ପିଢ଼ି ପରେ ପିଢ଼ି ନାଗରିକଙ୍କୁ ଅଫିମ କବଳରେ ନେଇଯିବା ପରେ ବ୍ରିଟିଶ ଶାସନ କରିବାକୁ ଚେଷ୍ଟା କରିଥିଲେ। ଆଜି ଭାରତରେ ସେହିଭଳି ଏକ ଅଦୃଶ୍ୟ ଆକ୍ରମଣ କରାଯାଉଛି। ଧନୀ ଲୋକଙ୍କୁ ଦାମିକା କୋକେନର ନିଶା ଗ୍ରାସ କରୁଥିବାବେଳେ ଗରିବଙ୍କୁ ହେରୋଇନ ଏବଂ ବ୍ରାଉନସୁଗାର ନିଶା ମାଡ଼ି ବସିଲାଣି। ଯେଉଁମାନେଏହି ସମସ୍ୟାକୁ ଦେଖିବାକୁ ଚାହୁଁନାହାନ୍ତି, ସେମାନଙ୍କ ପାଇଁ ଏହା ସମସ୍ୟା ନୁହେଁ। ଆଜି ମାଓବାଦୀଙ୍କୁ ସ୍ପଷ୍ଟ ତାରିଖ ସୁଦ୍ଧା ବିନାଶ କରିଦେବେ ବୋଲି ଘୋଷଣା କରୁଥିବା ସରକାର ଡ୍ରଗ୍ସ କାରବାର ସମ୍ପର୍କରେ ପଦଟିଏ ମଧ୍ୟ ଉଚ୍ଚାରଣ କରୁନାହାନ୍ତି। ଏଭଳି ମାରାତ୍ମକ ରାଜନୈତିକ ପ୍ରଚ୍ଛଦପଟରେ ସାମାଜିକ ସଚେତନତା କେବଳ ମାତ୍ର ଆଶା ଭାବେ ଦେଖାଯାଉଛି।

# ଭଗବାନଙ୍କ ନାଁରେ ମିଛ



ସହଦେବ ସାହୁ

ବଞ୍ଚିବା ଲାଗି ଖାଦ୍ୟ ଦରକାର ଏବଂ ଖାଦ୍ୟ ଦୃଷ୍ଟିରୁ ଦୁନିଆରେ ପ୍ରତ୍ୟେକ ଜୀବନ୍ତ ଜିନିଷ ଦୁଇ ଭାଗରେ ବିଭକ୍ତ – ଗୋଟିଏ ଆତ୍ମଜୀବୀ ବା ଅଟୋଟ୍ରଫିକ୍, ଅନ୍ୟଟି ପରଜୀବୀ ବା ହେଟେରୋଟ୍ରଫିକ୍। ଅଟୋଟ୍ରଫିକ୍ ଜୀବଟି ନିଜେ ଅଖାଦ୍ୟ ନିର୍ଜୀବ ବସ୍ତୁରୁ ଖାଦ୍ୟ ତିଆରି କରେ। ମଣିଷ ହେଟେରୋଟ୍ରଫିକ୍ ଅର୍ଥାତ୍ ଅନ୍ୟ ଜୀବନ୍ତ ଜିନିଷମାନେ ଯେଉଁ ଖାଦ୍ୟ ତିଆରି କରିଥାନ୍ତି ତାକୁ ଖାଆନ୍ତି, ନିଜେ କୌଣସି ନିର୍ଜୀବ ବସ୍ତୁକୁ ଖାଇପାରନ୍ତି ନାହିଁ କି ତାକୁ ଖାଇବା ଉପଯୋଗୀ କରିପାରନ୍ତି ନାହିଁ। ଅଟୋଟ୍ରଫିକ୍ ଜୀବ ବାହାରର ତେଜ (ଶକ୍ତି ବା ଉର୍ଜା)କୁ ବ୍ୟବହାର କରି ଅଙ୍ଗାରକାମ୍ଳ ଓ ଜଳ ଭଳି ନିର୍ଜୀବ ସାମଗ୍ରୀ (କମ୍ପାଉଣ୍ଡ)ରୁ ଖାଦ୍ୟ ତିଆରି କରିଥାଏ, ତାକୁ ଖାଏ ବା ଅନ୍ୟକୁ ସିଧାସଳଖ ଯୋଗାଏ। ସକଳ ଶକ୍ତିର ଆଧାର ତ ସୂର୍ଯ୍ୟ। ସୂର୍ଯ୍ୟରୁ ମିଳୁଥିବା ଉର୍ଜାକୁ ଜାଳେଣି ଭାବେ ବ୍ୟବହାର କରି ପାଣି, ଖଣିଜ ଦ୍ରବ୍ୟ ଓ ଅଙ୍ଗାରକାମ୍ଳ ଭଳି ଅଜୈବ ସାମଗ୍ରୀକୁ ମିଶାଇ ଉଦ୍ଭିଦ ଏକ ମଣ୍ଡ (ଷ୍ଟାର୍ଚ) ତିଆରି କରେ। ଲିପିଡ୍ ଓ ପ୍ରୋଟିନ୍ ଭଳି ବଡ଼ ଜଟିଳ ଜୈବ ଅଣୁକୁ ଗଛଲତା ଖାଦ୍ୟରେ ପରିଣତ କରନ୍ତି। ପ୍ରାଣୀମାନେ ହେଟେରୋଟ୍ରଫିକ୍ – ଗଛଲତା ତିଆରି କରିଥିବା ଖାଦ୍ୟକୁ ଖାଆନ୍ତି କିମ୍ବା ଗଛଲତାକୁ ଖାଇ ବଞ୍ଚୁଥିବା ପ୍ରାଣୀକୁ ଖାଆନ୍ତି। ଯଦି ଭଗବାନ ମଣିଷକୁ ତାଙ୍କ ପ୍ରତିଛବି ଭାବେ ଗଢ଼ିଛନ୍ତି ତେବେ କାହିଁକି ମଣିଷ ଗଛଲତା ନ ଥିବା ସ୍ଥାନରେ, ପାଣି ପବନ ନ ଥିବା ଜାଗାରେ ଚଳିପାରୁ ନାହିଁ, ମଣିଷର ଦେହଟା କାହିଁକି ଖାଦ୍ୟ ତିଆରି କରୁନାହିଁ? ଭଗବାନ କ'ଣ ମଣିଷକୁ ଖାଦ୍ୟଚୋର ହିସାବରେ ଗଢ଼ିଛନ୍ତି? ଅଟୋଟ୍ରଫିକ୍‌ମାନେ ତ ଯେ କୌଣସି ପରିବେଶରେ ବଢ଼ିପାରନ୍ତି, ଯଥା ଆମ ପାଉଁରୁଟିରେ ଥିବା ୟିଷ୍ଟ, ଆମ ଚମ ଉପରେ ଯାଦୁ କରୁଥିବା ଜୀବାଣୁ/ଭୂତାଣୁ, ଫୁସ୍‌ଫୁସ୍‌ରେ ଥିବା ବାୟୁଥଳି ଭିତରେ ବସବାସ କରିବାକୁ ଚାହୁଁଥିବା କୋଭିଡ୍-୧୯ ଭୂତାଣୁ। ପାଉଁରୁଟି ବା ଦହିଜୁଆରେ ଯେଉଁ ଅଦୃଶ୍ୟ ୟିଷ୍ଟ ଅଛି ତା'ର ଦେହରେ ସବୁ ପ୍ରକାର ଏନ୍‌ଜାଇମ୍ ବା ପାଚକ ଅଛି, (ଶର୍କରା ଓ ବାୟୋଟିନ୍ ନାମକ କେବଳ ଦୁଇଟି ପାଚକକୁ ଛାଡ଼ି)। ଜୀବ ଯେତେ ଜଟିଳତର ହୋଇଛି ସେତେ ପରିମାଣରେ ଏନ୍‌ଜାଇମ୍ ହରାଇଛି: ମଣିଷ ସବୁଠାରୁ ବେଶି ଏନ୍‌ଜାଇମ୍ ହରାଇଛି। ଏହା ବିବର୍ତ୍ତନର ଫଳ; ମୂଳରୁ (ବା ଭଗବାନଙ୍କ) ସୃଷ୍ଟି ନୁହେଁ; କାରିଗର ଯେପରି ମୂର୍ତ୍ତି ତିଆରି କରେ ଭଗବାନ ସେମିତି ଗୋଟି ଗୋଟି କରି ମଣିଷ (ଅନ୍ୟ ଜୀବକୁ ବି) ତିଆରି କରିନାହାନ୍ତି ବା କରୁନାହାନ୍ତି।

ମଣିଷର ବିଭିନ୍ନ ପ୍ରକାରର ଆବଶ୍ୟକତା ମଧ୍ୟରେ ଆମିନୋଏସିଡ୍ ଓ ଭିଟାମିନ୍ ପ୍ରଧାନ, ସେଗୁଡ଼ିକ ମଣିଷକୁ ରେଡିମେଡ୍(ଅନ୍ୟଦ୍ୱାରା ପ୍ରସ୍ତୁତ ହୋଇ) ମିଳିବା ଦରକାର। ଗଛଲତା ହିଁ ଆମିନୋଏସିଡ୍ ଓ ଭିଟାମିନ୍ ପ୍ରସ୍ତୁତ କରିଥାନ୍ତି। ପ୍ରାଣୀ ଯେତେ ଉଚ୍ଚତର, ପ୍ରକୃତିଠାରୁ ସେତେ ଦୂର; ଖାଦ୍ୟ ଦୃଷ୍ଟିରୁ ସେତେ



ପରମୁଖାପେକ୍ଷୀ। ଜଟିଳତର ପ୍ରାଣୀ ହେବାମାନେ ପରିବେଶ ଉପରେ ନିର୍ଭର କରିବା – ପରିବେଶ ସନ୍ତୁଳିତ ନ ରହିଲେ ପ୍ରାଣୀମାନଙ୍କର ଅଧୋପତନ ଆରମ୍ଭ ହୋଇଯିବ। ପରିବେଶ ଉପଯୁକ୍ତ ନ ହେଲେ ଅର୍ଥାତ୍ ରେଡିମେଡ୍ ଖାଦ୍ୟ ନ ମିଳିଲେ ଉଚ୍ଚତର ପ୍ରାଣୀ ଅସୁବିଧାରେ ପଡ଼ିବ, ନଷ୍ଟ ହୋଇଯିବ (ମରିବ)। ଅନ୍ୟ ଉପରେ ନିର୍ଭର କରିବା ଧର୍ମ ଦୃଷ୍ଟିରୁ ଅଧଃପତନର କାରଣ, କିନ୍ତୁ ବୈଜ୍ଞାନିକ ଦୃଷ୍ଟିରୁ ବୁଦ୍ଧିମାନର କାମ। ଯଦି ଶରୀର ଗଠନ ଲାଗି ପରିବେଶରୁ ସବୁ ଜିନିଷ ମିଳିପାରୁଛି ତେବେ ପ୍ରାଣୀର ଶରୀର କାହିଁକି ଖଟିବ, କାହିଁକି ସେସବୁ ଜିନିଷ ତିଆରି କରିବାର ଯନ୍ତ୍ରପାତି ବା ଏନ୍‌ଜାଇମ୍ ବୋହିବ? ବରଂ କୋଷଗୁଡ଼ିକ ନିଜର ବୋଝ ହାଲୁକା କରି ବିଭିନ୍ନ ପ୍ରକାରର ବିଶେଷ ଉଦ୍ଦେଶ୍ୟରେ ଓ ସୂକ୍ଷ୍ମତର କାମ ପାଇଁ ଶକ୍ତି ଓ ସ୍ଥାନ ଯୋଗାଇ ପାରିବେ। ସେହି କାରଣରୁ ଉଚ୍ଚତର ପ୍ରାଣୀର ମସ୍ତିଷ୍କ ବଢ଼େ, ସେ ସାମାଜିକ ହୁଏ, ତା'ର ବିଶ୍ରାମକୁ ବ୍ୟାବହାରିକ କୌଶଳ ବା କାରିଗରି ବିଦ୍ୟାର ବିକାଶରେ ଲଗାଇ ପାରେ। ଏହି କାରଣରୁ ମଣିଷ ଭଳି ଉଚ୍ଚତର ପ୍ରାଣୀ କାରିଗରି ବିଦ୍ୟାର ବିକାଶ କରୁଛି, ଦର୍ଶନ ବା ବିଜ୍ଞାନରେ ମଜ୍ଜି ଯିବାକୁ ସମୟ ପାଉଛି। ପରିବେଶକୁ ପୂରାପୂରି ବ୍ୟବହାର କରିପାରିଲେ, ଅର୍ଥାତ୍ ଶରୀରର କୋଷଗୁଡ଼ିକ ଆପେ ଆପେ ଖାଦ୍ୟ ସଂଗ୍ରହ କରିପାରିଲେ ମଣିଷ ଏକ 'ଜ୍ଞାନ ଅସ୍ତିତ୍ୱ', ସେନ୍‌ସିଏଣ୍ଟ ବିଇଂ, ହୋଇଯାଆନ୍ତା, ଆମର ଉପସ୍ଥିତ ଭାଷାରେ ଦେବତା ହୋଇଯାଆନ୍ତା। ଏ ସବୁ ବିବର୍ତ୍ତନର ଫଳ, କୌଣସି ଦେବତାଙ୍କ କାମ ନୁହେଁ। ଅବଶ୍ୟ ବିବର୍ତ୍ତନର ନିୟମ ତିଆରି କରିଥିବା ଶକ୍ତିକୁ ଆମେ ଭଗବାନ କହନ୍ତେ, ନିୟମସବୁ ମାନିବାକୁ ଭକ୍ତି କହନ୍ତେ। ତେଣୁ ଭଲ ହେବା ଲାଗି ପରିବେଶ ସୃଷ୍ଟି କରିବା ଓ ଭଲ ରହିବା ନିଜର କ୍ରିୟାଧୀନ, ଭଗବାନଙ୍କୁ ପ୍ରାର୍ଥନା କରିବାର ଫଳ ନୁହେଁ।

ପ୍ରାଣୀ କାହିଁକି ମାଂସାଶୀ ହୁଏ? କାରଣ ଭୋଜ୍ୟ ଜୀବ ଦେହରେ ଥିବା ଜୈବିକ ଉପାଦାନଗୁଡ଼ିକ ଉଚ୍ଚତର ପ୍ରାଣୀର ରେଡିମେଡ୍ ଖାଦ୍ୟ, ପ୍ରକୃତିର ଫାଷ୍ଟ ଫୁଡ୍: ଭୋଜୀର ଅନ୍ତ୍ରରେ ପହଞ୍ଚିଲା କ୍ଷଣି ଭୋଜ୍ୟ ଜୀବର ଟୁକୁରା ଟୁକୁରା ମାଂସ ଓ ରକ୍ତ ଆଦିରୁ ଅଣୁଗୁଡ଼ିକ ଏନ୍‌ଜାଇମ୍-କ୍ରିୟା ଦ୍ୱାରା ଚୂର୍ମାର ହୋଇ ଉଚ୍ଚତର ପ୍ରାଣୀର ଦେହରେ ମିଶେ: ଏଭଳି ପ୍ରସେସିଂ ବା ପ୍ରକ୍ରିୟାକରଣକୁ ଆମେ ହଜମ କ୍ରିୟା (ଡାଇଜେସନ୍) କହୁଛୁ। ଖାଦ୍ୟ ଲାଗି ପ୍ରତ୍ୟେକ ଉଚ୍ଚତର ଜୀବ ନୀଚ ଜୀବର ସମ୍ପଦକୁ ଡକାୟତି କରୁଛି ବା ତାକୁ ହତ୍ୟା କରୁଛି। ଯଦି ସବୁ ପ୍ରାଣୀ ମାଂସାଶୀ ହୋଇଥାନ୍ତେ ତେବେ ପୃଥିବୀରୁ କେଉଁ ଦିନୁ ପ୍ରାଣୀମାନେ ଲୋପ ପାଇ ସାରନ୍ତେଣି: ଶୁଦ୍ଧ ବିଜ୍ଞାନର ଏ ନିୟମକୁ ମନ ଭିତରେ ରଖି ଲୋକଙ୍କୁ ନିରାମିଷାଶୀ ହେବା ଲାଗି ଆମେ ଧର୍ମର ଦ୍ୱାହିଦେଉ। ଯେଉଁଧର୍ମରେ ଏ ଯାବତ୍ ନିରାମିଷାଶୀ ହେବା ଉପରେ ଜୋର୍ ଦିଆଯାଇନାହିଁ, ସେ ଧର୍ମରେ ଦିନେ ଧର୍ମସଂସ୍ଥାପନାର୍ଥୟ ଏକ ମହାପୁରୁଷ ସମ୍ଭବ (ଆବିର୍ଭାବ) ହେବେ।

ଆଉ ଗୋଟିଏ ଦିଗରୁ ଦେଖନ୍ତୁ। ଆମେ ଯାହା ଖାଉ ସବୁଯାକ ଆମ ଦେହରେ ଲାଗେ ନାହିଁ। ଭୋଜ୍ୟ ଉଦ୍ଭିଦ/ପ୍ରାଣୀର ବିଭିନ୍ନ ତନ୍ତୁରେ ଥିବା ଶକ୍ତିର ୧୦% ମାତ୍ର ଭୋଜୀ/ଖାଦକର ଦେହକୁ ଆସେ, ବାକି ୯୦% ମଳମୂତ୍ର ଆକାରରେ ବାହାରିଯାଏ। ହୁଣ୍ଡା ହିସାବରେ ଗୋଟିଏ ବୟସ୍କ ମାଂସାଶୀ ପ୍ରାଣୀ ବଞ୍ଚିବା ଲାଗି ବର୍ଷକୁ ୧୦ଟି ପ୍ରାଣୀ ମାରିବାକୁ ବାଧ୍ୟ; ଏହି କାରଣରୁ ସମସ୍ତେ ମାଂସାଶୀ ହୋଇନାହାନ୍ତି, ବେଶି ସଂଖ୍ୟକ ତୃଣଭୋଜୀ। ସବୁ ତୃଣଭୋଜୀ ପ୍ରାଣୀଙ୍କୁ ଓଜନ କଲେ ମାଂସାଶୀ ପ୍ରାଣୀମାନଙ୍କ ମୋଟ ଓଜନର କୋଟି କୋଟି ଗୁଣ ହେବ। ତୃଣଭୋଜୀମାନେ ୧୦୦ କିଲୋ ଘାସ ଖାଇଲେ ଗାଈକୁ ମାତ୍ର ଦୁଇ କିଲୋ ପ୍ରୋଟିନ ମିଳେ। ଶୁଖିଲା ନଡ଼ା ଖାଉଥିବା ଗାଈ ନଡ଼ାରୁ ଯାହା ଶକ୍ତି ପାଏ ତାହା ଚୋବାଇବାରେ ହିଁ ଖର୍ଚ୍ଚ କରିଦିଏ, ଦେହ ବୃଦ୍ଧି ପାଇଁ ନାମମାତ୍ର ପାଏ। ସୁଖର କଥା ଯେ ଗଛଲତାମାନେ ଯେତେ ପରିମାଣରେ ଖାଦ୍ୟ ତିଆରି କରନ୍ତି ପ୍ରାଣୀମାନେ ସେତେ ପରିମାଣରେ ଡକାୟତି କରିପାରନ୍ତି ନାହିଁ। ତେଣୁ ଉଦ୍ଭିଦ ଜଗତର ଗୁରୁତ୍ୱ ଏତେ ବେଶି। ଗଛଲତାଶୂନ୍ୟ ହୋଇଗଲେ ପୃଥିବୀରେ ଜୀବସତ୍ତା ରହିବ ନାହିଁ।

ଯଦି ଭଗବାନ ମଣିଷକୁ ତାଙ୍କ ରୂପରେ ଗଢ଼ିଛନ୍ତି, ତେବେ ତାହା ଦେହର ଗଠନ କାହିଁକି ସ୍ୱୟଂସମ୍ପନ୍ନ ନୁହେଁ? କାହିଁକି ମଣିଷ ବଞ୍ଚିବା ଲାଗି ଅନ୍ୟ ଉପରେ ନିର୍ଭର କରୁଛି? ୨୦୦୩ରୁ ସରିଥିବା ମଣିଷର ଡିଏନ୍ଏ ଅନୁଧ୍ୟାନ ପ୍ରକଳ୍ପ – ଜିନୋମ୍ – ଜଣାଏ ଯେ ମଣିଷ ଏକ ଇତର ପ୍ରାଣୀଙ୍କଠାରୁ ଜଟିଳ ନୁହେଁ। ଗଣଗଣିଆ ମାଛିର ୧୪,୦୦୦ ଜିନ୍, ନେମାଟୋଡ୍ ପୋକର ୨୦,୦୦୦ ଜିନ୍। ମଣିଷର ଲକ୍ଷାଧିକ ଜିନ୍ ବାହାରିବ ବୋଲି ଆଶା କରାଯାଉଥିଲା, କିନ୍ତୁ ବାହାରିଛି ୨୦ରୁ ୨୫ ହଜାର ଭିତରେ: ପୋକଠାରୁ ହୀନ। ଏତେ ବୁଦ୍ଧିଆ ପ୍ରାଣୀର ହଜିଲା ଜିନ୍ ସବୁ କେଉଁଠି ଅଛି? ଆମ ଦେହ ଭିତରେ ଥିବା ୧୦ ଲକ୍ଷକୋଟି ଅଣୁଜୀବ (ପ୍ରତ୍ୟେକେ ଗୋଟିଏ କୋଷ) ମାନଙ୍କ ଭିତରେ, ମଣିଷକୁ ଗୋଟିଏ ଗୋଟିଏ ସ୍ମାର୍ଟଫୋନ୍ ଭାବିଲେ ଅଣୁଜୀବମାନେ ହେବେ ଭିନ୍ନ ଭିନ୍ନ ଆପ୍ଲିକେଶନ୍। ଆମଦେହର ଏହି ବନ୍ଧୁ ଅଣୁଜୀବମାନେ ଯଥେଷ୍ଟ ସଂଖ୍ୟାରେ ନ ଥିବେ ତ ବାହାରର (ପ୍ରବାସୀ) ଅଣୁଜୀବମାନେ ସହଜରେ ଦେହରେ ପ୍ରବେଶ କରି ଦେହକୋଷକୁ ନଷ୍ଟ କରିବେ, ତାହା ହିଁ ତ ରୋଗ! ରୋଗ ତ ମୃତ୍ୟୁର କାରଣ! ତେଣୁ ଭଗବାନଙ୍କୁ ପୂଜା କରିବାର ଅନ୍ତର୍ନିହିତ ଅର୍ଥ ପରିବେଶକୁ ସୁସ୍ଥ ରଖିବାର ନିୟମ ସବୁ ମାନିବା। ଏଇଥିପାଇଁ ଏ ଲେଖକର ଏକ ପୁସ୍ତକର ନାମ 'ଭଗବାନଙ୍କ ନାଁରେ ମିଛ'!

sahadevas@yahoo.com

# ଗରିବର ଇଜ୍ଜତ



ଡ. ସୁବାସ ଚନ୍ଦ୍ର ପାତ୍ର

ଗରିବ ଲୋକର ହାତର ଅଙ୍ଗୁଳି ଓ ହୃଦୟ ବୋଧହୁଏ ଗୋଟିଏ ଶରୀରରେ ଅବସ୍ଥିତ ନୁହେଁ ଅବା ରାଜନେତାମାନେ ଏ ବିଷୟରେ ଅବଗତ ନାହାନ୍ତି, ନ ହେଲେ ଶରୀରଠୁ ଶାଖା-ପ୍ରଶାଖା ଭଳି ବାହାରିଥିବା ହାତର ଯେଉଁ ଅଙ୍ଗୁଳିଗୁଡ଼ିକ ବ୍ୟବହାର କରି ସେମାନଙ୍କଠୁ ଭୋଟ ସଂଗ୍ରହ କରାଯାଏ, ସେହି ମଣିଷଙ୍କ ହୃଦୟକୁ କାହିଁକି ପାଦରେ ଦଳି ଦିଆଯାଆନ୍ତା। ଆଗରୁ ବ୍ରିଟିଶ ସରକାର ଥିଲେ। ଯାବତୀୟ ଦୁର୍ଦ୍ଦଶା ପାଇଁ ସେମାନଙ୍କ ମୁଣ୍ଡରେ ଅଠା ବୋଳିବା ଅଭ୍ୟାସ ଏକ ରାଜନୈତିକ ଆଲେଖ୍ୟ ଭାବେ ବେଶ୍ କିଛି ବର୍ଷ ଚାଲିଲା। ସ୍ୱାଧୀନତାର ୭୭ ବର୍ଷ ପରେ ବି କ'ଣ ସେହି ଦୃଶ୍ୟ ଦେଖିବାକୁ ମିଳିବ? ୫/୧୦ କି.ମି. ନିତାନ୍ତ ପାଦ-ପ୍ରତିକୂଳ ରାସ୍ତାରେ ଚାଲିଚାଲି ମଣିଷ ଯିବ ଗୋଟିଏ ଚୁଆ ପାଖକୁ ପାଣି ଆଣିବାକୁ, ଯେତେବେଳେ କି ସମାନ୍ତରାଳ ଭାବେ ଆମେ ବିଶ୍ୱର 'ଏତେ ନମ୍ବର ଅର୍ଥନୀତି' ବୋଲି ଜୋର୍ ପାଟିରେ କହୁଥିବୁ। ବିଧାନସଭା ଓ ସଂସଦରେ ଆପେକ୍ଷିକ ପରିସଂଖ୍ୟାନମାନ ଦିଆଯାଉଥିବ କିପରି ଏତେ ମସିହାରେ ଏତେ ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ଥିବାବେଳେ ଏବେ ଏତେ ପ୍ରତିଶତ ଲୋକ ଅଛନ୍ତି। ଏହିଆପେକ୍ଷିକ ତତ୍ତ୍ୱର ମୂଲ୍ୟ କ'ଣ ଅତି ନିର୍ମମ ପରିବେଶରେ ରହୁଥିବା ମଣିଷଙ୍କ ପାଇଁ। ଦାରିଦ୍ର୍ୟ ସହ ଜାତିଗତ ଓ ଭୌଗୋଳିକ ପଛୁଆପଣ ଯେଉଁଠି ମିଶିଯାଏ, ସେଠି ଭିନ୍ନ ଏକ ଓଡ଼ିଶା, ଭିନ୍ନ ଏକ ଭାରତର ଚିତ୍ର ଦେଖିବାକୁ ମିଳେ। ତେବେ ସେହି ଭିନ୍ନ ଓ ଅପେକ୍ଷାକୃତ କମ୍ ଦୃଶ୍ୟମାନଙ୍କୁ ବେଶ୍ ବହୁଳଭାବରେ ଦେଖିବାକୁ ମିଳେ, ସାମାନ୍ୟ ଭିନ୍ନ ରୂପରେ ଆମ ଦୈନନ୍ଦିନ ଜୀବନରେ। ଉଦାହରଣ ପାଇଁ ଦୁଇଟି କ୍ଷେତ୍ର ନିଆଯାଉ-ସ୍ୱାସ୍ଥ୍ୟ ଓ ରେଳସେବା।

ଗରିବର ଇଜ୍ଜତ କେତେ ତାହା ଜାଣିବା ପାଇଁ ଥରେ ସରକାରୀ ହସ୍ପିଟାଲ ବୁଲିଯିବା ଉଚିତ ହେବ। ସ୍ୱାସ୍ଥ୍ୟକାର୍ଡ ପଛରେ କାର୍ଡ ଚାଲିଛି ଏବଂ ସମାନ୍ତରାଳ ଭାବରେ ସରକାରୀ ହସ୍ପିଟାଲରେ ଶୀତ, ବର୍ଷାରେ ଆତ୍ମ-ସଂଗୃହୀତ ମସିଣା ବା ବିଛଣା ଚାଦରରେ ରୋଗୀ ପଡ଼ିଛି। ସ୍ୱାସ୍ଥ୍ୟକାର୍ଡ ଜଟିଳ ରୋଗର ଚିକିତ୍ସା ସୁଗମ କରିପାରେ, ଆବଶ୍ୟକ ଚିକିତ୍ସାକୁ କମ୍ ସମୟ ଭିତରେ ଉପଲବ୍ଧ କରିପାରେ, ମାତ୍ର ରୋଗୀର ପକ୍କା ଚଟାଣ ଉପରେ ଶୋଇବାଟା ପକ୍କା! ଆମେ କ'ଣ ସରକାରୀ ହସ୍ପିଟାଲର ରୋଗୀମାନଙ୍କୁ ଖଟ ଖଣ୍ଡେ ଦେଇ ପାରିବାନି? ଖଟ ଉପରେ ଥୁଆ ବିଛଣା ଖାଲି ଫଳପ୍ରଦ ଚିକିତ୍ସା ପାଇଁ ନୁହେଁ, ଏହା ମାନସିକ ଭାବରେ ଗରିବ ରୋଗୀଟିକୁ ଆଶ୍ୱସ୍ତ କରେ। ସେ ଭାବେ ଏବେ ମୁଁ ଉତ୍ତୋଳିତ, ପ୍ରତ୍ୟାଖ୍ୟାତ ନୁହେଁ!! ଭାରତ ଏକ ଜନବହୁଳ ରାଷ୍ଟ୍ର ହେଲା ବୋଲି ଏଠି କ'ଣ ରୋଗୀମାନେ ଚଟାଣରେ ଶୋଇବେ? ଯଦି ଏହା ହିଁ ବାସ୍ତବତା, ତାହା ଜାତୀୟ ସ୍ୱାସ୍ଥ୍ୟ ସୂଚକାଙ୍କରେ ସନ୍ନିବେଶିତ କରାଯାଉ, ଯଦ୍ଦ୍ୱାରା ଲୋକଙ୍କ ଭିତରେ ଭେଦଭାବ ରହିବ ନାହିଁ, ଲୋକେ କଥାଟିକୁ ମାନିନେବେ। ଦୁଃଖ ଲାଗେ ଯେତେବେଳେ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଫେରିଥିବା ଲୋକଟି ସେଠିକାର ଚିକିତ୍ସା ବ୍ୟବସ୍ଥା ବିଷୟରେ ଦୁର୍ବଳ ଶ୍ରେଣୀର ଲୋକ ଆଗରେ ଗୋଲାପି ଚିତ୍ର ଆଙ୍କି ବସେ। ଗରିବ ତ ଦୂରର କଥା, ନିମ୍ନ



ମଧ୍ୟବିତ୍ତମାନେ ଭାବିବାକୁ ଲାଗନ୍ତି, "ଆମର ପୁଣି କି ଇଜ୍ଜତ! ନିଜ ଘରର ଛିଣ୍ଡା ମଶିଣା ଆଉ ସରକାରୀ ହସ୍ପିଟାଲର ଚଟାଣ ପର୍ଯ୍ୟନ୍ତ ଆମର ଦୌଡ଼!"

ସମୟର ବିରଳତା ସମ୍ମାନ ଆଣେ। ମଣିଷର ଗୁରୁତ୍ୱ ବଢ଼ାଏ, ପଛେ ତାହା ଫମ୍ପା ହୋଇଥାଉ। ତେଣୁ ସାଧାରଣ ଲୋକଙ୍କ ଆଗମନର ସମୟ ୯.୩୦ ହୋଇଥିଲାବେଳେ ଗୁରୁତ୍ୱପୂର୍ଣ୍ଣ ଲୋକଙ୍କ ଆଗମନର ସମୟ ୯.୨୯ ବା ୯.୩୧! ପାସେଞ୍ଜର ଟ୍ରେନ୍। ସାଧାରଣ ଲୋକଙ୍କ ଜନପରିବହନ ବ୍ୟବସ୍ଥା। ସାଧାରଣ ଲୋକ, ଗରିବ ଲୋକ, ସେମାନଙ୍କର ପୁଣି ସମୟ କ'ଣ? ସମୟକୁ ନେଇ ସେମାନଙ୍କର ଇଜ୍ଜତ ବା କ'ଣ? ବାଲେଶ୍ୱରରୁ ଜଳେଶ୍ୱର ୫୦ କି.ମି.। ରେଳ ସମୟ ସାରଣୀରେ ହୁଏତ ଗୋଟିଏ କିଛି ପହଞ୍ଚିବା ସମୟ ଦିଆଯାଇଛି। କିନ୍ତୁ ପ୍ରାୟତଃ ଲାଗେ ୨ରୁ ୩ ଘଣ୍ଟା। ସେ ପୁଣି ବିନା ଶୌଚାଳୟରେ। ସାରା ଭାରତବର୍ଷର ଏହି ହେଉଛି ରେଳ ବ୍ୟବସ୍ଥା। କିଏ କାହାଠୁ ଗୁରୁତ୍ୱପୂର୍ଣ୍ଣ ଏହା ଦେଖାଇବାକୁ ପ୍ରତିଯୋଗିତା। ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଟ୍ରେନ୍ ଆସିଲେ ବାକି ଟ୍ରେନ୍‌କୁ ରାସ୍ତା ଛାଡ଼ିଦିଅ, ବାଟ ଦିଅ। କାରଣ ବେଗଗାମୀ ଟ୍ରେନ୍‌ରେ ଦ୍ରୁତ ଅର୍ଥ କାରବାର କରୁଥିବା ଲୋକ ଯାଆନ୍ତି। ସେମାନେ ଦ୍ରୁତ ବେଗରେ ନ ଗଲେ, ଦ୍ରୁତ ବେଗର ଅର୍ଥ ଆହରଣ ସମ୍ଭବ ନୁହେଁ! ବୋଧହୁଏ ଏହା ହିଁ ଆମର ସାମାଜିକ, ରାଜନୈତିକ ବ୍ୟବସ୍ଥା। ଅଳ୍ପ କିଛି ଲୋକଙ୍କ ଆର୍ଥିକ, ରାଜନୈତିକ ବେଗ ବୃଦ୍ଧି ଓ ସମୃଦ୍ଧି ପାଇଁ ଅଧିକାଂଶ ଲୋକଙ୍କୁ ବାଟ ଛାଡ଼ିବାକୁ ପଡ଼ିବ, ବେକ ନୁଆଁଇବାକୁ ପଡ଼ିବ।

ଗରିବର ଇଜ୍ଜତ, କେତେବେଳେ? ଜୀବନକାଳ ଭିତରେ ନା ମୃତ୍ୟୁ ବେଳେ? ଏ ପ୍ରସଙ୍ଗ ଉଠେଇଥିଲେ ମଦର ଟେରେସା ଯେତେବେଳେ ରାସ୍ତାକଡର ଏକ ଅସୁସ୍ଥ ମହିଳାଙ୍କୁ ମୂଷାମାନେ ଚିକିଚିକି କରି ଖାଉଥିବା ବିପର୍ଯ୍ୟୟରୁ ସାଉଁଟି ସେ ପହଞ୍ଚିଥିଲେ ହସ୍ପିଟାଲରେ। ତାଙ୍କର ଦାବି ଥିଲା ୟାଙ୍କର ଯଥୋଚିତ ଚିକିତ୍ସା କରାଯାଉ ବା ତାଙ୍କର ମୃତ୍ୟୁ ଯଦି ଆବଶ୍ୟମ୍ଭାବୀ, ତାଙ୍କୁ ମର୍ଯ୍ୟାଦାର ସହ ମୃତ୍ୟୁବରଣ କରିବାକୁ ସୁଯୋଗ ଦିଆଯାଉ। ମୃତ୍ୟୁର ମର୍ଯ୍ୟାଦା? କେଡ଼େବଡ଼ ହିମାଳୟ ସମ କଥା ଏ ଭାରତବର୍ଷରେ, ଯେଉଁଠି ପୁଅମାନେ ନିଜ ମା'କୁ ମାରି ଘରେ ବିଲେଇ ମରିଛି ବୋଲି କହନ୍ତି।

ବହୁ ବର୍ଷ ଧରି ପ୍ରଚଳିତ ବ୍ୟବସ୍ଥା, ସମାଜର ଅବହେଳିତ ମଣିଷ ଓ ସାଧାରଣ ଭାବରେ ସମ୍ବେଦନଶୀଳ ମଣିଷର ସୂକ୍ଷ୍ମ ମାନସିକ ସ୍ତରରେ କି ପ୍ରଭାବ ପକାଉଥିବ, ତାହା ବୁଝିବାକୁ କାହାରି ସମୟ ନାହିଁ। ଜଣେମାତ୍ର ମଣିଷ ପାଇଁ ଯେତେବେଳେ ୧୦୦ଟି ଭିନ୍ନ ଭିନ୍ନ ରକମର ଗାଡ଼ି ଛୁଟି ଯାଉଥିବ, ରାସ୍ତାକଡ଼ରେ ଦୁଇଓଳି ଠିକ୍ ଭାବରେ ଖାଇବାକୁ ପାଉ ନ ଥିବା ମଣିଷଟି, ଯାହା ପାଖରେ ଛୁଟି ଯାଉଥିବା ଗାଡ଼ିରୁ ଉଡ଼ିଯାଉଥିବା ଧୂଳି ପୋଛିବାକୁ କନା ଖଣ୍ଡେ ନ ଥିବ, ଏହି ଅତିରଞ୍ଜିତ କାର୍-ଶୋଭାଯାତ୍ରା ଦେଖି ଭାବୁଥିବ, ମୋ ଜୀବନର ଓଜନ କେତେ?

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ମଣିଷ-ମଣିଷ ଭିତରେ ଥିବା ଭେଦଭାବ ଦୂରୀକରଣ କ୍ରମରେ ସମାଜର ଗରିବ, ଅବହେଳିତ ଲୋକଙ୍କୁ ସମ୍ମାନ ଦିଏ। ପ୍ରକୃତରେ ଅତି ଗରିବମାନଙ୍କୁ ନ୍ୟାୟୋଚିତ ବର୍ଗୀକରଣ କରି ସେମାନଙ୍କ ସାମଗ୍ରିକ ସମୃଦ୍ଧିକୁ ସଂଖ୍ୟାନ୍ୟୂନତା ଯୋଗୁ ଭୋଟବ୍ୟାଙ୍କ ରାଜନୀତିଠୁ ଦୂରେଇ ରଖି, ସେମାନଙ୍କ ପ୍ରତି ପ୍ରଦର୍ଶିତ ବ୍ୟବହାର ଯଦି ସମ୍ମାନବୋଧରେ ରୂପାନ୍ତରିତ କରା ନ ଯାଏ, ଭାରତବର୍ଷ ଯେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର, ଏକଥା କହିହେବ ନାହିଁ।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼,
ବାଲେଶ୍ୱର,
ମୋ : ୯୪୩୭୩୭୬୨୧୯**

## ଏଇ ଭାରତରେ

କର୍ଣ୍ଣାଟକର ସୁରେଶ ଏସ୍ ଆର ଓ ତାଙ୍କ ସ୍ତ୍ରୀ ମୈଥିଳି ଗୁଆ ଗଛର ପତ୍ର ଓ ଖୋଳପାରୁ କୃତ୍ରିମ ଚମଡ଼ା ଭଳି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏହାକୁ କୁହାଯାଉଛି ଭେଗାନ ଲେଦର। ଏହା ଏକ ପରିବେଶ ଉପଯୋଗୀ କାର୍ଯ୍ୟ। କାରଣ ପଶୁ ଚମଡ଼ାରେ ବ୍ୟାଗ କିମ୍ବା ହଳେ ଚପଲ ତିଆରି କରିବା ଲାଗି ଅନେକ କେ.ଜି. କାର୍ବନ ଡାଇଅକ୍ସାଇଡ ନିର୍ଗମନ ହେଉଥିବାବେଳେ ସୁରେଶଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାକୃତିକ ଚମଡ଼ାରେ ବହୁତ କମ୍ କାର୍ବନ ନିର୍ଗମନ ହେଉଛି। ଏହି ଭେଗାନ ଲେଦର ଲାଗି ପାଣି କମ ଲାଗୁଛି ଏବଂ ଏହା ସମ୍ପୂର୍ଣ୍ଣ ରାସାୟନମୁକ୍ତ। ଶିବମୋଗା ନିବାସୀ ସୁରେଶ ଏଗ୍ରି ଭେଞ୍ଚର ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ସେମାନେ ୧ ଏକରରୁ ୪,୦୦୦ରୁ ୪,୫୦୦ ଗୁଆ ପତ୍ରର ଖୋଳପା ପାଉଛନ୍ତି। ଭେଗାନ ଲେଦରରୁ ଚପଲ, ବ୍ୟାଗ ଓ ଅନ୍ୟାନ୍ୟ ସୌଖୀନ ଜିନିଷ ତିଆରି ହେଉଛି। ଏଗୁଡ଼ିକୁ ମହାରାଷ୍ଟ୍ର ଓ କର୍ଣ୍ଣାଟକ ସମେତ ବିଭିନ୍ନ ରାଜ୍ୟରେ ବିକ୍ରି କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଅକ୍ଟୋବର ୧୯୭୫

- ତାଳଚେରଠାରେ ୧ କୋଟି ଟଙ୍କା ବ୍ୟୟରେ ଏକ ଆଲମ ଏବଂ ସଲ୍‌ଫରିକ ଏସିଡ ତିଆରି କାରଖାନା ପ୍ରତିଷ୍ଠା କରାଯିବ ବୋଲି ଜଣାପଡ଼ିଛି।
- ୧୨ ଦଫା ସମ୍ବଳିତ ନିଶାନିବାରଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାର ପ୍ରଥମ ପଦକ୍ଷେପ ସ୍ୱରୂପ କର୍ଣ୍ଣାଟକ ସରକାର ମଦ ତିଆରି କରିବା ନିମନ୍ତେ ଆଉ ନୂଆ ଲାଇସେନ୍ସ ନ ଦେବା ପାଇଁ ନିଷ୍ପତ୍ତି କରିଛନ୍ତି।
- ମାଡ୍ରାଜ-ଦିଲ୍ଲୀ ଗ୍ରାଣ୍ଡଟ୍ରଙ୍କ ଶୀତତାପ ନିୟନ୍ତ୍ରିତ ଏକ୍ସପ୍ରେସ ଗାଡ଼ିରେ ଟେଲିଭିଜନ ବ୍ୟବସ୍ଥା ପ୍ରଦର୍ଶନ କରାଯାଇଛି।

## ଚିରନ୍ତନୀ

ଯେତେ କଥା ଆଜି ହଜିଗଲା ମନ ଭିତରେ
ବିଚାରଇଁ ସବୁ ଗାଇଯିବି ଖାଲି ଗୀତରେ!
ହୁଡ଼ିଗଲି କେତେ ହେଲି ବାଟବଣା
ରହିଗଲା ବହୁ ଅକୁହା ଅଜଣା,
ଚମକିଲା ଛାତି କେତେ ଯେ ବରଷା
ଶୀତରେ
ବିଚାରଇ ଆଜି ଗାଇଯିବି ସବୁ ଗୀତରେ।
–(ଜୟପୁର ଘାଟି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | 9 | | | | |
| 3 | 8 | 7 | | | 4 | | | |
| | | 9 | | | 3 | | 5 | |
| | | 4 | | 3 | | | 7 | |
| | | | | | 9 | | | |
| 8 | | 6 | 7 | | | | | |
| 7 | | | | | 2 | | 1 | |
| 6 | | | | 1 | | | 3 | 9 |
| 1 | | | 3 | 4 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 4 | 2 | 1 | 6 | 8 | 9 | 3 |
| 2 | 8 | 1 | 3 | 9 | 5 | 7 | 6 | 4 |
| 3 | 9 | 6 | 7 | 4 | 8 | 5 | 2 | 1 |
| 1 | 2 | 5 | 9 | 6 | 3 | 4 | 8 | 7 |
| 7 | 6 | 8 | 5 | 2 | 4 | 1 | 3 | 9 |
| 9 | 4 | 3 | 8 | 7 | 1 | 6 | 5 | 2 |
| 6 | 3 | 7 | 4 | 5 | 2 | 9 | 1 | 8 |
| 8 | 1 | 9 | 6 | 3 | 7 | 2 | 4 | 5 |
| 4 | 5 | 2 | 1 | 8 | 9 | 3 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ

ମହାଶୟ,

ଖବରକାଗଜ ପୃଷ୍ଠା ଲେଉଟାଇଲେ ବଳାତ୍କାର ଓ ହତ୍ୟାର କାହାଣୀ ହୃଦୟକୁ ଆନ୍ଦୋଳିତ କରେ। ଅପରାଧୀମାନଙ୍କୁ ପୋଲିସ ଗିରଫ କରି ଜେଲକୁ ପଠାନ୍ତି। ପରେ କୋର୍ଟ ବିଚାର କରି ଦୋଷୀଙ୍କୁ ଦଣ୍ଡ ଦେବାକୁ ସମୟ ଲାଗେ। କୋର୍ଟରେ ବିଚାର ଚାଲିଥିବା ବେଳେ ଆଇନର ଗଳାବାଟରେ କିଛି ଅପରାଧୀ ଖସି ଯିବାକୁ ସକ୍ଷମ ହୁଅନ୍ତି। ଏହାର କାରଣ କୋର୍ଟ କେସ୍ ବିଚାର କରିବାକୁ ତାରିଖ ପରେ ତାରିଖ ଦିଅନ୍ତି। ଫଳରେ ଅପରାଧୀକୁ ସମୟ ମିଳେ ଓକିଲ ମାଧ୍ୟମରେ ନିଜ ସପକ୍ଷରେ ବିଚାରକୁ ନେବା ପାଇଁ। ତଥାପି ଶେଷରେ ବହୁ ଅପରାଧୀ ଆଜୀବନ ଜେଲ କିମ୍ବା ମୃତ୍ୟୁଦଣ୍ଡରେ ଦଣ୍ଡିତ ହୁଅନ୍ତି ସତ ମାତ୍ର ବହୁତ ବିଳମ୍ବରେ। ସେଥିପାଇଁ କୁହାଯାଇଛି ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ। ତେଣୁ ବଳାତ୍କାର ଓ ହତ୍ୟାଜନିତ ଅପରାଧକୁ ଖୁବ୍ ଶୀଘ୍ର ବିଚାର କରାଯାଇ ଅପରାଧୀଙ୍କୁ କଠୋରରୁ କଠୋର ଦଣ୍ଡ ଦିଆଯାଉ ଏବଂ ପୀଡ଼ିତାଙ୍କୁ ସରକାରଙ୍କ ତରଫରୁ ଆର୍ଥିକ ସାହାଯ୍ୟ ମିଳୁ।

**–ଭଗବାନ ଦାସ, ନାରାୟଣପୁର, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଏସ୍‌ଏସ୍‌ଏସ୍‌ସି ଅନିୟମିତତା, ତେଜିଲା ଆନ୍ଦୋଳନ

ଭୁବନେଶ୍ୱର,୭।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ସରକାରୀ ଚାକିରିଟିଏ ପାଇବାକୁ ଦିନରାତି ପରିଶ୍ରମ କରିବାକୁ ପଡୁଛି। ଆଖିରେ ବଡ଼ ସ୍ୱପ୍ନ ନେଇ ପରୀକ୍ଷା ଦେଉଛୁ। ହେଲେ ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ଏସ୍‌ସି) ଭଳି ସରକାରୀ ସଂସ୍ଥା ମେଧାବୀଙ୍କ ସ୍ୱପ୍ନକୁ ଚୂରମାର କରିଦେଉଛି। ପରୀକ୍ଷାରେ ଅନିୟମିତତା ଆମ ମନୋବଳକୁ ଭାଙ୍ଗିଦେଉଛି। ପ୍ରଶ୍ନପତ୍ର ଲିକ୍, ବ୍ଲାକ୍ ଲିଷ୍ଟେଡ କମ୍ପାନୀକୁ ପରୀକ୍ଷା ଦାୟିତ୍ୱ, ଟଙ୍କା ନେଇ ଚାକିରି ବିକ୍ରି ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ଚାକିରି ଆଶାୟୀ। ନିକଟରେ ଓଏସ୍‌ଏସ୍‌ଏସ୍‌ସି ଦ୍ୱାରା ପରିଚାଳିତ ଆର୍‌ଆଇ, ଏଆର୍‌ଆଇ, ଅମିନ, ଆଇସିଡିସି ପରୀକ୍ଷାରେ ଏପରି ବ୍ୟାପକ ଅନିୟମିତତା ହୋଇଥିବା ଦର୍ଶାଇ ପରୀକ୍ଷାର୍ଥୀମାନେ ଆନ୍ଦୋଳନ ଚଳାଇ ଆସୁଛନ୍ତି। ସୋମବାର ସାରା ରାଜ୍ୟର ହଜାର ହଜାର ପରୀକ୍ଷାର୍ଥୀଙ୍କ ସହ ଚାକିରି ଆଶାୟୀ ଓ ଛାତ୍ରୀଛାତ୍ର ରାଜଧାନୀ ଭୁବନେଶ୍ୱରରେ ବଡ଼ଧରଣର ଆନ୍ଦୋଳନ କରିଥିଲେ। ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପ୍‌ଶନ ଆହ୍ୱାନରେ ସେମାନେ ଲୋୟର ପିଏମ୍‌ଜିରେ ଧାରଣା ଓ ଶୋଭାଯାତ୍ରା କରି ଓଏସ୍‌ଏସ୍‌ଏସ୍‌ସି ବିରୋଧରେ ସ୍ୱର ଉଠାଇଥିଲେ। ସରକାର କାହିଁକି ତୁରନ୍ତ ପଦକ୍ଷେପ ନେଉ ନାହାନ୍ତି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଆର୍‌ଆଇ ପରୀକ୍ଷା ବାତିଲ ହେଉ, ପୁନଃ ପରୀକ୍ଷା କରାଯାଉ ବୋଲି ସେମାନେ ଦାବି କରିଥିଲେ। ଏଥିସହ ଏକାଧିକ ପରୀକ୍ଷାରେ ଗୁରୁତର ତ୍ରୁଟି ଅଭିଯୋଗ କରିବା ସହିତ ଟଙ୍କା ନେଇ ଚାକିରି କାରବାର ଓ ଏପରିକି ବିଭ୍ରାଟରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପରୀକ୍ଷାର୍ଥୀ। ସେହିପରି ଆନ୍ଦୋଳନକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଓଏସ୍‌ଏସ୍‌ଏସ୍‌ସି ବିରୋଧରେ ନାନା ନାରାବାଜି ଦେବା ସହ ତୁରନ୍ତ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଦାବି ରଖିଥିଲେ। ତେବେ ସନ୍ଧ୍ୟା ୬ଟାରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରି ସୁରେନ୍ଦ୍ର କୁମାରଙ୍କ ସହ ୭ଜଣିଆ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ସମସ୍ତ ଅଭିଯୋଗ ସମ୍ପର୍କରେ ସରକାର ଅବଗତ ଅଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ସହ ଅପରାହ୍ନ ୨ଟାରେ ଏକ ବୈଠକ ଅଛି। ତୁରନ୍ତ ଏ ନେଇ ସମାଧାନର ରାସ୍ତା ବାହାରିବ ବୋଲି ପ୍ରମୁଖ ସଚିବ ପରୀକ୍ଷାର୍ଥୀମାନଙ୍କୁ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି, ଆଲୋଚନା ସକାରାତ୍ମକ ଥିଲା। ଆମେ ଆଶା କରୁଛୁ ତୁରନ୍ତ ସରକାର ଏ ନେଇ ପଦକ୍ଷେପ ନେବେ। ଯଦି ପୁଣି ଥରେ ଆମକୁ ଠକିବାକୁ ଚେଷ୍ଟା କରାଯାଏ, ତେବେ ଆଗାମୀ ଆନ୍ଦୋଳନରେ ହିଂସା ଦେଖାଦେବ। ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପ୍‌ଶନର ଆବାହକ ବିଭୂତି ଭୂଷଣ ମହାପାତ୍ର, ସଦସ୍ୟ ସୁନୀଲ କୁମାର ମିଶ୍ର, ତୋଫାନ ପରିଡ଼ା, ପରମେଶ୍ୱର ବଳ ଓ ରାହୁଲ କୁମାର ପ୍ରମୁଖଙ୍କ ନେତୃତ୍ୱରେ ରାଜ୍ୟର ବିଭିନ୍ନ ଜିଲାରୁ ପରୀକ୍ଷାର୍ଥୀମାନେ ଏହି ଆନ୍ଦୋଳନରେ ଯୋଗଦେଇଥିଲେ।



ଅନିୟମିତତା ଯୋଗୁ ଆର୍‌ଆଇ, ଏଆର୍‌ଆଇ, ଅମିନ, ଆଇସିଡିସି ପରୀକ୍ଷା ଆଉଥରେ କରାଯିବା ଦାବିରେ ପରୀକ୍ଷାର୍ଥୀ ଓ ଚାକିରି ଆଶାୟୀମାନେ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

## ଆର୍‌ଆଇ, ଅମିନ ପରୀକ୍ଷା ଆଉଥରେ ହେଉ

■ ଲୋୟର ପିଏମ୍‌ଜିରେ ପରୀକ୍ଷାର୍ଥୀଙ୍କ ଧାରଣା, ଶୋଭାଯାତ୍ରା

■ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ନାରାବାଜି ଦେଲେ

# ଆମାଜନରେ ମିଳିବ ଏନ୍‌ସିଇଆର୍‌ଟି ପୁସ୍ତକ: ଧର୍ମେନ୍ଦ୍ର




ଭୁବନେଶ୍ୱର, ୭।୧୦(ସୁନିତ୍ ମିଶ୍ର)

## ଏନ୍‌ସିଇଆର୍‌ଟି ଏବଂ ଆମାଜନ ମଧ୍ୟରେ ଭାଗୀଦାରିତା

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସୋମବାର ଭାରତ ସରକାରଙ୍କ ଅଧୀନରେ ଥିବା ଏନ୍‌ସିଇଆର୍‌ଟି ଏବଂ ଅନ୍ୟତମ ସର୍ବବୃହତ ଇ-କମର୍ସ ପ୍ଲାଟଫର୍ମ ଆମାଜନ ସେଲର୍ସ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଲେଟର୍ ଅଫ୍ ଏନ୍‌ଗେଜମେଣ୍ଟ(ଏଲ୍‌ଓଇ) ସ୍ୱାକ୍ଷରିତ ହୋଇଛି। ଏହା ହେଉଛି ପ୍ରଥମ ଚୁକ୍ତି, ଯାହା ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମରେ ମୁଦ୍ରିତ ମୂଲ୍ୟରେ ମୂଳ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକର ଉପଲବ୍ଧତା ସୁନିଶ୍ଚିତ କରିବ। ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଆଜିର ପଦକ୍ଷେପ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବା ପାଇଁ ଜାତୀୟ ଶିକ୍ଷା ନୀତିର ଭିଜନକୁ ସୁଦୃଢ଼ କରିବ। ସମଗ୍ର ଦେଶରେ ଡିଜିଟାଲ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଦେଖାଯାଇଥିବା ବେଳେ ଏହି ପଦକ୍ଷେପ ସରକାରଙ୍କ 'ଇଜ୍ ଅଫ୍ ଲିଭିଂ' ଲକ୍ଷ୍ୟକୁ ମଧ୍ୟ ସମର୍ଥନ କରିବ। ଏନ୍‌ସିଇଆର୍‌ଟି ୧୯୬୩ରୁ ପ୍ରାୟ ୨୨୦ କୋଟି ପୁସ୍ତକ ଓ ଜର୍ନାଲ ସହିତ ପାଠ୍ୟପୁସ୍ତକ ପ୍ରକାଶ କରି ଭାରତର ଶିକ୍ଷା ଦୃଶ୍ୟପଟକୁ ନୂଆ ଆକାର ଦେଇଛି। ଏନସିଇଆରଟି ଦେଶ ପାଇଁ ଏକ ପ୍ରମୁଖ ଥିଙ୍କଟ୍ୟାଙ୍କ୍ ବୋଲି ଗୁରୁତ୍ୱାରୋପ କରିବା ସହ ଦେଶବ୍ୟାପୀ ପ୍ରାୟ ୨୦ ହଜାର ପିନ୍ କୋଡ୍ ଠିକଣାରେ ଏହି ପୁସ୍ତକ ଉପଲବ୍ଧ ହେବ ବୋଲି ଧର୍ମେନ୍ଦ୍ର ଘୋଷଣା କରିଛନ୍ତି। ଏହି ପୁସ୍ତକଗୁଡ଼ିକ ଏମ୍‌ଆର୍‌ପିରେ ଉପଲବ୍ଧ ହେବା ନେଇ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଆମାଜନ ସହ ଏନସିଇଆରଟିର ଭାଗୀଦାରିତାକୁ ପ୍ରଶଂସା କରି ଧର୍ମେନ୍ଦ୍ର କହିଛନ୍ତି, ଏହା ଇଜ୍ ଅଫ୍ ଲିଭିଂ ଏବଂ ଶିକ୍ଷାର ଉପଲବ୍ଧତା ବୃଦ୍ଧି ଦିଗରେ ଏକ ସୁନ୍ଦର ପଦକ୍ଷେପ। ଏନସିଇଆରଟି ଚଳିତ ବର୍ଷ ୩ ଗୁଣା ଅଧିକ ପୁସ୍ତକ ପ୍ରକାଶନ ତଥା ୧୫ କୋଟି ପୁସ୍ତକ ପ୍ରକାଶ କରିବ ବୋଲି ସେ କହିଛନ୍ତି। ସେହିପରି ଅମୃତ କାଳର ୩୦୦ ନିୟୁତ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷଣକୁ ଆନନ୍ଦଦାୟକ କରିବା ଉପରେ ସେ ପରାମର୍ଶ ଦେଇଛନ୍ତି। ଇଣ୍ଟରଆକ୍ଟିଭ୍ ଏବଂ ଏଆଇ ଦ୍ୱାରା ପରିଚାଳିତ ଇ-ପୁସ୍ତକର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

# ସଞ୍ଜୟ ରାୟ ଏକମାତ୍ର ଅଭିଯୁକ୍ତ

## ଆର୍.ଜି. କର ହସ୍ପିଟାଲ ବଳାତ୍କାର ଓ ହତ୍ୟା ମାମଲାରେ ସିବିଆଇର ଚାର୍ଜଶିଟ୍


ସଞ୍ଜୟ ରାୟ

ନୂଆଦିଲ୍ଲୀ,୭।୧୦

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସୋମବାର ସିଆଲ୍‌ଦାର ଏକ ଅଦାଲତରେ ପ୍ରଥମ ଚାର୍ଜଶିଟ୍ ଦାଖଲ କରିଛି। ମହିଳା ଡାକ୍ତରଙ୍କୁ ସଞ୍ଜୟ ରାୟ ବଳାତ୍କାର କରିବା ପରେ ହତ୍ୟା କରିଥିଲା ବୋଲି ଏଥିରେ ଅଭିଯୋଗ କରାଯାଇଛି। ଟ୍ରେନି ଡାକ୍ତରଙ୍କୁ ଗଣବଳାତ୍କାର କରାଯାଇ ନ ଥିଲା। ସଞ୍ଜୟ ହିଁ ଏକମାତ୍ର ଅଭିଯୁକ୍ତ ବୋଲି ସିବିଆଇ କହିଛି। ତଦନ୍ତ ବେଳେ ସିବିଆଇ ପାଖାପାଖି ୧୦୦ ଜଣ ସାକ୍ଷୀଙ୍କୁ ପଚରାଉଚରା କରିବା ସହ ୧୨ ପଲିଗ୍ରାଫ୍ ପରୀକ୍ଷା କରିଥିଲା। ଅଗଷ୍ଟ ୯ ତାରିଖ ବିଳମ୍ବିତ ରାତିରେ ହସ୍ପିଟାଲର ସେମିନାର ହଲ୍‌ରେ ବିଶ୍ରାମ ନେଉଥିବା ଟ୍ରେନି ଡାକ୍ତରଙ୍କୁ ସଞ୍ଜୟ ବଳାତ୍କାର କରିବା ପରେ ହତ୍ୟା କରିଥିଲା। ୧୦ ତାରିଖରେ କୋଲକାତା ପୋଲିସ ତାଙ୍କୁ ଗିରଫ କରିଥିଲା। ହସ୍ପିଟାଲରେ ଲାଗିଥିବା ସିସିଟିଭି ଫୁଟେଜ୍ ଏବଂ ଡାକ୍ତରଙ୍କ ମୃତଦେହ ନିକଟରୁ ମିଳିଥିବା ବ୍ଲୁଟୁଥ୍ ଇଅରଫୋନ୍‌ରୁ ୩୩ ବର୍ଷୀୟ ସଞ୍ଜୟଙ୍କୁ ଅଭିଯୁକ୍ତ ଭାବେ ଚିହ୍ନଟ କରାଯାଇଥିଲା।

# ଆଜି ହରିୟାଣା, କଶ୍ମୀର ନିର୍ବାଚନ ଫଳାଫଳ

ନୂଆଦିଲ୍ଲୀ,୭।୧୦

ହରିୟାଣା ଏବଂ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ଭୋଟ ଗଣତି ମଙ୍ଗଳବାର ଅନୁଷ୍ଠିତ ହୋଇ ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇବାକୁ ଯାଉଛି। ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ପ୍ରଥମେ ପୋଷ୍ଟାଲ ବାଲଟ ଗଣା ସରିବା ପରେ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ ଭୋଟ ଗଣନା କରାଯିବ।

୨୦୧୯ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପ୍ରଥମ ଥର ପାଇଁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିବାରୁ ଏହା ଗୁରୁତ୍ୱପୂର୍ଣ୍ଣ। ୯୦ ଆସନ ବିଶିଷ୍ଟ ଜମ୍ମୁ-କଶ୍ମୀର ବିଧାନସଭା ପାଇଁ ସେପ୍ଟେମ୍ବର ୧୮, ୨୫ ଏବଂ ଅକ୍ଟୋବର ୧ରେ ମତଦାନ ହୋଇଥିଲା। ନ୍ୟାଶନାଲ କନ୍‌ଫରେନ୍ସ ଏବଂ କଂଗ୍ରେସ ମେଣ୍ଟ କରି ନିର୍ବାଚନ ଲଢ଼ିଥିଲେ। ମତଦାନ ହାର ୬୩.୮୮% ଥିଲା। ଏକ୍‌ଜିଟ ପୋଲ୍ ସର୍ଭେ ଅନୁଯାୟୀ, ଜମ୍ମୁ-କଶ୍ମୀରରେ ଝୁଲା ବିଧାନସଭା ହୋଇପାରେ। ସେହିପରି ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ପାଇଁ ଅକ୍ଟୋବର ୫ରେ ମତଦାନ ହୋଇଥିଲା। ସେଠାରେ ୧୦ ବର୍ଷ ହେଲା ଭାଜପା କ୍ଷମତାରେ ଥିବାବେଳେ ପୁଣିଥରେ ସରକାର ଗଢ଼ିବା ପାଇଁ ଆଶାବାଦୀ ରହିଛି। ଅନ୍ୟପକ୍ଷରେ ସରକାର ବିରୋଧୀ ହାୱା ଏବଂ ରାହୁଲଙ୍କ ଲୋକପ୍ରିୟତାକୁ ପୁଞ୍ଜିକରି କଂଗ୍ରେସ କ୍ଷମତାକୁ ଫେରିବାକୁ ଲକ୍ଷ୍ୟ ରଖିଛି। ଏକ୍‌ଜିଟ୍ ପୋଲ୍ ସର୍ଭେ ଅନୁଯାୟୀ କଂଗ୍ରେସ ସେଠାରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ଯାଉଛି।

# ମାମଲା ନ ଥିଲେ ଅଧିକାରୀ ହୋଇପାରିବେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ଓଏସ୍‌ଡି

ଭୁବନେଶ୍ୱର,୭।୧୦(ଅନିଲ ଦାସ)

## ଜାରି ହେଲା ଗାଇଡ୍‌ଲାଇନ

ଯେଉଁ ଅଧିକାରୀମାନଙ୍କୁ ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବ କିମ୍ବା ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯିବ, ସେମାନଙ୍କ ନାଁରେ କୌଣସି ପ୍ରକାର ଶୃଙ୍ଖଳାଗତ ମାମଲା, ଭିଜିଲାନ୍ସ କିମ୍ବା ଫୌଜଦାରୀ ମାମଲା ନ ଥିବା ଆବଶ୍ୟକ। ସେମାନଙ୍କ ସିସିଆର/ପିଏଆରରେ କୌଣସି ପ୍ରକାର ନକାରାତ୍ମକ ମନ୍ତବ୍ୟ ନ ଥିବା ଜରୁରୀ। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଏହି ଗାଇଡ୍‌ଲାଇନ ଅନୁଯାୟୀ, ଅତିରିକ୍ତ ସଚିବ କିମ୍ବା ଯୁଗ୍ମ ସଚିବ ପାହ୍ୟା ଅଫିସରମାନେ ମନ୍ତ୍ରୀମାନଙ୍କର ବ୍ୟକ୍ତିଗତ ସଚିବ ହୋଇପାରିବେ। ଯୁଗ୍ମ ସଚିବ କିମ୍ବା ଅନୁସଚିବ ପାହ୍ୟା ଅଫିସରମାନେ ମନ୍ତ୍ରୀମାନଙ୍କର ଓଏସ୍‌ଡି ନିଯୁକ୍ତ ହୋଇପାରିବେ। ବ୍ୟକ୍ତିଗତ ସଚିବଙ୍କଠାରୁ ଓଏସ୍‌ଡି ଗୋଟିଏ ପାହ୍ୟା ଜୁନିୟର ହୋଇଥିବା ଆବଶ୍ୟକ। ଯଦି ଜଣେ ପୂର୍ବରୁ ପ୍ରାଇଭେଟ ସେକ୍ରେଟାରୀ କିମ୍ବା ଓଏସ୍‌ଡି ଥିବେ, ତାଙ୍କୁ ନୂଆ କରି ସେହି ପଦବୀଗୁଡ଼ିକରେ ନିଯୁକ୍ତି ଦେବାକୁ ହେଲେ ଅତିକମ୍‌ରେ ୫ ବର୍ଷ ବ୍ୟବଧାନ ରଖାଯିବା ଦରକାର। ଏହି ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସମ୍ପୃକ୍ତ ବିଭାଗଗୁଡ଼ିକୁ କୁହାଯାଇଛି।

# କନିଷ୍ଠ ଶିକ୍ଷକଙ୍କ ପ୍ରବେଶକୁ ବିରୋଧ

## ଜିଲାଭିତ୍ତିକ ନିଯୁକ୍ତି ଦାବି

ନବରଙ୍ଗପୁର,୭।୧୦
(ସଦାଶିବ ପ୍ରହରାଜ)


ନୂତନ କନିଷ୍ଠ ଶିକ୍ଷକମାନଙ୍କୁ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ଝରିଗାଁ ବିଇଓ ଅଫିସକୁ ପ୍ରବେଶ କରାଇବାକୁ ଦେଉନାହାନ୍ତି।

ଜିଲାଭିତ୍ତିକ ନିଯୁକ୍ତିକୁ ନେଇ ନବରଙ୍ଗପୁରରେ ତେଜୁଛି ଅସନ୍ତୋଷ। ଅବିଭକ୍ତ କୋରାପୁଟ ଜିଲାର ପ୍ରାର୍ଥୀ ବ୍ୟତୀତ ଅନ୍ୟ ଜିଲାର ନିଯୁକ୍ତ ପ୍ରାର୍ଥୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ ବାରଣ କରୁଛନ୍ତି ଗ୍ରାମବାସୀ ଓ କ୍ରିୟାନୁଷ୍ଠାନ କମିଟି ସଦସ୍ୟ। ଖବର ଲେଖାଯିବା ସୁଦ୍ଧା ୧୧୭ ଜଣ କାର୍ଯ୍ୟରେ ଯୋଗଦେଇଥିବାବେଳେ ୧୯୫ ଜଣ ଶିକ୍ଷକ ଯୋଗଦେଇ ପାରି ନାହାନ୍ତି। ଜିଲାର ବିଭିନ୍ନ ବିଦ୍ୟାଳୟରେ ନୂତନ ଭାବେ ଯୋଗଦେବାକୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗ୍ରାମବାସୀ ବିରୋଧ କରିଛନ୍ତି। ସ୍କୁଲ ଫାଟକରେ ତାଲା ପକାଇଦେବାରୁ ନୂତନ ଶିକ୍ଷକମାନେ କାର୍ଯ୍ୟରେ ଯୋଗଦେଇ ପାରି ନ ଥିଲେ। ପ୍ରାୟ ବିଦ୍ୟାଳୟରେ ଏ ନେଇ ଉତ୍ତେଜନା ଦେଖାଦେଇଛି। ନୂତନ କନିଷ୍ଠ ଶିକ୍ଷକମାନେ ନିରାଶ ହୋଇ ଫେରିଛନ୍ତି। ଆସନ୍ତା ୨୧ ତାରିଖ ମଧ୍ୟରେ କାର୍ଯ୍ୟରେ ଯୋଗଦେବାର ଧାର୍ଯ୍ୟ ସମୟ ରହିଛି। ନୂତନ ଶିକ୍ଷକମାନେ ଗ୍ରାମବାସୀଙ୍କ ବିରୋଧକୁ ନେଇ ହରଡ଼ଘଣାରେ ପଡ଼ିଛନ୍ତି। ତେବେ ଯଦି ବିଦ୍ୟାଳୟରେ ଜଏନ କରିବାକୁ ବିରୋଧ କରାଯାଏ ତାହାଲେ ବିଇଓ କାର୍ଯ୍ୟାଳୟରେ ଜଏନିଂ କରିପାରିବେ ବୋଲି ନିୟମ ରହିଛି। ଏ ନେଇ ଝରିଗାଁରେ କାର୍ଯ୍ୟରେ ଯୋଗଦେଇ ପାରି ନ ଥିବା ଶିକ୍ଷୟିତ୍ରୀ ଶିକ୍ଷକ ଦିନ ୧୧ଟାରେ ବିଇଓ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। କ୍ରିୟାନୁଷ୍ଠାନ ସଦସ୍ୟମାନେ ସେମାନଙ୍କୁ ବିଇଓ ଅଫିସ ମଧ୍ୟକୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ତେଣୁ ସେଠାରେ ନୂତନ କନିଷ୍ଠ ଶିକ୍ଷକମାନେ ସନ୍ଧ୍ୟା ୬ଟା୩୦ ମିନିଟ୍ ପର୍ଯ୍ୟନ୍ତ ବିଇଓ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ନ୍ୟାୟ ପ୍ରଦାନ କରିବାକୁ ସେମାନେ ନାରା ଦେଇଥିଲେ।

ଅପରପକ୍ଷରେ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଉଛି। ସେମାନେ ଜିଲାରେ କନିଷ୍ଠ ଶିକ୍ଷକ, ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ ପଦବୀ ପାଇଁ ଜିଲାଭିତ୍ତିକ ନିଯୁକ୍ତି ଦାବି କରିଛନ୍ତି। ଯେତେଦିନ ଯାଏ ଜିଲାଭିତ୍ତିକ ନିଯୁକ୍ତି ନିଷ୍ପତ୍ତି ହୋଇନାହିଁ ସେତେଦିନ ଯାଏ ଧାରଣା ଚାଲିବ। ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଦକ୍ଷିଣ ଓଡ଼ିଶା ଭତରା ବିକାଶ ପରିଷଦ ଅଧ୍ୟକ୍ଷ ଅର୍ଜୁନ ଭତ୍ରା କହିଛନ୍ତି। ପୂର୍ବରୁ ଜିଲା ପରିଷଦ ବୈଠକରେ ମଧ୍ୟ ଜିଲାଭିତ୍ତିକ ନିଯୁକ୍ତିକୁ ନେଇ ରିଜୋଲ୍ୟୁଶନ ପାସ୍ ହୋଇଥିଲା। କିନ୍ତୁ ତାହାକୁ ସରକାର ଅଣଦେଖାକରି କନିଷ୍ଠ ଶିକ୍ଷକଙ୍କୁ ରାଜ୍ୟଭିତ୍ତିକ ନିଯୁକ୍ତି ଦିଆଯାଇଛି। ତେଣୁ ଏହାର ପ୍ରତିବାଦ କାରାଯାଉଥିବା ଜିଲା ପରିଷଦ ଅଧ୍ୟକ୍ଷ ମୋତିରମ ନାୟକ କହିଛନ୍ତି। ରବିବାରଠାରୁ ମିଳିତ କ୍ରିୟାନୁଷ୍ଠାନ କମିଟି ଧାରଣା ଦେଉଛି। ଅଖିଳ ଭାରତୀୟ ଏସ୍‌ଟି ଓ ଏସ୍‌ସି ପରିସଂଘ ସଭାପତି ଭଗବାନ ବୈରାଗୀ, ଜିଲା ଏକତା ମଞ୍ଚ ବରିଷ୍ଠ ଉପଦେଷ୍ଟା ଲଳିତ ମୋହନ ନାୟକ, ଜିଲା ଏସ୍‌ସି ସଂଘ ବ୍ଲକ ସଭାପତି ଦେବରାଜ ନାଗ, ଜିଲା ସରପଞ୍ଚ ମହାସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ଭତ୍ରା, ନବରଙ୍ଗପୁର ଜିଲା ବିକାଶ ପରିଷଦ ସଭାପତି ସିରାଜୁଦ୍ଦିନ ଅହମ୍ମଦ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଜିଲା ପରିଷଦ ସଭ୍ୟା ଡାକ୍ତର ଲିପିକା ମାଝୀ, ଦୟାନିଧି ସୁନା ଜିଲା ଏକତା ମଞ୍ଚ ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ନାୟକ, ସାମାଜିକ କର୍ମୀ କମଲୁ ହରିଜନ ପ୍ରମୁଖ ଧାରଣାରେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଜିଲାଭିତ୍ତିକ ନିଯୁକ୍ତି ଦାବିରେ ଗତ ୪ ତାରିଖରେ ଅବିଭକ୍ତ କୋରାପୁଟ ଜିଲା ୧୨ ଘଣ୍ଟା ବନ୍ଦ କରାଯାଇଥିଲା।

# ପଶ୍ଚିମ, ଦକ୍ଷିଣ ଓଡ଼ିଶା ବସ୍ ମାଲିକ ସଂଘର ବସ୍ ଧର୍ମଘଟ ସ୍ଥଗିତ


ବସ୍ ମାଲିକ ସଂଘ ସଦସ୍ୟଙ୍କ ସହ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଲୋଚନା କରୁଛନ୍ତି।

## ସମସ୍ତଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ: ମନ୍ତ୍ରୀ ବିଭୂତି

ଗୋପାଳପୁର, ୭।୧୦
(ନବୀନ ରାଜ ଆଚାରୀ)

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ବସ୍ ମାଲିକ ସଂଘ ପକ୍ଷରୁ ଡାକରା ଦିଆଯାଇଥିବା ୨୪ ଘଣ୍ଟିଆ ବସ୍ ଧର୍ମଘଟ ସ୍ଥଗିତ ରହିଛି। ସୋମବାର ରାଜ୍ୟ ପରିବହନ ବାଣିଜ୍ୟ ଓ ଖଣି ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ତାଙ୍କ ଗୋଲନ୍ଥରାସ୍ଥିତ ବାସଭବନରେ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥିରେ ବସ୍ ମାଲିକମାନେ ଲକ୍ଷ୍ମୀ ବସ୍ ଚଳାଚଳ ଯୋଗୁ ଘରୋଇ ବସ୍ ମାଲିକମାନେ କିଭଳି ଭାବେ କ୍ଷତିରେ ପଡୁଛନ୍ତି ସେ ନେଇ ମନ୍ତ୍ରୀଙ୍କୁ ବୁଝାଇଥିଲେ। ଯୋଜନା ପରିଚାଳନାରେ ତ୍ରୁଟି ବିଚ୍ୟୁତି ରହିଥିବାରୁ ସରକାର ବି କ୍ଷତିରେ ପଡୁଛନ୍ତି। ବିଶେଷକରି ଟାୟାର ୨ ଲକ୍ଷ୍ମୀ ବସ୍ ସେବା ଯାହାକି ବ୍ଲକରୁ ଜିଲାକୁ ସଂଯୋଗ କରୁଛି। ଏଥିରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ରହିଛି, ଯାହାକି ମାତ୍ର ୧୦ଟଙ୍କାରେ ଏହି ବସ୍ ସେବା ମିଳୁଥିବାରୁ ଯାତ୍ରୀ ଲାଭବାନ ହେଉଥିବା ବେଳେ ଆମେ ଶୀତତାପ ନିୟନ୍ତ୍ରିତ ବସ୍ ଚଳାଉଥିବା ମାଲିକମାନେ ୬୦ରୁ ୭୦ଟଙ୍କା କ୍ଷତି ସହିବୁ ବୋଲି ବସ୍ ମାଲିକମାନେ ଆଲୋଚନା ବେଳେ ମନ୍ତ୍ରୀଙ୍କୁ କହିଥିଲେ। ଏଥିସହ ମନଇଚ୍ଛା ରୁଟ୍ ପରମିଟ୍ ପ୍ରଦାନ, ଘରୋଇ ବସ୍ ସହ ଟାଇମିଂରେ ତାଳମେଳ ଠିକ୍ ନ ରହିବା, ଖାଲିରେ ଯାଉଥିବା ଲକ୍ଷ୍ମୀ ବସ୍ ଘରୋଇ ବସ୍‌ର ଟାଇମିଂର ପିଛା କରିବା ଯୋଗୁ ଉଭୟ ସରକାର ଓ ଘରୋଇ ମାଲିକ କ୍ଷତି ସହୁଛନ୍ତି ବୋଲି ପ୍ରକାଶ କରିଥିଲେ। ସରକାର ଯେଭଳି ଘରୋଇ ବସ ମାଲିକ ଓ ତାହା ଉପରେ ନିର୍ଭର କରୁଥିବା ପରିବାର କ୍ଷତିଗ୍ରସ୍ତ ନ ହୁଅନ୍ତି, ତାହାକୁ ଲକ୍ଷ୍ୟ ରଖି ସମସ୍ତ ସମସ୍ୟାର ଆଲୋଚନା କରି ତ୍ୱରିତ ସମାଧାନ କରିବେ ବୋଲି ମନ୍ତ୍ରୀ ଜେନା ପ୍ରତିଶ୍ରୁତି ଦେଇଥିଲେ। ଫଳରେ ବସ୍ ମାଲିକ ସଂଘ ଧର୍ମଘଟ ଡାକରା ପ୍ରତ୍ୟାହୃତ କରିଥିଲା।

# ବଳଦ ମୁହଁରେ ଫୁଟିଲା ବୋମା

କେନ୍ଦୁଝର,୭।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

## ବାର୍‌ହା ଶିକାର ପାଇଁ ରଖାଯାଇଥିଲା

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ କୁଲାଡେରା ଗାଁ କେନ୍ଦୁଆଦରି ସାହିରେ ବାର୍‌ହା ଶିକାର ପାଇଁ ରଖାଯାଇଥିବା ବୋମା ଫୁଟି ଏକ ବଳଦ ଗୁରୁତର ହୋଇଛି। ବଳଦଟି ଚରୁଥିବା ବେଳେ ବୋମାଟିକୁ ଚୋବାଇ ଦେବାରୁ ତାହା ପାଟିରେ ଫୁଟି ଯାଇଥିଲା। ବଳଦର ଜିଭ ଛିଡ଼ିଯିବା ସହ ଦାନ୍ତ ଭାଙ୍ଗି ଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗୋରୁ ଚରାଳି ରମେଶ ମହାକୁଡ଼ ଓ ତାଙ୍କ ସ୍ତ୍ରୀ ରେବତୀ ବଳଦକୁ ସବୁଦିନ ଭଳି ଚରାଇବାକୁ ନେଇଥିଲେ। କୁଲାଡେରା ଗାଁର କେନ୍ଦୁଆଦରି ସାହି ନିକଟ ଏକ ପଡ଼ିଆରେ ବଳଦଟି ଚରୁଥିବା ବେଳେ ପାଟିରେ ବୋମାଟି ଫୁଟିଥିଲା। ଫଳରେ ବଳଦଟି ଗୁରୁତର ହୋଇପଡ଼ିଛି। ବାର୍‌ହା ଶିକାର ପାଇଁ ପଡ଼ିଆରେ ଯାଇଥିବା ରାସ୍ତା ଉପରେ ବୋମା ରଖାଯାଇଥିଲା। ରାସ୍ତା ଉପରେ ବୋମା ରଖାଯାଉଥିବାରୁ ବଡ଼ ଅଘଟଣକୁ ଏଡାଇ ଦିଆଯାଇପାରିବ ନାହିଁ। ତେଣୁ ଏଭଳି ଶିକାରୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରେବତୀ ଦାବି କରିଛନ୍ତି। ଏ ନେଇ ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି, ଗ୍ରାମ ନିକଟରେ ଏଭଳି ଅଘଟଣ ଘଟିଛି। ଏଣୁ ବାର୍‌ହା ଶିକାର ପାଇଁ ହୋଇ ନ ଥିବ। ତେବେ ଘଟଣାର ତଦନ୍ତ ପରେ ଜଣାପଡ଼ିବ ବୋଲି କହିଛନ୍ତି।

# ହୀରାକୁଦ ଡ୍ୟାମ୍ କେନାଲ ନବୀକରଣ ଖର୍ଚ୍ଚ ହେବ ୮୫୫ କୋଟି

ଭୁବନେଶ୍ୱର, ୭।୧୦(ଅନିଲ ଦାସ)

ହୀରାକୁଦ ଡ୍ୟାମ କେନାଲ ସିଷ୍ଟମର ନବୀକରଣ ହେବ। ଏଥିପାଇଁ ୮୫୫ କୋଟି ଟଙ୍କା ଖର୍ଚ୍ଚ ହେବ। ଜଳ ସମ୍ପଦ ବିଭାଗ ପକ୍ଷରୁ ଏ ନେଇ ସଂକଳ୍ପ ପତ୍ର ଜାରି ହୋଇଛି। ଏହି ନବୀକରଣ ଲାଗି ନିକଟରେ ରାଜ୍ୟ କ୍ୟାବିନେଟ ୮୫୫ କୋଟି ଟଙ୍କା ବ୍ୟୟ ଅଟକଳକୁ ଅନୁମୋଦନ କରିଛି।

୨୦୨୪-୨୫ରୁ ୨୦୨୭-୨୮ ମଧ୍ୟରେ ଉପଯୁକ୍ତ ଜଳ ବଣ୍ଟନ ଓ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଜଳଭଣ୍ଡାରର ସିମେଣ୍ଟ ଲାଇନିଂ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ। ନବୀକରଣ ଯୋଜନାରେ ଜଳପଥଗୁଡ଼ିକୁ ମାଇନର, ସବ୍‌ମାଇନର ଭାବରେ ପୁନଃନାମିତ କରାଯିବ। ଏଥିସହ ମାଟିରେ ନିର୍ମିତ ହୋଇଥିବା ଜଳପଥଗୁଡ଼ିକରେ ସିମେଣ୍ଟ କଂକ୍ରିଟ ଲାଇନିଂ କରି ଜଳ ପରିଚାଳନା ସ୍ଥିରତା ସୁନିଶ୍ଚିତ କରାଯିବ। କେନାଲର ଜଳସେଚନ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ସହ ବଣ୍ଟନ ବ୍ୟବସ୍ଥାରେ ଜଳ କ୍ଷତିକୁ ହ୍ରାସ କରି ତଳମୁଣ୍ଡରେ ପାଣି ଉପଲବ୍ଧତା ବୃଦ୍ଧିକରାଯିବ। କେନାଲର ସିପେଜ୍ ଯୋଗୁ ଜଳମଗ୍ନ କୃଷିଜମିରୁ ପୁନରୁଦ୍ଧାର କରାଯିବ। ବରଗଡ଼ ମୁଖ୍ୟ କେନାଲ, ଶାସନ ମୁଖ୍ୟ କେନାଲ ଓ ଅନ୍ୟାନ୍ୟ ଡିଷ୍ଟ୍ରିବ୍ୟୁଟାରୀରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଫଲ୍, ଆଉଟଲେଟ୍‌ର ନବୀକରଣ କରାଯିବ। ଦକ୍ଷିଣ ବା ସ୍ପିଲୱେ ଫାଉଣ୍ଡେସନ୍ ଗ୍ୟାଲେରିର ମରାମତି ଓ ନବୀକରଣ ସହିତ ଏହାର ସଂଲଗ୍ନ ହୀରାକୁଦ ଡ୍ୟାମ୍‌ର ଛୋଟ କୁଦର ପୁନଃସଂଯୋଜନ କରାଯିବ। ଆସନ୍ତା ୪ ବର୍ଷ ମଧ୍ୟରେ ଏହି ନବୀକରଣ କାମ ସାରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।



# ଗାଁ ଦାଣ୍ଡରେ ଯୁବକଙ୍କୁ ହତ୍ୟା

## ଜଣେ ଗିରଫ, ଜଣେ ଅଟକ

ସୁନ୍ଦରଗଡ,୭।୧୦
(ଜୟ ନାରାୟଣ ମେଣ୍ଟୁଳି)



ଘଟଣାସ୍ଥଳରେ ପୋଲିସ ଟିମ୍ ତଦନ୍ତ କରୁଛି।

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସୋମବାର ସକାଳେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ରତନପୁର ଗାଁ ଦାଣ୍ଡରେ ଜଣେ ଯୁବକଙ୍କୁ ଭୁଜାଲିରେ ହାଣି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ମନୋଜ ସା(୨୮)। ସଦର ପୋଲିସ ମୃତଦେହ ଜବତ କରି ଅଭିଯୁକ୍ତ ବିଜୟ ମହାନ୍ଦିଆ(୫୪)ଙ୍କୁ ଗିରଫ କରିଥିବାବେଳେ ତାଙ୍କ ଭାଇଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍ଏସ୍)ରେ ଏକ ହତ୍ୟା ମାମଲା (ନଂ. ୨୭୩/୨୪) ରୁଜୁ କରିଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ମନୋଜ ପିଲା ଦିନରୁ ତାଙ୍କ ମାମୁଘର ରତନପୁରରେ ରହୁଥିଲେ। ସେହି ଗ୍ରାମର ବିଜୟଙ୍କ ସ୍ତ୍ରୀ ଗତ ୯ବର୍ଷ ହେବ ତାଙ୍କୁ ଛାଡ଼ି ଚାଲିଯାଇଛନ୍ତି। ଏହାକୁ ନେଇ ମନୋଜ ବିଭିନ୍ନ ସମୟରେ ଟାହିଟାପରା କରିଥାନ୍ତି। ସୋମବାର ସକାଳେ ମନୋଜଙ୍କ ସହିତ ବିଜୟ ଓ ତାଙ୍କ ଭାଇଙ୍କ ପାଟିତୁଣ୍ଡ ହୋଇଥିଲା। ୨ଭାଇ ମିଶି ମନୋଜଙ୍କୁ ନିସ୍ଥୁକ ମାଡ଼ ମାରି ଲହୁଲୁହାଣ କରିଦେଇଥିଲେ। ଏହାପରେ ୨ ଭାଇ ମନୋଜଙ୍କୁ ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ମନୋଜଙ୍କ ମୃତ୍ୟୁ ଘଟିଥିଲା। ହତ୍ୟା ପରେ ୨ଭାଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ସଦର ଏସଡିପିଓ ହିମାଂଶୁ ଭୂଷଣ ବେହେରା, ସଦରଥାନା ଆଇଆଇସି ସୁସ୍ମିତା ଦେବତା ସଦଳବଳ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛନ୍ତି। ତେବେ ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲି ମିଳି ନ ଥିବା ପୋଲିସ କହିଛି। ଉଭୟଙ୍କୁ ତୁରନ୍ତ ଗିରଫ କରି କୋର୍ଟଚାଲାଣ କରିବା ଦାବିରେ ଗ୍ରାମବାସୀ କିଛି ସମୟ ରାସ୍ତା ଅବରୋଧ କରି ବସିଥିଲେ। ପରେ ପୋଲିସ ବିଜୟଙ୍କୁ ଗିରଫ କରିଥିବାବେଳେ ତାଙ୍କ ଭାଇଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ବିଲ୍ ପାଇଁ ଲାଞ୍ଚ, ନିର୍ବାହୀ ଯନ୍ତ୍ରୀ ଗିରଫ

- ସରକାରୀ ଓ ପୈତୃକ ବାସଭବନରୁ ମିଳିଲା ନଗଦ ୪.୦୮ ଲକ୍ଷ
- ବଡ଼ମ୍ବାରେ ୧୮ ଏକର ପରିମିତ ଜମିରେ ଫାର୍ମ
- ୬ ସ୍ଥାନରେ ଏକକାଳୀନ ଚଢ଼ାଉ

ସୋନପୁର, ୭।୧୦
(ମୃତ୍ୟୁଞ୍ଜୟ ଶତପଥୀ)



ଜିତେନ୍ଦ୍ର କୁମାର ପାଢ଼ୀ

ଠିକାଦାରଙ୍କ ଚୂଡ଼ାନ୍ତ ବିଲ୍ ପ୍ରଦାନ ଏବଂ ଇଏମ୍‌ଡି ଓ ସିକ୍ୟୁରିଟି ଜମା ଫେରସ୍ତ ପାଇଁ ଲାଞ୍ଚ ନେଉଥିବା ବେଳେ ସୋମବାର ସୁବର୍ଣ୍ଣପୁର ତେଲ ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପାଢ଼ୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ପାଢ଼ୀ ତାଙ୍କ ସୁବର୍ଣ୍ଣପୁରସ୍ଥିତ ଅଫିସ ପ୍ରକୋଷ୍ଠରେ ଲାଞ୍ଚ ନେଉଥିବା ବେଳେ ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ଏଥିସହ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ସରକାରୀ ବାସଭବନ, ଭୁବନେଶ୍ୱର ଶୈଳଶ୍ରୀ ବିହାରସ୍ଥିତ ପୈତୃକ ଘର, ପୁରୀ ଫ୍ଲାଟ୍, କଟକ ଜିଲା ବଡ଼ମ୍ବାସ୍ଥିତ ଫାର୍ମ ହାଉସ ଓ ବଲାଙ୍ଗୀର ସହରସ୍ଥିତ ଏକ ପ୍ଲଟରେ ଏକକାଳୀନ ଚଢ଼ାଉ କରାଯାଇଛି। ସମ୍ବଲପୁର, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଭିଜିଲାନ୍ସ ବିଭାଗର ୬ଟି ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଏହା ସହ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା(ନଂ. ୨୫/୨୪) ରୁଜୁ କରାଯାଇଛି।

ସୂଚନାନୁସାରେ, ସୁବର୍ଣ୍ଣପୁର ସହର ପଟାଭାଡ଼ି ଅଞ୍ଚଳର ଦେବରଞ୍ଜନ ତ୍ରିପାଠୀ ପୂର୍ବରୁ ୫ଲକ୍ଷ ଟଙ୍କାର ଏକ ଆଡ଼ିବନ୍ଧ କାମ କରିଥିଲେ। ସେ ବିଲ୍ ମଧ ପାଇଥିଲେ। ତେବେ ୧୯ ହଜାର ଟଙ୍କାର ଚୂଡ଼ାନ୍ତ ବିଲ୍ ପାଇବା ଓ ଇଏମ୍‌ଡି ଏବଂ ସିକ୍ୟୁରିଟି ଜମା ପାଇଁ ସେ ନିର୍ବାହୀ ଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ନିର୍ବାହୀ ଯନ୍ତ୍ରୀ ପାଢ଼ୀ ଚୂଡ଼ାନ୍ତ ବିଲ୍ ପ୍ରଦାନ ପାଇଁ ଲାଞ୍ଚ ମାଗିଥିଲେ। ଠିକାଦାର ତ୍ରିପାଠୀ ଏ ସମ୍ପର୍କରେ ସୁବର୍ଣ୍ଣପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁସାରେ ଠିକାଦାର ସୋମବାର ନିର୍ବାହୀ ଯନ୍ତ୍ରୀଙ୍କ ପ୍ରକୋଷ୍ଠକୁ ଆସିଥିଲେ। ସେ ନିର୍ବାହୀ ଯନ୍ତ୍ରୀଙ୍କୁ ରାସାୟନିକ ରଙ୍ଗବୋଳା ୪୬ହଜାର ଟଙ୍କା ପ୍ରଦାନ କରିଥିଲେ। ପାଢ଼ୀ ଉକ୍ତ ଟଙ୍କାକୁ ଟେବୁଲ ଉପରେ ରଖିବାକୁ କହିଥିଲେ। ଏହି ସମୟରେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ପାଢ଼ୀଙ୍କୁ କାବୁ କରିନେଇଥିଲେ। ସୁବର୍ଣ୍ଣପୁର ଭିଜିଲାନ୍ସ ଡିଏସ୍‌ପି ଗୀତାଞ୍ଜଳି ପ୍ରଧାନଙ୍କ ନେତୃତ୍ୱରେ ଟିମ୍ ସୁବର୍ଣ୍ଣପୁର ଅଫିସ ଓ ସରକାରୀ ବାସଭବନରେ ଚଢ଼ାଉ କରିଛି। ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ସୁଜାତା ପଣ୍ଡାଙ୍କ ନେତୃତ୍ୱରେ ପୁରୀରେ, ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ହେମାମାଳିନୀ ନାଏକଙ୍କ ନେତୃତ୍ୱରେ ଟିମ୍ ଭୁବନେଶ୍ୱରରେ, ଇନ୍ସପେକ୍ଟର ଦିଲୀପ ପ୍ରଧାନଙ୍କ ନେତୃତ୍ୱରେ ବଡ଼ମ୍ବାରେ ଓ ବଲାଙ୍ଗୀର ଡିଏସ୍‌ପି ପୁଲସ୍ତି ଛତ୍ରିଆଙ୍କ ନେତୃତ୍ୱରେ ଟିମ୍ ବଲାଙ୍ଗୀର ଚଢ଼ାଉରେ ସାମିଲ ହୋଇଥିଲେ। ସୁବର୍ଣ୍ଣପୁର ସରକାରୀ ବାସଭବନରେ ଯାଞ୍ଚ ସମୟରେ ନଗଦ ୧ଲକ୍ଷ ୧୮ହଜାର ୩୮୦ଟଙ୍କା ଠାବ ହୋଇଛି। ସେହିପରି ଭୁବନେଶ୍ୱର ପୈତୃକ ବାସଭବନରେ ଚଢ଼ାଉ ସମୟରେ ୨.୯୦ଲକ୍ଷ ଟଙ୍କା ଠାବ କରାଯାଇଛି। ଏହି ଟଙ୍କା କେଉଁଠୁ ଆସିଲା ଭିଜିଲାନ୍ସ ଅଧିକାରୀ ତା'ର ତଦନ୍ତ କରୁଛନ୍ତି। ପାଢ଼ୀଙ୍କ ନାମରେ ବଡ଼ମ୍ବାରେ ପ୍ରାୟ ୧୮ଏକର ପରିମିତ ଜମିରେ ଫାର୍ମ ରହିଛି। ପାଢ଼ୀ ପୂର୍ବରୁ ବେସରକାରୀ କମ୍ପାନୀରେ ଚାକିରି କରୁଥିବା ବେଳେ ୨୦୧୭ରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଜଳସେଚନ ବିଭାଗରେ ଚାକିରି ଆରମ୍ଭ କରିଥିଲେ। ମାତ୍ର ୭ ବର୍ଷ ସରକାରୀ ଚାକିରିରେ ସେ କିଭଳି ଏତେ ଟଙ୍କାର ସମ୍ପତ୍ତି କରିପାରିଛନ୍ତି ବିଭାଗ ସେ ନେଇ ତଦନ୍ତ ଜାରି ରଖିଛି।

# ଦୁଇ ଶିଶୁକନ୍ୟାଙ୍କୁ ପୋଖରିକୁ ଫିଙ୍ଗି ଗଛରେ ଝୁଲିପଡ଼ିଲେ ମା'

## ବିକଳାଙ୍ଗ ଶିଶୁ କନ୍ୟା ଜନ୍ମ ପରେ ଭୋଗୁଥିଲେ ନିର୍ଯାତନା

କୁଜଙ୍ଗ, ୭।୧୦(ମନୋଜ ପ୍ରଧାନ)




ଝିଲି ପରିଡ଼ା ଓ ସାନଝିଅ ସମ୍ପୂର୍ଣ୍ଣା

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ ପଞ୍ଚାୟତ ପୋଖରିଆପଡ଼ା ଗ୍ରାମରେ ସୋମବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଣେ ମହିଳା ନିଜର ୨ ଶିଶୁକନ୍ୟାଙ୍କୁ ଘର ନିକଟରେ ଥିବା ଏକ ପରିତ୍ୟକ୍ତ ପୋଖରୀକୁ ଫିଙ୍ଗି ସେହି ହୁଡ଼ାରେ ଥିବା ଗଛରେ ଝୁଲିପଡ଼ିଛନ୍ତି। ମୃତକ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ପୋଖରିଆପଡ଼ା ଗ୍ରାମର ଲମ୍ବୋଦର ପରିଡ଼ାଙ୍କ ସ୍ତ୍ରୀ ଝିଲି ପରିଡା(୩୫) ଓ ସାନଝିଅ ସମ୍ପୂର୍ଣ୍ଣା(୨)। ତେବେ ବଡ଼ଝିଅ ମୋନାଲିସା(୪) ପୋଖରୀରେ ନିଖୋଜ ହୋଇଯାଇଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ୨ ବିକଳାଙ୍ଗ ଶିଶୁ କନ୍ୟା ଜନ୍ମ ପରେ ଶାଶୁଘର ଲୋକଙ୍କ ନିର୍ଯାତନା ସହି ନ ପାରି ଝିଲି ଏପରି କାଣ୍ଡ କରିଥିବା ଆଲୋଚନା ହେଉଛି।

ଜଣେ ପଡ଼ୋଶୀଙ୍କ କହିବାନୁଯାୟୀ, ସେ କୌଣସି କାମରେ ଝିଲିଙ୍କ ଘରକୁ ଯାଇଥିଲେ। ମାତ୍ର ସେଠାରେ ମା' ଓ ଦୁଇ ବିକଳାଙ୍ଗ ଶିଶୁ କନ୍ୟାଙ୍କୁ ପାଇ ନ ଥିଲେ। ସେ ଘର ବାରିପଟକୁ ଗଲାପରେ ପୋଖରୀ ହୁଡାରେ ଥିବା ଏକ ଗଛରେ ଝିଲିଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ଏହାଦେଖି ସେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ରଶି କାଟି ଝିଲିଙ୍କ ମୃତଦେହ ଆଣିବାକୁ ଉଦ୍ୟମ କଲାବେଳେ ତାହା ପାଣିରେ ପଡ଼ିଯାଇଥିଲା। ପୋଖରୀରୁ ତାଙ୍କ ମୃତଦେହ ବାହାର କରିବାପରେ ପାଣିରେ ୨ ଶିଶୁ ପଡ଼ିଥିବା ଆଶଙ୍କା କରି ଖୋଜାଖୋଜି କରିଥିଲେ। ପରିତ୍ୟକ୍ତ ଅବସ୍ଥାରେ ଥିବା ଏହି ପୋଖରୀରେ କଣ୍ଟା ପଡିଥିବାରୁ ସମ୍ପୂର୍ଣ୍ଣାଙ୍କ ମୃତଦେହ ମିଳିବାରେ ବିଳମ୍ବ ହୋଇଥିଲା। ମାତ୍ର ମୋନାଲିସାଙ୍କ କୌଣସି ପତ୍ତା ମିଳିନାହିଁ। ସ୍ଥାନୀୟ ଲୋକେ ଏହାପରେ ଝିଲି ଓ ସମ୍ପୂର୍ଣ୍ଣାଙ୍କ ମୃତଦେହ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

ମୃତା ଝିଲିଙ୍କ ଭାଉଜଙ୍କ କହିବା ଅନୁଯାୟୀ, ତାଙ୍କ ନଣନ୍ଦ ଦୁଇଟି ଭିନ୍ନକ୍ଷମ ଶିଶୁ କନ୍ୟା ଜନ୍ମଦେଇଥିବାରୁ ସ୍ୱାମୀ, ସାବତ ଶାଶୁ ଓ ଶ୍ୱଶୁର ସେମାନଙ୍କୁ ବହୁ ସମୟରେ ନିର୍ଯାତନା ଦେଇଆସୁଥିଲେ। ଏପରିକି ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଝିଲି ତାଙ୍କୁ ଫୋନକରି ଶାଶୁଘର ପକ୍ଷରୁ ନିର୍ଯାତନା ଦିଆଯାଉଥିବା କହିଛନ୍ତି। ତେବେ ପ୍ରକୃତ ଘଟଣା କ'ଣ ପରିବାର ପକ୍ଷରୁ ଲିଖିତଭାବେ ଏତଲା ଦିଆଯିବା ପରେ ଜଣାପଡ଼ିବ। ଏ ସମ୍ପର୍କରେ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସଙ୍କୁ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଉଠାଇ ନ ଥିଲେ।

# ସନ୍ଦେହଘେରରେ ୨ ଯୁବକଙ୍କ ମୃତ୍ୟୁ

## ପୋଖରୀ ନିକଟରୁ ମୃତଦେହ ଜବତ

ପାତ୍ରପୁର,୭।୧୦(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଜରଡ଼ା ଥାନା ସୁରଙ୍ଗୀ ଗ୍ରାମର ୨ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେମାନେ ହେଲେ ଉକ୍ତ ଗ୍ରାମର ଇନ୍ଦ୍ରମଣି ସେଠୀ(୪୨) ଓ ଅଲେଖ ବେହେରା(୨୨)। ସୋମବାର ଗାଁ ପୋଖରୀ ନିକଟରେ ଉଭୟେ ପଡି ରହିଥିବା ଦେଖାଯାଇଥିଲା। ସେମାନଙ୍କ ମୁଣ୍ଡର ପଛପଟେ ଗଭୀର ଆଘାତ ଲାଗି ରକ୍ତ ଭିଜି ରହିଥିବାରୁ ଗାଁ ଲୋକେ ଉଦ୍ଧାର କରି ପ୍ରଥମେ ସୁରଙ୍ଗୀ ଡାକ୍ତରଖାନା ଓ ପରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଇନ୍ଦ୍ରମଣି ଓ ଅଲେଖଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ପାଣିରେ ବୁଡ଼ି ଉଭୟଙ୍କ ଜୀବନ ଯାଇଥିବା ସନ୍ଦେହ କରାଯାଉଥିବା ବେଳେ ମୁଣ୍ଡରେ ଆଘାତ ଲାଗିଥିବାରୁ ମୃତ୍ୟୁର କାରଣ ଅନ୍ୟ କିଛି ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଜରଡ଼ା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ୨ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ ପ୍ରକାଶ କରିଛନ୍ତି। ପୋଲିସ ୨ଟି ପୃଥକ୍ ଅପମୃତ୍ୟୁ ମାମଲା (ନଂ.୧୨ ଓ ୧୩/୨୪) ରୁଜୁ ହୋଇଛି।

# ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଖଣ୍ଡଗିରି ଥାନା ଘେରାଉ

## ସଂଘବଦ୍ଧ ଆକ୍ରମଣରେ ଆହତ ନାବାଳକ ୮୬ ଦିନ ପରେ ଆଖି ବୁଜିଲେ

ଭୁବନେଶ୍ୱର,୭।୧୦(ସତ୍ୟଜିତ୍ ରାଉତ)



ଖଣ୍ଡଗିରି ଥାନା ଆଗରେ ମୃତଦେହ ରଖି ବିକ୍ଷୋଭ କରାଯାଉଛି।

ଅଟୋ ସାଇଡ୍ କରିବାକୁ ନେଇ ଭୁବନେଶ୍ୱର ବରମୁଣ୍ଡାରେ ହୋଇଥିବା ସଂଘବଦ୍ଧ ଆକ୍ରମଣରେ ଆହତ ନାବାଳକଙ୍କ ୮୬ ଦିନ ପରେ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ବରମୁଣ୍ଡା ଗ୍ରାମର ପ୍ରକାଶ କୁମାର ସାହୁ (୧୭)। ସୋମବାର ଏମ୍‌ସରେ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାର, ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ମୃତଦେହ ଆଣି ଖଣ୍ଡଗିରି ଥାନା ଘେରାଉ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଆନ୍ଦୋଳନକାରୀମାନେ ଥାନା ଆଗରେ ନାରାବାଜି ଦେଇଥିଲେ। ପ୍ରକାଶଙ୍କ ମା' ଜାନକୀ ସାହୁ ପୁଅକୁ ନ୍ୟାୟ ଦାବି କରିବା ସହ ଦୋଷୀମାନଙ୍କୁ କଠୋର ଦଣ୍ଡ ମିଳୁ କହି କାନ୍ଦି କାନ୍ଦି ତଳେ ଗଡିଯାଉଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହି ଘଟଣାରେ ପୋଲିସ ରୁଜୁ କରିଥିବା ମାମଲାରେ ହତ୍ୟା ଦଫା ଯୋଡ଼ିଛି। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ନାଏକ ଓ ତାଙ୍କର ଜଣେ ସହଯୋଗୀଙ୍କୁ ପୋଲିସ ଗିରଫ କରିଥିବା ବେଳେ ସେମାନେ ଏବେ ବିଚାରବିଭାଗୀୟ ହାଜତରେ ଅଛନ୍ତି। ଅନ୍ୟ ୪ଜଣ ଅଭିଯୁକ୍ତ ସେପ୍ଟେମ୍ବରରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନରେ ଆସି ତଳ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏହି ୪ ଅଭିଯୁକ୍ତଙ୍କ ଜାମିନ ଖାରଜ ପାଇଁ ନିବେଦନ କରାଯିବ ବୋଲି ଏସିପି ତାପସ ପ୍ରଧାନ କହିଛନ୍ତି।

ଗତ ଜୁଲାଇ ୧୦ରେ ପ୍ରକାଶ ଅଟୋ ଯୋଗେ ବରମୁଣ୍ଡାସ୍ଥିତ କଣ୍ଟ୍ରୋଲ ଦୋକାନକୁ ଯାଉଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଅଭିଯୁକ୍ତ ପ୍ରଶାନ୍ତ ନିଜ ଅଟୋରେ କଣ୍ଟ୍ରୋଲ ଦୋକାନରୁ ରାଶନ ସାମଗ୍ରୀ ନେଇ ଫେରୁଥିଲେ। ଲକ୍ଷ୍ମୀମଣ୍ଡପ ନିକଟରେ ରାସ୍ତାରେ ଗାଡିଗୁଡିକ ପାର୍କିଂ ହୋଇଥିବା ଯୋଗୁ ଉଭୟଙ୍କ ଅଟୋ ଯାଇପାରି ନ ଥିଲା। ଅଟୋ ସାଇଡ୍ କରିବାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ପରେ ହାତାହାତି ହୋଇଥିଲା। ପରେ ଅଭିଯୁକ୍ତ ପ୍ରଶାନ୍ତ ଫୋନ୍ କରି ସହଯୋଗୀମାନଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ପ୍ରଶାନ୍ତ ଓ ସହଯୋଗୀମାନେ ପ୍ରକାଶଙ୍କୁ କାଠଫାଳିଆ, ହକି ଷ୍ଟିକ ଆଦିରେ ଆକ୍ରମଣ କରିଥିଲେ। ଫଳରେ ପ୍ରକାଶ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡିଆ ଘରର ଖଟ ବିଛଣା
ଖପରାରେ ଚିନି ନବାତ ପଣା
ଖାଉଅଛି ବୁଢ଼ା ବସି
ଖେଚର ଖେଚର ସବୁବେଳେ ହୁଏ
କ୍ଷଣେ ନ ହୁଅଇ ଖୁସି।**

ବୟସ ଅତ୍ୟଧିକ ହୋଇଗଲେ ବ୍ୟକ୍ତି ସାଧାରଣତଃ ଚିଡ଼ିଚିଡ଼ା ପ୍ରକୃତିର ହୋଇଯାଆନ୍ତି। ସବୁବେଳେ ପାଟି ସୁଆଦ ଖାଦ୍ୟ ଖାଇବା ନେଇ ମନ ବଳାଇଥାନ୍ତି। ସେହିପରି ପ୍ରତ୍ୟେକ କଥାରେ ଖୁଣ ବାହାର କରିବା ସହ ନିଜର ଅସନ୍ତୋଷ ଭାବ ପ୍ରକାଶ କରିଥାନ୍ତି। ଅତ୍ୟଧିକ ବୟସ୍କ ବ୍ୟକ୍ତିଙ୍କଠାରେ ଏଭଳି ଗୁଣ ପରିଲକ୍ଷିତ ହେଉଥିବା ଅର୍ଥରେ ଏପରି ଉକ୍ତି ବର୍ଣ୍ଣନା କରାଯାଇଛି।

**ଗାଁ କନିଆ ସିଙ୍ଘାଣିନାକୀ।**

ପାଖ ଲୋକ ଯେତେ ସୁନ୍ଦର ହୋଇଥାଉ ପଛେ ଆଖିକୁ ଅସୁନ୍ଦର ଲାଗିଥାନ୍ତି। ସେହିପରି ଗାଁ ଲୋକ ଗୁଣୀ ହେଲେ ମଧ ସେମାନେ ସ୍ୱୀକୃତିପ୍ରାପ୍ତ ହୋଇ ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ନବମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର

## ୬୦ ବର୍ଷୀୟ ଗିରଫ

ଯାଜପୁର/ପ୍ରୀତିପୁର (ହର୍ଷବର୍ଦ୍ଧନ ବେହେରା/ସୁଶାନ୍ତ ବେହୁରିଆ),୭।୧୦

ଯାଜପୁର ଜିଲା ମଙ୍ଗଳପୁର ଥାନା ଈଶ୍ୱରପୁର ଗ୍ରାମରେ ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ପିଡିତାଙ୍କ ପରିବାର ମଙ୍ଗଳପୁର ଥାନାରେ ଅଭିଯୋଗ କରିବା ପରେ ବିଏନ୍ଏସ୍ ଦଫା ୭୪, ୭୫, ୭୬, ୬୫(୧), ୩୫୧(୩), ୪ ପୋକ୍‌ସୋ ଆକ୍ଟରେ ମାମଲା (ନଂ.୩୩୧/୨୦୨୪) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ଈଶ୍ୱରପୁରର ରବିନାରାୟଣ ସାହୁ(୬୦)ଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ ରବି ଗାଁରେ ଏକ ତେଜରାତି ସହ ଜଳଖିଆ ଦୋକାନ କରିଛନ୍ତି। ରବିବାର ସକାଳେ ନାବାଳିକାଙ୍କ ବାପା ଛେଳି ନେଇ ବିଲକୁ ଯାଇଥିଲେ। ରବିଙ୍କ ଦୋକାନକୁ ଲଙ୍କାଗୁଣ୍ଡ ଆଣିବା ପାଇଁ ନାବାଳିକାଙ୍କୁ ତାଙ୍କ ମା' ପଠାଇଥିଲେ। ପ୍ରାୟ ୧ଘଣ୍ଟା ହେବ ଝିଅ ଘରକୁ ନ ଫେରିବାରୁ ନାବାଳିକାଙ୍କ ମା' ଦୋକାନକୁ ଖୋଜିବାକୁ ଯାଇଥିଲେ। ହେଲେ ଝିଅକୁ ଦୋକାନରେ ନ ପାଇ ନିକଟରେ ଥିବା ରବିଙ୍କ ଘରକୁ ଯାଇଥିଲେ। ସେଠାରେ ଝିଅକୁ ଉଲଗ୍ନ ଅବସ୍ଥାରେ ଉଦ୍ଧାର କରିଥିଲେ। ଘରକୁ ଆସି ପଚାରିବାରୁ ରବି ତାଙ୍କୁ ବଳାତ୍କାର କରିଥିବା ନାବାଳିକା ତାଙ୍କ ମା'ଙ୍କୁ କହିଥିଲେ। ଅଭିଯୋଗ ଆଧାରରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇ ତଦନ୍ତ କରାଯାଉଥିବା ଥାନାଧିକାରିଣୀ ଚିନ୍ମୟୀ ସାହୁ କହିଛନ୍ତି।

# ପେଟ୍ରୋଲ ଢାଳି ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ

## ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ

ବ୍ରହ୍ମପୁର,୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡିରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ ଅଶାନ୍ତିରୁ ଜଣେ କଲେଜ ଛାତ୍ରୀ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ସେ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆର ଅଶୋକ ପ୍ରଧାନଙ୍କ ଝିଅ ରାଣୀ ପ୍ରଧାନ(୧୯)। ଗୁରୁତର ଅବସ୍ଥାରେ ରାଣୀଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଶରୀରର ପ୍ରାୟ ୯୦ ଭାଗ ପୋଡ଼ିଯାଇଥିବାରୁ ଡାକ୍ତର ଓ ପୋଲିସ ଉପସ୍ଥିତିରେ ତାଙ୍କର ମୃତ୍ୟୁକାଳୀନ ଜମାନବନ୍ଦୀ ନିଆଯାଇଛି। ବାପାଙ୍କ ନିର୍ଯାତନା ଅସହ୍ୟ ହେବାରୁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା କହିଛନ୍ତି।

ପ୍ରକାଶ ଯେ, ଆମ୍ବପୁଆର ଅଶୋକ କୁକୁଡ଼ାଖଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଘରଭଡା ନେଇ ରହୁଛନ୍ତି। ତାଙ୍କ ଝିଅ ରାଣୀ ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ପଢୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ବାପଝିଅ ଘରେ ଥିଲେ। କୌଣସି କାରଣ ପାଇଁ ରାଣୀ ଦୋକାନରୁ ପେଟ୍ରୋଲ କିଣି ଘରକୁ ଯାଇଥିଲେ। କିଛି ସମୟ ପରେ ଘରୁ ସେ ଜଳନ୍ତା ଅବସ୍ଥାରେ ବାହାରି ଦୌଡ଼ିଯାଇ ବ୍ଲକ କାର୍ଯ୍ୟାଳୟର ଫାଟକ ସମ୍ମୁଖରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ନିଆଁ ଲିଭାଇ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସରେ ଏମ୍‌କେସିଜି ମେଡିକାଲକୁ ପଠାଇଥିଲେ। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘରୋଇ ଅଶାନ୍ତିରୁ ରାଣୀ ଆତ୍ମାହୁତି ଉଦ୍ୟମ କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସଦର ଥାନା ପୋଲିସ ଘଟଣାର ତଦନ୍ତ କରୁଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ. କହିଛନ୍ତି।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅଟୋରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ଭୁବନେଶ୍ୱର,୭।୧୦
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ବୁଦ୍ଧ ବିହାର ଆବାସ ଆପାର୍ଟମେଣ୍ଟ ବାହାରେ ଥିବା ଏକ ଅଟୋକୁ କେତେଜଣ ଦୁର୍ବୃତ୍ତ ଜାଳି ଦେଇଛନ୍ତି। ଫଳରେ ଅଟୋଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବାବେଳେ ଏହା ନିକଟରେ ଥିବା ଏକ ବୋଲେରୋ ସାମାନ୍ୟ ପୋଡ଼ିଯାଇଛି। ତେବେ କିଏ ଓ କାହିଁକି ଲଗେଇଲେ ତାହାର କୌଣସି କାରଣ ଜଣାପଡ଼ି ନ ଥିବାବେଳେ ପୂର୍ବ ରାଗ ରଖି କେହି ଏମିତି କାଣ୍ଡ କରିଥିବା ଗାଡ଼ି ମାଲିକ ପ୍ରସନ୍ନ ସେନାପତି ଅଭିଯୋଗ କରିଛନ୍ତି। ସେ ଏନେଇ ସ୍ଥାନୀୟ ଥାନାରେ ଏକ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭିମ୍‌ସାରରେ ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ

## ୩ ଛାତ୍ର ଆହତ

## କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରିଲେ ହାଉସ ସର୍ଜନ

ସମ୍ବଲପୁର,୭।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଭିମ୍‌ସାରରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି, ଯାହାକୁ ନେଇ ଭିମ୍‌ସାରରେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଛି। ଉଭୟ ସ୍ନାତକୋତ୍ତର ଛାତ୍ର ଓ ହାଉସ ସର୍ଜନ ଗୋଷ୍ଠୀଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ୩ ଜଣ ସ୍ନାତକୋତ୍ତର ଛାତ୍ର ଆହତ ହୋଇଛନ୍ତି। ସେମାନେ ହେଲେ ପୂର୍ବତନ ଯୁଜି ଛାତ୍ରସଂଘ ସଭାପତି ଡା. ପ୍ରଭାତ କୁମାର ଜେନା, ପୂର୍ବତନ ସାଧାରଣ ସମ୍ପାଦକ ଡା. ଏନ୍ .ବିଶ୍ୱରଞ୍ଜନ ଓ ଡା. ଅମିତ ଶୁଭମ।

ମିଳିଥିବା ସୂଚନା ଅନୁସାରେ, ରବିବାର ଭିମ୍‌ସାରର ନବନିର୍ମିତ ପ୍ରେକ୍ଷାଳୟରେ ବାର୍ଷିକ ଉତ୍ସବ -୨୦୨୪ ପାଳିତ ହେଉଥିଲା। ଏହି କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିବା ବେଳେ ହଠାତ କୌଣସି କଥାକୁ ନେଇ ଉଭୟ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ତେବେ ଗଣ୍ଡଗୋଳର ପ୍ରକୃତ କାରଣ ଜଣାପଡ଼ିନାହିଁ। ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ସହ ଅନ୍ୟାନ୍ୟ ଦାବିରେ ସୋମବାର ହାଉସ ସର୍ଜନ ଗୋଷ୍ଠୀଙ୍କ ପକ୍ଷରୁ କାର୍ଯ୍ୟବନ୍ଦ ଡାକରା ଦିଆଯାଇଥିଲା। ତେବେ ଭିମ୍‌ସାର କର୍ତ୍ତୃପକ୍ଷ ଓ ଉଭୟ ଛାତ୍ର ଗୋଷ୍ଠୀଙ୍କୁ ନେଇ ଆଲୋଚନା ପରେ ହାଉସ ସର୍ଜନମାନେ ଆନ୍ଦୋଳନରୁ ଓହରିଥିଲେ। ଆହତ ଛାତ୍ରମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଛି। ଏହାକୁ ନେଇ ଉଭୟ ଗୋଷ୍ଠୀର କୌଣସି ଛାତ୍ର ମୁହଁ ଖୋଲିନାହାନ୍ତି। ଅପରପକ୍ଷରେ ଉକ୍ତ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ସାମାନ୍ୟ ଭୁଲବୁଝାମଣାକୁ ନେଇ ଗଣ୍ଡଗୋଳ ହୋଇଥିଲା। ବର୍ତ୍ତମାନ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ରହିଥିବା ଭୁଲ୍ ବୁଝାମଣା ଦୂର ହୋଇଛି ଓ ଆନ୍ଦୋଳନ ସ୍ଥଗିତ ରଖି ହାଉସ ସର୍ଜନମାନେ କାର୍ଯ୍ୟରେ ଯୋଗଦେଇଛନ୍ତି ବୋଲି କହିଛନ୍ତି ଭିମ୍‌ସାର ନିର୍ଦ୍ଦେଶକ ଡା. ଭାବଗ୍ରାହୀ ରଥ କହିଛନ୍ତି। ସେ ଆହୁରି କହିଛନ୍ତି, ଗଣ୍ଡଗୋଳ ସମ୍ପର୍କରେ ସୂଚନା ପାଇ ବିଳମ୍ବିତ ରାତିରେ ଡିନ୍ ଡା.ପ୍ରଦୀପ ମହାନ୍ତି ଓ ଅଧୀକ୍ଷକ ଡା.ଲାଲମୋହନ ନାଏକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୋମବାର ସକାଳେ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ନୋଟିସ୍ ଦେଇଥିବା ହାଉସ ସର୍ଜନମାନଙ୍କୁ ଡାକି ଡିନ ଓ ଅଧିକ୍ଷକ ତଥା ଅନ୍ୟାନ୍ୟ ବରିଷ୍ଠ ଡାକ୍ତରଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ଏଥିରେ ଉକ୍ତ ଘଟଣାରେ ରହିଥିବା ଭୁଲ ବୁଝାମଣାକୁ ଦୂର କରାଯାଇ ସେମାନଙ୍କ ବିଭିନ୍ନ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆ ଯାଇଛି ବୋଲି ନିର୍ଦ୍ଦେଶକ ଡା. ରଥ କହିଛନ୍ତି। ଘଟଣାକୁ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ ବୋଲି ସେ କହିଛନ୍ତି।

# ସଫାରିର ମଜା ନେବେ ପର୍ଯ୍ୟଟକ

## ୧୦ରୁ ଖୋଲିବ ଶିମିଳିପାଳ

ବାରିପଦା,୭।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ପର୍ଯ୍ୟଟକଙ୍କ ବୁଲିବା ପାଇଁ ପ୍ରସ୍ତୁତ ସଫାରି ବ୍ୟବସ୍ଥା।

ପ୍ରାକୃତିକ ସୌନ୍ଦର୍ଯ୍ୟ, ସବୁଜ ବନାନୀରେ ଭରପୂର ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଚଳିତ ମାସ ୧୦ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଛି। ଅଭୟାରଣ୍ୟର କୋର୍ ଅଞ୍ଚଳରେ ଚଳିତ ବର୍ଷ ସଫାରି ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନି ସୋମବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

ପ୍ରକାଶଥାଉକି, ପ୍ରତିବର୍ଷ ବର୍ଷାଋତୁ ଯୋଗୁ ଜୁନ୍ ୧୫ରେ ଶିମିଳିପାଳ ବନ୍ଦ ହୋଇଥାଏ ଏବଂ ନଭେମ୍ବର ପହିଲାରେ ଖୋଲିଥାଏ। ତେବେ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଗତବର୍ଷ ଅକ୍ଟୋବର ୧୪ରୁ ଖୋଲିଥିଲା। ଚଳିତ ବର୍ଷ ୧୦ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଏହା ଖୋଲୁଛି। ମହାବଳ ବାଘ, କଳା ବାଘ, ଏସୀୟ ହାତୀ ଓ ଗୟଳ ପରି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କୁ ଅତି ନିକଟରେ ଦେଖିବାର ସୁଯୋଗ ପାଇବେ ପର୍ଯ୍ୟଟକ। ଦୈନିକ ୪ ଚକିଆ ଯାନ କାଳିଆଣି ତନଖି ଫାଟକ (ଯଶୀପୁର) ପଟୁ ୩୫ ଗାଡ଼ି ଓ ପିଠାବଟା (ବାରିପଦା) ତନଖି ଫାଟକ ଦେଇ ୨୫ ଗାଡ଼ି ଅଭୟାରଣ୍ୟ ଭିତରକୁ ପ୍ରବେଶ କରିବ।

ସେହିପରି ତାଳବନ୍ଧ, ଜାମୁଆଣି ଓ ଗୁଡୁଗୁଡିଆଠାରୁ ସକାଳ ୫ଟା ୩୦ ଓ ଅପରାହ୍ନ ୩ଟାରେ ନୂତନ ୩୫ଟି ଖୋଲା ଜିପ୍ ବା ସଫାରୀ ଗାଡ଼ିରେ ୫ ଘଣ୍ଟା ଲେଖାଏ ବୁଲିବାର ମଜା ପର୍ଯ୍ୟଟକମାନେ ନେଇପାରିବେ। ୨ ତନଖି ଫାଟକରେ ପ୍ରବେଶ ଅନୁମତି ପତ୍ର ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ବୁକିଂ କାଉଣ୍ଟରରେ ଉପଲବ୍ଧ ରହିବ। ପ୍ରତି ପର୍ଯ୍ୟଟକଙ୍କ ପିଛା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଛି। ଅଭୟାରଣ୍ୟକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକ ନିଜ ସାଥିରେ ପ୍ଲାଷ୍ଟିକ ସାମଗ୍ରୀ, ମାଦକ ଦ୍ରବ୍ୟ, ଆମିଷ ଓ ଅଗ୍ନି ସଂଯୋଗକାରୀ ସାମଗ୍ରୀ ଆଦି ନେବା ଉପରେ କଟକଣା ଜାରି କରାଯାଇଛି। ଅପରାହ୍ନ ୩ଟା ପୂର୍ବରୁ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ, ୪ଟା ପୂର୍ବରୁ ଚହଲା ଏବଂ ୫ଟା ବେଳକୁ ପ୍ରସ୍ଥାନ ଗେଟ୍ ଦେଇ ବାହାରକୁ ଆସିବାକୁ ନିର୍ଦ୍ଦେଶ ରହିଛି। ଶିମିଳିପାଳରେ ଥିବା ଯାତ୍ରୀ ନିବାସଗୁଡ଼ିକରେ ରାତ୍ରିଯାପନ ପାଇଁ ପର୍ଯ୍ୟଟକମାନେ (www.ecotourism.com) ୱେବ୍‌ସାଇଟରେ ଅଗ୍ରିମ ବୁକିଂ କରିପାରିବେ ବୋଲି ସୂଚନା ରହିଛି। ପର୍ଯ୍ୟଟକଙ୍କୁ ନୂଆ ଅନୁଭୂତି ଦେବା ପାଇଁ ଶିମିଳିପାଳ କର୍ତ୍ତୃପକ୍ଷ ଚଳିତ ବର୍ଷ ଦୁଃସାହସିକ କ୍ରୀଡ଼ା, ଜଙ୍ଗଲ ସଫାରି ଓ ମାଉଣ୍ଟେନ ସାଇକେଲିଂ ଭଳି କିଛି ନୂଆ ଧରଣର କ୍ରୀଡ଼ାକୁ ସାମିଲ କରିଛନ୍ତି। କୌଣସି କାରଣବଶତଃ ଗାଡ଼ି ଖରାପ ହେଲେ ପର୍ଯ୍ୟଟକଙ୍କୁ ବାରିପଦା ଓ ଯଶୀପୁର ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର କରାଇବା ନିମନ୍ତେ ଅଗ୍ରିମ ୪ ହଜାର ଟଙ୍କା ଜମା ଦେବାକୁ ନିୟମ ରହିଛି। ରାତ୍ରରହଣି ପାଇଁ କୋର୍ ଏରିଆର ଜାମୁଆଣି, କୁମାରୀ, ରାମତୀର୍ଥ, ଗୁଡୁଗୁଡିଆ ନୁହେଁ ଗୁବରେହିପାଣି ଆଦି ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ କୁଆଁରୀ ଗାଁ ନିକଟରେ ବାଉଁଶ କୁଟିର ବ୍ୟବସ୍ଥା ମଧ୍ୟ କରାଯାଇଛି। ରାତ୍ର ରହଣି ପାଇଁ ପର୍ଯ୍ୟଟକ ୱେବ୍‌ସାଇଟରେ ଅଗ୍ରିମ ସଂରକ୍ଷଣ କରିବାକୁ ପଡ଼ିବ ବୋଲି ସୂଚନା ଦିଆଯାଇଛି। ଶିମିଳିପାଳ ବୁଲିବାକୁ ପର୍ଯ୍ୟଟକଙ୍କ ପାଇଁ ମିନିବସ ବ୍ୟବସ୍ଥା ମଧ୍ୟ ବିଭାଗ ପକ୍ଷରୁ କରାଯାଇଛି। ଏହା ସହିତ ଅଭୟାରଣ୍ୟ ମଧ୍ୟରେ ସ୍ୱତନ୍ତ୍ର ଖାଦ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଡ୍ରିମ୍‌ସରେ ହ୍ୟୁଣ୍ଡାଇ ମୋଟର୍ସର କ୍ୟାମ୍ପସ ଚୟନ



ଭୁବନେଶ୍ୱର,୭।୧୦(ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ଶିଳ୍ପ ତାଲିମ କେନ୍ଦ୍ର (ଡ୍ରିମ୍‌ସ ଆଇଟିଆଇ)ର ସଂଖ୍ୟାଧିକ ଛାତ୍ର ରେକର୍ଡସଂଖ୍ୟକ କ୍ୟାମ୍ପସ ନିଯୁକ୍ତି ହାସଲ କରିଛନ୍ତି। ଏପରିକି ଡ୍ରିମ୍‌ସ ପରିସରରେ ହ୍ୟୁଣ୍ଡାଇ ମୋଟର୍ସ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସଂଖ୍ୟାଧିକ ଛାତ୍ର ସଫଳତା ହାସଲ କରିଥିଲାବେଳେ ଓଡ଼ିଶାର ବିଭିନ୍ନ ଜିଲାରେ ହ୍ୟୁଣ୍ଡାଇର ଅଧିକୃତ ଶୋ'ରୁମ୍ ଓ ୱାର୍କଶପ୍ ଆଦିରେ ନିଯୁକ୍ତି ନିମନ୍ତେ ସାର୍ଟିଫିକେଟ୍ ମଧ୍ୟ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ମେଗା କ୍ୟାମ୍ପସ ଚୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମରେ କୋଲକାତାସ୍ଥିତ ହ୍ୟୁଣ୍ଡାଇର ସର୍ଭିସ ଟ୍ରେନିଂ ମୁଖ୍ୟ ପ୍ରଣୟ ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଯୁକ୍ତି ପାଇଁ ମନୋନୀତ ଛାତ୍ରଙ୍କ ବୈଷୟିକ ଦକ୍ଷତାର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଉତ୍କଳ ହ୍ୟୁଣ୍ଡାଇ, ଓଏସ୍‌ଏଲ ହ୍ୟୁଣ୍ଡାଇ ଓ ଇନ୍‌ଫିନିଟ୍ ହ୍ୟୁଣ୍ଡାଇର ବରିଷ୍ଠ କର୍ମଚାରୀ ଓ ମାନବ ସମ୍ବଳ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଅପରପକ୍ଷରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ଲୋକନାଥ ବେହେରା ପ୍ରମୁଖ ନିଯୁକ୍ତି ସୁଯୋଗ ପାଇଥିବା ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେହିପରି ଡ୍ରିମ୍‌ସ ଆଇଟିଆଇର ଅଧ୍ୟକ୍ଷ ଇଂ. ପ୍ରଶାନ୍ତ କୁମାର ନାୟକ ଏବଂ ପ୍ରଶିକ୍ଷକ ତପସ୍ୱୀ କୁମାର ଆଚାର୍ଯ୍ୟ, ଯୁଧିଷ୍ଠିର ସାହୁ, ରବିନାରାୟଣ ପାତ୍ର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ବିମଳାଗଡ ରେଳଷ୍ଟେଶନ ଘେରିଲା ସିପିଆଇଏମ୍

## ୨ ଯୁବକଙ୍କୁ ଥାର୍ଡ ଡିଗ୍ରୀ ପ୍ରସଙ୍ଗ

### ଆର୍‌ପିଏଫ୍ କର୍ମଚାରୀଙ୍କୁ ଗିରଫ ଦାବି

ବଣାଇଁ, ୭।୧୦(ପ୍ରଦୀପ ତ୍ରିପାଠୀ)



ସିପିଆଇଏମ୍ କର୍ମୀମାନେ ବିମଳାଗଡ଼ ରେଳଷ୍ଟେଶନ ଘେରାଉ କରିଛନ୍ତି।

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ପଟାସାହି ରେଲ୍‌ୱେ ପୋଲିସ ଫୋର୍ସର ଥାର୍ଡ ଡିଗ୍ରୀରେ ଆହତ ହୋଇଥିବା ୨ ଭାଇଙ୍କୁ ନ୍ୟାୟ ଦେବା ପାଇଁ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଶତାଧିକ ସିପିଆଇଏମ୍ କର୍ମୀ ସୋମବାର ବିମଳାଗଡ଼ ରେଳ ଷ୍ଟେଶନ ଘେରାଉ କରିଥିଲେ। ଆର୍‌ପିଏଫ ଅଧିକାରୀଙ୍କୁ ବରଖାସ୍ତ ସହ ଆଦିବାସୀ ଉତ୍ପୀଡ଼ନ ଆଇନ ବଳରେ ଗିରଫ ଓ ପୀଡିତଙ୍କୁ କ୍ଷତିପୂରଣ ଦାବି ହୋଇଥିଲା। ସିପିଆଇଏମର ସର୍ବ ଭାରତୀୟ ସମ୍ପାଦକ ବିଷ୍ଣୁ ମହାନ୍ତି ଓ ବିମାନ ମାଇତି ପ୍ରମୁଖ ଉପସ୍ଥିତ ଥିଲେ। ଘଟଣାସ୍ଥଳରେ ବଣାଇଁ ଏସଡିପିଓ ସ୍ୱରାଜ ଦେବତା ପହଞ୍ଚି ବୁଝାଶୁଝା କରି ଆଲୋଚନା ପାଇଁ ଅନୁରୋଧ କରିଥିଲେ। ଆଲୋଚନା ବିଫଳ ହେଲେ ପୁନଃ ଆନ୍ଦୋଳନ ଜାରି ରହିବ ବୋଲି ବିଧାୟକ କହିଛନ୍ତି। ବିକ୍ଷୋଭ ପ୍ରତ୍ୟାହୃତ ପରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇଏମ୍ ସର୍ବଭାରତୀୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ସିଆଇଟିୟୁ ଜିଲା ସଭାପତି ବିମାନ ମାଇତି, ବଣାଇଁ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା, ଆରପିଏଫ ଆସିଷ୍ଟାଣ୍ଟ ସିକ୍ୟୁରିଟି କମିଶନର ରାଉରକେଲା ଏ କେ ସିଂ ପ୍ରମୁଖ ମିଳିତ ଆଲୋଚନା କରିଥିଲେ। ଏଥିରେ ଆରପିଏଫ ପକ୍ଷରୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ କିଛିଦିନ ମହଲତ ମଗାଯାଇଥିଲା ଓ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହି ଆଦିବାସୀ ଉତ୍ପୀଡ଼ନ ଦଫା ଲାଗିବ ବୋଲି ପ୍ରତିଶ୍ରୁତି ଦେବା ପରେ ସାମୟିକ ଭାବେ ଆନ୍ଦୋଳନ ସ୍ଥଗିତ ରହିଛି। ଯଦି ଆଦିବାସୀ ଯୁବକଙ୍କୁ ନ୍ୟାୟ ନ ମିଳେ ତେବେ ପୁନଃ ଆନ୍ଦୋଳନ ହେବ ଓ ଏଥିପାଇଁ ଆରପିଏଫ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଅଗଷ୍ଟ ୧୪ ତାରିଖ ରାତିରେ ଷ୍ଟେଶନରେ ଛିଡ଼ା ହୋଇଥିବା ଗୋଟିଏ ଡିଜେଲ ରେଳ ଇଞ୍ଜିନରୁ ପ୍ରାୟ ୬୦୦ ଲିଟରରୁ ଉର୍ଦ୍ଧ୍ୱ ଡିଜେଲ ଓ ୪ଟି କ୍ୟାବିନ ଫ୍ୟାନ ଚୋରିରେ ସମ୍ପୃକ୍ତି ଦର୍ଶାଇ ପଟାସାହି କଲୋନୀର ୨ ଭାଇଙ୍କୁ ଗତ ୨ ତାରିଖ ରାତିରେ ଶୋଇଥିବା ଅବସ୍ଥାରେ ରେଲୱେ ପୋଲିସ ଉଠାଇ ନେଇଥିଲା। ପରେ ବିମଳାଗଡ ରେଲୱେ ଷ୍ଟେଶନର ଏକ କୋଠରିକୁ ନେଇ ୨ ଭାଇଙ୍କୁ ଥାର୍ଡ ଡିଗ୍ରୀ ଦିଆଯାଇଥିଲା।

# ପାରାଦୀପ ବନ୍ଦରରେ ୭୫.୧୭ ମିଲିୟନ ମେଟ୍ରିକ ଟନ୍ ପଣ୍ୟ କାରବାର

## ୧୨ ଦିନ ପୂର୍ବରୁ ଧାର୍ଯ୍ୟ ଲକ୍ଷ୍ୟ ହାସଲ

ପାରାଦୀପ,୭।୧୦(ଶରତ ରାଉତ)

ଓଡ଼ିଶାର ଏକମାତ୍ର ବୃହତ୍ ବନ୍ଦର ପାରାଦୀପ ଚଳିତ ଆର୍ଥିକ ବର୍ଷରେ ଆଉ ଏକ ସଫଳତା ହାସଲ କରିଛି। ଅକ୍ଟୋବର ୬ ସୁଦ୍ଧା ୭୫.୧୭ ମିଲିୟନ ମେଟ୍ରିକ୍ ଟନ୍ (ଏମ୍‌ଏମ୍‌ଟି) ପଣ୍ୟ କାରବାର କରିଛି। ଏତିକି ପଣ୍ୟ କାରବାର କରିବାକୁ ଗତ ବର୍ଷ ଅଧିକ ୧୨ ଦିନ ଲାଗିଥିଲା। ଏହାଦ୍ୱାରା ପାରାଦୀପ ତା'ର କାରବାରରେ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି। ଏପରି ସଫଳତା ପାଇଁ ରପ୍ତାନି ଓ ଆମଦାନୀ ସଂସ୍ଥା ଅଧିକ ଆଶାବାଦୀ ହୋଇଛନ୍ତି। ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା ପାଇଁ ପାରାଦୀପ ବନ୍ଦର ନୂତନ ବୈଷୟିକ ବ୍ୟବସ୍ଥା ଓ ଯୋଗାଯୋଗ ସୁଗମ କରିଛି। ଏହା ନୌବାଣିଜ୍ୟ କ୍ଷେତ୍ରରେ ଦେଶର ୧ ନମ୍ବର ସ୍ଥାନ ହାସଲ କରିଛି। ଏଥିପାଇଁ ବନ୍ଦର କର୍ତ୍ତୃପକ୍ଷ ସମସ୍ତ ବ୍ୟବହାରକାରୀ ସଂସ୍ଥାକୁ ଧନ୍ୟବାଦ ଜଣାଇଛନ୍ତି।

# ସାପ କାମୁଡ଼ାରେ ପୂର୍ବତନ ହାର୍ଡକୋର ମାଓବାଦୀ ମୃତ

ଦେବଗଡ଼,୭।୧୦(ଶଶାଙ୍କ ଶେଖର ଝାଙ୍କର)

ସାପ କାମୁଡ଼ାରେ ପୂର୍ବତନ ହାର୍ଡକୋର ମାଓବାଦୀ କୁନୁ ଦେହୁରୀଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ଦେବଗଡ଼ ଜିଲା ରିଆମାଳ ଥାନା ଯୋଡ଼ାଗୁଡ଼ା ଗାଁରେ ଶ୍ୱଶୁର ଘରେ ରହୁଥିଲେ। ସେଠାରେ ସାପ କାମୁଡ଼ିଥିଲା। ତାଙ୍କୁ ତୁରନ୍ତ ସମ୍ବଲପୁର ଜିଲା ନାକଟିଦେଉଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏକଦା ହାର୍ଡକୋର ମାଓବାଦୀ ଭାବେ ଜଣାଶୁଣା ଥିଲେ କୁନୁ ଦେହୁରୀ। ୨୦୦୨ରେ ମାଓବାଦୀ ସଙ୍ଗଠନ ସହ ଜଡିତ ଥିଲେ। ପରେ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ସାଧାରଣ ଜୀବନଯାପନ କରୁଥିଲେ।

# ଭାଲୁ ଆକ୍ରମଣରେ ଜଣେ ମୃତ

କେନ୍ଦୁଝର,୭।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ବ୍ରାହ୍ମଣୀପାଳ ରେଞ୍ଜ ହରିଚନ୍ଦନପୁର ବ୍ଲକ୍ ବରେଇଗୋଡା ପଞ୍ଚାୟତ ଦୁର୍ଗପଦା ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ପବନା ଜୁଆଙ୍ଗ(୫୦)। ପବନା ଘର ନିକଟ ଚନ୍ଦାଡିହ ଜଙ୍ଗଲ ମଧ୍ୟରେ ଥିବା ଜମିରେ ଧାନ ଚାଷ କରିଛନ୍ତି। ରବିବାର ରାତିରେ ଜମି ନିକଟରେ ଥିବା ମଞ୍ଚାରେ ବସି ଫସଲ ଜଗିଥିଲେ। ସୋମବାର ସକାଳେ ଶୌଚ ହେବା ପାଇଁ ତଳକୁ ଓହ୍ଲାଇଥିବା ବେଳେ ଭାଲୁ ହାବୁଡରେ ପଡ଼ିଯାଇଥିଲା। ୨ଟି ଭାଲୁ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ। ଖବର ପାଇ ଗ୍ରାମବାସୀ ପହଞ୍ଚି ଗୁରୁତର ଅବସ୍ଥାରେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡିଏଫଓ ଅଭୟ କୁମାର ଦଳେଇ କହିଛନ୍ତି, ମୃତକଙ୍କ ପରିବାର ସଦସ୍ୟାଙ୍କୁ ପ୍ରାରମ୍ଭିକ ଭାବେ ୬୦ ହଜାର ଟଙ୍କା ଅନୁକମ୍ପା ସହାୟତା ଦିଆଯାଇଛି।

# ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ବାଲେଶ୍ୱର,୭।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ସୋଲପଟା ଅଞ୍ଚଳରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଜଣେ ଦୁଇବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ଏହି ଗ୍ରାମର ଅନୁକୂଳ ପରମାଣିକଙ୍କ ଦୁଇବର୍ଷର ଶିଶୁପୁତ୍ର ଖେଳୁଥିଲା ବେଳେ ଅସାବଧାନତା ବଶତଃ ନିକଟସ୍ଥ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପୋଖରୀରୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

**ODISHA JOINT ENTRANCE EXAMINATION - 2024 (OJEE - 2024)**

No: OJEE /539 Date: 05.10.2024

No.h-10

**PUBLIC NOTICE REGARDING B.PHARM/M.PHARM WEB COUNSELLING FOR 2024-25**

This is for the information of all concerned that OJEE Web-Based Counselling Process for **B.Pharm/ M.Pharm** Programs is going to start from **8th October, 2024**.

Interested candidates having valid OJEE 2024 /JEE Main-2024/ NEET-UG 2024 Ranks (for B.Pharm) and OJEE Rank/ valid GPAT Score (for M.Pharm) programs are advised to visit OJEE websites (www.ojee.nic.in/www.odishajee.com) and see the detailed **Counselling Schedule** for all these courses.

They are further advised to carefully go through the documents, **"Counselling Brochure" and "Step-by-Step Procedure"**, available in the website to get detailed information about the entire counselling process.

Sd./-
Chairman, OJEE
ODISHA

OIPR-44026/11/0010/2425

यूनियन बैंक ऑफ इंडिया Union Bank of India
भारत सरकार का उपक्रम / A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଏସ୍ଏମ୍ଇ ଜଗନ୍ନାଥପୁର ଶାଖା**
ଜଗନ୍ନାଥପୁର ଜଙ୍କସନ୍, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୦୦୦୭

**ଡିମାଣ୍ଡ ନୋଟିସ୍**

**ସମସ୍ତ ପକ୍ଷଙ୍କୁ ବିକଳ୍ପ ସେବା ଭାବେ ଖବର କାଗଜ ମାଧ୍ୟମରେ ଧାରା ୧୩ (୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ପ୍ରକାଶନ**

ଆମେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏସ୍ଏମ୍ଇ ଜଗନ୍ନାଥପୁର ଶାଖାର** ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ |
| --- | --- | --- | --- |
| **ଋଣଗ୍ରହୀତା: ଶ୍ରୀ ଦାଶରଥି ପାଣିଗ୍ରାହୀ,** ପିତା: ୰ ମହେଶ୍ୱର ପାଣିଗ୍ରାହୀ, ସା: ୧୩, ଶାସ୍ତ୍ରୀ ନଗର, ୫ମ ଲାଇନ୍, ଉତ୍କଳ ସିନେମା ରୋଡ୍ ନିକଟ, ବ୍ରହ୍ମପୁର ସଦର, ଗଞ୍ଜାମ, ଓଡ଼ିଶା-୭୬୦୦୦୨ / **ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀମତୀ ସୁଶିଳା ଚୌଧୁରୀ,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ଚୌଧୁରୀ, ସା: ପ୍ଲଟ୍ ନଂ.: ୨୦୩୮/୪୪୪୪ ଏବଂ ୧୩୫୦/୪୪୪୫, ଖତିୟାନ ନଂ.: ୮୩୩/୧୨୬୯, ରେଭିନ୍ୟୁ ମୌଜା: ଶଶୀଭୂଷଣପୁର, ମହାରଣା ଷ୍ଟ୍ରିଟ୍, ଶ୍ରୀରାମ ନଗର, ଆସ୍କା ରୋଡ୍, ଗଞ୍ଜାମ | ଏସ୍‌ଓଡିଜିଏନ୍ / ଟ.୧୬,୦୦,୦୦୦/- | ୧୬.୦୯.୨୦୨୪ / ୧୬.୦୯.୨୦୨୪ ସୁଦ୍ଧା ଟ.୧୫,୯୫,୭୦୭.୭୨ + ସେବାବଦ ପରବର୍ତ୍ତୀ ସୁଧ | ଶ୍ରୀମତୀ ସୁଶିଳା ଚୌଧୁରୀଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର: ଏକର ୦.୦୨୪ଡିସିମିଲି ଯାହା ୧୦୫୦ ବର୍ଗଫୁଟ (ପ୍ରାୟ), ପ୍ଲଟ୍ ନଂ.: ୨୦୩୮/୪୪୪୪ ଏବଂ ୧୩୫୦/୪୪୪୫, ଖତିୟାନ ନଂ.: ୮୩୩/୧୨୬୯, ରେଭିନ୍ୟୁ ମୌଜା: ଶଶୀଭୂଷଣପୁର, ମହାରଣା ଷ୍ଟ୍ରିଟ୍, ଶ୍ରୀ ରାମ ନଗର, ଆସ୍କା ରୋଡ୍, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶ୍ରୀ କୁନା ସାହୁଙ୍କ ଗୃହ, ଦକ୍ଷିଣ: ଶ୍ରୀ ଟି ଗଣପତି ରାଓଙ୍କ ଗୃହ, ପୂର୍ବ: ବ୍ୟାକୟାର୍ଡ, ପଶ୍ଚିମ: ରାସ୍ତା |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣମାନେ ଆପଣମାନଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣମାନେ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ବ୍ରହ୍ମପୁର
ତାରିଖ : ୦୭.୧୦.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

See Career Appointment on every Wednesday & Saturday

ବିଜ୍ଞାପନ: ପ୍ରି-ମାଟ୍ରିକ୍, ପୋଷ୍ଟ-ମାଟ୍ରିକ୍ ଏବଂ ଉଚ୍ଚ ଶ୍ରେଣୀ ଶିକ୍ଷା ଛାତ୍ରବୃତ୍ତି ଯୋଜନା

**ଭାରତ ସରକାର**
**ସାମାଜିକ ନ୍ୟାୟ୍ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ**
**ଭିନ୍ନକ୍ଷମ ବ୍ୟକ୍ତିବିଶେଷ (ଦିବ୍ୟାଙ୍ଗଜନ) ସଶକ୍ତୀକରଣ ବିଭାଗ**
୫ମ ମହଲା, ପଣ୍ଡିତ ଦୀନଦୟାଲ ଅନ୍ତ୍ୟୋଦୟ ଭବନ,
ସିଜିଓ କମ୍ପ୍ଲେକ୍ସ, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩

**ବର୍ଷ ୨୦୨୪-୨୫ ନିମନ୍ତେ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି**

**ପ୍ରି-ମାଟ୍ରିକ୍, ପୋଷ୍ଟ-ମାଟ୍ରିକ୍ ଏବଂ ଉଚ୍ଚ ଶ୍ରେଣୀ ଶିକ୍ଷା ଛାତ୍ରବୃତ୍ତି ଯୋଜନା**

ଭିନ୍ନକ୍ଷମ ବ୍ୟକ୍ତିବିଶେଷ ସଶକ୍ତୀକରଣ ବିଭାଗ ନିମ୍ନଲିଖିତ ଯୋଜନାଗୁଡ଼ିକ ଅଧୀନରେ ଛାତ୍ରବୃତ୍ତି ନିମନ୍ତେ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ଛାତ୍ରଛାତ୍ରୀଙ୍କ ପାଇଁ ସୁଯୋଗ ପ୍ରଦାନ କରିଥାଏ: **ପ୍ରି-ମାଟ୍ରିକ୍, ପୋଷ୍ଟ-ମାଟ୍ରିକ୍ ଏବଂ ଉଚ୍ଚ ଶ୍ରେଣୀ ଶିକ୍ଷା ଛାତ୍ରବୃତ୍ତି ଯୋଜନା।**

- **ଆବେଦନକାରୀମାନଙ୍କ ପାଇଁ ନିର୍ଦ୍ଦେଶାବଳୀ:**

୧. ଆବେଦନକାରୀମାନଙ୍କୁ ଜାତୀୟ ଛାତ୍ରବୃତ୍ତି ପୋର୍ଟାଲ୍ www.scholarships.gov.in (ଏହାର ଏକ ଲିଙ୍କ୍ www.depwd.gov.in ରେ ମଧ୍ୟ ଉପଲବ୍ଧ) ରେ କିମ୍ବା ଜାତୀୟ ଛାତ୍ରବୃତ୍ତି ପୋର୍ଟାଲ୍‌ର ମୋବାଇଲ ଆପ୍ ମାଧ୍ୟମରେ ଅନ୍‌ଲାଇନ୍ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଉଛି।

୨. ଯୋଜନାର ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଆବେଦନ ପତ୍ର ପୂରଣ କରିବାର ନିର୍ଦ୍ଦେଶାବଳୀ www.depwd.gov.in ରେ ଉପଲବ୍ଧ।

୩. ବେଞ୍ଚମାର୍କ ଭିନ୍ନକ୍ଷମତା ଅର୍ଥାତ୍ ସର୍ବନିମ୍ନ ୪0% ଭିନ୍ନକ୍ଷମତାଧାରୀ ତଥା ବିଶିଷ୍ଟ ଭିନ୍ନକ୍ଷମତା ପରିଚୟ (ୟୁଡିଆଇଡି) ବା ୟୁଡିଆଇଡି ନାମାଙ୍କନ ସଂଖ୍ୟା ସମେତ ଭିନ୍ନକ୍ଷମତା ପ୍ରମାଣପତ୍ରଧାରୀ ବ୍ୟକ୍ତିମାନେ ଆବେଦନ କରିପାରିବେ।

- **ଅନ୍‌ଲାଇନ୍ ଆବେଦନ ଦାଖଲ କରିବାର ସମୟସୀମା**

| ଯୋଜନା | ଆରମ୍ଭ ତାରିଖ | ଶେଷ ତାରିଖ |
| --- | --- | --- |
| ପ୍ରି-ମାଟ୍ରିକ୍ ଛାତ୍ରବୃତ୍ତି | ୩୦।୦୬।୨୦୨୪ | ୧୫।୧୦।୨୦୨୪ |
| ପୋଷ୍ଟ ମାଟ୍ରିକ୍ ଛାତ୍ରବୃତ୍ତି ଏବଂ ଉଚ୍ଚ ଶ୍ରେଣୀ ଛାତ୍ରବୃତ୍ତି | ୩୦।୦୬।୨୦୨୪ | ୩୧।୧୦।୨୦୨୪ |

ଦ୍ରଷ୍ଟବ୍ୟ: ପ୍ରି-ମାଟ୍ରିକ୍, ପୋଷ୍ଟ-ମାଟ୍ରିକ୍ ଏବଂ ଉଚ୍ଚ ଶ୍ରେଣୀ ଯୋଜନାର ସ୍ଲଟ୍‌ଗୁଡ଼ିକରେ ନୂତନ ତଥା ନବୀକରଣ ମାମଲାଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ। ସମସ୍ତ ନବୀକରଣ ମାମଲାଗୁଡ଼ିକର ପ୍ରକ୍ରିୟାକରଣ ପରେ ହିଁ କେବଳ ଅବଶିଷ୍ଟ ବକେୟା ସ୍ଲଟ୍‌ଗୁଡ଼ିକ ନିମନ୍ତେ ନୂତନ ମାମଲାଗୁଡ଼ିକୁ ବିଚାରକୁ ନିଆଯିବ। ତେଣୁକରି, ଗୋଟିଏ ବର୍ଷରେ ଏକ ସ୍ଥାୟୀ ସଂଖ୍ୟକ ସ୍ଲଟ୍ ରହିଥିବା କାରଣରୁ କେବଳ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା କାରଣରୁ କୌଣସି ପ୍ରାର୍ଥୀ ଛାତ୍ରବୃତ୍ତି ଲାଗି ହକ୍‌ଦାର ହୋଇଯିବେ ନାହିଁ ମହିଳା ପ୍ରାର୍ଥୀମାନଙ୍କ ପାଇଁ ୫0% ସ୍ଲଟ୍ ସଂରକ୍ଷିତ।

CBC 38117/11/0021/2425

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୭।୧୦।୨୦୨୪

| | |
|---|---|
| ୩,୮୨,୯୮୬ ଟଙ୍କା | |
| ସୁନା | ୧୪ ଗ୍ରାମ୍ |
| ରୁପା | ୨୬.୧୦୦ ଗ୍ରାମ୍ |

# ଆମିଷ ବେସରରେ ମହକୁଛି ଶକ୍ତିପୀଠ

କାକଟପୁର,୭।୧୦(ଶୁଭଦର୍ଶନ ମିଶ୍ର)



ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠମାନଙ୍କ ମଧ୍ୟରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠ ଅନ୍ୟତମ। ପ୍ରାଚୀ ନଦୀର ସୁରମ୍ୟ ତଟଦେଶରେ ମା'ଙ୍କ ମନ୍ଦିର ଅବସ୍ଥିତ। ବର୍ଷର ବିଭିନ୍ନ ସମୟରେ ମା'ଙ୍କ ଯାନିଯାତ୍ରା, ପର୍ବପର୍ବାଣି ଅନୁଷ୍ଠିତ ହୋଇଥାଏ। ମା'ମଙ୍ଗଳାଙ୍କ ମନ୍ଦିରରେ ପାରମ୍ପରିକ ପ୍ରଥା ଅନୁସାରେ ଆଶ୍ୱିନ ମାସର ମୂଳାଷ୍ଟମୀ ତିଥିଠାରୁ ଶାରଦୀୟ ପାର୍ବଣ ପୂଜା ଆରମ୍ଭ ହୋଇ ବିଜୟା ଦଶମୀ ବା ଦଶହରା ଦିନ ଶେଷ ହୋଇଥାଏ। ପ୍ରଥମ ଦିନ କଳସ ପୂଜା ଆରମ୍ଭ ହୋଇ ସହସ୍ରାକୁମ୍ଭାଭିଷେକ ନୀତି ଅନୁଷ୍ଠିତ ହୁଏ। ପ୍ରତ୍ୟେକ ଦିନ ମା'ଙ୍କ ସ୍ନାନ ସମୟରେ ମନ୍ଦିରର ପହୁଡ଼ ପଡୁଥିବା ବେଳେ ଏହିଦିନ ସ୍ନାନ ସମୟରେ ସାହାଣମେଲା ରଖାଯାଉଥିବାରୁ ଭକ୍ତମାନେ ମା'ଙ୍କ ସଂପୂର୍ଣ୍ଣ ଅବୟବ ସହିତ ସ୍ନାନମାର୍ଜଣା ନୀତିର ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ଏହା ପରେ ସୂର୍ଯ୍ୟପୂଜା, ବଲ୍ଲଭ ନୀତି କରାଯାଏ। ସନ୍ଧ୍ୟାକୁ ସକାଳ ଧୂପ ହୁଏ। ପରେ ସନ୍ଧ୍ୟା ଆଳତି, ସ୍ନାନ ମାର୍ଜଣା ହୁଏ ଏବଂ ମା'ଙ୍କୁ ସାଧାରଣ ବେଶରେ ସଜ୍ଜିତ କରାଯାଇ ଦର୍ଶନ ପାଇଁ ମନ୍ଦିରର ସାହାଣ ମେଲା କରାଯାଏ। ରାତି ପ୍ରାୟ ୩ଟାକୁ ରାତ୍ରଧୂପ ଓ ପରେ ବଡ଼ସିଂହାର ନୀତି କରାଯାଇ ପହୁଡ଼ କରାଯାଏ। ମନ୍ଦିର ବେଢ଼ାରେ ପ୍ରତ୍ୟହ ପ୍ରାତଃରେ ଜପ ଓ ମଧ୍ୟାହ୍ନରେ ସପ୍ତଶତୀ ଚଣ୍ଡୀପାଠ କରାଯାଏ।

ମୂଳାଷ୍ଟମୀଠାରୁ ତୃତୀୟା ପର୍ଯ୍ୟନ୍ତ ଏହିପରି ନୀତି ଅନୁଷ୍ଠିତ ହେଇଥାଏ। ଶାରଦୀୟ ପାର୍ବଣ ପୂଜାରେ ମା'ଙ୍କ ମନ୍ଦିରରେ ଆମିଷ ଭୋଗ ଏକ ନିଆରା ପରମ୍ପରା। ପୂର୍ବ ପରମ୍ପରା ଅନୁଯାୟୀ ରୋଷଶାଳାରେ ସୁପକାର ସେବକଙ୍କ ଦ୍ୱାରା ଆମିଷ ବେସର ପ୍ରସ୍ତୁତ କରାଯାଇ ମା'ଙ୍କ ଚଳନ୍ତି ପ୍ରତିମା ବନଦୁର୍ଗାଙ୍କ ନିକଟରେ ଲାଗି କରାଯାଏ। ପରେ ଉକ୍ତ ଭୋଗ କରାଯାଇଥାଏ। ଚତୁର୍ଥୀ ତିଥି ସନ୍ଧ୍ୟାରେ ମା'ଙ୍କୁ କଳିବେଶରେ ସଜ୍ଜିତ କରାଯାଏ। ପଞ୍ଚମୀ ତିଥିରେ ମା'ଙ୍କୁ ତୀରକମାଣ ବା ରଘୁନାଥ ବେଶରେ ସଜ୍ଜିତ କରାଯାଏ। ପଞ୍ଚମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ମଙ୍ଗଳାଙ୍କ ମନ୍ଦିରରେ ପ୍ରମଣି ନୀତି ନାମକ ଏକ ସତନ୍ତ୍ର ନୀତି ପାଳନ ହୋଇଥାଏ। ଉକ୍ତ ଦିନମାନଙ୍କରେ ବିଳମ୍ବିତ ରାତିରେ ମା'ଙ୍କ ଚଳନ୍ତି ପ୍ରତିମାଙ୍କୁ ଏକ ସୁସଜ୍ଜିତ ମଣିବିମାନରେ ପାର୍ବଣ ମଣ୍ଡପକୁ ନେଇ ବିଜେ କରାଯାଏ। ଷଷ୍ଠୀ ତିଥିରେ ମା' ଶୋଭା ପାଆନ୍ତି କାତିଖର୍ପର ବେଶରେ। ପୂର୍ବରୁ ମା'ଙ୍କୁ ଲାଗି ହୋଇଥିବା ଅସ୍ତ୍ରଶସ୍ତ୍ର ସହିତ ଏହିଦିନ କାତି (ଖଣ୍ଡା), ଖର୍ପର (ବର୍ଚ୍ଛା), ସରା (ରକ୍ତ ସଂଗ୍ରହ ପାତ୍ର) ପ୍ରଭୃତି ଅସ୍ତ୍ରଶ ଲାଗି କରାଯାଇଥାଏ। ମହିଷାସୁର ସହିତ ଯୁଦ୍ଧ କରିବାକୁ ଯିବା ପୂର୍ବରୁ ମା' ଦୁର୍ଗା ଯେଉଁ ସବୁ କାର୍ଯ୍ୟ କରିଥିବା ଚଣ୍ଡୀ ପୁରାଣରେ ବର୍ଣ୍ଣିତ ହୋଇ ତଦନୁସାରେ ମା' ମଙ୍ଗଳାଙ୍କୁ ସଜ୍ଜିତ କରାଯାଏ। ସପ୍ତମୀ ତିଥିରେ ମା'ଙ୍କୁ ସିଂହବାହିନୀ ବେଶରେ ସଜ୍ଜିତ କରାଯାଏ। ମହାଷ୍ଟମୀ ତିଥିରେ ମା'ଙ୍କୁ ମହିଷାମର୍ଦ୍ଦିନୀ ବେଶରେ ସଜ୍ଜିତ କରାଯାଏ। ନବମୀ ତିଥିରେ ମା'ଙ୍କ ଉଗ୍ର ରୂପକୁ ଶାନ୍ତ କରିବାକୁ ଶାନ୍ତି ପୂଜା, ଶାନ୍ତି ହୋମ ଓ ଶାନ୍ତି ବେଶ ଅନୁଷ୍ଠିତ ହେଇଥାଏ। ଶେଷଦିନ ଅର୍ଥାତ ଦଶହରା ଦିନ ମା'ଙ୍କ ଚଳନ୍ତି ପ୍ରତିମାଙ୍କୁ ଏକ ସୁସଜ୍ଜିତ ବିମାନରେ ଆଲୋକ, ଆତସବାଜିର ପଟୁଆରରେ ମନ୍ଦିରରୁ କିଛି ଦୂର ସମେଶ୍ୱର ଶମ୍ଭୁ ମନ୍ଦିରକୁ ନିଆଯାଏ। ସେଠାରେ ୩ଥର ମନ୍ଦିର ପରିକ୍ରମା ପରେ ଶିବ ଓ ଦୁର୍ଗାଙ୍କ ଭେଟ ହୁଏ। ଯାହା ହରଦୁର୍ଗା ଭେଟ ନାମରେ ପରିଚିତ। ଏହାପରେ ପ୍ରତିମା ସ୍ୱମନ୍ଦିରକୁ ଫେରିବା ପରେ ମା'ଙ୍କ ଶାରଦୀୟ ପାର୍ବଣ ପୂଜାର ପରିସମାପ୍ତି ଘଟିଥାଏ।

**ଶାରଦୀୟ ପାର୍ବଣ, ନବଶକ୍ତି ପ୍ରାପ୍ତ ହେବାର ମହାର୍ଘ୍ୟ ଅବସର**

## ଏମାନେ ଯାହା କୁହନ୍ତି...



"ମା'ମଙ୍ଗଳାଙ୍କ ଶାରଦୀୟ ପାର୍ବଣ ପୂଜା ଏକ ଅନନ୍ୟ ପରମ୍ପରା। ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଷୋଡ଼ଶ ଉପଚାର ପୂଜାନୀତିରେ ମା'ଙ୍କୁ ପୂଜା କରାଯାଏ। ମା'ଙ୍କ ପାର୍ବଣ ପୂଜାରେ ଦେବୀ ଉଦ୍ଧାପନ ନୀତି ସହିତ ଅହୋରାତ୍ର ଅଖଣ୍ଡଳ ଓ ନବପତ୍ରିକା ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ମା' ବିଭିନ୍ନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। **–ସୁବାସ ଚନ୍ଦ୍ର ପାଢ଼ୀ, ଷୋଡ଼ଶ ଉପଚାର ପୂଜାପଣ୍ଡା**



"ମା'ମଙ୍ଗଳାଙ୍କ ଶାରଦୀୟ ପାର୍ବଣ ଉତ୍ସବ ମହାସମାରୋହରେ ପାଳନ କରାଯାଇଥାଏ। ସେବାୟତଙ୍କର ନିଷ୍ଠାପର ନୀତିକାନ୍ତି, ମା'ଙ୍କୁ ବିଭିନ୍ନ ବସ୍ତ୍ର ଓ ଆଭୂଷଣରେ ଭୂଷିତ କରିବା ପରେ ଭକ୍ତମାନେ ଏହି ବେଶ ଦର୍ଶନ କରିବା ଯୋଗୁ କୋଟି ଜନ୍ମର ପୁଣ୍ୟ ଫଳ ମିଳେ ବୋଲି ପୌରାଣିକ ମତ ରହିଛି।

**–ହରିହର ଦୀକ୍ଷିତ, ସଦସ୍ୟ, ସେବାୟତ ନିଯୋଗ ଉପଦେଷ୍ଟା କମିଟି**



"ଶାରଦୀୟ ପାର୍ବଣ ପୂଜାରେ ମା'ମଙ୍ଗଳାଙ୍କ ମନ୍ଦିରରେ ଆମିଷ ଭୋଗ ଏକ ନିଆରା ପରମ୍ପରା। ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ମାତୃଭକ୍ତମାନେ ଏହି ପାର୍ବଣରେ ଆମିଷ ଭୋଗ କରିବା ପାଇଁ ମାନସିକ କରିବା ସହିତ ମନ୍ଦିରକୁ ଆସି ସୁପକାର ସେବକ ଆମିଷ ଭୋଗ ପ୍ରସ୍ତୁତ କରିବା ପରେ ମା'ଙ୍କୁ ଲାଗି କରାଯାଇଥାଏ। ପରେ ଭକ୍ତମାନେ ମନ୍ଦିର ବେଢ଼ାରେ ଆମିଷ ପ୍ରସାଦ ପାଇଥାନ୍ତି।

**–ମାନସ କୁମାର ଦୀକ୍ଷିତ, ବରିଷ୍ଠ ସେବାୟତ**



"ମା'ମଙ୍ଗଳାଙ୍କ ଶାରଦୀୟ ପାର୍ବଣ ପୂଜା ଭକ୍ତି ଓ ନିଷ୍ଠାର ସହିତ କରାଯାଇଥାଏ। ମା'ଙ୍କର ନୀତିକାନ୍ତି ପାଇଁ ସମସ୍ତ କାର୍ଯ୍ୟ ମନ୍ଦିର ପ୍ରଶାସନ ଉପରେ ନ୍ୟସ୍ତ ଥାଏ ଏବଂ ତାହାକୁ ସୁଚାରୁରୂପେ କରାଯାଇଥାଏ। ମାସେ ଆଗରୁ ଏଥିପାଇଁ ମନ୍ଦିର ପ୍ରଶାସନର ନୀତି ଆୟୋଗ ଏହାକୁ ସୁପରିଚାଳନା କରନ୍ତି।

**–କୈଳାସ ଚନ୍ଦ୍ର ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ, ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡ**



"ଶାରଦୀୟ ପାର୍ବଣ ପୂଜାରେ ଅନ୍ୟ ଶକ୍ତି ପୀଠ ପରି କାକଟପୁର ଚଳଚଞ୍ଚଳ ହୋଇପଡ଼େ। ଏହି ଷୋଳଦିନାତ୍ମକ ପୂଜାରେ ମଙ୍ଗଳା ମନ୍ଦିର ଭିତର ଓ ବାହାରକୁ ଫୁଲରେ ସଜ୍ଜିତ କରାଯିବା ସହିତ ବିଭିନ୍ନ ଆଲୋକମାଳାରେ ମନ୍ଦିର ପରିସରକୁ ସଜା ଯାଇଥାଏ। ଏହି ଦିନଗୁଡ଼ିକରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ମାତୃଭକ୍ତମାନେ ଆସି ମା'ଙ୍କୁ ପୂଜାର୍ଚ୍ଚନା କରିଥାନ୍ତି।

**–ପ୍ରଦୀପ୍ତ କୁମାର ଦୀକ୍ଷିତ, ପରାମର୍ଶଦାତା, ମନ୍ଦିର ଟ୍ରଷ୍ଟ ବୋର୍ଡ**

## ସଂକ୍ଷେପରେ

### ବଟି ମାଗି ଯୁବକ ଗିରଫ, ଛୁରି ଜବତ

ପୁରୀ,୭।୧୦(ଅଜିତ କୁମାର ମହାନ୍ତି)

ଦାଦାବଟି ଆଦାୟ ଅଭିଯୋଗରେ ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଖଣ୍ଡିଆବନ୍ଧ ଅଞ୍ଚଳର ବବୁଲ ଜେନା (୨୪)। ପୋଲିସ ତାଙ୍କ ନିକଟରୁ ଗୋଟିଏ ଛୁରି ଓ ନଗଦ ୬୫୦ ଟଙ୍କା ଜବତ କରିଛି। ଏନେଇ ଏକ କେସ୍ (ନଂ. ୪୩୨/୨୪) ରୁଜୁ ହୋଇଛି। ଅଠରନଳା ମାର୍କେଟରେ ବବୁଲ ବସ୍ ଡ୍ରାଇଭର ଏବଂ ସ୍ଥାନୀୟ ଦୋକାନୀଙ୍କୁ ଛୁରି ଦେଖାଇ ବଟି ଆଦାୟ କରୁଥିବା ଖବର ପାଇ ପୋଲିସ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

### ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ନିମାପଡ଼ା,୭।୧୦(ବିଚିତ୍ରାନନ୍ଦ ସାହୁ)

ଜଣେ ମହିଳା ରାସ୍ତାରେ ଏକୁଟିଆ ଯାଉଥିବାବେଳେ ଜଣେ ଯୁବକ ତାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇ ଯାଇଥିବା ନେଇ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୩୦୨/୨୪ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ନିମାପଡ଼ା ଥାନା ଅଧୀନ ଅଲନ୍ଧା ଗ୍ରାମର ସୁନିତା ପ୍ରଧାନ ରବିବାର ରାତି ୯ଟାବେଳେ ଘରକୁ ଫେରୁଥିଲେ। ସେ ଏକୁଟିଆ ଆସୁଥିବା ସୁଯୋଗରେ ଜଗନ୍ନାଥ କଲେଜ ନିକଟରେ ଜଣେ ଯୁବକ ତାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଥିଲେ। ସମ୍ମୁଖରୁ ଆସୁଥିବା ଏକ ବାଇକ୍‌ରେ ଦୁର୍ବୃତ୍ତ ଜଣଙ୍କ ବସି ସେଠାରୁ ଖସି ପଳାଇଥିଲେ। ପୋଲିସ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା ଅଧିକ କଡ଼ାକଡ଼ି କରାଯିବାକୁ ସାଧାରଣରେ ଦାବି ହେଉଛି।

### କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ

ଅସ୍ତରଙ୍ଗ,୭।୧୦ (ମମତା ଜେନା)

ସ୍ତନ କର୍କଟ ସଚେତନତା ମାସ ଅବସରରେ ଜ୍ଞାନପ୍ରଭା ମିଶନ, ସଦ୍‌ଗୁରୁ ହସ୍ପିଟାଲ, ଜଗତ୍‌ପୁରର ମିଳିତ ସହଯୋଗରେ ପୁରୀ ଜିଲା କୁଣ୍ଢେଇ ପଞ୍ଚାୟତର କୁଣ୍ଢେଇ ହାଟଠାରେ 'ସୁନ୍ଦର ସମାଜ ପାଇଁ ନାରୀ ସ୍ୱାସ୍ଥ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନର କର୍କଟ ରୋଗ ବିଶେଷଜ୍ଞ ଡ. ସୁଲଗ୍ନା ମହାନ୍ତି ଯୋଗଦେଇ ସ୍ତନ କର୍କଟ ଓ ଜରାୟୁ ଗ୍ରୀବା କର୍କଟ ବିଷୟରେ ନାରୀମାନଙ୍କୁ ସଚେତନ କରାଇଥିଲେ।

# ସେବା ହିଁ ଜୀବନର ମୂଳଲକ୍ଷ୍ୟ





ଶିବିରରେ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ର ଓ ଅତିଥିମାନେ ।

ଅସ୍ତରଙ୍ଗ,୭।୧୦(ମମତା ଜେନା)

**ସ୍ୱତନ୍ତ୍ର ପୂଜାକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ**

କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରୀଗାଁ ପଞ୍ଚାୟତର ପ୍ରାଚୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଚାଲିଥିବା ୭ଦିନିଆ ସତନ୍ତ୍ର ପୂଜାକାଳୀନ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ସେନାପତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରାଜକିଶୋର ସାହୁ, ସମ୍ମାନିତ ଅତିଥି ଭାବେ ବାଲିଦୋକାନ ବଟେଶ୍ୱର ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଉମାକାନ୍ତ ବାରିକ, ମୁଖ୍ୟବକ୍ତା ଭାବେ ବାଙ୍ଗୁରୀଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସୁରେନ୍ଦ୍ର କୁମାର ମାଣିକ, ବିଜୟ କୁମାର ମୁଦୁଲି, ସରୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଉମାଶଙ୍କର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ସାହୁ ଛାତ୍ରୀଛାତ୍ରଙ୍କୁ ଜାତୀୟ ସେବା ଯୋଜନା ବିଷୟରେ ବୁଝାଇବା ସହ ସେବା ହିଁ ଜୀବନର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଶିବିରରେ ୫୦ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଶିବିର ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିବାରୁ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ନାୟକ ବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଅସ୍ତରଙ୍ଗ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ଅସ୍ତରଙ୍ଗ,୭।୧୦(ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ସଭାଗୃହରେ ମା' ଦୁର୍ଗା କ୍ଲବ୍‌ର ୫୬ତମ ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର କ୍ଲବ ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ପୂଜା ଏହି ଅଞ୍ଚଳର ସବୁଠୁ ବଡ଼ ପୂଜା ହୋଇଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ। ଏଥର ଥାଇଲାଣ୍ଡର ବୌଦ୍ଧ ବିହାର ଆକୃତିର ତୋରଣରେ ମା'ଦୁର୍ଗା ପୂଜା ପାଇବେ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଯାତ୍ରା ଅନୁଷ୍ଠାନ ଓ ଛୋଟ ପିଲାମାନଙ୍କୁ ନେଇ ଏକ ମେଗା ଟ୍ୟାଲେଣ୍ଟ ଶୋ'ର ପ୍ରତିଯୋଗିତା ହେବ ବୋଲି ସହସମ୍ପାଦକ ରାକେଶ ମହାନ୍ତି ସୂଚନା ଦେଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଯୋଗଦେଇ କିଭଳି ସରକାରଙ୍କ ନୀତି ନିୟମକୁ ମାନି ପୂଜା କରିବା ସେ ନେଇ ପରାମର୍ଶ ଦେଇଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଡ. ସୁବାସ କୁମାର ଦାସଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିବାବେଳେ ସମସ୍ତ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, ସମ୍ପାଦକ ରବୀନ୍ଦ୍ର ପରିଡ଼ା, ସହସମ୍ପାଦକ ରାକେଶ କୁମାର ମହାନ୍ତି, ମଣ୍ଟୁ ଭୋଳ, ପବିତ୍ର ମହାନ୍ତି ଓ ବରିଷ୍ଠ ସଭ୍ୟମାନେ ଯୋଗ ଦେଇଥିଲେ।

# ଶ୍ରୀଲୋକନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପୁନଃଗଠନ ଦାବି



ଆପ୍ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ପୁରୀ,୭।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀଲୋକନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପୁନଃ ଗଠନ କରାଯାଉ ବୋଲି ଦାବି କରି ଉପଜିଲାପାଳଙ୍କୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଶ୍ରୀଲୋକନାଥ ମନ୍ଦିର ଏକ ସର୍ବପୁରାତନ ମନ୍ଦିର। ଶ୍ରୀଲୋକନାଥ ମନ୍ଦିରର ରୀତିନୀତି ପୁରୀ ଶ୍ରୀମନ୍ଦିର ସହ ସମ୍ପୃକ୍ତ ଓ ଲୋକଙ୍କ ଆସ୍ଥା ସହ ଜଡ଼ିତ। ଇନ୍‌ଡୋରମେଣ୍ଟ ବିଭାଗରେ ରହିଥିବାରୁ ଏହାର ଉନ୍ନତି ଠିକ୍ ଭାବେ ହେଉନାହିଁ। ୨୮ କୋଟି ଟଙ୍କା ମଞ୍ଜୁର ହେଇଥିବା ବେଳେ କାମରେ ସେମିତି ତତ୍ପରତା ଦେଖାଯାଉନାହିଁ। ସୂଚନା ଅନୁସାରେ ବର୍ତ୍ତମାନ ୧୭ ଏକର ଜାଗାରେ ଲୋକନାଥଙ୍କ ମନ୍ଦିର ପରିସର ରହିଛି। ଏହାପୂର୍ବରୁ ଅଧିକ ଥିଲା। କାଳକ୍ରମେ ଏହା ୧୭ ଏକରରେ ଏବେ ସୀମିତ ରହିଛି। ମନ୍ଦିର ପ୍ରଶାସନରୁ ସେମିତି ବିଶେଷ ସୁବିଧା ସେବାୟତ ମାନେ ପାଉନାହାନ୍ତି। ଜଗନ୍ନାଥଙ୍କ ସେବାୟତମାନେ ସବୁ ସୁବିଧା ପାଉଥିବା ବେଳେ ୪୦୦ ପରିବାର କୌଣସି ସୁବିଧା ପାଉନାହାନ୍ତି। ଫାଣ୍ଡି ଅଛି କିନ୍ତୁ ତାଲା ପଡୁନାହିଁ। ସେହିପରି ଦୋକାନଗୁଡିକ ବହୁତ ଟଙ୍କାରେ ନିଲାମ ଦିଆଯାଇଛି ଏପରିକି ଅଧିକାରୀମାନେ ଭିକାରୀଙ୍କୁ ବସେଇବା ପାଇଁ ମଧ୍ୟ ଟଙ୍କା ନେଉଛନ୍ତି। ଏ ସବୁର ସମାଧାନ ହେବା ଦରକାର, କିନ୍ତୁ ତାହା ନ ହେବାର ବଡ଼ କାରଣ ଟ୍ରଷ୍ଟ ବୋର୍ଡ ନାହିଁ। ଦୀର୍ଘ ୬ ବର୍ଷ ହେବ ବୋର୍ଡ ନାହିଁ, ତେଣୁ ନୂତନ ବୋର୍ଡ ନିହାତି ଦରକାର ହେଉଛି ବୋଲି ଏଏପି ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ସଭାପତି ସଞ୍ଜୀବ ମହାନ୍ତି, ପୁରୀ ନଗର ସମ୍ପାଦକ ପ୍ରଦୀପ ନାୟକ, ଦେବ ପ୍ରଧାନ, ପୁରୀ ଯୁବ ସମ୍ପାଦକ ଜନ୍ମେଜୟ ଜେନା, ତ୍ରିଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥଲେ।

# ଯୁବକଙ୍କୁ ଇଟାରେ ଛେଚି ଲହୁଲୁହାଣ କଲେ

ଯୋଗେଶ୍ୱରପୁର,୭।୧୦(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ସିଙ୍ଗପାନିଆ ହରିଜନ ସାହିର ଜଣେ ଯୁବକଙ୍କୁ ସୋମବାର ୨ ଯୁବକ ଇଟାରେ ଛେଚି ଲହୁଲୁହାଣ କରିଥିବା ଜଣାପଡ଼ିଛି। ଗୁରୁତର ଜଣଙ୍କ ହେଲେ ଗୌତମ ନାୟକଙ୍କ ପୁଅ ପ୍ରମୋଦ ନାୟକ। ଖବରପାଇ ପରିବାର ଲୋକେ ତାଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅଭିଯୁକ୍ତ ଦ୍ୱୟ ହେଲେ ରାଜନ ଓ ବିଭୂତିଙ୍କ ନାଁରେ ଅଭିଯୋଗ ହୋଇଛି।

ପ୍ରକାଶ ଯେ, କୁଣ୍ଢେଇ କେନାଲ ବନ୍ଧ ସିଙ୍ଗପାନିଆ ମୁଣ୍ଡରେ ଉକ୍ତ ୩ଜଣ ଯୁବକ ବାଉଁଶ ଚାରାରେ ବସିଥିଲେ। ତାଙ୍କ ଭିତରେ କୌଣସି କାରଣରୁ ବଚସା ହେବାପରେ ଉପରୋକ୍ତ ୨ଜଣ ଅଭିଯୁକ୍ତ ପ୍ରମୋଦ ନାୟକଙ୍କୁ ଇଟାରେ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ନୟାହାଟ ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

# ଇସ୍ରାଏଲର ଯୁଦ୍ଧ ପ୍ରତିବାଦରେ ବାମଦଳ ପକ୍ଷରୁ ବିକ୍ଷୋଭ

ପୁରୀ, ୭।୧୦(ଅଜିତ କୁମାର ମହାନ୍ତି)

ଇସ୍ରାଏଲର ଯୁଦ୍ଧ ପ୍ରତିବାଦରେ ସୋମବାର ପୁରୀ କଚେରୀ ଛକରେ ବାମ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ଏକବର୍ଷ ଧରି ପାଲେଷ୍ଟାଇନର ଗାଜାଷ୍ଟ୍ରିପ୍ ଉପରେ ଇସ୍ରାଏଲ ଯୁଦ୍ଧ ଜାରି ରଖିଛି। ଏଥିରେ ଲକ୍ଷାଧିକ ଲୋକଙ୍କ ପ୍ରାଣହାନି ଘଟିଛି। ଜାତିସଂଘକୁ ଇସ୍ରାଏଲ ଖାତିର କରୁନି। ପାଲେଷ୍ଟାଇନ ଦଖଲ କରିବା ପାଇଁ ଚକ୍ରାନ୍ତ କରୁଛି। ଆମେରିକା ଭଳି ଜି-୭ ରାଷ୍ଟ୍ରଗୁଡ଼ିକ ଅସ୍ତ୍ର ଯୋଗାଉଛନ୍ତି। ତେବେ ଯୁଦ୍ଧ ଏକ ମାତ୍ର ରାସ୍ତା ନୁହେଁ ବୋଲି ବାମପନ୍ଥୀ ନେତାମାନେ କହିଛନ୍ତି। ଏ ନେଇ ବାମପନ୍ଥୀ ଦଳ ସିପିଆଇ(ଏମ୍), ସିପିଆଇ ଏବଂ ସିପିଆଇଏମ୍ଏଲ୍ (ଲିବେରେଶନ)ର ଶତାଧିକ କର୍ମୀ ଓ ନେତା ସୋମବାର ପୁରୀ କଚେରୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିରେ ଜଗନ୍ନାଥ ଦେଓ, ଶରତ କୁମାର ରାୟଗୁରୁ, ଭୀମ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ବ୍ରଜବନ୍ଧୁ ପ୍ରଧାନ, ଅଶୋକ ପ୍ରଧାନ, କୃଷ୍ଣଚନ୍ଦ୍ର ରାଉତ, ଦେବେନ୍ଦ୍ର ସାହୁ, ସତ୍ୟମନୁ ପ୍ରଧାନ, ହରିହର ସେନାପତି, ଟୁନା ନାୟକ, ସୁରେନ୍ଦ୍ର ଜେନା, କୃପାସିନ୍ଧୁ ପଣ୍ଡା, ରାଜ ସାହୁ, ପୂର୍ଣ୍ଣ ମୁଦୁଲି ପ୍ରମୁଖ ଯୋଗଦେଇ କହିଲେ ଯେ, କେନ୍ଦ୍ର ସରକାର୍ ଇସ୍ରାଏଲକୁ ସମର୍ଥନ କରିବା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ଇସ୍ରାଏଲ ଯୁଦ୍ଧଖୋର୍ ମନୋବୃତ୍ତି ବନ୍ଦ କରି ଗାଜା ଷ୍ଟ୍ରିପରୁ ଓହରି ଆସିବା ଉଚିତ।





ସିପିଆଇଏମ୍ଏଲ୍ ପକ୍ଷରୁ ପୁରୀ କଚେରି ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ୧୨ଦଫା ଦାବିରେ ରାସ୍ତାକୁ ଓହ୍ଲାଇଲେ କୁକୁଡ଼ା ଚାଷୀ

ପିପିଲି,୭।୧୦(ଦୁର୍ଗା ମାଧବ ମିଶ୍ର)





କ୍ଷତିଗ୍ରସ୍ତ କୁକୁଡା ଚାଷୀଙ୍କ ଆନ୍ଦୋଳନ ।

ପୁରୀ ଜିଲାରେ ବାର୍ଡ ଫ୍ଲୁରେ କୁକୁଡ଼ା ମରିବା ଓ ପ୍ରଶାସନ ପକ୍ଷରୁ ବାର୍ଡ ଫ୍ଲୁ ଚିହ୍ନଟ, ପରେ କୁକୁଡ଼ା ମରାଯିବାରୁ ଚାଷ କ୍ଷତିଗ୍ରସ୍ତ ହେବା ସହ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିବା ନେଇ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟ ଯଥା ବନ୍ୟା, ବାତ୍ୟା, ମରୁଡ଼ି ଓ ଅଦିନିଆ ବର୍ଷା ସମୟରେ ଚାଷୀଙ୍କୁ ସରକାର ଯେଉଁ ପ୍ରକାରର କ୍ଷତିପୂରଣ ପ୍ରଦାନ କରିଥାନ୍ତି, ସେହି ନିୟମ ଆଧାରରେ ବାର୍ଡ ଫ୍ଲୁ କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ସଂଘ ଦାବି କରିଛି।

ଏନେଇ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ମୁଖ୍ୟମନ୍ତ୍ରୀ, ପଶୁ ସମ୍ପଦ ବିକାଶ ମନ୍ତ୍ରୀ, ପଶୁ ସମ୍ପଦ ବିକାଶ ବିଭାଗ ନିର୍ଦ୍ଦେଶକଙ୍କ ସମେତ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ ଠାରୁ ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ସୁଦ୍ଧା କୁକୁଡ଼ା ଚାଷୀଙ୍କର ସମସ୍ୟା ସମାଧାନ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଅନ୍ୟପଟେ ବାର୍ଡ ଫ୍ଲୁ ଅଞ୍ଚଳ ଚିହ୍ନଟ ହେବା ପରେ ଚାଷୀମାନଙ୍କୁ ସଂକ୍ରମଣ ନ କମିବା ଯାଏ କୁକୁଡ଼ା ଚାଷ ନ କରିବା ପାଇଁ ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ପୁରୀ ଜିଲାର କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀମାନେ ସୋମବାର କ୍ଷତିପୂରଣ ସହ ୧୨ ଦଫା ଦାବିକରି ରାଜରାସ୍ତାକୁ ଓହ୍ଲାଇଛନ୍ତି।

ପିଏଫ୍‌ଡିଏଫ୍ ଓଡ଼ିଶା ସଂଘ ଡାକରାରେ ପୁରୀ ଜିଲା ଅର୍ନ୍ତଗତ ପିପିଲି, ଡେଲାଙ୍ଗ, ସତ୍ୟବାଦୀ, କଣାସ, ନିମାପଡ଼ା ଓ ପୁରୀ ସଦର ବ୍ଲକର ୨ଶହରୁ ଅଧିକ କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀ ଏକତ୍ରିତ ହୋଇ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ପରିଡ଼ାଙ୍କ ନେତୃତ୍ୱରେ ଦୁର୍ଗାଦାଶପୁର ପଞ୍ଚାୟତ ଅଫିସ ନିକଟରୁ ଆନ୍ଦୋଳନକୁ ବାହାରିଥିଲେ। ସେଠାରୁ ସମସ୍ତ ଚାଷୀ ଏକ ଶୋଭାଯାତ୍ରାରେ ବାହାରି ବିକ୍ଷୋଭ ପ୍ରଦର୍ଶନ କରି ମଙ୍ଗଳପୁର ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଯାଇଥିଲେ। ଖବରପାଇ ପିପିଲି ତହସିଲଦାର ଦିଲୀପ କୁମାର ମାଝୀ ଓ ପିପିଲି ଏସଡିପିଓ ବିରଞ୍ଚି ନାରାୟଣ ପତି, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଆନ୍ଦୋଳନକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପିପିଲି ତହସିଲଦାର ଓ ଥାନାଧିକାରୀଙ୍କୁ ପ୍ରଦାନ କରିଥିଲେ।

# ଦୋଷ ଘୋଡ଼ାଇବାକୁ ବଦଳି ଢାଲ

## ବିଏମ୍‌ସି ଭେହିକଲ୍ ବିଭାଗରେ ଟେଣ୍ଡର ଦୁର୍ନୀତି

■ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟରଙ୍କ ଅନ୍ତରୀଣ ବଦଳି

■ଏମ୍‌ପିଙ୍କୁ ଭେଟିଲେ ଗାଡ଼ି ମାଲିକ, ଆଜି ମେୟରଙ୍କ ସହ ଆଲୋଚନା

ଭୁବନେଶ୍ୱର,୭।୧୦(ବନ୍ଦନା ସେଠୀ)

ବିଏମ୍‌ସିର ଭେହିକିଲ୍ ବିଭାଗରେ ହୋଇଥିବା ଟେଣ୍ଡରକୁ ନେଇ ଅଭିଯୋଗ ତୀବ୍ର ହେବାରେ ଲାଗିଛି। ଏଥିସହ ୨୦୨୨ରୁ ବିଏମ୍‌ସି ବକେୟା ଗାଡିଭଡ଼ା ଦେଉ ନ ଥିବାରୁ ମାଲିକମାନେ ଉତ୍ତେଜିତ ହୋଇପଡିଛନ୍ତି। ବିଭାଗୀୟ ଡେପୁଟି କମିଶନର ଅଶୋକ ଲେଙ୍କା ଜାଣିଶୁଣି ନିଜ ଫାଇଦା ପାଇଁ ଏକ ଘରୋଇ କମ୍ପାନୀକୁ ଟେଣ୍ଡର ଦେଇଥିବା ଅଭିଯୋଗ କରି ବିଏମ୍‌ସି ଭେହିକିଲ୍ ଆସୋସିଏଶନ୍ ପକ୍ଷରୁ ଶନିବାର ବିଏମ୍‌ସି କାର୍ଯ୍ୟାଳୟରେ ପାଟିତୁଣ୍ଡ ହୋଇଥିଲା। ଏପରିକି ଆସୋସିଏଶନର ସଦସ୍ୟ ବା ଗାଡି ମାଲିକମାନେ ଯେପରି ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ନ ପାରିବେ ସେଥିପାଇଁ ଜାଣିଶୁଣି ଆବେଦନକାରୀଙ୍କ ବାର୍ଷିକ କାରବାର ୮କୋଟିର ସର୍ତ୍ତାବଳୀ ରଖାଯାଇଥିବା ସେମାନେ ଅଭିଯୋଗ କରିଥିଲେ। ତେବେ ସବୁକିଛି ଅଫିସିଆଲ ପ୍ରୋସିଜିଓରରେ ହୋଇଥିବା ବିଭାଗୀୟ ଡେପୁଟି କମିଶନର କହୁଥିବାବେଳେ ଦୁଇଗୁଣା ଅଧିକ ଦରରେ ଟେଣ୍ଡରକୁ ନେଇ ଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି। ଏପରି ସ୍ଥିତିରେ ବିଏମ୍‌ସି କର୍ତ୍ତୃପକ୍ଷ ନିଜ ଦୋଷ ଘୋଡାଇବା ପାଇଁ ଜୋର୍‌ଦାର ପ୍ରୟାସ କରିଛନ୍ତି। ବାସ୍ତବରେ ଟେଣ୍ଡର ପ୍ରକ୍ରିୟାରେ କିଛି ଘୋଟାଲା ହୋଇଛି କି ନାହିଁ ଏବଂ ଏହା ପଛରେ କିଏ ଅଛନ୍ତି, ତାହାର ତଦନ୍ତ ନ କରି ହଠାତ୍ ବିଭାଗୀୟ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଅଭିମନ୍ୟୁ ବେହେରାଙ୍କର ସୋମବାର ଅନ୍ତରୀଣ ବଦଳି କରିଦିଆଯାଇଛି। ତଳିଆ କର୍ମଚାରୀଙ୍କୁ ବଦଳି କରି ଉପରିସ୍ଥ ଅଧିକାରୀଙ୍କୁ ଘଣ୍ଟ ଘୋଡାଇବା ସହ ଘଟଣାକୁ ଚପାଇଦେବାକୁ ଚେଷ୍ଟା କରାଯାଉଥିବା ମଧ୍ୟ ଆଲୋଚନା ହେଉଛି। ସମ୍ପୃକ୍ତ ଇଞ୍ଜିନିୟର ୨୦୦୦ ମସିହାରୁ ଭେହିକିଲ୍ ବିଭାଗରେ କାର୍ଯ୍ୟ କରୁଥିଲେ। ଜଣେ ସରକାରୀ କର୍ମଚାରୀ ଏତେବର୍ଷ ଧରି ଗୋଟିଏ ବିଭାଗରେ ରହିଥିବାବେଳେ ପୂର୍ବରୁ କାହିଁକି ତାଙ୍କର ବଦଳି ହୋଇ ନ ଥିଲା ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ସେହିପରି ଯଦି ଟେଣ୍ଡର ପ୍ରକ୍ରିୟା ଅଫିସିଆଲ ପ୍ରୋସିଜିଓରରେ ହୋଇଛି, ତେବେ ହଠାତ୍ ଏଭଳି ତରବରିଆ ବଦଳି ପଛରେ ରହସ୍ୟ କ'ଣ ? ଅପରପକ୍ଷେ ସୋମବାର ଭେହିକିଲ୍ ଆସୋସିଏଶନ୍ ପକ୍ଷରୁ ବିଏମ୍‌ସି ମୁଖ୍ୟାଳୟ ଆଗରେ ପୁନର୍ବାର ଧାରଣା ଦିଆଯାଇଥିଲା। ତେବେ ବିନା ଅନୁମତିରେ ବିଏମ୍‌ସି ମୁଖ୍ୟାଳୟ ଆଗରେ ଧାରଣା ଦିଆଯାଇଥିବା ଦର୍ଶାଇ ପୋଲିସ ଆସି ସେମାନଙ୍କୁ ସେଠାରୁ ଉଠାଇ ନେଇଥିଲା। ଏହାପରେ ସେମାନେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ନିକଟକୁ ଅଭିଯୋଗ ନେଇ ଯାଇଥିଲେ। ଏମ୍‌ପି ସମସ୍ତ ବିଷୟ ଶୁଣିବା ପରେ ମେୟରଙ୍କୁ ଫୋନ୍ କରି ସମସ୍ୟାର ସମାଧାନ କରିବା ପାଇଁ କହିଥିଲେ। ମେୟର ମଙ୍ଗଳବାର ପୂର୍ବାହ୍ନରେ ଆଲୋଚନା କରିବାକୁ ଆସୋସିଏଶନ୍ କର୍ମକର୍ତ୍ତାଙ୍କୁ ଡାକିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ପୂର୍ବରୁ ବିଏମ୍‌ସିର ବିଭିନ୍ନ କାମରେ ବିନା ଟେଣ୍ଡରରେ ଶହଶହ ଗାଡ଼ି ଲାଗୁଥିବାବେଳେ ଏଥିରେ ସ୍ୱଚ୍ଛତା ଆଣିବାକୁ ପ୍ରଥମକରି ଏଭଳି ଟେଣ୍ଡର ହୋଇଥିଲା। ଗୋଟିଏ ସଂସ୍ଥା ବିଏମ୍‌ସିରେ ଭାରିଯାନ ଓ ହାଲୁକାଯାନ ଲଗାଇବାକୁ ନିଷ୍ପତ୍ତି ପରେ ଏହି ଟେଣ୍ଡର ଡକାଯାଇଥିଲା। ମାତ୍ର ଟେଣ୍ଡର ଦ୍ୱାରା ସ୍ୱଚ୍ଛତା ଆସିବା ପରିବର୍ତ୍ତେ ଏଥିରେ ପ୍ରିୟାପ୍ରୀତି ତୋଷଣ ହୋଇଥିବା ଅଭିଯୋଗ ହୋଇଥିଲା। ଏପରିକି ଟେଣ୍ଡର ନେଇଥିବା ସମ୍ପୃକ୍ତ କମ୍ପାନୀକୁ ଭଡ଼ା ବାବଦରେ ଅଧିକ ଦର ଦେବାକୁ ନିର୍ଦ୍ଧାରିତ ହୋଇଛି। ସେହିପରି ବିଏମ୍‌ସିରେ ଗାଡି ଲଗାଇଥିବା ମାଲିକମାନେ ୨୦୨୨ରୁ ଏଯାଏ ଭଡ଼ା ବାବଦକୁ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପାଇନାହାନ୍ତି। ବିଏମ୍‌ସି ବିଭିନ୍ନ ବାହାନା କରି ବକେୟା ପାଉଣା ଦେଉ ନ ଥିବା ଆସୋସିଏଶନ ଅଭିଯୋଗ କରିଛି।


ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ସହ ବିଏମ୍‌ସି ଭେହିକଲ୍ ଆସୋସିଏଶନ୍ ସଦସ୍ୟଙ୍କ ଆଲୋଚନା।

## ଟାଇମ୍‌ପାସ୍‌ର ପୁସ୍ତକ ପର୍ବ 'ବହିବର୍ଷା'

ଭୁବନେଶ୍ୱର, ୭।୧୦ (ବନ୍ଦନା ସେଠୀ)

ବରିଷ୍ଠ, ପ୍ରବୀଣ ଓ ନୂତନ ଲେଖକଙ୍କ ମାରାଥନ ପୁସ୍ତକ ଲୋକାର୍ପଣ ଉତ୍ସବ 'ବହିବର୍ଷା' କାର୍ଯ୍ୟକ୍ରମ ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶନ ସଂସ୍ଥା ଟାଇମ୍‌ପାସ ପକ୍ଷରୁ ଆୟୋଜିତ ଏହି ଆସରକୁ କଥାକାର ପ୍ରକାଶ ମହାପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରକାଶକ ତଥା ଉତ୍ସବର ନିର୍ଦ୍ଦେଶକ ସରୋଜ ବଳ ଯୋଗଦେଇ, ପୁସ୍ତକଟିଏ ଜନ୍ମନେବା, ପିଲାଟିଏ ଜନ୍ମନେବା ପରି ଏକ ଆନନ୍ଦମୟ ଘଟଣା। ଏ ଅମୂଲ୍ୟ ମୁହୂର୍ତ୍ତକୁ ସମୀକ୍ଷା ବା ସମାଲୋଚନା ନୁହେଁ, ବରଂ ସ୍ନେହ ଓ ଆଶୀର୍ବାଦର ସ୍ୱର୍ଶ ବେଶି ଜରୁରୀ ବୋଲି କହିଥିଲେ। ଏହି ଅବସରରେ ଫନୀ ମହାନ୍ତିଙ୍କ 'ଶ୍ରେଷ୍ଠ କବିତା', ବିଜୟ ମହାପାତ୍ରଙ୍କ 'ଅଶ୍ରୁ ଅନଳ', ସୁଷମା ମିଶ୍ରଙ୍କ ମୁଖରିତ 'ନୀରବତା', ଶୁଭଶ୍ରୀ ଲେଙ୍କାଙ୍କ 'ଏଇ ପୃଷ୍ଠାଟି ମୋର', ସ୍ୱାଗତିକା ମିଶ୍ରଙ୍କ 'କାକର ଟୋପାର ଆଖି', ରୀତାଞ୍ଜଳି ମହାରଣାଙ୍କ ମୁଁ ଦେବୀ ହେବାକୁ ଚାହେଁନା, ସୁପ୍ରଭା ବାରିକଙ୍କ 'ଖରସ୍ରୋତାରେ ଜୀବନ' ଆଦି କବିତା ସଂକଳନର ମହୁରତ୍ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଲେଖକ ଡ. ବାସୁଦେବ ଦାସ, ବରିଷ୍ଠ କବି ଡ. ଫନୀ ମହାନ୍ତି, ଶାରଳା ପୁରସ୍କାରପ୍ରାପ୍ତ ଲେଖିକା ଡ. ସରୋଜିନୀ ସାହୁ ଏବଂ ଅଧ୍ୟାପକ ବିଶ୍ୱରଞ୍ଜନ ଅତିଥି ଭାବେ ଯୋଗଦେଇଥିଲେ। ଅରୁଣ କୁମାର ଦାସ, ଅବିନାଶ ସାହୁ ଏବଂ ସତ୍ୟଜିତ୍ ମିଶ୍ର ଏହାକୁ ପରିଚାଳନା କରିଥିଲେ।

## ଆଇପିଏସ୍ ଅଫିସର ଅରୁଣ ଷଡ଼ଙ୍ଗୀଙ୍କୁ ବିଦାୟ ସମ୍ବର୍ଦ୍ଧନା

### ବିପିଏସ୍‌ପିଏର ନିର୍ଦ୍ଦେଶକ ହେଲେ ସଞ୍ଜୀବ ପଣ୍ଡା



ଭୁବନେଶ୍ୱର,୭।୧୦(ସୂର୍ଯ୍ୟକାନ୍ତ ବେହେରା)

ପୋଲିସ ବିଭାଗରୁ ବରିଷ୍ଠ ଆଇପିଏସ୍ ଅଫିସର ଅରୁଣ ଷଡ଼ଙ୍ଗୀ ବିଦାୟ ନେଇଛନ୍ତି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଷ୍ଟେଟ ପୋଲିସ ଏକାଡେମୀ(ବିପିଏସ୍‌ପିଏ) ପଡିଆରେ ସୋମବାର ଷଡ଼ଙ୍ଗୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିପିଏସ୍‌ପିଏର ନିର୍ଦ୍ଦେଶକ ଥିଲେ ଷଡ଼ଙ୍ଗୀ। ବିଦାୟକାଳୀନ ସଭାରେ ଭାବବିହ୍ୱଳ ହୋଇ ସମ୍ବୋଧନ କରି ଷଡ଼ଙ୍ଗୀ କହିଛନ୍ତି ଯେ, ଆମମାନଙ୍କ ପୋଲିସ ପୋଷାକ ପ୍ରତି ବିଶେଷ ଦୁର୍ବଳତା ଥାଏ। ଏହି ପୋଷାକ ପିନ୍ଧି କାମ କରିବାର ଆଗ୍ରହ ଥାଏ। ହେଲେ ଏହି ପୋଷାକ ଆଉ ମୁଁ ପିନ୍ଧିପାରିବି ନାହିଁ। ଭାବିଲେ ଦୁଃଖ ଲାଗୁଛି। ଏତେଶୀଘ୍ର ୟୁନିଫର୍ମ ଖୋଲିବି ଭାବି ନ ଥିଲି। ଏହାସହ ସେ ଆହୁରି ମଧ୍ୟ କହିଛନ୍ତି, ୟୁନିଫର୍ମ ହେଉଛି ସୁରକ୍ଷା କବଚ। ମାନସିକ ସ୍ତରରେ ୟୁନିଫର୍ମ ଖୋଲିବାକୁ ପ୍ରସ୍ତୁତ ନ ଥିଲି। ୩୩ବର୍ଷର ଚାକିରି କାଳ ଭିତରେ ଅନେକ ସଫଳତା ଓ ବିଫଳତା ଦେଖିଛନ୍ତି ବୋଲି ଷଡ଼ଙ୍ଗୀ କହିଥିଲେ। ଅନ୍ୟପଟେ ବିପିଏସ୍‌ପିଏର ନିର୍ଦ୍ଦେଶକ ଭାବେ ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି ।

ସୂଚନାନୁସାରେ ଅରୁଣ ଷଡ଼ଙ୍ଗୀଙ୍କ ଆଉ ୧୦ ମାସ ଚାକିରି କାଳ ଥିଲା। ହେଲେ ରାଜ୍ୟ ସରକାର ତାଙ୍କୁ ଲୋକସେବା ଆୟୋଗର ଅଧ୍ୟକ୍ଷ (ଓପିଏସ୍‌ସି) ଭାବେ ୬ ବର୍ଷ ପାଇଁ ନିଯୁକ୍ତି ପ୍ରଦାନ କରିଛନ୍ତି। ଫଳରେ ଆଇପିଏସ ଅଫିସର ଷଡ଼ଙ୍ଗୀ ଭିଆର୍‌ଏସ୍ ପାଇଁ ଆବେଦନ କରିଥିଲେ। ଏହି ଆବେଦନକୁ ସରକାର ମଞ୍ଜୁର କରିଛନ୍ତି। ସେହିପରି ଷଡଙ୍ଗୀ କିଛିଦିନ ପାଇଁ ପୋଲିସ ଡିଜି ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି।

## ବକ୍ସିଂ ଚାମ୍ପିୟନଶିପ୍‌ରେ ପୂର୍ବତଟ ରେଳପଥର ସଫଳତା



ଭୁବନେଶ୍ୱର,୭।୧୦(ଅନୁରାଧା ମହାରଣା)

ନିକଟରେ ଶେଷ ହୋଇଥିବା ସର୍ବଭାରତୀୟ ରେଲ୍‌ୱେ ବକ୍ସିଂ ଚାମ୍ପିୟନଶିପ୍‌ରେ ପୂର୍ବତଟ ରେଳପଥ ୪ଟି ସମ୍ମାନଜନକ ପଦକ ହାସଲ କରି ତାରକା ପ୍ରଦର୍ଶନ କରିଛି। ପୁରୁଷ ଦଳ ୨ଟି ରୌପ୍ୟ ପଦକ ଜିତିଥିବାବେଳେ ମହିଳା ଦଳ ଗୋଟିଏ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ହାସଲ କରିଛି। ପୂର୍ବତଟ ରେଳପଥ ବକ୍ସିଂ ଖେଳାଳିଙ୍କର ସଫଳତାକୁ ସ୍ୱୀକୃତି ପ୍ରଦାନସ୍ୱରୂପ ୬ଜଣ ବିଶିଷ୍ଟ ଖେଳାଳି (ପୁରୁଷ ଓ ମହିଳା ଦଳର ୩ଜଣ ଲେଖାଏ) ଜାତୀୟ ବକ୍ସିଂ ଦଳକୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଭୁବନେଶ୍ୱରଠାରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ବିଜୟୀ ବକ୍ସରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବତଟ ରେଳପଥ ଖେଳାଳିଙ୍କର ଏହା ଏକ ଉଲ୍ଲେଖନୀୟ ପ୍ରଦର୍ଶନ ବୋଲି ସେ କହିଛନ୍ତି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ 'ନୃତ୍ୟାୟନ'ରେ ଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି। (ଫଟୋ: ବିକାଶ ନାୟକ)

## ହାଇକୋର୍ଟ ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଭୁବନେଶ୍ୱର,୭।୧୦(ସତ୍ୟଜିତ୍ ରାଉତ)

ହାଇକୋର୍ଟର ବରିଷ୍ଠ ବିଚାରପତି ଦେବବ୍ରତ ଦାଶଙ୍କୁ ଭୁବନେଶ୍ୱର ବାର୍ ଆସୋସିଏଶନ୍ ପକ୍ଷରୁ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଭୁବନେଶ୍ୱର ପାନ୍ଥନିବାସ ଅଡିଟୋରିଅମ୍‌ରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି ସାବିତ୍ରୀ ରଥ, ଶଶିକାନ୍ତ ମିଶ୍ର, ମୃଗାଙ୍କ ଶେଖର ସାହୁ, ଭି. ନରସିଂହ, ଆଦିତ୍ୟ ମହାପାତ୍ର, ଶିବଶଙ୍କର ମିଶ୍ର ଓ ଭୁବନେଶ୍ୱର ଓକିଲ ସଂଘ ସଭାପତି କୁନ୍ଦନ ରଥ, ଉପସଭାପତି ଦୁର୍ଗାପ୍ରସାଦ ସାହୁ, ସମ୍ପାଦକ ଦୀପକ ଦାଶ, କୋଷାଧ୍ୟକ୍ଷ ଜଗଦୀଶ ବେହେରା, ଯୁଗ୍ମ ସମ୍ପାଦକ ଅନ୍ତର୍ଯାମୀ ବିଶ୍ୱାଳ, ସହ ସମ୍ପାଦକ କୁଳଦୀପ ରାଉତରାୟ ଏବଂ ସମସ୍ତ କାର୍ଯ୍ୟକାରୀ ସଭ୍ୟଙ୍କ ସମେତ ବହୁ ସଂଖ୍ୟାରେ ଓକିଲମାନେ ଉପସ୍ଥିତ ଥିଲେ। ଏହି ସମାରୋହ ଚିର ସ୍ମରଣୀୟ ହୋଇ ରହିବ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି।

## ଲକ୍ଷ୍ମଣଙ୍କୁ 'ଶିଳ୍ପୀଶ୍ରୀ', ଲୋଚନଙ୍କୁ 'ବୟନଶ୍ରୀ' ପୁରସ୍କାର

### ଓଡ଼ିଶା ଶିଳ୍ପୀ ମହାସଂଘର ଦ୍ୱାଦଶ ବାର୍ଷିକ ମହୋତ୍ସବ




ଭୁବନେଶ୍ୱର,୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡିଶା ଶିଳ୍ପୀ ମହାସଂଘର ଦ୍ୱାଦଶ ବାର୍ଷିକ ମହୋତ୍ସବ ସୋମବାର ସୂଚନାଭବନରେ ପାଳିତ ହୋଇଯାଇଛି। ମହାସଂଘ ସଭାପତି ଉଦୟ ମହାନ୍ତି ଏଥିରେ ସଭାପତିତ୍ୱ କରି କହିଲେ, ୨୦୨୪ ନିର୍ବାଚନ ପରେ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ପରିଷଦ ପରିଚାଳନା ବୋର୍ଡକୁ ସରକାର ଭାଙ୍ଗି ଦେଇଥିବାରୁ ପରିଷଦର କୌଣସି କାର୍ଯ୍ୟ ଆଗେଇ ପାରୁନାହିଁ। ତେଣୁ ଯଥାଶୀଘ୍ର ଏହି ବୋର୍ଡ ଗଠନ ନେଇ ଘୋଷଣା କରାଯାଉ ବୋଲି ସେ ଦାବି ରଖିଥିଲେ। ମହାସଂଘ ସଭାପତି ଉଦୟ ମହାନ୍ତି ବିକାଶ ପରିଷଦକୁ ମହାସଂଘର ମାନସ ଅନୁଷ୍ଠାନ ବୋଲି କହିବା ସହ ଏହାର ପୁନଃଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥି ଭାବେ ମହାସଂଘ ମୁଖ୍ୟ ଉପଦେଷ୍ଟା ପଦ୍ମ ବିଭୂଷଣ ସୁଦର୍ଶନ ସାହୁଙ୍କ ସମେତ ବିପିନ ବିହାରୀ ସାହୁ, ଦେବୀ ନନ୍ଦ, ସଚିକାନ୍ତ ପ୍ରଧାନ, ଅନିତା ସାବତ ପ୍ରମୁଖ ଯୋଗଦେଇ ବୁଣାକାରମାନେ ସାମ୍ନା କରୁଥିବା ସମସ୍ୟାଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ମହାସଂଘ ଉପଦେଷ୍ଟା ସିଦ୍ଧାର୍ଥ ଘୋଷ, ସଙ୍ଗଠନ ସମ୍ପାଦିକା ସରୋଜିନୀ ଦାସ, ଉପସଭାପତି ଶରତ ପ୍ରଧାନ, ବାଲେଶ୍ୱର ଜିଲା ସଭାନେତ୍ରୀ ବାସନ୍ତୀ ନାୟକ, ଶିଳ୍ପୀ ସଙ୍ଗଠକ ଦିଲୀପ ପଟ୍ଟନାୟକ, ବରିଷ୍ଠ ବୁଣାକର ଲକ୍ଷ୍ମୀଧର ଚାନ୍ଦ ପ୍ରମୁଖ ଶିଳ୍ପୀ ଓ ବୁଣାକାରଙ୍କ ଏକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଇଡିତାଲ ଚିତ୍ରଶିଳ୍ପୀ ଲକ୍ଷ୍ମଣ ଶବରଙ୍କୁ ମହାସଂଘର ଶ୍ରେଷ୍ଠ ସମ୍ମାନ 'ଶିଳ୍ପୀଶ୍ରୀ ପୁରସ୍କାର' ଓ ବୁଣାକାର ଲୋଚନ ମେହେରଙ୍କୁ 'ବୟନଶ୍ରୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ସେହିପରି ଭୁବନେଶ୍ୱରର କଳାନୁରାଗୀ ଶିଳ୍ପୀ ସଙ୍ଗଠକ ସିଦ୍ଧାର୍ଥ ଘୋଷଙ୍କୁ 'ଶିଳ୍ପୀ ସଖା ପୁରସ୍କାର' ଓ ଓଡିଶା ଶିଳ୍ପୀ ମହାସଂଘର ଦ୍ୱାଦଶ ବାର୍ଷିକ ମହୋତ୍ସବ ସ୍ଥାପନା ଚାରିଟେବୁଲ ଟ୍ରଷ୍ଟକୁ 'ଶିଳ୍ପୀ ସହଯୋଗୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ମହାସଂଘର ସମ୍ପାଦକ ପ୍ରିୟରଞ୍ଜନ କର ମଞ୍ଚ ପରିଚାଳନା ଓ ଖୋର୍ଦ୍ଧା ଜିଲା ସଭାପତି ଗଗନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଆପାର୍ଟମେଣ୍ଟରେ ଅଲ୍‌ଟ୍ରା-ଫିଲ୍‌ଟର ପ୍ଲାଣ୍ଟ

ତ୍ରିଶୂଳିଆ,୭।୧୦
(ତୁଷାରକାନ୍ତ ବେହେରା)

ରଘୁନାଥପୁର ଗାଁସ୍ଥିତ ରୟାଲ ଲାଗୁନ ଆପାର୍ଟମେଣ୍ଟରେ ସୋମବାର ରାଜ୍ୟର ପ୍ରଥମ ରେସି ସୋସାଇଟି ଭାବରେ ବିଶୋଧିତ ବର୍ଜ୍ୟଜଳର ପୁନଃ ବିଶୋଧନ ତଥା ବ୍ୟବହାର ପାଇଁ ଅଲ୍‌ଟ୍ରା-ଫିଲ୍‌ଟର ଟେକ୍ନୋଲୋଜିର ନୂତନ ପ୍ଲାଣ୍ଟକୁ ଏମ୍‌ପି ଅପରାଜିତା ଷଡଙ୍ଗୀ ଉନ୍ମୋଚନ କରିଛନ୍ତି। ତାଙ୍କ ସହିତ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ଜିଲା ପରିଷଦ କୁନାଲ ରାଉତଙ୍କ ସମେତ ଆପାର୍ଟମେଣ୍ଟର କର୍ମକର୍ତ୍ତା ଓ ଅଧିବାସୀ ଉପସ୍ଥିତ ଥିଲେ। ଏହି ପ୍ଲାଣ୍ଟ ପ୍ରତିଷ୍ଠା ହେବା ଦ୍ୱାରା ଭୂତଳ ଜଳର ଆବଶ୍ୟକତା ଅନେକ ମାତ୍ରାରେ କମ୍ ହେବା ସହିତ, ପରିବେଶକୁ ଯାଉଥିବା ବିଶୋଧିତ ବର୍ଜ୍ୟଜଳ ନାମକୁ ମାତ୍ର ହୋଇଯିବ ବୋଲି ଏମ୍‌ପି କହିଛନ୍ତି। ୭୦୫ ପରିବାର ବସବାସ କରୁଥିବା ଏହି ଆପାର୍ଟମେଣ୍ଟର ନିଜସ୍ୱ ଖର୍ଚ୍ଚରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରିଛନ୍ତି। ଏମ୍‌ପି ଷଡ଼ଙ୍ଗୀ ଆପାର୍ଟମେଣ୍ଟ ଅଧିବାସୀଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ସମଗ୍ର ରାଜ୍ୟରେ ରହିଥିବା ଆପାର୍ଟମେଣ୍ଟ ମଧ୍ୟରୁ ଏହି ଆପାର୍ଟମେଣ୍ଟ ପ୍ରଥମ ବୋଲି କହିଛନ୍ତି। ଆପାର୍ଟମେଣ୍ଟର ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୂଆଁଖାଇ ଭେଟ୍‌ଘାଟ,ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ଆନୁକୂଲ୍ୟରେ ନୂଆଖାଇ ଭେଟଘାଟ ଓ ବୟୋଜ୍ୟେଷ୍ଠ ପ୍ରତିଭା ସମ୍ମାନ ଉତ୍ସବ ରବିବାର ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ବିଚାରପତି ସୁଶାନ୍ତ କୁମାର ପଟ୍ଟନାୟକ ଏବଂ ଅବସରପ୍ରାପ୍ତ ଆଇନ ସଚିବ ଗୋଧନେଶ୍ୱର ହୋତା ଅତିଥି ଭାବେ ଯୋଗଦେଇଥିଲେ । ସମିତିର ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆରକ୍ଷୀ ମହାନିର୍ଦ୍ଦେଶକ ଖୁରାନିଆଙ୍କୁ ଖୋର୍ଦ୍ଧା, ଢେଙ୍କାନାଳ, ପୁରୀ, ଗଞ୍ଜାମ ଓ ଅନ୍ୟ ଜିଲା ସଂଗଠନ ତଥା କେନ୍ଦ୍ରୀୟ ସଂଗଠନ ତରଫରୁ ସ୍ମାରକୀ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅବସରପ୍ରାପ୍ତ ବିଚାରପତି ପଟ୍ଟନାୟକ ଓ ଅବସରପ୍ରାପ୍ତ ଆଇନ ବିଭାଗ ଅତିରିକ୍ତ ସଚିବ ହୋତାଙ୍କୁ ମୁଖ୍ୟଅତିଥି ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବୟୋଜ୍ୟେଷ୍ଠ ପ୍ରତିଭା ସମ୍ମାନ-୨୦୨୪ରେ ସମ୍ମାନିତ କରିଥିଲେ। ଉପସଭାପତି ଦେବେନ୍ଦ୍ର ନାଥ ଶତପଥୀଙ୍କ ରଚିତ କାବ୍ୟ ପୁସ୍ତକ ଗୀତାଞ୍ଜଳିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମୁଖ୍ୟଅତିଥି ଖୁରାନିଆ ତାଙ୍କ ବକ୍ତବ୍ୟରେ ସମିତିର ସାମାଜିକ କାର୍ଯ୍ୟକୁ ଭୂରିଭୂରି ପ୍ରଶଂସା କରିବା ସହ ସମାଜରେ ଆଇନ ଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣରେ ପୋଲିସକୁ ଦିଗଦର୍ଶନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏସ୍‌ବିଆଇ ଟ୍ରେଜେରୀ ଶାଖାର ଏଜିଏମ୍ ବରେନ୍ଦ୍ର ରଣା ତାଙ୍କ ବକ୍ତବ୍ୟରେ ପେନ୍‌ସନରମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେବା ନିବୃତ୍ତ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଅବସରପ୍ରାପ୍ତ କର୍ମଚାରୀଙ୍କ କମ୍ୟୁଟେଶନ ସମସ୍ୟା ଉପରେ ଆଲୋକପାତ କରିଥିଲେ।



ନୂଆଁଖାଇ ଭେଟଘାଟ,ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଓ ଅନ୍ୟମାନେ।

## ସୁସ୍ଥ ସହର ନିର୍ମାଣରେ ସମସ୍ତଙ୍କ ସହଭାଗିତା ଆବଶ୍ୟକ

### ବିଶ୍ୱ ବସତି ଦିବସ

ଭୁବନେଶ୍ୱର, ୭।୧୦ (ବନ୍ଦନା ସେଠୀ)

ଏକ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ବିକଶିତ ସହର ନିର୍ମାଣ ପାଇଁ ସବୁ ବର୍ଗର ଲୋକଙ୍କ ସହଭାଗିତା ନିହାତି ଆବଶ୍ୟକ। ବିଶେଷକରି ଯୁବବର୍ଗ ବିକାଶ ପ୍ରକ୍ରିୟାରେ ଦାୟିତ୍ୱ ନେଲେ, ଅନେକ କାର୍ଯ୍ୟ ହୋଇପାରିବ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ସହଭାଗୀ ବିକାଶ ମଞ୍ଚ ପକ୍ଷରୁ ଦି ହ୍ୟୁମାନିଟି, ଆଇଆଇଇସି, ସିସିଡବ୍ଲ୍ୟୁଡି, ସିଏସ୍‌ଏନ୍‌ଆର୍, ଆକ୍ସନ ଏଡ୍, ଟିଡବ୍ଲ୍ୟୁଟି ଓ ଦରବାର ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ସୋମବାର 'ବିଶ୍ୱ ବସତି ଦିବସ' ପାଳିତ ହୋଇଥିଲା। ଗୀତଗୋବିନ୍ଦ ସଦନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେୟର ସହରର ଉନ୍ନତି ପାଇଁ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ। ସ୍ଥାୟୀ ସହରୀ ଭବିଷ୍ୟତ ଗଠନ କରିବାରେ ଯୁବକଙ୍କ ପରିବର୍ତ୍ତନଶୀଳ ସମ୍ଭାବନାକୁ ଚିହ୍ନିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି କାର୍ଯ୍ୟକ୍ରମର ଆବାହକ ସଚିକାନ୍ତ ପ୍ରଧାନ କହିଥିଲେ। ଏହି ଅବସରରେ ଆଇଆଇଇସିର ନିର୍ଦ୍ଦେଶକ ଡ. ଶିଶିର ଦାସଙ୍କ ସଭାପତିତ୍ୱରେ 'ସହରୀ ଗରିବଙ୍କ ସଶକ୍ତୀକରଣ : ସହର ଓ ଜୀବନର ପରିବର୍ତ୍ତନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇଥିବା ଅତିଥିମାନେ କହିଲେ, ସହରୀ ଗରିବଙ୍କ ନିମନ୍ତେ ସ୍ଥାୟୀ ଭୂମି, ଆବାସ, ଭିତ୍ତିଭୂମି ଓ ସମ୍ମାନଜନକ ଜୀବିକା ଯୋଗାଇବା ସରକାରଙ୍କ ଉତ୍ତରଦାୟିତ୍ୱ। ସମାବେଶୀ ସହର ପାଇଁ ଦୀର୍ଘମିଆଦି ସମନ୍ୱିତ ବିକାଶ ଯୋଜନା ଦିଗରେ ବିଭିନ୍ନ ବର୍ଗ ମଧ୍ୟରେ ସହଯୋଗ ସ୍ଥାପନ କରିବା ନିହାତି ଆବଶ୍ୟକ। ସେହିପରି ମହିଳା, ଶିଶୁ, ବରିଷ୍ଠ ନାଗରିକ, ଟ୍ରାନ୍ସଜେଣ୍ଡର, ଦିବ୍ୟାଙ୍ଗ, ରାସ୍ତାପାର୍ଶ୍ୱ ଦୋକାନୀ ଓ ଘରୋଇ ଶ୍ରମିକଙ୍କ ମଜଭୁତ ସୁରକ୍ଷା ବ୍ୟବସ୍ଥା କରିବା ଏବଂ ଏକ ସୁନ୍ଦର ଓ ସୁସ୍ଥ ସହର ନିର୍ମାଣ ପାଇଁ ପରିବେଶ ସ୍ୱଚ୍ଛତା, ଜଳବାୟୁ ପରିବର୍ତ୍ତନ, ବିପର୍ଯ୍ୟୟ ପରିଚାଳନା ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ମତପ୍ରକାଶ ପାଇଥିଲା। ଆଲୋଚନାଚକ୍ରରେ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ସମାଜ ମଙ୍ଗଳ ବୋର୍ଡର ପୂର୍ବତନ ଅଧ୍ୟକ୍ଷା ନିବେଦିତା ବଳିୟାରସିଂହ ନାୟକ, ପୂର୍ବତନ ଅତିରିକ୍ତ ପୋଲିସ ଆୟୁକ୍ତ ଡ. ସତିଶ ରାୟ, ସାମ୍ବାଦିକ ସୁଦର୍ଶନ ଛୋଟରାୟ, ଅକ୍ଷୟ କୁମାର ସାହୁ, ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।



ଗୀତ ଗୋବିନ୍ଦ ସଦନରେ ଆୟୋଜିତ ବିଶ୍ୱ ବସତି ଦିବସ-୨୦୨୪ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଆଜି ଏସ୍‌ସିବିରେ ଉଦ୍‌ଘାଟନ ହେବ ବୋନ୍ ବ୍ୟାଙ୍କ**

କଟକ, (ଶିଶିର ପ୍ରିୟଦର୍ଶିନୀ): ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ପ୍ରଥମ ବୋନ (ଅସ୍ଥି) ବ୍ୟାଙ୍କ ଖୋଲିବ। ଓଡ଼ିଶାର ପ୍ରଥମ ସରକାରୀ ହସ୍ପିଟାଲ ଭାବେ ଏସ୍‌ସିବିରେ ମଙ୍ଗଳବାର ଅପରାହ୍ନ ୪ଟାରେ ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ଏସ୍‌ସିବି ମେଡିକାଲର ଅସ୍ଥିଶଲ୍ୟ (ଅର୍ଥପେଡିକ) ବିଭାଗରେ ସମସ୍ତ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଅସ୍ଥି ରଖିବା ଲାଗି ଦୁଇଟି ମେସିନ ଅଣାଯାଇଛି। ଏଥିସହ ଜଣେ ଅପରେଟରଙ୍କୁ ନିଯୁକ୍ତ କରାଯାଇଛି। ଏହି ବୋନ୍ ବ୍ୟାଙ୍କକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ କଟକ ଏମ୍‌ପି ଓ ସ୍ଥାନୀୟ ବିଧାୟକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

**ସଂକ୍ଷେପରେ**

## ମନ୍ଦିରର ଦଧିନଉତି, ରତ୍ନମୁଦ ସ୍ଥାପନ



ନିଶ୍ଚିନ୍ତକୋଇଲି,୭।୧୦ (ଅଶୋକ କୁମାର ମହାପାତ୍ର) : ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟସ୍ଥିତ ମା'ତାରିଣୀ ମନ୍ଦିରର ଦଧିନଉତି ଓ ରତ୍ନମୁଦ ସ୍ଥାପନ ଆନନ୍ଦ ଉଲ୍ଲାସ ମଧ୍ୟରେ ଶେଷ ହୋଇଛି। ଏହି ଅବସରରେ ସୋମବାର ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କ ମନ୍ଦିରରେ ଭକ୍ତିପୂତ ଧୂପଦୀପ ଓ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ଶ୍ରଦ୍ଧାଳୁ ଭକ୍ତଙ୍କ ହରିବୋଲ ହୁଳହୁଳି ଶଙ୍ଖ ଧ୍ୱନିରେ ମନ୍ଦିର ଦଧିନଉତି ଓ ରତ୍ନମୁଦ ସ୍ଥାପନ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ସ୍ଥାନୀୟ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

## ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ସାଲେପୁର,୭।୧୦(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅନ୍ତର୍ଗତ ତୁଣପୁର ଗ୍ରାମରେ ଆଦର୍ଶ ପ୍ରୟାସ ଫାଉଣ୍ଡେଶନ ଟ୍ରଷ୍ଟ ଓ କଳିଙ୍ଗ ହସ୍ପିଟାଲ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ କଳିଙ୍ଗ ହସ୍ପିଟାଲର ଚେୟାରମ୍ୟାନ୍ ଡାକ୍ତର ସୀତକଣ୍ଠ ଦାସ ଉଦ୍‌ଘାଟନ କରିଥିଲେ। ଶିବିରରେ ପ୍ରାୟ ୩୫୦ରୁ ଅଧିକ ଲୋକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କଳିଙ୍ଗ ହସ୍ପିଟାଲର ବିଭିନ୍ନ ବିଭାଗର ଡାକ୍ତରମାନେ ଯୋଗଦେଇ ଶିବିରକୁ ଆସିଥିବା ଲୋକମାନଙ୍କର ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଡା ଇନ୍ଦ୍ରଲିନ୍ ଦେ, ଡା.ଅଭିଷେକ ଆନନ୍ଦ, ଡା. ଆକାଶ ପଟ୍ଟନାୟକ, ଡା. ସୁଚିସ୍ମିତା ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ଅଂଶୁମାନ ପଟ୍ଟନାୟକ, ଶୁଭକାନ୍ତ ଦାସ, ଗୁରୁଚରଣ ମହାନ୍ତି, ରବୀନ୍ଦ୍ରନାଥ ପ୍ରଧାନ, ସୁମିତ୍ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ମାଗଣା ରକ୍ତ ପରୀକ୍ଷା,ଇସିଜି କରାଯିବା ସହ ମେଡିସିନ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଆଦର୍ଶ ପ୍ରୟାସ ଫାଉଣ୍ଡେଶନ ଟ୍ରଷ୍ଟ ସଭାପତି ନୃସିଂହ କୁମାର ବିଶ୍ୱାଳ, ସମସ୍ତ ସଭ୍ୟ ଓ ତୁଣପୁର ଗ୍ରାମବାସୀ ସହଯୋଗ କରିଥିଲେ।

# ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

- ନିଶ୍ଚିନ୍ତକୋଇଲି ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ଅଭିଯୋଗ
- ଠିକାଦାରଙ୍କୁ ବକେୟା ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ
- ଏକାଠି ହେଲେ ପଞ୍ଚାୟତବାସୀ, ଲୋକପ୍ରତିନିଧି



ଧାରଣାରେ ବସିଥିବା ଲୋକପ୍ରତିନିଧି ଓ ଅନ୍ୟମାନେ।

ନିଶ୍ଚିନ୍ତକୋଇଲି,୭।୧୦ (ଅଶୋକ କୁମାର ମହାପାତ୍ର)

ପ୍ରଶାସନିକ ଅସହଯୋଗ ଓ ରାଜନୈତିକ ଆକ୍ରୋଶ କାରଣରୁ ନିଶ୍ଚିନ୍ତକୋଇଲି ବ୍ଲକରେ ପ୍ରଶାସନିକ ଅଚଳାବସ୍ଥା ଦେଖାଦେଇଛି। ପ୍ରଶାସନକୁ ହାତ ବାରିସି କରି ଉନ୍ନୟନ ମୂଳକ କାର୍ଯ୍ୟକୁ ଠପ୍ କରିଦିଆଯାଇଛି। ଠିକାଦାରଙ୍କୁ ବକେୟା ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ କରାଯାଉଛି। ଏଭଳି ଅଭିଯୋଗ କରି ସୋମବାର ନିଶ୍ଚିନ୍ତକୋଇଲି ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ବାଚିତ ଲୋକପ୍ରତିନିଧି ଓ ସାଧାରଣ ଲୋକେ ଧାରଣା ଦେଇଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ନବୀନ ସରକାରଙ୍କ ଶାସନ କାଳରେ ନିଶ୍ଚିନ୍ତକୋଇଲି ବ୍ଲକର ନତକାଇ ପଞ୍ଚାୟତରେ ମୋ ଓଡ଼ିଶା ନବୀନ ଓଡ଼ିଶା ସମେତ ବିଭିନ୍ନ ଯୋଜନାରେ ବହୁ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ସ୍ଥାନୀୟ ଲାଲବାଗ ସରକାରୀ ଉଚ୍ଚ ବିଦ୍ୟାଳୟକୁ ୫ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ନିମନ୍ତେ ସରକାର ଅର୍ଥ ମଞ୍ଜୁର କରିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟ ଗୃହ ଭଙ୍ଗା ଯାଇଥିଲା। ମାତ୍ର ନିର୍ବାଚନ ପରେ ସରକାର ପରିବର୍ତ୍ତନ ହୋଇଯିବା କାରଣରୁ ସ୍ଥାନୀୟ ଜଣେ ନିର୍ବାଚିତ ଲୋକପ୍ରତିନିଧିଙ୍କ ଇଙ୍ଗିତରେ ଓ ନିର୍ଦ୍ଦେଶରେ ଏହି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟକୁ ଅଧାରୁ ବନ୍ଦ କରି ଦେଇଛନ୍ତି। ଟିକିଏ ବର୍ଷା ହେଲେ ଶ୍ରେଣୀ ଗୃହରେ ବର୍ଷା ପାଣି ଲହଡି ଖେଳୁଛି। ବିପଦ ସଙ୍କୁଳ ଅବସ୍ଥାରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯାଉଛି। କିନ୍ତୁ ବିଦ୍ୟାଳୟର ନିର୍ମାଣକାର୍ଯ୍ୟ ଅଧା ପନ୍ତରିଆ ଅବସ୍ଥାରେ ରହିଛି। ଫଳରେ ଛାତ୍ରୀଛାତ୍ର ସର୍ବୋପରି ଶିକ୍ଷୟିତ୍ରୀ, ଶିକ୍ଷକମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସେହିପରି ମୁକୁନ୍ଦପୁର-୨ ଅଙ୍ଗନୱାଡି କେନ୍ଦ୍ର ଓ ସ୍ଥାନୀୟ ନତକାଇ ଆୟୁଷ୍ମମାନ ଆରୋଗ୍ୟ ମନ୍ଦିରର ଗୃହ ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନ ହେଲା ପୂର୍ଣ୍ଣାଙ୍ଗ ହୋଇଥିଲେ ମଧ୍ୟ ଏହି ଗୃହକୁ ଉଦ୍‌ଘାଟନ କରାଯାଉ ନାହିଁ। ଏପରିକି ଠିକାଦାରଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରାଯାଉନାହିଁ। ଅପରପକ୍ଷେ ଭାରତ ନିର୍ମାଣ ସେବା କେନ୍ଦ୍ର ନତକାଇର ମାମଲା ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବ୍ଲକ ସପକ୍ଷରେ ରାୟ ଆସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହି ଗୃହ ଜବର ଦଖଲରେ ଓ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଛି। ଏହି ପଞ୍ଚାୟତର ବିଭିନ୍ନ ୱାର୍ଡକୁ ଦିଆଯାଇଥିବା ପଞ୍ଚାୟତ ପାଣ୍ଠି, ବ୍ଲକ ପାଣ୍ଠି, ଏମଏଲ୍ଏ ଲ୍ୟାଡ ସମେତ ବିଭିନ୍ନ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉ ନାହିଁ। ଫଳରେ ଏହି ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଏକରକମ ସ୍ଥାଣୁ ପାଲଟିଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ସର୍ବପରି ନିର୍ବାଚିତ ଲୋକପ୍ରତିନିଧିମାନେ ବାରମ୍ବାର ବ୍ଲକ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ ପ୍ରଶାସନ ନିଦା ବିଷ୍ଣୁ ସାଜିଛି। ଏହାର ପ୍ରତିବାଦରେ ନତକାଇ ପଞ୍ଚାୟତ ସରପଞ୍ଚ ଜୟଦେବ ରାଉତ, ସମିତି ସଭ୍ୟା ସରସ୍ୱତୀ ରାଉତ, ଶିବରାମ ରାଉତ, ପରମାନନ୍ଦ ରାଉତ, ବୈଷ୍ଣବ ସେଠୀ, ସୁରେନ୍ଦ୍ରନାଥ ସାହୁ, ପୁଷ୍ପାଞ୍ଜଳି ବେହେରା, ମିତାଞ୍ଜଳୀ ବେହେରା, ପ୍ରଣତି ରାଉତ, ସସ୍ମିତା ବେହେରାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ବ୍ୟକ୍ତି ନିଶ୍ଚିନ୍ତକୋଇଲି ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ନାରାବାଜି ଦେଇଥିଲେ। ବିଡିଓ ମିଟିଂରେ ବ୍ୟସ୍ତଥିବା କାରଣରୁ ଧାରଣାକାରୀଙ୍କ ସହ ପରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରପକ୍ଷରେ ଏହି ବ୍ଲକର ୪୧ଟି ପଞ୍ଚାୟତରେ ଅନୁରୂପ ଭାବେ ଉନ୍ନୟନମୂଳକ କାର୍ଯ୍ୟ ରାଜନୈତିକ ଚାପରେ ଠପ୍ ହୋଇଥିବା ବେଳେ ଠିକାଦାରଙ୍କର ବକେୟା ପ୍ରାପ୍ୟ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି।

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନରେ ୪ ନଂ. ପକ୍ଷଙ୍କ ନିଷ୍କ୍ରିୟତା

**ଗୋଚର ଜମିରେ ସ୍ଥାୟୀ ନିର୍ମାଣ ପ୍ରସଙ୍ଗ**

କଟକ ସଦର,୩୦।୯(ସୁଶାନ୍ତ କୁମାର ଜେନା)

କଟକ ଜିଲା କିଶନନଗର ତହସିଲ ଅଧୀନ କେଶନଗର ମୌଜାର ଏକ ଗୋଚର ଜମିରେ ସ୍ଥାୟୀ ନିର୍ମାଣ ଉପରେ ହାଇକୋର୍ଟ ଜୁନ ୧୮ ତାରିଖରେ ରାୟ ଦେଇ ୪ନଂ. ପକ୍ଷ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ରାୟକୁ ୩ ମାସ ବିତିଯାଇଥିଲେ ସୁଦ୍ଧା ୪ନଂ. ପକ୍ଷ ଅର୍ଥାତ୍ ତହସିଲଦାର କିଶନନଗର କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ବିଶ୍ୱ ଗୋ ସୁରକ୍ଷା ବାହିନୀ ରାଜ୍ୟ ସଭାପତି ଆଇନଜୀବୀ ସୁରେଶ ପଣ୍ଡା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

କେଶ ନଗର ମୌଜାର ଖାତା ନଂ. ୪୦୨ ପ୍ଲଟ ନଂ. ୩୯ର ୨ ଏକର ୨୩ ଡିସିମିଲ ଗୋଚରକୁ ସୁରକ୍ଷିତ ରଖିବାକୁ ଉଚିତ୍ ପଦକ୍ଷେପ ନେବାକୁ ରାୟରେ କୁହାଯାଇଥିଲା। ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଜବରଦଖଲ ବୃଦ୍ଧି ପାଇବାରେ ଲାଗିଛି। କିଶୋର ନଗର ପଞ୍ଚାୟତର ବିଭିନ୍ନ ଗ୍ରାମରେ ରାଜସ୍ୱ ବିଭାଗର ବିନା ଅନୁମତିରେ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ଛତୁ ଫୁଟିଲା ଭଳି ସ୍ଥାୟୀ ନିର୍ମାଣ ଚାଲିଛି। ସେଥିପାଇଁ ସ୍ଥାନୀୟ ତହସିଲଦାର ରାଜନେତାଙ୍କ ହାତ ବାରିଶ ସାଜି ଏହା ଉପରେ ପଦକ୍ଷେପ ନେବାରେ ଜାଣିଶୁଣି ବିଳମ୍ବ କରୁଛନ୍ତି ବୋଲି ପଣ୍ଡା ଜିଲାପାଳଙ୍କୁ ଜଣାଇଛନ୍ତି। ଅଭିଯୋଗ ସମ୍ପର୍କରେ କିଶନ ନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାସଙ୍କୁ ପଚାରିବାରୁ, ବିଦ୍ୟାଳୟ ସମ୍ମୁଖରେ ଥିବା ମୋଟ ଗୋଚର ମଧ୍ୟରୁ ୨୫ ଡିସିମିଲ ଜମିକୁ ଜିଲାପାଳ ଅସଂରକ୍ଷିତ ବୋଲି ଘୋଷଣା କରିଛନ୍ତି। ବାକି ଗୋଚର ଜମିକୁ ସୁରକ୍ଷିତ ରଖିବାକୁ କି ପ୍ରକାରର ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ଦାସ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ୨୫ ଡିସିମିଲ ଜମିରେ କ୍ରୀଡ଼ା କ୍ଷେତ୍ର ହୋଇପାରିବ କି ସେ ବାବଦରେ ମଧ୍ୟ ତହସିଲଦାର ଉତ୍ତର ରଖିପାରି ନ ଥିଲେ।

## ଫନୀ ତଦନ୍ତ ରିପୋର୍ଟ ସାର୍ବଜନୀନ ଦାବି



ଅନଶନରେ ବସିଥିବା ସାମାଜିକ କର୍ମୀ ମନୋଜ କୁମାର ପଣ୍ଡା ଓ ଅନ୍ୟମାନେ।

ବାଙ୍କୀ,୭।୧୦ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ବ୍ଲକ ଅନ୍ତର୍ଗତ ବାଉଁଶପୁଟ ପଞ୍ଚାୟତରେ ତହସିଲ ପକ୍ଷରୁ ଚିହ୍ନଟ ହୋଇଥିବା ଫନୀ କ୍ଷତିଗ୍ରସ୍ତଙ୍କୁ ବାଦ ଦେଇ ସମସ୍ତ ଅଯୋଗ୍ୟ (କୋଠାଘର ଥିବା) ବ୍ୟକ୍ତିଙ୍କୁ ବେନିୟମ ଭାବେ ଫନୀ ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସହାୟତା ପ୍ରଦାନ କରାଯାଇଛି। ଫଳରେ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ବିଧବା ରଶ୍ମିତା ଗଣ୍ଡିଆ ଆତ୍ମାହୂତି ପାଇଁ ଚେତାବନୀ ଦେଇଛନ୍ତି। ଏହାର ଠିକ୍ ଭାବେ ଅନୁଧ୍ୟାନ ଓ ତଦନ୍ତ କରିବା ସହ ତଦନ୍ତ ରିପୋର୍ଟ ସାର୍ବଜନୀନ ଦାବି କରି ସାମାଜିକ କର୍ମୀ ମନୋଜ କୁମାର ପଣ୍ଡା ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିଛନ୍ତି। ତାଙ୍କୁ ସମର୍ଥନ ଜଣାଇ ବାଉଁଶପୁଟ ପଞ୍ଚାୟତର ଦିଲୀପ ମନ୍ତ୍ରୀ, ଧଡେଶ୍ୱର ପରିଡା, ସଞ୍ଜୟ ପ୍ରଧାନ, ଗଣେଶ ପରିଡା, କାର୍ତ୍ତିକ ରାଉତ, ପବିତ୍ର ମୋହନ ରାଉତ, ସିଲୁ ରାଉତ, ପିଣ୍ଟୁ ସେନାପତି, ସନ୍ତୋଷ ମନ୍ତ୍ରୀ, ନରେଶ ଦଳେଇ ପ୍ରମୁଖ ଅନଶନରେ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ଠିକଭାବେ ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନା ଯୋଗାଇ ଦେବାକୁ ଦାବି ହୋଇଛି।

# ନିଶାନିବାରଣ ପାଇଁ ଶପଥପାଠ



ବାଙ୍କୀ,୭।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ଗୟଳବାଙ୍କ ଆଶ୍ରମ ବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅସ୍ତିତ୍ୱ ଆନୁକୂଲ୍ୟରେ ନିଶାନିବାରଣ ସହ ନିଶା ଦ୍ରବ୍ୟକୁ ବର୍ଜନ କରିବା ପାଇଁ ଏକ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ନିଶାଦ୍ରବ୍ୟ ବର୍ଜନ ସହ ସେମାନଙ୍କ ପରିବାର ବର୍ଗଙ୍କୁ ନିଶାରୁ ମୁକ୍ତି ନିମନ୍ତେ ପରାମର୍ଶ ଦିଆଯିବା ଲାଗି ଶପଥପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ନାଥ ସିଂହ, ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପରିବେଶବିତ୍ ଅମୀତ୍ କୁମାର ସାହୁ, ଶିକ୍ଷୟିତ୍ରୀ ସୁକାନ୍ତଲତା ପତି ଓ ଅଞ୍ଜନା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଅସ୍ତିତ୍ୱ ଅନୁଷ୍ଠାନର ସମ୍ପାଦକ ଗୌତମ ମିଶ୍ର ପରିଚାଳନା କରିଥିଲେ।

## ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ସିପିଆଇ କର୍ମୀଙ୍କ ବିକ୍ଷୋଭ

ସାଲେପୁର,୭।୧୦(ଅରବିନ୍ଦ ଭୂୟାଁ): ବିଦ୍ୟୁତ୍ ସମସ୍ୟା ନେଇ ସିପିଆଇ ପକ୍ଷରୁ ସାଲେପୁର ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ମୁତାରିଫାର ପୂର୍ବତନ ସମିତିସଭ୍ୟ ତଥା ସିପିଆଇ ନେତା ଉଦୟ କେଶରୀ ବର୍ମାଙ୍କ ନେତୃତ୍ୱରେ ଏହି ପ୍ରତିବାଦ କରାଯାଇଥିଲା। କାର୍ଯ୍ୟକ୍ରମରେ ସିପିଆଇ ନେତା ଅମରେନ୍ଦ୍ର ମହାନ୍ତି, ଆଦିକନ୍ଦ ମଲ୍ଲିକ, ସନାତନ ମଲ୍ଲିକ, ପୂର୍ଣ୍ଣିମା ମହାନ୍ତି, ପରମାନନ୍ଦ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ଦାଶ, ରୁକ୍ସାନା ବେଗମ, ପାର୍ବତୀ ଖଟୁଆ, କୁନି ଭୋଇ, ବରିଷ୍ଠ ବାମପନ୍ଥୀ ନେତା ପ୍ରତାପ ମହାପାତ୍ର, ବିଦ୍ୟୁତ୍ ଉପଭୋକ୍ତା ମଞ୍ଚର ରାଜ୍ୟ ଆବାହକ ରାଜକିଶୋର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୩ଶହ ୟୁନିଟ୍ ବିଦ୍ୟୁତ୍ ଛାଡ,ଚାଇନା ମିଟର ପ୍ରତ୍ୟାହାର କରିବା, ଲୋଭୋଲଟେଜ୍ ଜନିତ ସମସ୍ୟାର ସମାଧାନ ଓ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବାକୁ ଦାବି କରାଯାଇଥିଲା।

## କଣ୍ଡରେଇ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଖୁଣ୍ଟୁଣୀ,୭।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କଣ୍ଡରେଇ ଗ୍ରାମ ପଞ୍ଚାୟତରେ ସୋମବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇନଜୀବୀ ତଥା ଯୁବ ସଂଗଠନ ଆଦିତ୍ୟ ପ୍ରତାପ ସ୍ୱାଇଁଙ୍କ ସହ ଆଠଗଡ଼ ବ୍ଲକ ପୂର୍ବତନ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ, କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ, ସମିତି ସଭ୍ୟ ବିଶ୍ୱନାଥ ପୂର୍ତ୍ତି, ନାରୀନେତ୍ରୀ ମିତା ରାଉତ, ଅନସୂୟା ପଢିହାରୀ, ପଞ୍ଚାୟତ ସଭାପତି ହୃଷୀକେଶ ପରିଡ଼ା, ସତ୍ୟାନନ୍ଦ ସାହୁ, ଅଜୟ ବେହେରା, ବରୁଣକାନ୍ତ ବେହେରା, ଅରୁପ ରଞ୍ଜନ ମହାନ୍ତି, ଅଭୟ ଭଦ୍ର, ସୁରେନ୍ଦ୍ର ସ୍ୱାଇଁ, ରଞ୍ଜନ ଖୁଣ୍ଟିଆଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ। ପଦଯାତ୍ରା ସତ୍ୟନାରାୟଣପୁରରୁ ଆରମ୍ଭ ହୋଇ ସାବିତ୍ରୀପୁର ମଙ୍ଗଳା ମନ୍ଦିରଠାରେ ସମାପ୍ତ ହୋଇଥିଲା।

# ବାଙ୍କୀ ମହୋତ୍ସବ ଏକାଦଶ ବିଜୟୀ

**ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ପ୍ରତିଯୋଗିତା**

ବାଙ୍କୀ,୭।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ମହୋତ୍ସବ ଉପଲକ୍ଷେ ସ୍ଥାନୀୟ କଚେରି ପଡ଼ିଆଠାରେ ପ୍ରଶାସନ ଏକାଦଶ ଓ ମହୋତ୍ସବ ଏକାଦଶଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ମହୋତ୍ସବ ଏକାଦଶ ଦଳ ୩-୧ ଗୋଲରେ ବାଙ୍କୀ ପ୍ରଶାସନ ଏକାଦଶ ଦଳକୁ ପରାଜିତ କରି ମହୋତ୍ସବରେ ପୁରସ୍କୃତ ହେବା ପାଇଁ ମନୋନୀତ ହୋଇଛି। ପ୍ରଶାସନ ଏକାଦଶ ପକ୍ଷରୁ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି ଓ ମହୋତ୍ସବ ଏକାଦଶ ପକ୍ଷରୁ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏହାର ନେତୃତ୍ୱ ନେଇଥିଲେ। ତପନ ନାୟକ ରେଫରି ଭାବେ ଖେଳ ପରିଚାଳନା କରିଥିବା ବେଳେ ଆଦର୍ଶ ମହାପାତ୍ର ଓ ଜଗନ୍ନାଥ ସେଠୀ ଲାଇନ୍ସ ମ୍ୟାନ ଭାବରେ କାର୍ଯ୍ୟ କରିଥିଲେ। ବାଙ୍କୀ ମହୋତ୍ସବ ସମ୍ପାଦକ ସନ୍ତୋଷ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଖେଳକୁ ବରିଷ୍ଠ ସାମଜିକ କର୍ମୀ ଶ୍ୟାମସୁନ୍ଦର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳ ଶୁଭାରମ୍ଭ କରିଥିଲେ। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ମହୋତ୍ସବ ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ, ମହୋତ୍ସବ କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର, ଭାଗିରଥି ବିଶ୍ୱାଳ, ଆଇନଜୀବୀ ପ୍ରଦୀପ କୁମାର ପୃଷ୍ଟି, ସୌମେନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ।



ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି।

# ଗଣକବିଙ୍କ ନାଟକରେ ସଂସ୍କାର ଦେଖିବାକୁ ମିଳେ

**ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ**

- କଟକ ବାଲିଯାତ୍ରାରେ ବୈଷ୍ଣବ ପାଣିଙ୍କ ୧ ଲକ୍ଷ ପୁସ୍ତକ ବଣ୍ଟନ ହେବ
- ରାଜ୍ୟର ବିଭିନ୍ନ ସ୍ଥାନରେ ଗୀତିନାଟ୍ୟ ପରିବେଷଣ କରାଯିବ

ସାଲେପୁର,୭।୧୦(ଅରବିନ୍ଦ ଭୂୟାଁ)




ଗଣକବିଙ୍କ ଜୟନ୍ତୀରେ ଯୋଗଦେଇଥିବା ଅତିଥିମାନେ।

ସାଲେପୁର ବ୍ଲକର ମନୋହରପୁରଠାରେ ଥିବା ଶାରଳା ସାଂସ୍କୃତିକ ସଂସଦ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଗଣକବି ବୈଷ୍ଣବ ପାଣିଙ୍କ ନାଟକକୁ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଉଦ୍‌ଘାଟନ କରି କହିଥିଲେ ଯେ, ଚଳିତ ବର୍ଷ ଗଣକବି ବୈଷ୍ଣବ ପାଣିଙ୍କ ନାଟକକୁ ଇଂଲିଶ୍‌ରେ ଅନୁବାଦ କରାଯାଇ କଟକରେ ହେଉଥିବା ବାଲିଯାତ୍ରା କାର୍ଯ୍ୟକ୍ରମରେ ୧ଲକ୍ଷ ପୁସ୍ତକ ବଣ୍ଟନ କରାଯିବ। ସେହିପରି ଗଣକବି ବୈଷ୍ଣବ ପାଣିଙ୍କ ନାଟକକୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଳନ କରାଯିବା ସହ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ୧୨ ରାତି ଗୀତିନାଟ୍ୟ ପରିବେଷଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଭାବେ ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶ ଯୋଗଦେଇ ଗଣକବିଙ୍କ ନାଟକରେ ସଂସ୍କାର ଦେଖିବାକୁ ମିଳିଥାଏ। ମାତ୍ର ଆଜିର ନାଟକରେ ଏଭଳି ସଂସ୍କାର ଦେଖିବାକୁ ମିଳୁନାହିଁ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଲୋକସେବା ଫାଉଣ୍ଡେଶନର ଅଧ୍ୟକ୍ଷ ହିମାଂଶୁ ମହାନ୍ତି ଯୋଗଦେଇ ବୈଷ୍ଣବ ପାଣିଙ୍କ ନାଟକର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ। ସମ୍ମାନିତ ବକ୍ତାଭାବେ ସାଲେପୁର ଓକିଲ ସଂଘ ସଭାପତି ବିକ୍ରମ କେଶରୀ ବଳ, ପୂର୍ବତନ ପ୍ରଧାନଶିକ୍ଷକ ନିଗମାନନ୍ଦ କର, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁକାନ୍ତ କିଶୋର ମହାନ୍ତି, ସଂଗୀତଜ୍ଞ ମେହେରବାନ ଖାଁ ପ୍ରମୁଖ ଯୋଗଦେଇଥିଲେ। ରଶ୍ମିରଞ୍ଜନ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମା'ଶାରଳା ସାଂସ୍କୃତିକ ସଂସଦର ସଭାପତି ରମେଶ ଚନ୍ଦ୍ର ବାରିକ, ସମ୍ପାଦକ ନୃସିଂହ ମହାରଣା, ସହସମ୍ପାଦକ ମନୋରଞ୍ଜନ ଓଝା, କୋଷାଧ୍ୟକ୍ଷ ମହେଶ୍ୱର ବେହେରା, ଗୋବିନ୍ଦ ଚନ୍ଦ୍ର ମଲ୍ଲ, ଉମାକୁମାର ବିଶୋଇ, ସନାତନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ପିକୋଳ ପଞ୍ଚାୟତ ପୂର୍ବତନ ସରପଞ୍ଚ କୁଳମଣି ବେହେରା, ନାଟ୍ୟ ନିର୍ଦ୍ଦେଶକ ମନୋରଞ୍ଜନ ଜେନା, ସହ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମଲ୍ଲିକ ଏବଂ ବକ୍ରେଶ୍ୱର କ୍ଲବର ଅନନ୍ତ ଚରଣ ମହାରଣା, ଗିରିଧାରୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ମନୋହରପୁର ଓ ପିକୋଳ ପଞ୍ଚାୟତର ବହୁ ସଙ୍ଗଠକ ଓ ନାଟ୍ୟ ପ୍ରେମୀମାନେ ଉପସ୍ଥିତ ଥିଲେ। ଶେଷରେ ଗଣକବି ବୈଷ୍ଣବ ପାଣିଙ୍କ ନାଟକ 'କର୍ଣ୍ଣଦାନ ପରୀକ୍ଷା' ଅଭିନୀତ ହୋଇଥିଲା।

## ସଂକ୍ଷେପରେ

### ବ୍ରିଜ୍ ନିର୍ମାଣ ପାଇଁ ଭୁବନେଶ୍ୱର ଏମ୍‌ପି, ପୂର୍ବତନ ବିଧାୟକଙ୍କ ପରିଦର୍ଶନ

ତ୍ରିଶୂଳିଆ,୭।୧୦(ତୁଷାରକାନ୍ତ ବେହେରା)

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ଜିଲା ପରିଷଦ କୁନାଲ ରାଉତ ସୋମବାର ଭୁବନେଶ୍ୱର ଉପକଣ୍ଠ ୫ ପଞ୍ଚାୟତ ଓ ୪ନଂ. ୱାର୍ଡର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଏଥିସହ ପଟିଆ ଓ କଳାରାହାଙ୍ଗ ରେଳ ଓଭର ବ୍ରିଜ୍ ଅନୁଧ୍ୟାନ କରିଥିଲେ। କଲ୍ୟାଣପୁର, ରଘୁନାଥପୁର, ଦାଢା, ବରିମୁଣ୍ଡ, ଇଞ୍ଜଣା ଆଦି ୫ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲିବା ସହିତ ରେଳ ବିଭାଗ ଅଧୀନରେ ଥିବା ପଦାସାହି ଗ୍ରାମ ନିକଟ ଭୁବନେଶ୍ୱର ନୂଆ ରେଳଷ୍ଟେଶନ ରେଳ ଫାଟକଠାରେ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ୫ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ଉପସ୍ଥାପନ କରିଥିଲେ। ଏଥିସହିତ ୪ନଂ. ୱାର୍ଡର ପ୍ରଭୁ ଲକ୍ଷେଶ୍ୱର ମନ୍ଦିରଠାରୁ କୁଆଖାଇ ନଦୀ ଉପରେ ବରିମୁଣ୍ଡ ଗ୍ରାମ ଓ ୫ ପଞ୍ଚାୟତକୁ ସଂଯୋଗ ପାଇଁ ଏକ ବ୍ରିଜ୍ ନିର୍ମାଣ ପାଇଁ ବରିମୁଣ୍ଡ ଗ୍ରାମବାସୀଙ୍କ ପକ୍ଷରୁ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ସରକାର ଅର୍ଥ ମଞ୍ଜୁର କରିଥିଲେ। ଟେଣ୍ଡର ପାଇଁ ବ୍ରିଜ୍ କାର୍ଯ୍ୟ ଅଟକି ରହିଥିବା ଜାଣିବା ପରେ ଏମ୍‌ପି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଟେଣ୍ଡର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଫନୀ ତଦନ୍ତ ରିପୋର୍ଟ ସାର୍ବଜନୀନ ଦାବିରେ ଆମରଣ ଅନଶନ

ବାଙ୍କୀ,୭।୧୦ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ବ୍ଲକ ଅନ୍ତର୍ଗତ ବାଉଁଶପୁଟ ପଞ୍ଚାୟତରେ ତହସିଲ ପକ୍ଷରୁ ଚିହ୍ନଟ ହୋଇଥିବା ଫନୀ କ୍ଷତିଗ୍ରସ୍ତଙ୍କୁ ବାଦ ଦେଇ ସମସ୍ତ ଅଯୋଗ୍ୟ (କୋଠାଘର ଥିବା) ବ୍ୟକ୍ତିଙ୍କୁ ବେନିୟମ ଭାବେ ଫନୀ ଯୋଜନାରେ ସାମିଲ*/ କରାଯାଇଛି। ସେମାନଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସହାୟତା ପ୍ରଦାନ କରାଯାଇଛି। ଫଳରେ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ବିଧବା ରଶ୍ମିତା ଗଣ୍ଠିଆ ଆତ୍ମାହୂତି ପାଇଁ ଚେତାବନୀ ଦେଇଛନ୍ତି। ଏହାର ଠିକ୍ ଭାବେ ଅନୁଧ୍ୟାନ ଓ ତଦନ୍ତ କରିବା ସହ ତଦନ୍ତ ରିପୋର୍ଟ ସାର୍ବଜନୀନ ଦାବି କରି ସାମାଜିକ କର୍ମୀ ମନୋଜ କୁମାର ପଣ୍ଡା ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିଛନ୍ତି । ତାଙ୍କୁ ସମର୍ଥନ ଜଣାଇ ବାଉଁଶପୁଟ ପଞ୍ଚାୟତର ଦିଲୀପ ମନ୍ତ୍ରୀ, ଧଡେଶ୍ୱର ପରିଡା, ସଞ୍ଜୟ ପ୍ରଧାନ, ଗଣେଶ ପରିଡା, କାର୍ତ୍ତିକ ରାଉତ, ପବିତ୍ର ମୋହନ ରାଉତ ପ୍ରମୁଖ ଅନଶନରେ ସାମିଲ ହୋଇଛନ୍ତି।

### ହାଇକୋର୍ଟ ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୭।୧୦(ସତ୍ୟଜିତ୍ ରାଉତ)

ହାଇକୋର୍ଟର ବରିଷ୍ଠ ବିଚାରପତି ଦେବବ୍ରତ ଦାଶଙ୍କୁ ଭୁବନେଶ୍ୱର ବାର୍ ଆସୋସିଏଶନ୍ ପକ୍ଷରୁ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଭୁବନେଶ୍ୱର ପାନ୍ଥନିବାସ ଅଡିଟୋରିଅମ୍‌ରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି ସାବିତ୍ରୀ ରଥ, ଶଶିକାନ୍ତ ମିଶ୍ର, ମୃଗାଙ୍କ ଶେଖର ସାହୁ, ଭି. ନରସିଂହ, ଆଦିତ୍ୟ ମହାପାତ୍ର, ଶିବଶଙ୍କର ମିଶ୍ର ଓ ଭୁବନେଶ୍ୱର ଓକିଲ ସଂଘ ସଭାପତି କୁନ୍ଦନ ରଥ, ଉପସଭାପତି ଦୁର୍ଗାପ୍ରସାଦ ସାହୁ, ସମ୍ପାଦକ ଦୀପକ ଦାଶ, ଜଗଦୀଶ ବେହେରା, ଅନ୍ତର୍ଯାମୀ ବିଶ୍ୱାଳ, କୁଳଦୀପ ରାଉତରାୟ ପ୍ରମୁଖ ଉପପସ୍ଥିତ ଥିଲେ।

# ସମନ୍ୱୟରେ ରୋକିହେବ ମଣିଷ-ହାତୀ ବିବାଦ

ଖୋର୍ଦ୍ଧା,୭।୧୦(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଉପସ୍ଥିତ ବିଧାୟକ, ଅଧିକାରୀ ଏବଂ ଅନ୍ୟମାନେ।

**ମଣିଷ-ହାତୀ ବିବାଦ କମାଇବା ଏବଂ ସଂରକ୍ଷଣ ସମ୍ବନ୍ଧରେ କୋର୍ କମିଟି ବୈଠକ**

- ଅବକ୍ଷୟମୁଖୀ ଜଙ୍ଗଲ, ଖାଦ୍ୟାଭାବ ହାତୀ ମୃତ୍ୟୁର କାରଣ
- ସୋଲାର ଲାଇଟ, ଆଗୁଆ ସୂଚନା, ଟ୍ରେଞ୍ଚ ଖନନକୁ ଗୁରୁତ୍ୱ

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ବନ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ମଣିଷ-ହାତୀ ବିବାଦ କମାଇବା ଏବଂ ସଂରକ୍ଷଣ ସମ୍ବନ୍ଧରେ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣାଙ୍କ ସମେତ ଏହି ବନଖଣ୍ଡ ଅନ୍ତର୍ଗତ ଜନପ୍ରତିନିଧି, ଚାଷୀ, ସାମାଜିକ ଅନୁଷ୍ଠାନ ପ୍ରମୁଖ ଉପସ୍ଥିତ ଥିଲେ। ହାତୀ ଏକ ଦୁର୍ଲଭ ପ୍ରାଣୀ, ଏହାର ସଂରକ୍ଷଣ ଜରୁରୀ। ଏ ଦିଗରେ ସମସ୍ତଙ୍କ ସହଭାଗିତା ଜରୁରୀ। ଦିନକୁ ଦିନ ହତୀଙ୍କ ସଂଖ୍ୟା କମୁଥିବାରୁ ଏହା ଏକ ଚିନ୍ତାଜନକ ପ୍ରସଙ୍ଗ। ଜନସାଧାରଣ, ଚାଷୀ ଏବଂ ବନ ବିଭାଗ ମଧ୍ୟରେ ସମନ୍ୱୟ ରହିଲେ ସମାଧାନର ବାଟ ଫିଟିପାରିବ ବୋଲି ମତପ୍ରକାଶ ପାଇଛି।

ଖୋର୍ଦ୍ଧା ବନଖଣ୍ଡରେ ହାତୀ-ମଣିଷ ଲଢ଼େଇ ବଢ଼ିବାରେ ଲାଗିଛି। କେତେବେଳେ ହାତୀ ତ' ଆଉ କେତେବେଳେ ମଣିଷ ଜୀବନ ଯାଉଛି। ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ଯୋଗୁ ସାଧାରଣ ଜନତା, ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ହାତୀ ଖାଦ୍ୟ ଅନ୍ୱେଷଣରେ ଗାଁ ଓ ସହରମୁହାଁ ହେଉଛି। ଫସଲ ଉତ୍ପାଦନ ସମୟରେ ହାତୀ, ବାରହା ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଏବେ ପନିପରିବା ଅମଳ ସମୟରେ ପାତି ମାଙ୍କଡଙ୍କ ଦୌରାତ୍ମ୍ୟ ମଧ୍ୟ ବଢ଼ିଛି। ଫସଲ ନଷ୍ଟ ପଯୋଗୁ କ୍ଷତିପୂରଣ ସରକାରଙ୍କ ପକ୍ଷରୁ ମିଳୁଥିବା ଅର୍ଥ ପର୍ଯ୍ୟାପ୍ତ ନୁହଁ। ଗୋଟିଏ ପଟେ ହାତୀ ଫସଲ ନଷ୍ଟ କରିବା ସହ ଘର ଭାଙ୍ଗୁଛି। ଏପରିକି ଲୋକଙ୍କୁ ଆକ୍ରମଣ କରୁଥିବାରୁ ଜୀବନ ଯାଉଛି। ଅନ୍ୟପଟେ ବନ ବିଭାଗ ଅଧିକାରୀଙ୍କ ଉପଯୁକ୍ତ ସହଯୋଗ ମିଳୁନି। ହାତୀ ଓ ବନ୍ୟଜନ୍ତୁଙ୍କ ନିୟନ୍ତ୍ରଣ ଦିଗରେ ବନ ବିଭାଗ କାର୍ଯ୍ୟ ସନ୍ତୋଷଜନକ ନୁହଁ ବୋଲି ଏକାଧିକ ଚାଷୀ କହିଛନ୍ତି। ଅବକ୍ଷୟମୁଖୀ ଜଙ୍ଗଲ, ଖାଦ୍ୟାଭାବ ହାତୀ ମୃତ୍ୟୁର କାରଣ ବୋଲି ଜିଲା ପରିଷଦ ଉପାଧ୍ୟକ୍ଷ ମହାରଣା କହିଛନ୍ତି। ଜଙ୍ଗଲରେ ପର୍ଯ୍ୟାପ୍ତ ପରିମାଣ ଖାଦ୍ୟ ପାଇଁ ଆବଶ୍ୟକ ଗଛ ଲଗାଇବା ସହ ପୋଖରୀ ଖନନ ଏବଂ ହାତୀଙ୍କୁ ଗାଁ ମୁହାଁ ହେବାରେ ରୋକିବା ପାଇଁ ଟ୍ରେଞ୍ଚ ଖନନ, ଜଙ୍ଗଲ ନିକଟ ଗ୍ରାମରେ ସୋଲାର ଲାଇଟ ପାଇଁ ପ୍ରସ୍ତାବ ଦିଆଯାଇଥିଲା।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ବି++ ଗ୍ରେଡ୍

ଭୁବନେଶ୍ୱର,୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

- ଭିତ୍ତିଭୂମି ଅଭାବ, କମ୍ ଅଧ୍ୟାପକ ପାଇଁ ଗ୍ରେଡ୍ କମିଲା
- କମ୍ ଭିତ୍ତିଭୂମିରେ ଆମେ ଭଲ ରେଜଲ୍ଟ କରିଛୁ: କୁଳପତି

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ପ୍ରଥମଥର ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ୍ ଆକ୍ରିଡିଟେଶନ କାଉନ୍‌ସିଲ(ନାକ) ମାନ୍ୟତା ମିଳିଛି। ନାକ ଟିମ୍ ବିଶ୍ୱବିଦ୍ୟାଳୟକୁ ୨.୮୭ ସିଜିପିଏ ପ୍ରଦାନ କରି 'ବି ++' ଗ୍ରେଡ୍ ମାନ୍ୟତା ଦେଇଛନ୍ତି। ବିଶେଷକରି ଭିତ୍ତିଭୂମି ନେଇ ଗ୍ରେଡ୍ କମିଥିବା ରିପୋର୍ଟରେ ପ୍ରକାଶ ପାଇଛି। ସେଥିପାଇଁ ନାକ୍ ଭିତ୍ତିଭୂମିର ବିକାଶ ପାଇଁ ପରାମର୍ଶ ଦେଇଛି। ଏହି ରିପୋର୍ଟରେ ନାକ୍ ଉଲ୍ଲେଖ କରିଛି ଯେ, ବିଶ୍ୱବିଦ୍ୟାଳୟ ହିସାବରେ ଯେତିକି ଭିତ୍ତିଭୂମି ରହିବା କଥା ତାହା ନାହିଁ। ସେହିପରି ବିଶ୍ୱବିଦ୍ୟାଳୟରୁ ଗବେଷଣା ପତ୍ର ପ୍ରକାଶନ ନୈରାଶ୍ୟଜନକ। କ୍ରୀଡ଼ା ଭିତ୍ତିଭୂମିର ଅଭାବ ରହିଛି। ରାଜସ୍ୱ ଆଦାୟ କରିପାରୁନି ବିଶ୍ୱବିଦ୍ୟାଳୟ। ଆବଶ୍ୟକ ସ୍ଥାୟୀ ଅଧ୍ୟାପକ ଓ ଅଣଅଧ୍ୟାପକ ନିଯୁକ୍ତି, ଅନ୍ତର୍ଜାତୀୟ ଶିକ୍ଷାର୍ଥୀ ଆଦୌ ନାହାନ୍ତି। ଏଥିସହ ଦେଶ ବାହାରର ଶିକ୍ଷାର୍ଥୀଙ୍କ ସଂଖ୍ୟା କମ୍ ରହିଛି। ରାଜସ୍ୱ ଆଦାୟ ପାଇଁ ଉତ୍ସ ନ ଥିବା ଓ ବିଶେଷକରି ଏକାଡେମିକ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିର ଅଭାବ ଥିବା ରିପୋର୍ଟରେ ପ୍ରକାଶ ପାଇଛି। ନାକ ଟିମ୍ ସମସ୍ତ ଜିନିଷକୁ ତର୍ଜମା କରି ବିଶ୍ୱବିଦ୍ୟାଳୟର ଦକ୍ଷତା, ଦୁର୍ବଳତା, ସୁଯୋଗ ଓ ଆହ୍ୱାନର ରିପୋର୍ଟ ଦେଇଛନ୍ତି। ଏଥିସହ ନାକ ଟିମ୍ ତାଙ୍କ ରିପୋର୍ଟରେ ବିଶ୍ୱବିଦ୍ୟାଳୟର ପାଠପଢ଼ାକୁ ପ୍ରଶଂସା କରିଛନ୍ତି। ବିଶ୍ୱବିଦ୍ୟାଳୟର ଗ୍ରୀନ କ୍ୟାମ୍ପସ୍, ଆକ୍ଟିଭ ଆଲୁମ୍ନି ଆସୋସିଏଶନ୍‌କୁ ଭଲ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ନାକ୍ ୱେବ୍‌ସାଇଟରେ ରମାଦେବୀର ନାକ୍ ରିପୋର୍ଟ ଅପ୍‌ଲୋଡ୍ ହୋଇଥିଲା। ତେବେ କିଛି ସମୟ ପରେ ଏହାକୁ ଉଡାଇ ଦିଆଯାଇଥିବାରୁ ସନ୍ଦେହ ବଢ଼ିଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ କହିଛନ୍ତି, ଆମକୁ ନାକ୍ ପକ୍ଷରୁ ମାନ୍ୟତା ମିଳିଛି। ବିଶ୍ୱବିଦ୍ୟାଳୟ ହେବା ପରେ ଆମକୁ ବି ++ ମିଳିଛି। କମ୍ ଭିତ୍ତିଭୂମିରେ ଆମେ ଭଲ ରେଜଲ୍ଟ କରିଛୁ। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟର ନାକ୍ ମାନ୍ୟତା ଭଲ କରିବ ବୋଲି ଅପରାଜିତା କହିଛନ୍ତି।

# ବକ୍ସିଂ ଚାମ୍ପିୟନଶିପ୍‌ରେ ପୂର୍ବତଟ ରେଳପଥର ସଫଳତା

ଭୁବନେଶ୍ୱର,୭।୧୦(ଅନୁରାଧା ମହାରଣା)

ନିକଟରେ ଶେଷ ହୋଇଥିବା ସର୍ବଭାରତୀୟ ରେଲ୍‌ୱେ ବକ୍ସିଂ ଚାମ୍ପିୟନଶିପ୍‌ରେ ପୂର୍ବତଟ ରେଳପଥ ୪ଟି ସମ୍ମାନଜନକ ପଦକ ହାସଲ କରି ତାରକା ପ୍ରଦର୍ଶନ କରିଛି। ପୁରୁଷ ଦଳ ୨ଟି ରୌପ୍ୟ ପଦକ ଜିତିଥିବାବେଳେ ମହିଳା ଦଳ ଗୋଟିଏ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ପୂର୍ବତଟ ରେଳପଥ ବକ୍ସିଂ ଖେଳାଳିଙ୍କର ସଫଳତାକୁ ସ୍ୱୀକୃତି ପ୍ରଦାନସ୍ୱରୂପ ୬ଜଣ ବିଶିଷ୍ଟ ଖେଳାଳି (ପୁରୁଷ ଓ ମହିଳା ଦଳର ୩ଜଣ ଲେଖାଏ) ଜାତୀୟ ବକ୍ସିଂ ଦଳକୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଭୁବନେଶ୍ୱରଠାରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ବିଜୟୀ ବକ୍ସରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବତଟ ରେଳପଥ ଖେଳାଳିଙ୍କର ଏହା ଏକ ଉଲ୍ଲେଖନୀୟ ପ୍ରଦର୍ଶନ ବୋଲି ସେ କହିଛନ୍ତି।

# ନିଶା ନିବାରଣ ପାଇଁ ଶପଥପାଠ



କଳାପଥର,୭।୧୦(ଗଙ୍ଗାଧର ସାହୁ)

ଡମପଡ଼ା ବ୍ଲକ ଅନ୍ତର୍ଗତ ଗୟଳବାଙ୍କ ଆଶ୍ରମ ବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅସ୍ତିତ୍ୱ ଆନୁକୂଲ୍ୟରେ ନିଶା ନିବାରଣ ଓ ନିଶାଦ୍ରବ୍ୟ ବର୍ଜନ କରିବା ପାଇଁ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ନିଶାଦ୍ରବ୍ୟ ବର୍ଜନ ସହିତ ସେମାନଙ୍କ ପରିବାର ବର୍ଗଙ୍କୁ ନିଶାରୁ ମୁକ୍ତି ନିମନ୍ତେ ପରାମର୍ଶ ଦିଆଯିବା ସହିତ ଶପଥପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ନାଥ ସିଂ, ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପରିବେଶବିତ୍ ଅମିତ୍ କୁମାର ସାହୁ, ସୁକାନ୍ତଲତା ପତି, ଅଞ୍ଜନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅସ୍ତିତ୍ୱ ଅନୁଷ୍ଠାନର ସମ୍ପାଦକ ଗୌତମ ମିଶ୍ର ପରିଚାଳନା କରିଥିଲେ।

# ହାଇୱାକୁ ଧକ୍କା ଦେଲା କାର୍

ବାରଙ୍ଗ/ତ୍ରିଶୂଳିଆ,୭।୧୦
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଅଧୀନ ମଧୁପୁରଛକ ନିକଟରେ ଏକ ହାଇୱା ସହିତ ଏକ କାର ଧକ୍କା ହେବା ଫଳରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି କାର ଚାଳକ। ସୋମବାର ରାତି ୭ଟା ସମୟରେ ବାରଙ୍ଗରୁ ତ୍ରିଶୂଳିଆ ଅଭିମୁଖେ ଏକ ହାଇୱା (ଓଡି ୩୩ ଏଇ ୫୫୩୪) ଆସୁଥିବାବେଳେ ଏକ କାର୍ (ଓଡି ୦୫ ବିଡି ୩୯୦୨) ଦ୍ରୁତ ଗତିରେ ଆସି ତାକୁ ପଛରୁ ଧକ୍କା ଦେଇଥିଲା। ମଧୁପୁରଛକ ନିକଟରେ ବାମ ପାର୍ଶ୍ୱରେ ଅତିକ୍ରମ କରିବାବେଳେ ଏହି ଦୁର୍ଘଟଣା ଘଟିବା ସହ କାର୍‌ଟି ଭାରସାମ୍ୟ ହରାଇ ଫୁଟପାଥ ଉପରେ ଚଢ଼ି ଯାଇଥିଲା। କାର୍‌ର ଡାହାଣ ପାର୍ଶ୍ୱ ଭାଙ୍ଗି ଯାଇଥିବାବେଳେ କାର୍‌ରେ ବସିଥିବା ୪ ଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଡାକ୍ତରଖାନାକୁ ପଠାଇବା ସହ ଗାଡ଼ି ଦୁଇଟିକୁ ଜବତ କରିଛି।

# ଜେଲ ଗଲେ ଅଭିଯୁକ୍ତ ଠକ

ଭୁବନେଶ୍ୱର,୭।୧୦(ସତ୍ୟଜିତ୍ ରାଉତ)

**ଟୁର୍ ପ୍ୟାକେଜ ନାଁରେ ବହୁ ଲକ୍ଷ ଟଙ୍କା ଠକେଇ ମାମଲା**

**ମାମଲା ସଂଖ୍ୟା ୫ରେ ପହଞ୍ଚିଲା**

ଟ୍ରାଭେଲ୍ କମ୍ପାନୀ ଖୋଲି ପର୍ଯ୍ୟଟନ ସ୍ଥଳ, ତୀର୍ଥସ୍ଥଳ, ହଲିଡେ' ଟୁର୍ ପ୍ୟାକେଜ ଆଳରେ ବହୁ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ଠକ ସଂସାରି ବେହେରା (୪୨) ସୋମବାର ଝାରପଡ଼ା ଜେଲ ଯାଇଛନ୍ତି। ସଂସାରିଙ୍କ ଘର କଟକ ଜିଲା ବୈଦେଶ୍ୱର ଥାନା ଅନ୍ତର୍ଗତ ଚଢ଼େଇବନ୍ଧ ଗ୍ରାମରେ ହୋଇଥିବାବେଳେ ସେ ଭୁବନେଶ୍ୱର ଟଙ୍କପାଣି ରୋଡ ପାଣ୍ଡବ ନଗରରେ ରହୁଥିଲେ। ଲିଙ୍ଗରାଜ ଥାନା ପକ୍ଷରୁ ସଂସାରିଙ୍କୁ ରବିବାର ଗିରଫ କରାଯାଇଥିବାବେଳେ ସୋମବାର ତାଙ୍କୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୧ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସଂସାରି 'ସାଇ ୱାର୍ଲ୍ଡ ପାରାଡାଇଜ୍' ନାଁରେ ସ୍ତ୍ରୀ ଅଞ୍ଜଳିଙ୍କ ମାଲିକାନାରେ କମ୍ପାନୀ ଖୋଲିଥିଲେ। ପରେ ସ୍ତ୍ରୀଙ୍କ ସହ ମିଶି ହଲିଡେ ପ୍ୟାକେଜ୍, ହୋଟେଲ୍ ବୁକିଂ, ଫ୍ଲାଇଟ୍ ବୁକିଂ, କ୍ୟାବ୍ ବୁକିଂ, ଭିସା ଆଦି କରିବା ଆଳରେ ଠକୁଥିଲେ। ଇତିମଧ୍ୟରେ ସଂସାରିଙ୍କ ବିରୋଧରେ ମାମଲା ସଂଖ୍ୟା ୫ରେ ପହଞ୍ଚିଛି। ବଡ଼ଗଡ଼, ଚନ୍ଦ୍ରଶେଖରପୁର, ଖଣ୍ଡଗିରି ଥାନାରେ ପୂର୍ବରୁ ଗୋଟିଏ ଲେଖାଏ ମାମଲା ରହିଥିଲା। ସନ୍ତୋଷୀ ସାହୁ ନାମ୍ନୀ ଯୁବତୀଙ୍କ ଏତଲା ଆଧାରରେ ସୋମବାର ଶହୀଦନଗର ଥାନାରେ ଆଉ ଏକ ମାମଲା ରୁଜୁ ହୋଇଛି। ସଂସାରିଙ୍କ ନାଁରେ ମାମଲା ସଂଖ୍ୟା ଆଗକୁ ବଢ଼ିବ ବୋଲି ଆଶଙ୍କା କରାଯାଉଛି। ତେବେ ସ୍ତ୍ରୀ ଅଞ୍ଜଳି ରବିବାର ନୋଟିସ୍‌ରେ ଯାଇଥିବାବେଳେ ପୋଲିସ ତାଙ୍କ ବିରୋଧରେ ଅଧିକ ପ୍ରମାଣ ଯୋଗାଡ଼ କରୁଛି। ଉଲ୍ଲେଖଯୋଗ୍ୟ, କିଛିମାସ ତଳେ କେଦାର ଗୌରୀ ଲେନ୍‌ର ବରିଷ୍ଠ ନାଗରିକ ରଞ୍ଜିତ କୁମାର ମହାନ୍ତି ଉକ୍ତ ଦମ୍ପତିଙ୍କ ଦ୍ୱାରା ଠକେଇର ଶିକାର ହୋଇଥିଲେ। ଚାରିଧାମକୁ ତୀର୍ଥଯାତ୍ରା ପ୍ୟାକେଜ୍ ପାଇଁ ରଞ୍ଜିତ ଅଗ୍ରିମ ୩୦ ହଜାର ଟଙ୍କା ଦେଇଥିଲେ। ଅଭିଯୁକ୍ତ ସଂସାରି ଟିକେଟ୍ ଦେବେ ବୋଲି କହି ଦିନ ଗଡ଼ାଇ ଚାଲିଥିଲେ। ଏନେଇ ଏତଲାକ୍ରମେ ଲିଙ୍ଗରାଜ ପୋଲିସ ଜୁଲାଇ ୩୦ରେ ଏକ ମାମଲା (ନଂ.୧୯୭/୨୦୨୪) ରୁଜୁ କରି ତଦନ୍ତ କରିଥିଲା।

### ବ୍ୟବସାୟୀ ବାଉରିବନ୍ଧୁଙ୍କ ସ୍ମୃତିଚାରଣ ସଭା

କଳାପଥର,୭।୧୦(ଗଙ୍ଗାଧର ସାହୁ)

କଳାପଥର ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ବାଉରି ବନ୍ଧୁ ସାହୁଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ତାଙ୍କର ବନ୍ଧୁ ପୂର୍ବତନ ପ୍ରଧାନ ଶିକ୍ଷକ ଧରମଧର ଜୁଝାର ସିଂ ସଭାପତିତ୍ୱ କରିଥିଲେ। ବିଭୁଦତ୍ତ ସାହୁ, ଭାବଗ୍ରାହୀ ମହାପାତ୍ର, ଗେଡିଆପଲ୍ଲୀର ପୂର୍ବତନ ସରପଞ୍ଚ ଅର୍ଜୁନ ବେହେରା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ରତ୍ନପ୍ରଭା ସାହୁ, ମଧୁସୂଦନ ସାହୁ, ଆଡ଼ଭୋକେଟ ପ୍ରଦୀପ କୁମାର ପଟ୍ଟନାୟକ, ବଳରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାକୁ ସରସ୍ୱତୀ ଶିଶୁ ମନ୍ଦିରର ଆଚାର୍ଯ୍ୟ ବିଭୁଦତ୍ତ ଦାସ ପରିଚାଳନା କରିଥିଲେ। କୃଷ୍ଣଚନ୍ଦ୍ର ଦାସଙ୍କ ସହଯୋଗରେ ଏହି ସଭା ହୋଇଥିଲା।

# ୨୮୨ ନୂତନ ହିତାଧିକାରୀଙ୍କୁ ମଧୁବାବୁ ଭତ୍ତା ବଣ୍ଟନ


ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଜଣେ ହିତାଧିକରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

ଖୋର୍ଦ୍ଧା,୭।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ପରିସରରେ ନୂତନ ଭାବେ ମଞ୍ଜୁର ହୋଇଥିବା ୨୮୨ଜଣଙ୍କୁ ମଧୁବାବୁ ଭତ୍ତା ବଣ୍ଟନ ହୋଇଯାଇଛି। ବିଡିଓ କ୍ଷିରାବ୍ଧି ତନୟା ସାହୁଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଭୁବନେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ବିଭୁ ପ୍ରସାଦ ବଳିୟାରସିଂ, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଦଳେଇ ପ୍ରମୁଖ ଯୋଗଦେଇ ଖୋର୍ଦ୍ଧା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ହିତାଧିକାରୀଙ୍କୁ ଏହି ଭତ୍ତା ବଣ୍ଟନ କରିଥିଲେ। ଏହି ଅବସରେ ବିଧାୟକ ଜଗଦ୍ଦେବ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାର କରିଥିବା ଏହି ଯୋଜନାରେ କିଭଳି ଅଧିକରୁ ଅଧିକ ହିତାଧିକାରୀ ଭତ୍ତା ପାଇବେ ସେଥିପାଇଁ ଏକ ରୋଡ୍‌ମ୍ୟାପ କରାଯାଉଛି। ସମସ୍ତ ଯୋଗ୍ୟ ହିତାଧିକାରୀ ଏହି ଭତ୍ତା ପାଇବେ। ବ୍ଲକ ଅତିରିକ୍ତ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ସ୍ୱାଇଁ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ମାନସ କୁମାର ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦୀପ କୁମାର ପାଣିଗ୍ରାହୀ, କନିଷ୍ଠ ସହାୟିକା ଦିବ୍ୟଜ୍ୟୋତି ଶାରଦା ପ୍ରସନ୍ନ, ସହକାରୀ ପ୍ରୋଗ୍ରାମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୁନୀଲ ଜେନା, ବରସାହି ସରପଞ୍ଚ ଶରତ କୁମାର ବେହେରା, ଧଉଳିମୁହଁ ସରପଞ୍ଚ ଶତ୍ରୁଘ୍ନ ବେହେରା, ସମିତି ସଭ୍ୟ ଅଶୋକ କୁମାର ବେହେରା, ବାଜପୁର ସରପଞ୍ଚ କେଦାରଶ୍ୱର ପୃଷ୍ଟି, ନନ୍ଦପୁର ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂହ, ଓରବରସିଂ ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ରାଟସିଂ, ପୁରୁସାହି ସମିତି ସଭ୍ୟ ପ୍ରମୋଦ ସ୍ୱାଇଁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋଲକ ବିହାରୀ ଶୁକ୍ଳା, ମନୋରଞ୍ଜନ ଜେନା, ସରସ୍ୱତୀ ସେଠୀ, ପ୍ରମୋଦ କୁମାର ନାୟକ, ବିଭୁ ପ୍ରସାଦ ସୁବୁଦ୍ଧି, ଅନନ୍ୟା ଛୋଟରାୟ ପ୍ରମୁଖ ସହଯୋଗ କରିଥିଲେ।

**୭ମ ଯାଁଳା ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ**

# ପଙ୍ଗାସିଂ, ଭାଲିଆବାଡ଼ି ବିଜୟୀ

ଯାଁଳା,୭।୧୦ (ବୁଲା ବାରିକ)

ଯାଁଳା ରାଧମାଧବ ଖେଳପଡ଼ିଆରେ ଅନୁଷ୍ଠିତ ୭ମ ପଞ୍ଚାୟତ ସ୍ତରୀୟ କର୍କବଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ ଦିବସର ପ୍ରଥମ ଲିଗ୍ ମ୍ୟାଚରେ ଗୁଡୁମକୁ ୬ ଉଇକେଟରେ ହରାଇ ପଙ୍ଗାସିଂ ଟିମ୍ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଗୁଡୁମ ଟିମ୍ ନିର୍ଦ୍ଧାରିତ ୧୬ ଓଭରରେ ୫ ଉଇକେଟ ବିନିମୟରେ ୧୭୫ ରନ ସଂଗ୍ରହ କରିଥିଲା। ଜବାବରେ ପଙ୍ଗାସିଂ ଟିମ୍ ୧୪.୫ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ପଙ୍ଗାସିଂ ଟିମ୍‌ର ରଜତ ଦାସ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ଲିଗ୍ ମ୍ୟାଚରେ ଗୁରୁଜଙ୍ଗକୁ ୧୦ ଉଇକେଟରେ ହରାଇ ଭାଲିଆବାଡ଼ି ଟିମ୍ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଗୁରୁଜଙ୍ଗ ଟିମ୍ ୧୬ ଓଭରରେ ୧୭୬ ରନ ସଂଗ୍ରହ କରିଥିଲା। ଜବାବରେ ଭାଲିଆବାଡି ଟିମ୍ ୧୦ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଭାଲିଆବାଡି ଟିମ୍‌ର ସୌମ୍ୟରଞ୍ଜନ ମହାପାତ୍ର ୧୦୦ ରନ ସଂଗ୍ରହ କରିଥିଲେ। ଅଭିମନ୍ୟୁ ସ୍ୱାଇଁ, କ୍ରିଷ୍ଣା ଶେଖର ପ୍ରଧାନ ଓ ଶ୍ରୀକାନ୍ତ ମହାରଣା ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିଙ୍କଠାରୁ ଜଣେ ଖେଳାଳି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ମୌଳିକ ସାକ୍ଷରତା ପିଲାମାନଙ୍କ ପ୍ରାଥମିକ ଅଧିକାର

ବେଗୁନିଆ,୭।୧୦
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)



ଅତିଥିମାନେ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ କରୁଛନ୍ତି।

ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସରରେ 'ନିପୁଣ ଓଡ଼ିଶା ଲୋଗୋ ଏବଂ ସଙ୍ଗୀତ' ମିଶନ ସୋମବାର ଉନ୍ମୋଚନ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ ଭାସ୍କର ଲେଙ୍କା ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଉଦ୍‌ଘାଟକ ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥିଭାବେ ବିଡିଓ ଲକ୍ଷ୍ମୀଧର ସାହୁ ଏବଂ ବକ୍ତାଭାବେ ଡିଆଇଇଟି ଶିକ୍ଷା ପ୍ରଶିକ୍ଷିକା ଶିଖା ଶିଆଳ ଉପସ୍ଥିତ ଥିଲେ।

ବିଆର୍‌ସିସି ଲକ୍ଷ୍ମୀ ଦେଇ, ଏବିଇଓ କୈଳାସ ଚନ୍ଦ୍ର ସେଠି, ଚନ୍ଦ୍ରକାନ୍ତି ନାୟକ ଏବଂ ୧୫ଟି କ୍ଲଷ୍ଟରର ସିଆର୍‌ସିସିମାନେ ସଞ୍ଚାଳନ କରିଥିଲେ। ସେହିପରି ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସହିତ ଏଫଏଲଏନର ୨୦ଜଣ ଶିକ୍ଷିକା ଉପସ୍ଥିତ ରହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ ହୋଇଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତାର ବିକାଶ ଦିଗରେ ଏହି ମିଶନର ମୂଳ ଉଦ୍ଦେଶ୍ୟ। ପ୍ରଥମରୁ ତୃତୀୟ ଶ୍ରେଣୀରେ ପାଠ ପଢୁଥିବା ପିଲାମାନଙ୍କର ପ୍ରାଥମିକ ସ୍ତରରୁ ମୂଳଦୁଆ ସଶକ୍ତ ଓ ମାନସିକ ବିକାଶ ଦିଗରେ ଆମେ ସମସ୍ତେ ଗୁରୁତ୍ୱ ଦେବା ଜରୁରୀ। ଶିକ୍ଷଣୀୟ ସାମଗ୍ରୀ ତିଆରି ଏବଂ ବୌଦ୍ଧିକ ଜ୍ଞାନର ବିକାଶ ଦିଗରେ ପିଲାମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ। ମୌଳିକ ସାକ୍ଷରତା ପିଲାମାନଙ୍କର ପ୍ରାଥମିକ ଅଧିକାର ବୋଲି ଅତିଥି ସାହୁ ଉଦ୍‌ବୋଧନ ଦେଇଥିଲେ। ଶୂନ ଡ୍ରପ ଆଉଟ ଲକ୍ଷ୍ୟ ନେଇ ବ୍ଲକରେ ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଗୁରୁତ୍ୱ ଦେବାକୁ ପ୍ରସ୍ତୁତ ଅଛୁ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଲେଙ୍କା ମତବ୍ୟକ୍ତ କରିଥିଲେ।

# ପୋଲିସ୍ ଆକ୍ରୋଶର ଶିକାର ହେଉଛନ୍ତି ଅଟୋଚାଳକ

## ଏସ୍‌ପିଙ୍କୁ ଅଭିଯୋଗ

ପୁରୀ,୭।୧୦(ଅଜିତ୍ କୁମାର ମହାନ୍ତି)

ଅଟୋ ଚାଳକମାନଙ୍କ ବିଭିନ୍ନ ଅଭିଯୋଗ ଓ ଦାବି ନେଇ ଶ୍ରୀକ୍ଷେତ୍ର ଅଟୋଚାଳକ ୟୁନିୟନ ପକ୍ଷରୁ ସୋମବାର ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ପତ୍ର ଦିଆଯାଇଛି। ୟୁନିୟନ୍ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ପୁରୀରେ ଯାତ୍ରୀ ପରିବହନ ଓ ଅଟୋଚାଳନା କ୍ଷେତ୍ରରେ ମାର୍ଗଦର୍ଶିକା ନ ଥିବାରୁ ଅଟୋ ଡ୍ରାଇଭରମାନେ ପୋଲିସ୍ ଜୁଲମ୍‌ର ଶିକାର ହେଉଛନ୍ତି। ପୋଲିସ କର୍ମଚାରୀମାନେ କେତେବେଳେ ବିନା କାରଣରେ ଗାଡ଼ି ଭିଡ଼ି ନେଇ ଦୀର୍ଘଦିନ ଥାନାରେ ଅଟକ ରଖୁଛନ୍ତି ତ ପୁଣି ଆଉ କେବେ ମାତ୍ରାଧିକ ଜରିମାନା ଆଦାୟ କରୁଛନ୍ତି। ମନ୍ଦିର ଚାରିପଟେ ଅଟୋ ରଖିବା ପାଇଁ ତଳିଆ କର୍ମଚାରୀମାନେ ମୋଟା ଅଙ୍କର ଚାନ୍ଦା ମାଗୁଛନ୍ତି। ଶ୍ରୀମନ୍ଦିର ଚାରିପଟେ ଗଳିକନ୍ଦି ଭିତରେ ଅଟୋ ରଖିବା ଦ୍ୱାରା ଲୋକଙ୍କ ଯାତାୟତ ନେଇ ହଇରାଣ ହେବାକୁ ପଡୁଛି। ଅଟୋ ସଂଖ୍ୟା ଅନୁପାତରେ ଅଟୋ ରଖିବା ପାଇଁ ସ୍ଥାନର ଅଭାବ ରହିଛି। ମାର୍କେଟ ଛକରେ ଟଙ୍କା ଦେଉଥିବା ଅଟୋକୁ ପୋଲିସ୍ ମରିଚିକୋଟ ପର୍ଯ୍ୟନ୍ତ ଛାଡୁଛି। ପୂର୍ବରୁ ମାର୍କେଟ ଛକରେ ଅଟୋ ଚାଳକମାନେ ଗାଡ଼ି ରଖୁଥିଲେ। ଏବେ ଯେଉଁମାନେ ଟ୍ରାଫିକ ପୋଲିସକୁ ଚାନ୍ଦା ଦେଉଛନ୍ତି, ସେମାନଙ୍କୁ ମାଛ ମାର୍କେଟ ନଟକଠାରେ ରହିବାକୁ ଅନୁମତି ମିଳୁଛି। କେତେକ କ୍ଷେତ୍ରରେ ଅଟୋ ଡ୍ରାଇଭରଙ୍କୁ ପୋଲିସ କର୍ମଚାରୀ ନାଲିଆଖି ଦେଖାଉଛନ୍ତି। ସହରର ବିଭିନ୍ନ ଛକ ଜାଗାରେ ଷ୍ଟାଣ୍ଡ ନାମରେ ଟଙ୍କା ଆଦାୟ କରିବା ବେଆଇନ ହୋଇଥିବାବେଳେ ଅଦ୍ୟାବଧି ଫ୍ରି ଜୋନ୍ ଘୋଷଣା ହେଲା ନାହିଁ। ତେଣୁ ଅଟୋଚାଳକଙ୍କ ସୁବିଧା ନିମନ୍ତେ ପୁରୀରେ ଯାତ୍ରୀ ପରିବହନ ପାଇଁ ମାର୍ଗଦର୍ଶିକା ଜାରି ସହ ଅଟୋ ରଖିବା ପାଇଁ ବିଭିନ୍ନ ଛକ ଜାଗାରେ ସ୍ଥାନ ନିରୂପଣ କରାଯାଉ। ଅଟୋଗୁଡ଼ିକୁ ମରିଚିକୋଟ ପର୍ଯ୍ୟନ୍ତ ଯିବା ପାଇଁ ଅନୁମତି ଦିଆଯାଉ, ନଟେଡ୍ ଟାଉନ୍ ବସ୍‌କୁ ମାର୍କେଟ ଛକରେ ପାର୍କିଂ କରିବାକୁ ଦିଆଯାଉ। ଟ୍ରାଫିକ୍ ପୋଲିସ୍ ବିନା କାରଣରେ ଅଟୋ ଥାନାରେ ରଖି ଜରିମାନା ଆଦାୟ କରିବା ବନ୍ଦ ହେଉ। ଟ୍ରାଫିକ୍ ଥାନାରେ ଥିବା କର୍ମଚାରୀମାନଙ୍କୁ ତୁରନ୍ତ ବଦଳି କରାଯାଉ। ସହରର ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ଉଚ୍ଛେଦ କରି ଅଟୋଚଳନାକୁ ପୁରୀ ସହରରେ ଫ୍ରି ଜୋନ୍ ଘୋଷଣା କରାଯାଇ ଏକକ ପରିଚୟପତ୍ର ଦିଆଯାଉ। ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉ, ଯେପରି ଅଟୋଚାଳକଙ୍କ ଉପରେ ପୋଲିସ୍ ଜୁଲମ୍ ବନ୍ଦ ହୋଇପାରିବ ବୋଲି ୟୁନିୟନ ପକ୍ଷରୁ ଦାବି କରାଯାଇଛି।



ଅଟୋ ପରିଚାଳନା ପାଇଁ ମାର୍ଗଦର୍ଶିକା ଜାରି କରିବା ଦାବିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ।

## ସଂକ୍ଷେପରେ

### ଜିଲାପାଳ ଶୁଣିଲେ ୧୭୫ ଅଭିଯୋଗ

ପୁରୀ,୭।୧୦(ଅଜିତ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ବ୍ରହ୍ମଗିରି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଯୋଗଦେଇ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ ୧୭୫ଟି ଅଭିଯୋଗ ମିଳିଥିଲା। ତନ୍ମଧ୍ୟରୁ ୧୫୯ଟି ବ୍ୟକ୍ତିଗତ ଓ ୧୫ଟି ଗ୍ରାମ୍ୟ ସମ୍ପର୍କିତ ଅଭିଯୋଗ, ରେଡକ୍ରସ୍‌ରୁ ସହାୟତା ପାଇଁ ଗୋଟିଏ ଆବେଦନ ମିଳିଥିଲା। ତନ୍ମଧ୍ୟରୁ ୯ଟିର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ଆଇନ ଅନୁସାରେ ଅନୁଧ୍ୟାନ କରି ତୁରନ୍ତ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି। ଏସ୍‌ପି ବିନୀତ ଅଗ୍ରୱାଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ, ବିଡିଓ, ତହସିଲଦାର ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଏହି ଶୁଣାଣିରେ ଉପସ୍ଥିତ ଥିଲେ।

### ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ପାଳିତ

ଚାରିଛକ,୭।୧୦(ଶିଶିର ସ୍ୱାଇଁ)

ଚାରିଛକ ଅଧୀନ ସରକାରୀ ଅନ୍ନପୂର୍ଣ୍ଣା ବିଦ୍ୟାପୀଠ ପ୍ରଧାନ ଶିକ୍ଷୟତ୍ରୀ ମନସ୍ୱିନୀ ଲେଙ୍କା ଓ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନ୍ୟାଞ୍ଚଳ ବିଭାଗର ଅଧିକାରୀ ମୋନାଲିସା ମହାପାତ୍ରଙ୍କ ମିଳିତ ଅନୁକୂଲ୍ୟରେ ବନ୍ୟପ୍ରାଣୀ ସପ୍ତାହ ପାଳନ ଓ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ହାତରେ ସଚେତନତା ଫ୍ଲାଶ୍ କାର୍ଡ ଧରି ଅନ୍ନପୂର୍ଣ୍ଣା ବିଦ୍ୟାପୀଠଠାରୁ ଏକ ଶୋଭାଯାତ୍ରା ରାଲି ଆରମ୍ଭ ହୋଇ ଚାରିଛକ ବଜାର ପରିକ୍ରମା କରି ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ସଚେତନତା କରିଥିଲେ। ଏହି ପରିପ୍ରେକ୍ଷୀରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଦ୍ୟାଳୟରେ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ପ୍ରଣତି ବେହେରା, ଆଦ୍ୟାଶା ପ୍ରିୟଦର୍ଶିନୀ, ଶିକ୍ଷକ ରାମ ବହିଆ, ପ୍ରକାଶଚନ୍ଦ୍ର ପାତ୍ର, ହରିହର ମୁଦୁଲି, ବିଭୁ ପ୍ରସନ ଦାଶ, ମାନସ ରଞ୍ଜନ ନାୟକ, ଶିବବ୍ରତ ମଲ୍ଲ, ଏସ୍‌ଏମ୍‌ସିର ସଭ୍ୟ ରାମଚନ୍ଦ୍ର ଜେନା, ଅଭିଭାବକ ଅନିରୁଦ୍ଧ ସ୍ୱାଇଁ, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନ୍ୟାଞ୍ଚଳର ସଭ୍ୟବୃନ୍ଦ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ଆପତ୍‌କାଳୀନ ପରିଚାଳନା ପ୍ରୟୋଗଶାଳା

ପୁରୀ,୭।୧୦(ଅଜିତ କୁମାର ମହାନ୍ତି)

'ସଂକଳ୍ପ ସପ୍ତାହ' ଅବସରରେ 'ସାହିଭାଇ' ଅନୁଷ୍ଠାନ ପକ୍ଷରୁ ମହାବିଦ୍ୟାଳୟ ସ୍ତରୀୟ ଆପତ୍‌କାଳୀନ ପରିଚାଳନା ପ୍ରୟୋଗଶାଳା ଶନିବାର ସୁରଜମଲ ଶାହା କଲେଜରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବ୍ରହ୍ମାନନ୍ଦ ସାହୁ ଏହାର ଶୁଭାରମ୍ଭ କରିଥିଲେ। ପ୍ରୟୋଗଶାଳା ଅନୁଷ୍ଠାନର ସଦସ୍ୟ ତଥା ଓସ୍‌ଡମା ତାଲିମ ପ୍ରଶିକ୍ଷକ ଆପଦମିତ୍ର ତନ୍ମୟ ଚାଟାର୍ଜୀ, ସୁଜାତା ରାଉତରାୟ ଓ ମାନସୀ ନାୟକ ଛାତ୍ରୀଛାତ୍ରଙ୍କୁ ଆପତ୍‌କାଳୀନ ସ୍ଥିତିରେ କିପରି କମ୍ ସାଧନରେ ନିଜ ତଥା ଆଖପାଖ ଲୋକଙ୍କ ଜୀବନ ବଞ୍ଚାଇବା ସହ ସାହାଯ୍ୟ କରିପାରିବେ ସେ ନେଇ ତାଲିମ ଦେଇଥିଲେ।

# ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ଉଦ୍ୟମ ପାଇଁ ସବୁଜ ଶାଖାକୁ ପ୍ରଶଂସା

ଅସ୍ତରଙ୍ଗ,୭।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲାର ଜଣେ ରାଜନେତା ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ଦିଗରେ ନେତୃତ୍ୱ ନେଇ କେବଳ ଅସ୍ତରଙ୍ଗ ନୁହେଁ, ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ସେ ହେଉଛନ୍ତି ଅସ୍ତରଙ୍ଗ ବ୍ଲକର ରାଜନେତା ଦିବାକର ଛାଟୋଇ। ଉପକୂଳ ଓଡ଼ିଶାର ଦେବୀନଦୀ ମୁହାଁଣରେ ତୃଣମୂଳସ୍ତରରେ ଛାଟୋଇଙ୍କ ନେତୃତ୍ୱରେ ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସବୁଜ ଶାଖା ପକ୍ଷରୁ ଲୁଣା ଜଙ୍ଗଲ ସଂରକ୍ଷଣ ପ୍ରୟାସକୁ ଅନ୍ତର୍ଜାତୀୟସ୍ତରରେ ପ୍ରଶଂସା ମିଳିଛି। ନିକଟରେ ଭଡଁରିଆ ନଦୀପଠାରେ ଏହାର ପ୍ରତିଷ୍ଠାତା ସଦସ୍ୟ ତଥା ରାଜନେତା ଦିବାକର ଛାଟୋଇଙ୍କ ନେତୃତ୍ୱରେ ସଭାପତି ରମାକାନ୍ତ ବହିଆ, ସ୍ଥାନୀୟ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ହୃଷୀକେଶ ମୁଦୁଲି, ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉଦ୍ୟମରେ ଲୁଣା ଜଙ୍ଗଲ ପୁନରୁଦ୍ଧାର କାର୍ଯ୍ୟ ସହ ସ୍ଥାନୀୟ ଅଞ୍ଚଳର ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ଦିଗରେ ଉଦ୍ୟମ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ଅଞ୍ଚଳର ଆର୍ଦ୍ରଭୂମି ଅଞ୍ଚଳରେ ୫ ପ୍ରଜାତିର ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଲୁଣା ଜଙ୍ଗଲ ଚାରାରୋପଣ କରାଯାଇଥିଲା। ଯେଉଁ ପ୍ରୟାସକୁ ନରୱେ ଦେଶର ପୂର୍ବତନ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ତଥା ଅନ୍ତର୍ଜାତୀୟ ଜାତିସଂଘର ପରିବେଶ କାର୍ଯ୍ୟକ୍ରମର ମୁଖ୍ୟ କାର୍ଯ୍ୟନିର୍ବାହୀ ଇରିକ ସୋଲହେଇମ ଉଚ୍ଚପ୍ରଶଂସା କରିଛନ୍ତି।

ପ୍ରକାଶଥାଉ କି, ସବୁଜ ଶାଖା ୧୯୯୫ ମସିହାରୁ ସ୍ଥାନୀୟ ଅଞ୍ଚଳରେ ପରିବେଶ ସୁରକ୍ଷା, ଶିକ୍ଷା, ସ୍ୱଚ୍ଛତା, ଅସହାୟ ଦୂରୀକରଣ ଦିଗରେ ସକ୍ରିୟ ରହି ଆଦର୍ଶ ପାଲଟିଛି। ଅନ୍ତର୍ଜାତୀୟସ୍ତରରେ ପ୍ରଶଂସା ମିଳିବା ପରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ପରିବେଶ କର୍ମୀମାନେ ଛାଟୋଇଙ୍କ ସମେତ ସବୁଜ ଶାଖା କ୍ଲବକୁ ଶୁଭେଚ୍ଛା ଜଣାଇଛନ୍ତି।

# ବ୍ଲକସ୍ତରୀୟ ଟାଏକୋଣ୍ଡୋ, ଜିଲାସ୍ତରକୁ ୧୪ ମନୋନୀତ


ଜିଲାସ୍ତରକୁ ମନୋନୀତ ହୋଇଥିବା କୃତୀ ଟାଏକୋଣ୍ଡୋ ପ୍ରତିଯୋଗୀ ଓ ଅନ୍ୟମାନେ।

ସାକ୍ଷୀଗୋପାଳ,୭।୧୦(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ବ୍ଲକସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ସୋମବାର ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ୩୦ ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରି ଆତ୍ମରକ୍ଷା ଓ ପ୍ରତିପକ୍ଷଙ୍କୁ ଆକ୍ରମଣ କୌଶଳ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ୧୪ ଜଣ ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ସେମାନେ ହେଲେ ତମନ୍ନା ମିଶ୍ର, ପ୍ରିୟଙ୍କା ମେକାପ, ଆରାଧ୍ୟା ସାତ୍ତ୍ୱିକ ମିଶ୍ର, ସ୍ମୃତିରେଖା ନାୟକ, ପ୍ରଜ୍ଞାଶ୍ରୀ ପ୍ରାରମ୍ଭିକା ବିଶ୍ୱାଳ, ରିକିରଞ୍ଜନ ଦାଶ, ଚିନ୍ମୟ ମେକାପ, ଅମ୍ଳାନ ଜ୍ୟୋତି ବରାଳ, ଆଦିତ୍ୟରାଜ ସାହୁ, ସୋମନାଥ ନାୟକ, ପିଙ୍କି ପ୍ରସାଦ ମହାରଣା, ରଶ୍ମିରଞ୍ଜନ ମହାପାତ୍ର, ଆୟୁଷ୍ମାନ ମିଶ୍ର ଏବଂ ସିପୁନ ପ୍ରଧାନ। ବ୍ଲକ କ୍ରୀଡ଼ା ସମ୍ପାଦକ ସୁଚିତ୍ରା ଖଟେଇ, ରେଫରି ଦିପକ ପ୍ରଧାନ ଓ ଲକ୍ଷ୍ମୀଧର ମହାନ୍ତି ପରିଚାଳନା କରିଥିଲେ।

# ବନ୍ଧୁକ ମୁନରେ ଟଙ୍କା, ବିଭିନ୍ନ ସାମଗ୍ରୀ ଲୁଟିଲେ

## ପାର୍ବଣ ପୂର୍ବରୁ ଲୁଟେରାଙ୍କ ରାଜ

କାକଟପୁର/ଅସ୍ତରଙ୍ଗ,୭।୧୦ (ଶୁଭଦର୍ଶନ ମିଶ୍ର/ମମତା ଜେନା)

 କାକଟପୁର ଅପରାଧୀଙ୍କ ପେଣ୍ଠସ୍ଥଳୀ ପାଲଟିଛି। କେତେଜଣ ଦୁର୍ବୃତ୍ତ ବନ୍ଧୁକ ମୁନ ଦେଖାଇ ଅନ୍‌ଲାଇନ ଶପିଂ ସଂସ୍ଥା ଅଫିସରୁ ଲକ୍ଷାଧିକ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଲୁଟି ନେଇଛନ୍ତି।



ପୁରୀ ଜିଲା କାକଟପୁର ଥାନା ଅନ୍ତର୍ଗତ ବଲରା ଛକ ନିକଟରେ ଅବସ୍ଥିତ ଅନ୍‌ଲାଇନ ଶପିଂ ସଂସ୍ଥା ଅଫିସ୍‌ରେ ରବିବାର ରାତି ୧୦ଟାରେ ୨ ଜଣ ବ୍ୟକ୍ତି ମାସ୍କ ଓ ହେଲ୍‌ମେଟ ପିନ୍ଧି ପ୍ରବେଶ କରିଥିଲେ। ସେହି ସମୟରେ ଅନ୍‌ଲାଇନ ଶପିଂ ସଂସ୍ଥାର କାର୍ଯ୍ୟରତ କର୍ମଚାରୀ ସୁନୀଲ ମହାପାତ୍ର, ଫାଲ୍‌ଗୁନ ସେଠୀ ଓ ରଶ୍ମିରଞ୍ଜନ କର ଖାଉଥିଲେ। ସେହି ସମୟରେ ଲୁଟେରା ୨ଜଣ ଏକ ଧାରୁଆ ଅସ୍ତ୍ର ସହ ବନ୍ଧୁକ ଦେଖାଇ ଭୟଭୀତ କରାଇ କ୍ୟାଶ୍ କାଉଣ୍ଟରରୁ ୩ଲକ୍ଷ ୭୮ହଜାର ୫୧୦ଟଙ୍କା ସହ କର୍ମଚାରୀଙ୍କ ମୋବାଇଲ୍ ଛଡ଼ାଇ ନେଇଥିଲେ। ଏହାସହ ୩ ଉପସ୍ଥିତ କର୍ମଚାରୀଙ୍କୁ ମାରଣାସ୍ତ୍ର ସହ ବନ୍ଧୁକ ଦେଖାଇ କାବୁ କରି ସିସିଟିଭି ହାର୍ଡ ଡିସ୍କ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। କିଛି ସମୟ ପରେ ଅନ୍‌ଲାଇନ ଶପିଂ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀ ସୁନୀଲ ମହାପାତ୍ର କାକଟପୁର ଥାନାରେ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ କାକଟପୁର ପୋଲିସ ପହଞ୍ଚି ତଦନ୍ତ କରିଥିଲା। ଏ ନେଇ କାକଟପୁର ଥାନା ପୋଲିସ କେସ୍ ନମ୍ବର ୨୦୪/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ସୋମବାର ପୂର୍ବାହ୍ନରେ ସାଇଣ୍ଟିଫିକ ଅଫିସର ଆଦିତ୍ୟ ରଞ୍ଜନ ନାୟକ, କ୍ୟାମେରା ମ୍ୟାନ ବନମାଳୀ ମୁଦୁଲି, ବିଶ୍ୱଜିତ୍ ସାହୁଙ୍କ ସମେତ କାକଟପୁର ଥାନା ସବ୍‌ଇନ୍ସପେକ୍ଟର ପ୍ରିୟଦର୍ଶନୀ ବରାଳ, ଏଏସ୍‌ଆଇ ମନୋରଞ୍ଜନ ପରିଡ଼ା ଅନ୍‌ଲାଇନ ଶପିଂ ସଂସ୍ଥା ଅଫିସରେ ପହଞ୍ଚି ଉପସ୍ଥିତ କର୍ମଚାରୀଙ୍କଠାରୁ ଲୁଟ ସମ୍ପର୍କରେ ବୁଝିଥିଲେ। ଆଗକୁ ପାର୍ବଣ ଥିବାରୁ ଲୁଟେରାଙ୍କ ରାଜ୍ କାକଟପୁର ଅଞ୍ଚଳରେ ଦେଖିବାକୁ ମିଳିଛି।

# ସଚେତନତା ପଦଯାତ୍ରା

ପିପିଲି,୭।୧୦(ପ୍ରଭାତ ମହାପାତ୍ର)

ପିପିଲିର ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନ ପକ୍ଷରୁ ସ୍ୱଚ୍ଛତା ବାର୍ତ୍ତା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନ ସଭାପତି ପ୍ରଭାତ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିପିଲି ଥାନା ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପିପିଲି ସଙ୍କଟମୋଚନ ମନ୍ଦିରଠାରୁ ପିପିଲି ହାଟ ଛକ ପର୍ଯ୍ୟନ୍ତ ଏହି ପଦଯାତ୍ରା ଯାଇଥିଲା। ପିପିଲି ହାଟ ଛକଠାରେ କୁନି କୁନି ପିଲାମାନେ ପଥପ୍ରାନ୍ତ ନାଚ ଓ ଗୀତ ମାଧ୍ୟମରେ ସ୍ୱଚ୍ଛତା ବାର୍ତ୍ତା ଦେଇ ସଚେତନ କରିଥିଲେ। ସମ୍ମାନିତ ଅତିଥି ଡ. ତପନ କୁମାର ଦାଶ, ସାମାଜିକ କର୍ମୀ ଇଂ. ଜେନାମଣି ଆଶିଷ ରଞ୍ଜନ ଜେନା, ଶିକ୍ଷକ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିର ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା,୭।୧୦(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ଭାଜପା ନିମାପଡ଼ା ଯୁବମୋର୍ଚ୍ଚା ଓ ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ଏକ ମେଘା ରକ୍ତଦାନ ଶିବିର ସ୍ଥାନୀୟ ଟାଉନ ହଲ୍‌ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଥିଲେ। ରକ୍ତଦାନ ମହତ୍ ଦାନ, ଆଜିର ଯୁବଶକ୍ତିର ରକ୍ତଦାନ ପାଇଁ ସଂକଳ୍ପ ନେଇ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟତଃ ଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତର ଆବଶ୍ୟକତା ରହିଛି। ତେଣୁ ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ ହୋଇ ରକ୍ତ ସଂଗ୍ରହ କରାଯିବାର ପ୍ରୟାସ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ।



ଶିବିରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ଅତିଥିବୃନ୍ଦ।

ସମ୍ମାନିତ ଅତିଥି ଭାବେ ତହସିଲଦାର ବସନ୍ତ କୁମାର ହାତୀ, ବିଡିଓ ଡ. ଅଭିହିତ ଷଡ଼ଙ୍ଗୀ, ବ୍ଲକ ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ, ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାସ, ଉପସଭାପତି ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ଇଣ୍ଡିଆନ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖା ସମ୍ପାଦକ ବିଭୂତି ଭୂଷଣ ପଟ୍ଟନାୟକ, ରେଡ୍‌କ୍ରସ ବ୍ଲଡ୍‌ବ୍ୟାଙ୍କର ଡ. ପ୍ରଦୀପ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୨ଶହ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବମୋର୍ଚ୍ଚାର ନେତୃବୃନ୍ଦ ନିରଞ୍ଜନ ନାୟକ, ସନ୍ତୋଷ ପରିଡ଼ା, ରାହୁଲ ନାୟକ, କୃଷ୍ଣଚନ୍ଦ୍ର ସ୍ୱାଇଁ, ରଞ୍ଜନ ପ୍ରଧାନ, ଦିନେଶ ଭୋଇ, ରମେଶ ଜେନା, ସଂଯୋଜନା ଓ ପରିଚାଳନା କରିଥିଲେ। ଶିବିରରେ ଭାଜପାର ବହୁ ନେତୃବୃନ୍ଦ, ଯୁବମୋର୍ଚ୍ଚାର ବହୁ ନେତୃବୃନ୍ଦମାନେ ଯୋଗଦେଇଥିଲେ।

# ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ବୈଠକ

ପୁରୀ,୭।୧୦(ଅଜିତ୍ କୁମାର ମହାନ୍ତି)

ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ପୁରୀ ଜିଲା ଶାଖାର ସାଧାରଣ ବୈଠକ ଭୋଳାନାଥ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଜଗନ୍ନାଥ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଂଘର କୋଷାଧ୍ୟକ୍ଷ ତ୍ରିନାଥ ସେଠୀ ଏବଂ ବିଭିନ୍ନ ଜିଲାର ସଭାପତି, ସମ୍ପାଦକ, ରାଜ୍ୟ ସଂଘ ସଦସ୍ୟଙ୍କ ସମେତ ସମସ୍ତ ବ୍ଲକ, ତହସିଲ ତଥା ୨ଟି ସବ୍‌ଡିଭିଜନ ଅନ୍ତର୍ଗତ ବିଭିନ୍ନ ବିଭାଗର ୪ର୍ଥଶ୍ରେଣୀ କର୍ମଚାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଆଗାମୀ ଦୁଇବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଜଗନ୍ନାଥ ପାଢ଼ୀ, ସମ୍ପାଦକ ବିଭୁପ୍ରସାଦ ଦାସ, କୋଷାଧ୍ୟକ୍ଷ ଭାବେ ରଘୁନାଥ ବେହେରାଙ୍କ ସମେତ ୧୧ଜଣ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲେ। ସଭାରେ ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ଡିଏଲ୍‌ଆର୍, ଏନ୍‌ଏମ୍‌ଆର୍ ୱାର୍କଚାର୍ଜ ଡେଲି ୱେଜେସମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ କୌଣସି କାରଣବଶତଃ ଦେହାନ୍ତ ହେଲେ ତାଙ୍କ ପରିବାରର ଜଣକୁ ବିନା କଟକଣାରେ ସରକାରୀ କାର୍ଯ୍ୟରେ ନିଯୁକ୍ତି ଦେବା ନିମନ୍ତେ ସରକାରଙ୍କୁ ଅନୁରୋଧ କରାଯାଇଛି।

# 'ଶ୍ରୀଜଗନ୍ନାଥ: ଐତିହ୍ୟ ଶତକ' ଲୋକାର୍ପିତ

ପୁରୀ,୭।୧୦(ଅଜିତ୍ କୁମାର ମହାନ୍ତି)

'ପୁର'ର ପୃଷ୍ଠଭୂମିରୁ 'ପୁରୀ' କିପରି ଦେବପ୍ରସ୍ଥରେ ପରିଣତ ହୋଇଥିଲା ଏବଂ ପୂର୍ବାମ୍ନାୟର ପରୁଷୋତ୍ତମ କ୍ଷେତ୍ରରେ ମରଣରୁ ମୁକ୍ତି ପାଇଁ 'ମୁକ୍ତିଶିଳା' କିପରି ବିଜେ କରିଛି, ଏ ସବୁର ଐତିହ୍ୟକୁ ନେଇ ସମୃଦ୍ଧ ହୋଇଛି ଶ୍ରୀଜଗନ୍ନାଥ: ଐତିହ୍ୟ ଶତକର ଦ୍ୱିତୀୟ ଭାଗ। ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ଲିଖିତ ଏହି ପୁସ୍ତକ ପୁରୀରେ ପୂଜିତ ୩ଜଣ ରାଜା ଏବଂ ମାରକଣ୍ଡ ତୀର୍ଥରେ ବିରାଜି ମହାବୀରଙ୍କ ପୂଜା ରହସ୍ୟର ଐତିହ୍ୟ ପ୍ରଭୃତି ଶହେଟି ଆଲେଖ୍ୟକୁ ନେଇ ସମୃଦ୍ଧ।

ପୁସ୍ତକଟି ପ୍ରକାଶ କରିଛନ୍ତି ଓଡ଼ିଆ ପ୍ରକାଶନ ଜଗତର ପ୍ରଥମ ନାରୀ ପ୍ରକାଶିକା ଶଶିପ୍ରଭା ସାମନ୍ତରାୟଙ୍କ ପ୍ରତିଷ୍ଠିତ ଦିବ୍ୟଦୂତ ପ୍ରକାଶନୀ, କଟକ। ପୁରୀର ଏକ ଘରୋଇ ହୋଟେଲ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁସ୍ତକଟି ଲୋକାର୍ପିତ ହୋଇଯାଇଛି। ଓଡ଼ିଶାର ସ୍ୱନାମଧନ୍ୟ ଡ. ସୁରେନ୍ଦ୍ର ନାଥ ସେନାପତି, କଟକ ରାଜାବଗିଚାସ୍ଥିତ ଦିବ୍ୟଦୂତ ପ୍ରକାଶନୀର ସ୍ୱତ୍ୱାଧିକାରୀ ତଥା ପ୍ରକାଶକ ବିଶିଷ୍ଟ ଲେଖକ ଓ ନିର୍ଦ୍ଦେଶକ ପ୍ରଭାଂଶୁ ସାମନ୍ତରାୟ, ଶିଶୁ ସାହିତ୍ୟିକ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଭାରତୀୟ ବିଦ୍ୟାର ଶିକ୍ଷାବିତ୍ ପ୍ରସନ୍ନ କୁମାର ସ୍ୱାଇଁ, ସାମାଜିକ କର୍ମୀ ସନ୍ତୋଷ କୁମାର ପାତ୍ର ଓ ରବି ନାରାୟଣ ସାମନ୍ତରାୟ ପୁସ୍ତକଟିକୁ ଲୋକାର୍ପଣ କରିଥିଲେ।

ଶ୍ରୀଜଗନ୍ନାଥ ଐତିହ୍ୟ ଶତକର ପ୍ରଥମ ଭାଗ ୨୦୧୫ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶ କରିଥିଲେ। ପୁରୀରେ ସାଂବିଦୀ ପ୍ରକାଶନରେ ପୁସ୍ତକଟି ଉପଲବ୍ଧ। ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧରେ ୧୦୦ଟି ଐତିହ୍ୟକୁ ନେଇ ଡ. ମିଶ୍ର ଲେଖିଥିବା ପୁସ୍ତକରେ ବହୁ ଅନାଲୋଚିତ ଦିଗ ଉନ୍ମୋଚିତ ହୋଇଛି।


ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି ।

# ଭୂମିହୀନଙ୍କୁ ପଟ୍ଟା ଦାବିରେ ଦଳିତ ମହାସଂଘର ପ୍ରତିବାଦ

ପିପିଲି,୭।୧୦(ପ୍ରଭାତ କୁମାର ମହାପାତ୍ର)

ସରକାରଙ୍କ ପକ୍ଷରୁ ଭୂମିହୀନଙ୍କୁ ଜମି ପଟ୍ଟା ଯୋଗାଇଦେବା ଓ ଏକ କମ୍ପାନୀର କଳା କାରନାମା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସୋମବାର ଜାତୀୟ ଦଳିତ ଆଦିବାସୀ ମାଇନରଟି ମହାସଂଘ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି। ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ପିପିଲି ହାଟଛକ ଠାରୁ ଶୋଭାଯାତ୍ରାରେ ବାହାରି ପିପିଲି ତହସିଲ ପର୍ଯ୍ୟନ୍ତ ଯାଇଥିଲେ। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା କରାଯାଇଥିଲା। ବହୁବର୍ଷ ଧରି ଭୂମିହୀନଙ୍କୁ ଜମିପଟ୍ଟା ଯୋଗାଇଦେବାରେ ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ କରି ତୁରନ୍ତ ଜମି ପଟ୍ଟା ଯୋଗାଇଦେବା ପାଇଁ ମହାସଂଘ ସେଠାରେ ଦାବି କରିଥିଲା।

ଏଥିସହ ଗୋଟିଏ କମ୍ପାନୀ ଗରିବ ନିରୀହ ଲୋକମାନଙ୍କୁ ଶୋଷଣ କରୁଥିବା ମହାସଂଘ ଅଭିଯୋଗ କରିଛି। ପିପିଲି ପ୍ରଶାସନ ଏହି କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମହାସଂଘ ଦାବି କରିଛି। ପ୍ରତିବାଦ ସଭାରେ ସଂଗଠନର ରାଜ୍ୟ ସମ୍ପାଦିକା ସୋନିଲତା ସେଠୀ, ସାମାଜିକ କର୍ମୀ ଶରତ ପ୍ରଧାନଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ପୁରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପିପିଲି ତହସିଲଦାର ଦିଲୀପ କୁମାର ମାଝୀଙ୍କୁ ପ୍ରଦାନ କରାଯାଇଥିଲା। ଦାବି ମୁତାବକ ପିପିଲି ପ୍ରଶାସନ ଏହି ଦୁଇ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀ ଚେତାବନୀ ଦେଇଛନ୍ତି।


ଭୂମିହୀନଙ୍କୁ ଜମିପଟ୍ଟା ଯୋଗାଇଦେବା ଦାବିରେ ଦଳିତ ଆଦିବାସୀ ମାଇନରଟି ମହାସଂଘ ପକ୍ଷରୁ ପ୍ରତିବାଦ କରାଯାଉଛି ।

## ଶ୍ରୀଲିଙ୍ଗରାଜ ମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ

ପୁରୁଣା ଭୁବନେଶ୍ୱର,(ସୁବାସ ଚନ୍ଦ୍ର ପ୍ରଧାନ): ଶ୍ରୀଲିଙ୍ଗରାଜ ମନ୍ଦିରର ଗର୍ଭଗୃହ ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏନେଇ ଶ୍ରଦ୍ଧାଳୁ ଏବଂ ସେବାୟତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର କେତେଜଣ ସାଧୁସନ୍ଥ ଶ୍ରୀଲିଙ୍ଗରାଜ ମନ୍ଦିର ପରିଦର୍ଶନରେ ଆସିଥିଲେ। ପାର୍ଶ୍ୱଦେବଦେବୀଙ୍କ ଦର୍ଶନ ପରେ ମନ୍ଦିର ଗର୍ଭଗୃହରେ ପହଞ୍ଚିଥିଲେ। ଏହା ପରେ ସେଠାରେ କେହି ଫଟୋ ଉତ୍ତୋଳନ କରିଥିଲେ, ଯାହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ମନ୍ଦିର ଭିତରକୁ ମୋବାଇଲ ନେବା ପାଇଁ ଅନୁମତି ନ ଥିବା ବେଳେ କିପରି ଏହି ଫଟୋ ଉଠିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପୂଜା ପୂର୍ବରୁ ଅସମ୍ଭାଳ

**ଭୁବନେଶ୍ୱର,୭।୧୦(ସତ୍ୟଜିତ୍ ରାଉତ)**

ରାଜଧାନୀ ଭୁବନେଶ୍ୱରରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ସହରରେ ଚଳିତବର୍ଷ ଶୃଙ୍ଖଳିତ ତଥା ସୁରକ୍ଷିତ ଦୁର୍ଗାପୂଜା ପାଇଁ କମିଶନରେଟ୍ ପୋଲିସ ଅଣ୍ଟା ଭିଡିଛି। ଏଥର ସହରରେ ୧୭୧ଟି ମେଢ଼ ହେବାକୁ ଥିବାବେଳେ ଦୁର୍ଗାପୂଜା, ରାବଣପୋଡ଼ି ଓ ଭସାଣି ଉତ୍ସବକୁ ସୁରକ୍ଷିତ ଭାବେ ପାଳିବାକୁ ନିଷ୍ପତ୍ତି ହୋଇଛି। ତେବେ ଏବେଠାରୁ ଟ୍ରାଫିକ୍ ଯନ୍ତ୍ରଣା ରାଜଧାନୀବାସୀଙ୍କୁ ଏକପ୍ରକାର ଅଣନିଃଶ୍ୱାସୀ କଲାଣି। ଘରୁ ବାହାରିଲେ ରାସ୍ତାରେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏପରିକି ଅଧିକାଂଶ ସମୟରେ ଆମ୍ବୁଲାନ୍ସ, ପିସିଆର୍ ଭଳି ଜରୁରିକାଳୀନ ଗାଡ଼ି ମଧ୍ୟ ଏହି ଅସମ୍ଭାଳ ଭିଡ଼ ମଝିରେ ଫସି ରହୁଛି। ବୁଧବାରଠାରୁ ମଣ୍ଡପରେ ମା'ଙ୍କ ଷଷ୍ଠୀ ପୂଜା ଆରମ୍ଭ ହେବ। ତେଣୁ ଷଷ୍ଠୀଠାରୁ ଆରମ୍ଭ କରି ଦଶମୀ ଓ ଭସାଣି ପର୍ଯ୍ୟନ୍ତ ସହରରେ ଟ୍ରାଫିକ୍ ଜାମ୍ ରହିବ। ପୂଜା ସମୟରେ ଭିଡ଼ ଯନ୍ତ୍ରଣା ଜନସାଧାରଣ ଓ ପୋଲିସ ପାଇଁ ଚିନ୍ତାର ବିଷୟ ହୋଇଛି। ଭିଡ଼ ନିୟନ୍ତ୍ରଣ କମିଶନରେଟ୍ ପୋଲିସ ପାଇଁ ବଡ଼ ଆହ୍ୱାନ ପାଲଟିଛି। ବିଶେଷ କରି ଭୁବନେଶ୍ୱରର ପ୍ରମୁଖ ରାସ୍ତା ଉପରେ ସନ୍ଧ୍ୟାରୁ ଟ୍ରାଫିକ୍ ଭିଡ଼ରେ ଲୋକେ ଫସି ଯାଉଥିବାବେଳେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗତ ଶୁକ୍ରବାର ରାଜଧାନୀର ବିଭିନ୍ନ ସ୍ଥାନରେ ଅସମ୍ଭାଳ ଟ୍ରାଫିକ୍ ଜାମ ହୋଇଥିଲା। ଜୟଦେବ ବିହାରରୁ ପଟିଆ, ବିଦ୍ୟୁତ୍ ମାର୍ଗ, କଟକ ରୋଡ, ଜନପଥ, ଜାତୀୟ ରାଜପଥ ଫ୍ଲାଏଓଭରବ୍ରିଜ୍ ଲୋକେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍‌ରେ ଫସିଥିଲେ।

ସୋମବାର ସନ୍ଧ୍ୟାରେ ମଧ୍ୟ ଜୟଦେବ ବିହାରଠାରୁ ନନ୍ଦନକାନନରୋଡ ଅସମ୍ଭାଳ ଜାମ୍ ହୋଇଥିଲା। ତେବେ ଜାତୀୟ ରାଜପଥ-୧୬ ପାର୍ଶ୍ୱରେ ରସୁଲଗଡ଼, ନୟାପଲ୍ଲୀ, ବରମୁଣ୍ଡା, ପଳାଶୁଣୀ ଆଦି ପ୍ରମୁଖ ପୂଜା ମଣ୍ଡପ ରହିଛି। ସେହିପରି କଟକ ରୋଡରେ ବମିଖାଲ, ଲକ୍ଷ୍ମୀସାଗର, ପୁରୁଣା ଷ୍ଟେଶନ ବଜାର ଆଦି ପୂଜା ମଣ୍ଡପ ରହିଥିବାରୁ ଏସବୁ ସ୍ଥାନରେ ଗହଳି ଅଧିକ ହେବ। ପୂଜା ସମୟରେ ଓଭରବ୍ରିଜ୍ ତଳ ସର୍ଭିସ୍ ରୋଡରେ ଗାଡି ଚଳାଚଳ ଏବଂ ମଣ୍ଡପ ଯିବାକୁ ବିଭିନ୍ନ ପାର୍ଶ୍ୱରୁ ଲୋକମାନେ ଯାଆସ କରିବେ। ଏପରିକି ପ୍ରମୁଖ ମଣ୍ଡପକୁ ଲାଗି ରହିଥିବା ଗଳି ରାସ୍ତାରେ ସନ୍ଧ୍ୟାରେ ପ୍ରବଳ ଜାମ୍ ହେଉଛି। ଏଜି ଛକରୁ ଚାରିପାର୍ଶ୍ୱରୁ ସନ୍ଧ୍ୟାରେ ପ୍ରବଳ ଗାଡ଼ି ଜାମ୍ ହେଉଛି। ବିଶେଷକରି ପାର୍ବଣରେ ଟ୍ରାଫିକ୍ ସମସ୍ୟା ଦୁଇଗୁଣ ହେବ ବୋଲି ଆଶଙ୍କା ଦେଖାଦେଇଛି। ଏନେଇ ବମିଖାଲ ଅଞ୍ଚଳରେ ରହୁଥିବା ଲିପକ୍ କୁମାର ବଳ କହିଛନ୍ତି, ଏଥର ପରିବାର ସହ ଭୁବନେଶ୍ୱରରେ ପୂଜା ଦେଖିବାକୁ ଯିବୁ ବୋଲି ଯୋଜନା କରିଛୁ। ହେଲେ ଭିଡ଼ କଥା ଭାବିଲେ ଚିନ୍ତା ଲାଗୁଛି। ପୋଲିସ ପକ୍ଷରୁ ଏନେଇ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ଦରକାର ବୋଲି ସେ କହିଛନ୍ତି। ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି, ଟ୍ରାଫିକ୍ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ଟିମ୍ ମଧ୍ୟ ଗଠନ କରାଯାଇଛି। ସହରକୁ ସିସିଟିଭିରେ ମନିଟରିଂ କରାଯାଉଛି। ଟ୍ରାଫିକ୍ ଜାମ ହେଉଥିବା ପ୍ରମୁଖ ଅଞ୍ଚଳକୁ ପୂଜା ବେଳେ ଆମେ ଫୋକସ୍ କରିବୁ। କିପରି ଭିଡ଼ ନ ହେବ ସେଥିପ୍ରତି ଧ୍ୟାନ ଦେବୁ ବୋଲି ଡିସିପି ମିଶ୍ର କହିଛନ୍ତି।



ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବବିହାର-ନନ୍ଦନକାନନ ରାସ୍ତାରେ ସୃଷ୍ଟି ହୋଇଥିବା ଟ୍ରାଫିକ୍ ଜାମ୍। (ଫଟୋ: ବିକାଶ ନାୟକ)

## ରାସ୍ତାକୁ ଗୋରୁ ଛାଡ଼ିଲେ କାର୍ଯ୍ୟାନୁଷ୍ଠାନ ନେବ ପୋଲିସ

**ବାରଙ୍ଗ,୭।୧୦(ଲିଙ୍ଗରାଜ ରାଉତ):** ବାରଙ୍ଗ ରାସ୍ତାରେ ଗାଈଗୋରୁ ଶୋଇ ରହୁଥିବାରୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣାମାନ ଘଟି କେତେବେଳେ ଜୀବନ ଯାଉଛି ତ କେତେବେଳେ କ୍ଷୟକ୍ଷତି ମଧ୍ୟ ଘଟୁଛି। ଏଥିରେ ରୋକ ଲଗାଇବା ସହ ସାଧାରଣ ଲୋକଙ୍କୁ ସଚେତନ କରିବାକୁ ପୋଲିସ ପକ୍ଷରୁ ନୂଆ ପ୍ରୟାସ ଆରମ୍ଭ କରାଯାଇଛି।
ସୋମବାର ଥାନା ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଜନ ସଚେତନତା ସୃଷ୍ଟି ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୁହ୍ନେଇପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବାରଙ୍ଗ ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ ଅତିଥି ଭାବେ ଯୋଗଦେଇ ସଚେତନ ବାର୍ତ୍ତା ଦେଇଥିଲେ। ଗାଈ ଗୋରୁଙ୍କୁ ରାସ୍ତା ଉପରକୁ ନ ଛାଡ଼ିବା, ସନ୍ଧ୍ୟା ପରେ ସେମାନଙ୍କୁ ଘରେ ବାନ୍ଧି ରଖିବା, ସେମାନଙ୍କ ଠିକ୍ ଯତ୍ନ ନେବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଅନେକ ସମୟରେ ଗାଈ ଗୋରୁ ରାସ୍ତା ଘାଟ ଉପରେ ଗୋଠ ହୋଇ ଶୋଇ ରହୁଥିବାରୁ ଦୁର୍ଘଟଣା ଘଟି ନିରୀହ ଲୋକଙ୍କ ଜୀବନ ଚାଲି ଯାଉଛି। ଏଥିସହ ଗୋ ମାତାଙ୍କ ମଧ୍ୟ ମୃତ୍ୟୁ ଘଟୁଛି। ଫଳରେ ଅନେକ ଧନଜୀବନ ନଷ୍ଟ ହେଉଛି। ଏଥିପାଇଁ ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ଥାନାଧିକାରୀ କହିଥିଲେ। ଆଲୋଚନାରେ ସରପଞ୍ଚ ରିତାଞ୍ଜଳି ସାମଲ, ସମିତି ସଭ୍ୟା ପ୍ରାଚୀନା ଦାସ, ୱାର୍ଡମେମ୍ବର ରଞ୍ଜନ ଭଞ୍ଜ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଏମ୍‌ବିକେ, ସିଆର୍‌ପି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତରେ କାର୍ଯ୍ୟରତ ସମସ୍ତ ଗୋଷ୍ଠୀର ସଦସ୍ୟ ପ୍ରତ୍ୟେକ ଗ୍ରାମ ଓ ଘରଘର ବୁଲି ଲୋକଙ୍କୁ ଏ ସମସ୍ତ ଦିଗ ପ୍ରତି ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ସଚେତନତା ପରେ କେହି ଗୋରୁ ଗାଈକୁ ରାସ୍ତା ଉପରକୁ ଛାଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଥିଲେ।

## କଳାକାର ଥିଏଟର ପକ୍ଷରୁ 'ସେ ଆଉ ଜହ୍ନ' ମଞ୍ଚସ୍ଥ



ଭଞ୍ଜକଳା ମଣ୍ଡପରେ ସୋମବାର କଳାକାର ଥିଏଟର ପକ୍ଷରୁ ମଞ୍ଚସ୍ଥ ନାଟକ 'ସେ ଆଉ ଜହ୍ନ'ର ଏକ ଦୃଶ୍ୟ।

**ଭୁବନେଶ୍ୱର,୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଦୁଇଟି ସମାନ୍ତରାଳ ସରଳରେଖା କେବେ ଏକାଠି ହୋଇପାରନ୍ତି ନାହିଁ, ସେମାନଙ୍କ ମିଳନର ସ୍ୱପ୍ନ ଏକ ସେତୁ ବିନା ସର୍ବଦା ଅସମ୍ପୂର୍ଣ୍ଣ ହୋଇରହିଥାଏ। ଜହ୍ନରାତିର ଶାନ୍ତ କିରଣରେ ତଟିନୀର ଜଳରାଶିରେ ଏକ ସୁନ୍ଦର ପ୍ରତିଛବି ତିଆରି କରିଥିବା ଜହ୍ନ ଉପରକୁ ମିଳନର ଅନେକ ଆକାଂକ୍ଷା ବହନ କରୁଥିବା ସେତୁଟି ଯେବେ ଛୋଟ ଗୋଡିଟିଏ ପକାଏ ଏହା କ୍ଷଣିକ ମଧ୍ୟେ ତାକୁ ଅନେକ ଛୋଟ ଛୋଟ ଲହଡିରେ ପରିବର୍ତ୍ତିତ କରି ଜଳରାଶିର ଗଭୀରତା ସହ ମିଶେଇଦିଏ। ଆକାଶରେ ଜହ୍ନଟି ଶାନ୍ତହୋଇ ସବୁ ଦେଖୁଥାଏ ସତ, ହେଲେ କିଛି କହିବାକୁ ନା ସେତୁ ଉପରେ ନା ଛୋଟ ଗୋଡିଟି ଉପରେ ଅଧିକାର ଥାଏ? ସମୟକ୍ରମେ ତଟିନୀର ଦୁଇକୂଳ ପରି ଆଜିବି ସେ ସାଙ୍ଗରେ ଜହ୍ନକୁ ନେଇ ମିଳନର ସେତୁ ଅପେକ୍ଷାରେ ବ୍ୟାକୁଳ ହୋଇରହିଛି। ସତରେ ସେ ବ୍ୟାକୁଳତାର କ'ଣ କେବେ ଅନ୍ତ ଘଟିବ। ଏଭଳି ଏକ କଥାବସ୍ତୁକୁ ନେଇ ସୋମବାର ଭଞ୍ଜକଳା ମଣ୍ଡପରେ କଳାକାର ଥିଏଟର ପକ୍ଷରୁ ନାଟକ 'ସେ ଆଉ ଜହ୍ନ' ମଞ୍ଚସ୍ଥ ହୋଇଯାଇଛି। ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ପ୍ରବୀର ଗୁହା, ନାଟ୍ୟକାର ସତ୍ୟବ୍ରତ ରାଉତ, ବିଶିଷ୍ଟ ମଞ୍ଚ ଶିଳ୍ପୀ ଦୋଳଗୋବିନ୍ଦ ରଥ ଉପସ୍ଥିତ ଥିଲେ। ଜ୍ୟୋତି, କ୍ରିଷ୍ଣା, ସୌମ୍ୟ, ଶ୍ରୀଚନ୍ଦନ, ଶମ୍ଭୁ, ଦୀପକ, ବିବେକ ଲାଲ, ସତ୍ୟ, ସନଲ, ମାଧୁରୀ, ସ୍ନେହା, ବିଜୟିନୀ, ସିନ୍ଟୁ, ଆକିସ, ଲୋରି ପ୍ରମୁଖ ମଞ୍ଚରେ ଅଭିନୟ କରିଥିଲେ। ନାଟ୍ୟ ରୂପାନ୍ତର ରାଜେଶ କୁମାର ପଣ୍ଡା କରିଥିବା ବେଳେ ନିର୍ଦ୍ଦେଶନା ହର ପ୍ରସାଦ ପଟ୍ଟନାୟକ ଦେଇଛନ୍ତି ଓ ସହ ନିର୍ଦ୍ଦେଶନାରେ ସୌମ୍ୟରଞ୍ଜନ ମହାନ୍ତି ରହିଛନ୍ତି।

## ଦୁର୍ଗାପୂଜା ପାଇଁ ଟ୍ରାଫିକ୍ କଟକଣା

# ସହର ଭିତରେ ଭାରିଯାନ ଚଳାଚଳ ନିଷେଧ

**ଭୁବନେଶ୍ୱର,୭।୧୦(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱରରେ ଦୁର୍ଗାପୂଜା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ମଙ୍ଗଳବାର ଟ୍ରାଫିକ୍ ନିର୍ଦ୍ଦେଶନାମା ଜାରି ହୋଇଛି। ଅକ୍ଟୋବର ୯(ଷଷ୍ଠୀ) ଠାରୁ ୧୩ (ଦଶମୀ) ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଓ ଲୋକଙ୍କ ଗମନାଗମନ ପାଇଁ ଅପରାହ୍ନ ୪ରୁ ରାତି ୨ ଯାଏ କଟକଣା ଲାଗୁ କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ଖଣ୍ଡଗିରି ଛକଠାରୁ ପୋଖରୀପୁଟ ରାସ୍ତାରେ ଭାରିଯାନ ଯାଇପାରିବ ନାହିଁ। ସେହିପରି ଫାୟାର ଟ୍ରେନିଂ ସ୍କୁଲ ଛକଠାରୁ ଶିଶୁଭବନ, ସିଆର୍‌ପି ଛକଠାରୁ ପାୱାର ହାଉସ୍, ଜୟଦେବ ବିହାର ଛକଠାରୁ ରାଜଭବନ, ଜୟଦେବବିହାର ଛକଠାରୁ ନନ୍ଦନକାନନ, ଆଚାର୍ଯ୍ୟ ବିହାର ଛକଠାରୁ ନିୟୁ ଏୟାରପୋର୍ଟ ଛକ, ଆଚାର୍ଯ୍ୟ ବିହାର ଛକଠାରୁ କଳିଙ୍ଗ ହସ୍ପିଟାଲ ଛକ, ବାଣୀବିହାର ଛକଠାରୁ ଶିଶୁଭବନ ଛକ, ରସୁଲଗଡ଼ ଛକଠାରୁ ଲିଙ୍ଗିପୁର ଛକ, ବରମୁଣ୍ଡାଠାରୁ ପଳାଶୁଣୀ ପର୍ଯ୍ୟନ୍ତ ୧୬ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ସର୍ଭିସ୍ ରୋଡ ଏବଂ ଏଗୁଡ଼ିକୁ ସଂଯୋଗ କରୁଥିବା ଆଖପାଖ ରାସ୍ତାରେ ଏହି କଟକଣା ରହିବ। ତେବେ ଭିଡ଼କୁ ଦୃଷ୍ଟିରେ ରଖି ଆବଶ୍ୟକ ପଡ଼ିଲେ ଖୋର୍ଦ୍ଧାରୁ ଭୁବନେଶ୍ୱରକୁ ଭାରିଯାନଗୁଡ଼ିକୁ ଆସିବାକୁ ଦିଆଯିବ ନାହିଁ। ଗାଡ଼ିଗୁଡ଼ିକ ପିତାପଲି ଛକଠାରୁ ବାମପାର୍ଶ୍ୱ ଭାୟା ଚନ୍ଦକା ବାରଙ୍ଗ ରାସ୍ତା ଦେଇ ଯିବେ। ରାବଣ ପୋଡ଼ି ସମୟରେ କଟକରୁ ଆସୁଥିବା ଗାଡ଼ିଗୁଡ଼ିକ ଜୟଦେବବିହାରଠାରୁ ବାମପାର୍ଶ୍ୱରୁ ବେହେରା ସାହି, ଶାସ୍ତ୍ରୀ ନଗର ଆଦି ରାସ୍ତା ଦେଇ ସିଆର୍‌ପି ଛକ ଦେଇ ଯିବେ। ତେବେ କଟକଣାକୁ ଦୃଷ୍ଟିରେ ରଖି ବସ୍‌ଗୁଡ଼ିକ ପାଇଁ ମଧ୍ୟ ବିକଳ୍ପ ବ୍ୟବସ୍ଥା କରାଯାଇଛି। ପୁରୀରୁ ବରମୁଣ୍ଡା ଆଡ଼କୁ ଆସିବାକୁ ଥିବା ବସ୍ ଲିଙ୍ଗିପୁର ଛକଠାରୁ ସାମନ୍ତରାପୁର, କଳ୍ପନା, ଶିଶୁଭବନ, ଫାୟାର ଟ୍ରେନିଂ ସ୍କୁଲ ଛକ ଦେଇ ବରମୁଣ୍ଡା ବସଷ୍ଟାଣ୍ଡକୁ ଯିବ। ସେହିପରି ବରମୁଣ୍ଡାରୁ ପୁରୀ ଯିବାକୁ ଥିବା ବସ୍‌ଗୁଡ଼ିକ ମଧ୍ୟ ଉପରୋକ୍ତ ରାସ୍ତା ଦେଇ ଯିବେ। ସେହିପରି ପୁରୀରୁ କଟକ ଯାତାୟାତ ପାଇଁ ପୁରୀ-କଟକ ବାଇପାସ୍ ରୋଡରେ ଯାନବାହନ ଚଳାଚଳ କରିବ।

### ଭସାଣି ଯାତ୍ରା ପାଇଁ କଟକଣା

୧୪ ତାରିଖରେ ଭସାଣି ଯାତ୍ରା ପାଇଁ ମଧ୍ୟ ନିର୍ଦ୍ଦିଷ୍ଟ କଟକଣା ଜାରି ହୋଇଛି। ଭସାଣି ଯାତ୍ରା ସମୟ ଅର୍ଥାତ୍ ଅପରାହ୍ନ ୩ଟାରୁ ରାତି ୧ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳକୁ ବାରଣ କରାଯାଇଛି। ଶହୀଦ ନଗର ଭସାଣି ସମୟରେ କୌଣସି ଗାଡ଼ି ଜନପଥରେ ଚଳାଚଳ କରିବ ନାହିଁ। ନୟାପଲ୍ଲୀରେ ଭସାଣି ବେଳେ ସିଆର୍‌ପି ପାର୍ଶ୍ୱରୁ କଟକକୁ ଯିବାକୁ ଥିବା ଗାଡ଼ିଗୁଡ଼ିକ ଏକାମ୍ରପାର୍କ, ବିଜୁପଟ୍ଟନାୟକ କଲେଜ ଦେଇ ଜୟଦେବବିହାର ରାସ୍ତାରେ ଯିବ। ଚନ୍ଦ୍ରଶେଖରପୁରରେ ଭସାଣି ବେଳେ କିଟ୍ ଛକରୁ ନାଲ୍‌କୋ ଆଡ଼କୁ ଗାଡ଼ି ଯିବ ନାହିଁ। ଖୋର୍ଦ୍ଧା ପାର୍ଶ୍ୱରୁ ଆସୁଥିବା ଗାଡ଼ିଗୁଡ଼ିକ ଫାୟାରଷ୍ଟେଶନ ଛକରୁ ଫ୍ଲାଏଓଭରବ୍ରିଜ୍ ଦେଇ ଯିବ। ତେବେ ନିୟମ ଉଲ୍ଲଂଘନକାରୀଙ୍କୁ ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ ଅନୁଯାୟୀ ୫୦୦ କିମ୍ବା ସର୍ବାଧିକ ହଜାରେ ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

## ବିଶୃଙ୍ଖଳା କଲେ କଡ଼ା କାର୍ଯ୍ୟାନୁଷ୍ଠାନ



### ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ

**ଭୁବନେଶ୍ୱର,୭।୧୦(ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀରେ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାରେ ସମାପନ କରିବା ପାଇଁ କମିଶନରେଟ ପୋଲସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ତେଣୁ ଦୁର୍ଗାପୂଜା ପୂର୍ବରୁ ଲକ୍ଷ୍ମୀସାଗର ଥାନା ଅଞ୍ଚଳ ଓ ଝାରପଡ଼ାରେ ପୋଲିସର ଫ୍ଲାଗମାର୍ଚ୍ଚ ହୋଇଛି। ଏହାପରେ ବିଭିନ୍ନ ଥାନା ଅଞ୍ଚଳରେ କରାଯିବ। ଡିସିପି ପିନାକ ମିଶ୍ରଙ୍କ ନେତୃତ୍ୱରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି। କମିଶନରେଟ ପୋଲିସ ସମେତ ୨ କମ୍ପାନୀ ବିଏସ୍‌ଏଫ୍ ଫୋର୍ସ ସାମିଲ ହୋଇଛନ୍ତି। ବିଶୃଙ୍ଖଳା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଫ୍ଲାଗ୍‌ମାର୍ଚ୍ଚ ବେଳେ ଡିସିପି ଚେତାବନୀ ଦେଇଛନ୍ତି।

# ଅମ୍ବର ପ୍ୟାଲେସ୍‌କୁ ଚାନ୍ଦି ମୁକୁଟ

## ପଟିଆଗଡ଼ ମହାବୀର ଦୁର୍ଗାପୂଜା କମିଟି

**ଭୁବନେଶ୍ୱର, ୭।୧୦ (ବନ୍ଦନା ସେଠୀ)**

ଚଳିତବର୍ଷ ମହାଆଡମ୍ବରରେ ପାଳିତ ହେବ ଦଶହରା। ବିଭିନ୍ନ ଶକ୍ତିପୀଠରେ ନବରାତ୍ର ପୂଜା ଚାଲିଥିବାବେଳେ ମଣ୍ଡପରେ ଦୁର୍ଗାପୂଜା ପାଇଁ ରାଜଧାନୀର ବିଭିନ୍ନ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ସପ୍ତମୀ ପୂଜାଠାରୁ ଶ୍ରଦ୍ଧାଳୁଙ୍କ ଗହଳି ପରିଲକ୍ଷିତ ହେବ। ଏଥିପାଇଁ ପଟିଆ ଗଡ଼ ମହାବୀର ଦୁର୍ଗାପୂଜା କମିଟି ପକ୍ଷରୁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି। କମିଟି ଏଥର ୨୭ତମ ସାର୍ବଜନୀନ ଦୁର୍ଗାପୂଜା ପାଳନ କରିବାକୁ ଯାଉଛି। ଏଥିପାଇଁ ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏଥର ରାଜସ୍ଥାନର ଅମ୍ବର ପ୍ୟାଲେସ୍ ନିର୍ମାଣ କରାଯାଉଛି। ଉଚ୍ଚତା ୭୨ଫୁଟ ଏବଂ ଓସାର ୮୦ ଫୁଟ ରହିଛି। ୧୪ ଫୁଟର ମାଙ୍କ ମୃଣ୍ମୟୀ ମୂର୍ତ୍ତି ସହ ୧୬ ଫୁଟର ତାରକସି ମେଢ କାମ ଜାରି ରହିଛି। ଏହାକୁ କଟକର କାରିଗରମାନେ ନିର୍ମାଣ କରୁଛନ୍ତି। ଚଳିତବର୍ଷର ବିଶେଷ ଆକର୍ଷଣ ସାଜିବ ବୃହତକାୟ ଚାନ୍ଦି ମୁକୁଟ। ୬ କେଜି ରୁପାରେ ଅତ୍ୟନ୍ତ ସୂକ୍ଷ୍ମ କାରୁକାର୍ଯ୍ୟରେ ଏହାକୁ ମାନସିଂପାଟଣାର କାରିଗରମାନେ ତିଆରି କରିଛନ୍ତି। ମା'ଙ୍କ ମସ୍ତକରେ ଚାନ୍ଦି ମୁକୁଟ ଶୋଭା ପାଇବା ସହିତ ରୁପା ଗହଣାରେ ସୁସଜ୍ଜିତ ହେବେ ମା' ଦୁର୍ଗତିନାଶିନୀ। ସେହିପରି ପାର୍ଶ୍ୱ ଦେବାଦେବୀ ମଧ୍ୟ ଚାନ୍ଦି ମୁକୁଟ ଓ ଗହଣା ପରିଧାନ କରିବେ। ମଣ୍ଡପକୁ ସଂଯୋଗ କରୁଥିବା ୪ଟି ରାସ୍ତାରେ ଏଲ୍‌ଇଡି ଲାଇଟ୍‌ର ଗେଟ୍ ଲାଗିବ ଓ ରଙ୍ଗିନ ଆଲୋକମାଳାରେ ମଣ୍ଡପ ସହ ଆଖପାଖ ଅଞ୍ଚଳକୁ ସୁସଜ୍ଜିତ କରାଯିବ। ପଞ୍ଚମୀରେ ମହାବୀର ପୀଠରେ ହୋମଯଜ୍ଞ, ଷଷ୍ଠୀରେ ବିଲ୍ୱବରଣ ଅନୁଷ୍ଠିତ ହେବ। ସପ୍ତମୀରେ କଳସ ଯାତ୍ରା, ମହାସପ୍ତମୀ ପୂଜା ପରେ ଚକ୍ଷୁଦାନ ଦିଆଯିବ। ସେହିପରି ଅଷ୍ଟମୀ ଦିନ ସୂର୍ଯ୍ୟପୂଜା, ମହାଷ୍ଟମୀ ପୂଜା, ସନ୍ଧିପୂଜା, ସନ୍ଧିବଳି ଓ ହୋମାଦି ପୁଷ୍ପାଞ୍ଜଳି ଦିଆଯିବ। ଅଷ୍ଟମୀରେ ୨ହଜାର ଭକ୍ତଙ୍କୁ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଛି। ନବମୀ ଦିନ କୁମାରୀ ପୂଜା, ଦହିପଖାଳ ଭୋଗ, ଦଶମୀ ଦିନ ଅପରାଜିତା ପୂଜା, ହୋମ, ପୂର୍ଣ୍ଣାହୁତି, ଘଟ ବିସର୍ଜନ ଅନୁଷ୍ଠିତ ହେବ। ସପ୍ତମୀରେ ଭଜନ ସନ୍ଧ୍ୟା, ଅଷ୍ଟମୀ, ନବମୀ ଓ ଦଶମୀରେ ମେଲୋଡି କାର୍ଯ୍ୟକ୍ରମ ରହିଛି। ଏଥିସହ ମୀନାବଜାର, ଚକ୍ରିଦୋଳି ଓ ରାମଦୋଳି ପଡିବ। ପୂଜା ସହିତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ। ପୂଜା ମଣ୍ଡପରେ ଓ ବାହାରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ୧୦୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ଏଥିସହିତ ୧୧ଟି ସିସିଟିଭି କ୍ୟାମେରା ଲଗାଯିବ। ସୁରକ୍ଷା ପାଇଁ ମଣ୍ଡପରେ ୬ଟି ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯିବ। ପାରମ୍ପରିକ ବାଦ୍ୟରେ ଧୁମ୍‌ଧାମ୍‌ରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇ ପଟିଆ ଗ୍ରାମ ପରିକ୍ରମା କରାଯାଇ ମା'ଙ୍କୁ ମେଲାଣି ଦିଆଯିବ।






### ଗ୍ରାମବାସୀଙ୍କ ସହଯୋଗରେ ସ୍ୱତନ୍ତ୍ର ଆୟୋଜନ



ଚଳିତବର୍ଷ ଯଥାବିଧି ଓ ରୀତିନୀତି ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ତୋରଣ ନିର୍ମାଣ କାର୍ଯ୍ୟରେ ପ୍ଲାଷ୍ଟିକ ଓ ରାସାୟନିକ ରଙ୍ଗ ବ୍ୟବହାର କରାଯାଇନାହିଁ। ମହିଳା ଓ ପୁରୁଷଙ୍କ ପାଇଁ ଅଲଗା ଦର୍ଶନ ବ୍ୟବସ୍ଥା କରାଯାଇଛି। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ପୂଜାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ଗ୍ରାମବାସୀ ଓ ଗ୍ରାମର ଯୁବକମାନେ ସହଯୋଗ କରୁଛନ୍ତି।
-ମହେନ୍ଦ୍ର ପରିଡା, ସଭାପତି

## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜା ପାଇଁ ଭୂମିପୂଜନ



କୃଷ୍ଣପ୍ରସାଦ,୭।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର ଟିଛିଣି ଗ୍ରାମରେ ୨୪ତମ ବାର୍ଷିକ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ସୋମବାର ଭୂମିପୂଜନ ଓ ଶୁଭ ଖୁଣ୍ଟ ସ୍ଥାପନ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାଭାବେ ନିରଞ୍ଜନ ତରେଇ ଯୋଗଦେଇଥିବା ବେଳେ ପଣ୍ଡିତ ମନମୋହନ ରାୟଗୁରୁଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କାର୍ଯ୍ୟ ସମାପନ କରାଯାଇଥିଲା। ଗ୍ରାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଦିନବନ୍ଧୁ ଜେନା, ସମ୍ପାଦକ କୁମର ସାହୁଙ୍କ ସମେତ କମିଟିର ୪୦ଜଣ ସଦସ୍ୟ ଉପସ୍ଥିତ ଥିଲେ।

### ଦେଶୀମଦ ଜବତ, ୩ ଗିରଫ

ବେଗୁନିଆ,୭।୧୦(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଅବକାରୀ ବିଭାଗ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫୩ ଲିଟର ଦେଶୀମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅସରଳା ଗ୍ରାମର ସୁରେଶ କୁମାର ମହାପାତ୍ର, ସିକୋ ଗ୍ରାମର ସଞ୍ଜୟ କୁମାର ସାମନ୍ତରାୟ ଓ କୃପାସିନ୍ଧୁ ସାମନ୍ତରାୟ। ଏନେଇ ଏକ ମାମଲା ରୁଜୁ ପରେ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛିବୋଲି ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଏନ୍. ଜାଗିନ ରାଓ ସୂଚନା ଦେଇଛନ୍ତି।

### ଜମି ଠକିବା, ମାଲିକଙ୍କୁ ଧମକ ଦେବା ଅଭିଯୋଗରେ ଜଣେ ଗିରଫ

ବାରଙ୍ଗ,୭।୧୦(ଲିଙ୍ଗରାଜ ରାଉତ)

ଜଣଙ୍କଠାରୁ ଜମି ଠକେଇ କରି କିଣିବା ଓ ଜମି ମାଲିକଙ୍କୁ ଜମି ଛାଡ଼ିବାକୁ ଧମକ ଦେବା, ଜୀବନରୁ ମାରିବାକୁ ଧମକ ଦେବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗଣ୍ଡରପୁର ବ୍ରାହ୍ମଣ ସାହିର ଧନଞ୍ଜୟ ପ୍ରଧାନ। ଅନ୍ୟ ୪ ଜଣ ସହଯୋଗୀ ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ, ଲକ୍ଷ୍ମୀଧର ଜେନା ୨୦୧୮ରେ ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ମୌଜାରେ ଏକ ପ୍ଲଟ୍ କିଣି ନିଜ ନାମରେ କରିବା ସହିତ ସରକାରୀ ନିୟମ ମୁତାବକ ଖଜଣା ଭରୁଥିଲେ। ରଘୁନାଥପୁର ଅଞ୍ଚଳରେ ରହୁଥିବା ଓରିୟନ୍ସ ମିନେରାଲର ମାଲିକ ସମୀର ଓ ଗଣ୍ଡରପୁର ବ୍ରାହ୍ମଣ ସାହିର ଧନଞ୍ଜୟ ପ୍ରଧାନ ଅନ୍ୟ ୪ ସହଯୋଗୀଙ୍କ ସହ ମିଶି ଉକ୍ତ ପ୍ଲଟ୍‌ର ନକଲି କାଗଜପତ୍ର ପ୍ରସ୍ତୁତ କରିଥିଲେ। ସେମାନେ ନକଲି କାଗଜପତ୍ର ସମୀରଙ୍କ ନାମରେ ବାହାର କରିଥିବାବେଳେ, ଡ. ଲକ୍ଷ୍ମୀଧରଙ୍କୁ ଉକ୍ତ ପ୍ଲଟ୍ ଛାଡ଼ିଯିବାକୁ ଧମକାଇ ଥିଲେ। ଜେନା ଏଥିରେ ପ୍ରତିବାଦ କରିବାରୁ ସମୀର, ଧନଞ୍ଜୟ ଓ ଅନ୍ୟ ୪ ସହଯୋଗୀ ମିଶି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଲକ୍ଷ୍ମୀଧର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୨୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ସମୀରଙ୍କୁ ଗିରଫ କରିଥିଲା।

# ଶୃଙ୍ଖଳିତ ପୂଜା, ଟ୍ରାଫିକ ନିୟନ୍ତ୍ରଣକୁ ଗୁରୁତ୍ୱ

■ ବାଜିବନି ଡିଜେ, ଲେଜର ଲାଇଟକୁ ବାରଣ
■ ସିସିଟିଭି ସର୍ଭିଲାନ୍ସରେ ରହିବ ପୂଜାମଣ୍ଡପ

ଖୋର୍ଦ୍ଧା,୭।୧୦(ପ୍ରଭାତ ପାଣିଗ୍ରାହୀ)

ପାର୍ବଣ ପାଇଁ ଉତ୍ସବ ମୁଖର ଖୋର୍ଦ୍ଧା ସହର। ଶାରଦୀୟ ଦୁର୍ଗାପୂଜା, ରାବଣପୋଡ଼ି ଏବଂ ଗଜଲକ୍ଷ୍ମୀ ପୂଜାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଏକ ସମନ୍ୱୟ କମିଟି ବୈଠକ ସହରର ପୂଜାମଣ୍ଡପ କମିଟି କର୍ମକର୍ତ୍ତାଙ୍କୁ ନେଇ ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିଥିଲେ। ଆଇନଶୃଙ୍ଖଳା, ପ୍ଲାଷ୍ଟିକ ପଲିଥିନ ମୁକ୍ତ ପୂଜା ଏବଂ ଭିଡ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଚଳିତବର୍ଷ ଭସାଣିରେ ଡିଜେ ଏବଂ ଲେଜର ଲାଇଟକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ମା'ଜଗଜ୍ଜନନୀ ଦୁର୍ଗା ଓ ହରପାର୍ବତୀଙ୍କ ମୂର୍ତ୍ତି ଭମାଣି ଆସନ୍ତା ୧୪ତାରିଖ, ଗଜଲକ୍ଷ୍ମୀ ପୂଜା ସମୂହ ଭସାଣି ଆସନ୍ତା ୨୩ ତାରିଖରେ ହେବ। ପୂଜାମଣ୍ଡପ କର୍ମକର୍ତ୍ତା ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବେ। ବାରମ୍ବାର ବିଦ୍ୟୁତ୍ କାଟକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୂଜା ସମୟରେ ଯେପରି ଅନାବଶ୍ୟକ ବିଦ୍ୟୁତ୍ କାଟ ନ ହେବ ସେଥିପ୍ରତି ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେବେ। ଖୋର୍ଦ୍ଧା ସହରର ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ପୂଜା ଆୟୋଜନ ପୂର୍ବରୁ ମରାମତି କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରଦ୍ଧାଳୁଙ୍କ ସମାଗମକୁ ଲକ୍ଷ୍ୟ ରଖି ପୂଜାମଣ୍ଡପରେ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦେବା ସହ ସିସିଟିଭି ଲଗାଇବା ପାଇଁ ବାଧ୍ୟତାମୂଳକ କରାଯାଇଛି। ସନ୍ଧ୍ୟାରେ ଅତ୍ୟଧିକ ଭିଡ, ଟ୍ରାଫିକ ନିୟନ୍ତ୍ରଣ ପାଇଁ ସମସ୍ତ ଛକ, ପୂଜାମଣ୍ଡପରେ ପୋଲିସ ମୁତୟନ କରାଯିବ। ରାସ୍ତା ସ୍ୱଚ୍ଛତା ଓ ପରିମଳ ରଖିବାକୁ ପୌର ପରିଷଦକୁ ଦାୟିତ୍ୱ ଦିଆଯାଇଛି। ଭସାଣି ଦିନ ସହର ଏବଂ ଉପକଣ୍ଠରେ ଥିବା ମଦ ଦୋକାନ ଗୁଡ଼ିକ ବନ୍ଦ ରହିବ। ଅବକାରୀ ପୋଲିସ ଏଥିପ୍ରତି ଗୁରୁତ୍ୱ ଦେବେ। ପୂଜା ସମୟରେ ବାସି ଓ ପଚାଷଢ଼ା ଖାଦ୍ୟ ବିକ୍ରି ଉପରେ ଚଢ଼ାଉ ଲାଗି ଖାଦ୍ୟ ନିରାପତା ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ବିଶୃଙ୍ଖଳା ସୃଷ୍ଟି କରୁଥିବା ଅସମାଜିକ ଯୁବକ, ଆପରାଧିକ ଗତିବିଧି ନିୟନ୍ତ୍ରଣ ଦିଗରେ ପୋଲିସ ନଜର ରଖିବେ। ଚୋରା ମଦ ବିକ୍ରି ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅବକାରୀ ବିଭାଗକୁ କୁହାଯାଇଛି। ମୂର୍ତ୍ତି ବିସର୍ଜନ ପାଇଁ ପୌର ପ୍ରଶାସନ ପକ୍ଷରୁ ଅସ୍ଥାୟୀ ପୋଖରୀ ବ୍ୟବସ୍ଥା କରାଯିବ। ଚଳିତବର୍ଷ ହାବେଳି ପଡିଆରେ ରାବଣ ପୋଡି ଉତ୍ସବ କରାଯିବ। ଏହା ସନ୍ଧ୍ୟା ୭ରୁ ଆରମ୍ଭ ହୋଇ ରାତି ୧୦ଟା ମଧ୍ୟରେ ଶେଷ ହେବ। ହାବେଳି ପଡିଆରେ ପର୍ଯ୍ୟାପ୍ତ ଆଲୋକୀକରଣ ଏବଂ ବ୍ୟାରିକେଡ୍ ଆରଆଣ୍ଡବି ବ୍ୟବସ୍ଥା କରିବ। ଅଗ୍ନିଶମ ବିଭାଗ ସଜାଗ ରହିବେ। ବୈଠକରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ବିଭାସ ପାଣିଗ୍ରାହୀ, ଅନୀଲ ମହାନ୍ତି, ପୌରାଧ୍ୟକ୍ଷା ରିଜ୍ୱାନା କଅକବ, ବିଡିଓ କ୍ଷିରାବ୍ଧି ତନୟା ସାହୁ, ଆଦର୍ଶଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ବିଧାୟକ ପ୍ରଶାନ୍ତ ଜଗଦେବ ଉଦ୍‌ବୋଧନ ଦେଉଛନ୍ତି।

# ବାର୍‌ହା ଉପଦ୍ରବ, ଧାନଫସଲ ନଷ୍ଟ



ବୋଲଗଡ଼,୭।୧୦(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଅଧୀନ ସାନପଦର ପଞ୍ଚାୟତ ରାସୋଳ ଗ୍ରାମର ପାହାଡ଼ ତଳି ଅଞ୍ଚଳ ଚାଷଜମିରେ ଜଙ୍ଗଲୀ ବାର୍‌ହାଙ୍କ ଉପଦ୍ରବ ଯୋଗୁ ଧାନଫସଲ ନଷ୍ଟ ହେବାରେ ଲାଗିଛି। ବର୍ତ୍ତମାନ ଅଧିକାଂଶ ଜମିର ଧାନଗଛରେ ଥୋଡ ଧରିବା ଆରମ୍ଭ ହୋଇଥିବା ବେଳେ ବାର୍‌ହା ଗୁଡ଼ିକ କଞ୍ଚା ଧାନକେଣ୍ଡା ଛିଣ୍ଡାଇ ଖାଇବା ସହ ଦଳିଚକଟି ନଷ୍ଟ କରୁଥିବା ଦେଖିବାକୁ ମିଳିଛି। ଚାଷୀ ରାଜକିଶୋର ଦାସ ଓ ସୁବ୍ରତ ସାହୁଙ୍କ ସମେତ ଅନେକ ଚାଷୀଙ୍କ ଏକର ଏକର ଜମିର ଧାନ ଫସଲ ମାଟିରେ ମିଶିଯାଇଛି। ବାର୍‌ହା ଉପଦ୍ରବ ରୋକିବା ଏବଂ

**ଚାଷୀଙ୍କୁ ସହାୟତା ଦାବି**

କ୍ଷତିପୂରଣ ସହାୟତା ପାଇଁ ଚାଷୀମାନେ ବୋଲଗଡ଼ ବନପାଳଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ବନପାଳ ପ୍ରଦୀପ୍ତ ପଟ୍ଟନାୟକ କହିଛନ୍ତି, ଜଙ୍ଗଲି ପଶୁପକ୍ଷୀଙ୍କ ଦୌରାତ୍ମ୍ୟରୁ ଫସଲହାନୀ ସହାୟତା ପାଇଁ ରାଜ୍ୟ ସରକାର ଏକ ମୋବାଇଲ ଆପ 'ଅନୁକମ୍ପା' ମାଧ୍ୟମରେ ଆବେଦନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନେ ଏଥିରେ ସବିଶେଷ ବିବରଣୀ ପ୍ରଦାନ କଲେ କ୍ଷୟକ୍ଷତି ଆକଳନ କରାଯାଇ ସହାୟତା ପ୍ରଦାନ କରାଯିବ। ତେବେ ଚାଷୀମାନେ ଏହି ଆପ୍ ମାଧ୍ୟମରେ ଆବେଦନ କରି ସହାୟତା ଦାବି କରିଛନ୍ତି।

# ସ୍କନ୍ଦମାତା ବେଶରେ ମା'ଉଗ୍ରତାରା, ବନଦୁର୍ଗା





ନିରାକାରପୁର,୭।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ନବରାତ୍ରର ପଞ୍ଚମ ଦିବସରେ ସୋମବାର ଭୂଷଣ୍ଡପୁର ନିକଟ ମୂଳିଝର ଗଡ଼ସ୍ଥିତ ମା'ଉଗ୍ରତାରା ସ୍କନ୍ଦମାତା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପ୍ରତ୍ୟୁଷରେ ମା'ଙ୍କୁ ଚୁଆ, ଚନ୍ଦନ, କର୍ପୂର ମିଶ୍ରିତ ସୁଶୀତଳ ଜଳରେ ମହାସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ସକାଳ ମଙ୍ଗଳ ଆଳତି ପରେ ମା'ଙ୍କୁ ବିଭିନ୍ନ ଫଳ ଲାଗି କରାଯାଇଥିଲା। ସେହିପରି ମଧ୍ୟାହ୍ନ ଧୂପରେ ଅନ୍ନ, ଡାଲି, ଖିରି, ଖଟା, ମାଛ ବେସର ଓ ସନ୍ଧ୍ୟାରେ ମାଛ ପୋଡ଼ାବଳୀ ଅର୍ପଣ କରାଯାଇଥିବା ପୂଜକ ମନୋଜ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି। ସେହିପରି ରାମେଶ୍ୱର ପଞ୍ଚାୟତସ୍ଥିତ ମା'ବନଦୁର୍ଗା ସ୍କନ୍ଦମାତା ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟପୂଜା, ପଞ୍ଚ ଦେବତା ପୂଜା ଏବଂ ପରେ ମା'ଙ୍କର ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପାଟ୍ଟଯୋଶୀ ସହଯୋଗ କରିଥିଲେ। ବିଭୁଦତ୍ତ ପଟ୍ଟନାୟକ, ଆରତି ପଟ୍ଟନାୟକ, ରିନା ଦେଇ, ଜିତେନ୍ଦ୍ର ନାଥ ନରେନ୍ଦ୍ରଜିତ୍ ସିଂହ, ଲିଙ୍ଗରାଜ ଜେନାଙ୍କ ପରିବାର ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

### କାଙ୍କଣ ଶିଖରୀରେ 'ଏଇ ସହକାର'ର ଶାରଦୀୟ ଉତ୍ସବ

କୃଷ୍ଣପ୍ରସାଦ,୭।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁପ୍ତ ଲୀଳା କ୍ଷେତ୍ର ଚିଲିକାର କାଙ୍କଣ ଶିଖରୀଠାରେ ମାନସିଂହ ସାହିତ୍ୟ ସଂସଦ ନନ୍ଦଲା ପକ୍ଷରୁ ଓଡ଼ିଆ ପତ୍ରିକା 'ଏଇ ସହକାର' ପୂଜା ବିଶେଷାଙ୍କ ସଂଖ୍ୟା ଉନ୍ମୋଚନ ହୋଇଯାଇଛି । ଆୟୋଜିତ ଶାରଦୀୟ ଉତ୍ସବରେ ଅତିଥିଭାବେ ସାହିତ୍ୟିକ ଡ.ଦିଲୀପ କୁମାର ସ୍ୱାଇଁ, ଶିଶୁ ସାହିତ୍ୟିକ ଧନଞ୍ଜୟ ସ୍ୱାଇଁ, ପତ୍ରିକାର ସମ୍ପାଦକ ଲଳିତ ସ୍ୱାଇଁଙ୍କ ସମେତ କବି କାମଦେବ ମହାରଣା, ବନବିହାରୀ ବେହେରା, ସମୀର ନାୟକ, ଶୋଭାଗିନୀ ସ୍ୱାଇଁ, ଶୋଭନା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ପତ୍ରିକାକୁ ଉନ୍ମୋଚନ କରିଥିଲେ। ଓଡ଼ିଆ ସାହିତ୍ୟରେ ପତ୍ରିକାର ଜନ୍ମ ଓ ଅଧୁନା ସମାଜରେ ଭୂମିକା ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ତେବେ ସମସାମୟିକ ପତ୍ରିକା ମଧ୍ୟରେ 'ଏଇ ସହକାର' ର ମାନ ଉର୍ଦ୍ଧ୍ୱରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କବି କବୟିତ୍ରୀମାନେ ଶାରଦୀୟ କବିତା ପାଠୋତ୍ସବ କରିଥିଲେ। ଏହି ସାରସ୍ୱତ ସଭାକୁ ଅନୁଷ୍ଠାନର ସଭାପତି ବିଷ୍ଣୁ ପ୍ରସାଦ ଦଳେଇ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଧର ଦଳବେହେରା କବିତାଗୁଡ଼ିକ ସଂଯୋଜନା କରିଥିଲେ।

# ବିଭିନ୍ନ ଦାବିରେ ଗେଟ୍‌ରେ ତାଲା ପକାଇଲେ ଛାତ୍ରୀଛାତ୍ର



ଛାତ୍ରମାନେ କଲେଜ ଗେଟ୍ ଆଗରେ ପ୍ରତିବାଦ କରୁଛନ୍ତି।

ବୋଲଗଡ଼,୭।୧୦(ଦେବବ୍ରତ ହୋତା)

ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ବୋଲଗଡ଼ ପରମାନନ୍ଦ କଲେଜରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଶାନ୍ତି ଦେଖାଯାଇଛି। କ୍ଲାସରୁମରେ ବିଦ୍ୟୁତ୍ ବିଚ୍ଛିନ୍ନ ରହୁଥିବା ବେଳେ ପାନୀୟଜଳ ସମସ୍ୟାର ସମାଧାନ ହେଉନାହିଁ। କଲେଜ ଫିସ୍‌ରେ ଅହେତୁକ ବୃଦ୍ଧି, ପରିସ୍ରାଗାର ଓ ସାଇକେଲଷ୍ଟାଣ୍ଡ ନ ଥିବାରୁ ହେଉଥିବା ଅସୁବିଧାର ସମାଧାନ ପାଇଁ ଛାତ୍ରୀଛାତ୍ରମାନେ ଜଣାଇଥିଲେ ମଧ୍ୟ ଏଥିପ୍ରତି କଲେଜ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ଏହାର ପ୍ରତିବାଦରେ ସୋମବାର ପୂର୍ବାହ୍ନ ୧୦ଟାରେ ଛାତ୍ରୀଛାତ୍ରମାନେ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସି ନାରାବାଜି କରିଥିଲେ। ଖବରପାଇ ବୋଲଗଡ଼ ଥାନା ନିରୀକ୍ଷିକା ସ୍ନିଗ୍ଧାମୟୀ ବରାଳ ଏବଂ ସ୍ଥାନୀୟ ତହସିଲଦାର ନିବେଦିତା ପରିଡା ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ ୧ଟାରେ ତାଲା ଖୋଲାଯାଇଥିଲା। କଲେଜରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ବିଦ୍ୟୁତ୍, ପାନୀୟଜଳ ଓ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହେଉଛି। ଏହାର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ୧୮୨ ଅଭିଯୋଗରୁ ୧୦ ସାମୂହିକ

**ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର**

ଖୋର୍ଦ୍ଧା,୭।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମଧୁବାବୁ ପେନ୍‌ସନ୍, ଦିବ୍ୟାଙ୍ଗ ଭତ୍ତା, ଆବାସ ଯୋଜନା, ରାସ୍ତା, ବିଦ୍ୟୁତ୍, ପାନୀୟଜଳ ସମସ୍ୟା ଭଳି ମୋଟ୍ ୧୮୨ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୧୬୮ଟି ବ୍ୟକ୍ତିଗତ ରହିଥିବା ବେଳେ ୧୦ଟି ସାମୂହିକ ଅଭିଯୋଗ ରହିଥିଲା। ଘଟଣାସ୍ଥଳରେ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୨ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି (ସିଏମ୍‌ଆର୍‌ଏଫ୍)ରୁ ୨୦ହଜାର ସହାୟତା ପ୍ରଦାନ କରାଯାଇଛି। ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ବେଉରା, ସିଡିଏମ୍‌ଓ ଡା.ରାଜ୍ୟଶ୍ରୀ ପଟ୍ଟନାୟକ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କସ୍ତୁରିବାଳା ଜେନା, ତହସିଲଦାର ବିଭାସ ପାଣିଗ୍ରାହୀ, ବିଡିଓ କ୍ଷୀରାବ୍ଧୀ ତନୟା ସାହୁ, ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାଯୋଗାଣ ବିଭାଗ ଅଧିକାରୀ ସୁଗଦା ମୁର୍ମୁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ସାଗରିକା ନାଥ ଏବଂ ଅନ୍ୟମାନେ।

# 'ଅସନ୍ତୁଳିତ ମନକୁ ନିୟନ୍ତ୍ରଣ କରିଥାଏ ଯୋଗ'



ବେଗୁନିଆ,୭।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳ ସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ପରିସରରେ ଚାଲିଥିବା ଯୁବ ସଂସ୍କାର ଶିବିରର ଦ୍ୱିତୀୟ ଦିବସରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁକୁଳର ପ୍ରତିଷ୍ଠାତା ତଥା ବିଦ୍ୱାନ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ୱାମୀ ମୁକ୍ତାନନ୍ଦ ସରସତୀ ମହାରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୋଗ ଦୈନନ୍ଦିନ ଜୀବନରେ ଅସନ୍ତୁଳିତ ମନକୁ ନିୟନ୍ତ୍ରଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟ ଧର୍ମରାଜ ଜୀ ଧନ୍ୟବାଦ ଦେଇଥିଲେ।

# ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ




ବୋଲଗଡ଼,୭।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ ଗ୍ରାମର କଚେରୀବର କବାଡି ଖେଳପଡ଼ିଆରେ ମା'ରାମଚଣ୍ଡୀ କବାଡି ଆସୋସିଏଶନ ଆନୁକୂଲ୍ୟରେ ୪୪ତମ ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ମ୍ୟାଚରେ କାଳୀକାପ୍ରସାଦ କବାଡ଼ି ଟିମକୁ ୨୦ ପଏଣ୍ଟ ବ୍ୟବଧାନରେ ହରାଇ ବେଣାପଞ୍ଜରି କବାଡି ଟିମ୍ ବିଜୟୀ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ବେଣାପଞ୍ଜରୀ ଟିମ

**ବେଣାପଞ୍ଜରୀ ଟିମ୍ ବିଜୟୀ**

୨୦-୪ ଏବଂ ଖେଳ ଶେଷ ସମୟକୁ ୩୦-୧୦ ପଏଣ୍ଟରେ ଆଗୁଆ ରହିଥିଲା। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ କୁଳମଣି ହୋତା ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୋଇ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ, ଶିକ୍ଷକନେତା ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ, ସୁମନ୍ତ ଛୋଟରାୟ, ସାମାଜିକକର୍ମୀ ପ୍ରଦୀପ ପଟ୍ଟନାୟକ, ସରପଞ୍ଚଙ୍କ ପ୍ରତିନିଧି ଭାସ୍କର ରାଉତରାୟ, ସମିତିସଭ୍ୟ ରଞ୍ଜନ ଲେଙ୍କା, ଯୁବନେତା ବିଶ୍ୱରଞ୍ଜନ ବିଶାଳ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନାରାୟଣ ଜେନା, ବିଜୟ ମହାରଣା, ସତ୍ୟବ୍ରତ ନାୟକ, ସେଶୀ କୁମାର ପଟାଙ୍ଗି ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ମଙ୍ଗଳବାର ଦ୍ୱିତୀୟ ଲିଗ ମ୍ୟାଚ୍ ଗଞ୍ଜାମ କବାଡି ଟିମ୍ ଓ ବାରଙ୍ଗ କବାଡି ଟିମ ମଧ୍ୟରେ ହେବ ବୋଲି ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୁରେଶ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି।

# ବନ୍ୟପ୍ରାଣୀ ରେଞ୍ଜରଙ୍କ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

ଟାଙ୍ଗୀ,୭।୧୦(ରଘୁନାଥ ସାହୁ)

ମଙ୍ଗଳାଯୋଡ଼ି ପ୍ରକୃତି ନିବାସ ପରିଚାଳନା ଦାୟିତ୍ୱ ପାଇବା ଦାବିରେ ସୋମବାର ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜରଙ୍କ କାର୍ଯ୍ୟାଳୟକୁ ମଙ୍ଗଳାଯୋଡ଼ି ଗ୍ରାମର ଶତାଧିକ ମହିଳା ଘେରାଉ କରିଥିଲେ। ତେବେ ଗତ ୫ଦିନ ହେବ ମହିଳା ଏବଂ ଗ୍ରାମବାସୀ ପ୍ରକୃତି ନିବାସ ଫାଟକରେ ତାଲା ପକାଇ ଧାରଣା ଦେଇଆସୁଥିଲେ।

ସୂଚନା ମୁତାବକ, ବିଦେଶାଗତ ପକ୍ଷୀଙ୍କ ବାସସ୍ଥଳି ପାଲଟିଥିବା ମଙ୍ଗଳାଯୋଡ଼ି ପକ୍ଷୀ ଅଭୟାରଣ୍ୟ ଭାବେ ପରିଚିତ। ପର୍ଯ୍ୟଟକମାନଙ୍କ ରହଣି, ଖାଦ୍ୟ, ଚିଲିକା ପରିଭ୍ରମଣ, ଡଙ୍ଗାରେ ଯାଇ ଚିଲିକାରେ ବିଦେଶାଗତ ପକ୍ଷୀ ଦେଖିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇ ପ୍ରକୃତି ନିବାସ କରାଯାଇଛି। ଏହାର ପରିଚାଳନା ଦାୟିତ୍ୱ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବାଲୁଗାଁ ବନ୍ୟପ୍ରାଣୀ ଡିଏଫ୍‌ଓଙ୍କ ସୁପାରିଶକ୍ରମେ ସ୍ଥାନୀୟ ଯୋଗମାୟା ସ୍ୱୟଂ ସହାୟକ ଗୋଷ୍ଠୀକୁ ଜିଲାପାଳଙ୍କ ଅନୁମୋଦନକ୍ରମେ ଗତ ସେପ୍ଟେମ୍ବର ୨୬ରେ ପରିଚାଳନା ଦାୟିତ୍ୱ ପ୍ରଦାନ ପାଇଁ ନିର୍ଦ୍ଦେଶ ଚିଠି ବାହାରିଥିଲା। ଏହା ପରେ ଯେଉଁ ଗୋଷ୍ଠୀ ପାଇଲେ ନାହିଁ ସେମାନେ ବିରୋଧ କଲେ। ପରେ ସ୍ଥାନୀୟ ସରପଞ୍ଚଙ୍କ ସମେତ କେତେଜଣ ୱାର୍ଡସଭ୍ୟାସଭ୍ୟ ବିରୋଧରେ ସାମିଲ ହୋଇଥିଲେ। ବାଲୁଗାଁ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ, ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜର, ଟାଙ୍ଗୀ ଥାନା ଆଇଆଇସିଙ୍କୁ ଲିଖିତ ଭାବେ ଦାବିପତ୍ର ଦେଇ ପ୍ରକୃତି ନିବାସକୁ ତାଲା ପକାଇ ଗାନ୍ଧୀ ଜୟନ୍ତୀରୁ ଧାରଣାରେ ବସିଥିଲେ। ଏହା ମଧ୍ୟରେ ଡିଏଫ୍‌ଓ ଯୋଗମାୟା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଥିବା ନିର୍ଦ୍ଦେଶକୁ ବାତିଲ କରିସାରିଛନ୍ତି। କିନ୍ତୁ ପଞ୍ଚାୟତକୁ ଏହାର ପରିଚାଳନା ଦାୟିତ୍ୱ ଦେବା ଦାବିରେ ଗ୍ରାମବାସୀ ଧାରଣା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଟାଙ୍ଗୀ ରେଞ୍ଜର ବିରାଜ ଦାସ କହିଛନ୍ତି, ଗୋଷ୍ଠୀ ବିବାଦ ଯୋଗୁ କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇପାରୁନାହିଁ।



**ବୋର୍ଡ ସ୍କୁଲ ପୁରାତନ ଛାତ୍ର ସଂସଦର ବୈଠକ**

କଟକ (ଶିଳ୍ପା ପ୍ରିୟଦର୍ଶିନୀ): ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ବୈଠକ ଲିଙ୍କରୋଡ଼ସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ପରେ ଛାତ୍ର ସଂସଦର ଏଜିଏମ୍ ନିର୍ବାଚନ ନେଇ ଆଲୋଚନା କରାଯିବା ସହ ଏଥିଲାଗି ୧୩ଜଣିଆ ସଦସ୍ୟ ବିଶିଷ୍ଟ ଏକ କମିଟି ଗଠନ କରାଯାଇଛି। ବୈଠକରେ ଛାତ୍ର ସଂସଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ସୋମବାର ମା’ ବାସନ୍ତୀ ଦୁର୍ଗାଙ୍କ ଅନ୍ନପୂର୍ଣ୍ଣା ବେଶ।


ମା’ ଗଡ଼ଚଣ୍ଡୀଙ୍କ ନାରାୟଣୀ ବେଶ।


ଝାଞ୍ଜିରିମଙ୍ଗଳାଙ୍କ ଜୟଦୁର୍ଗା ବେଶ।


କଟକଚଣ୍ଡୀଙ୍କ ବନଦୁର୍ଗା ବେଶ।


ପୀଠାପୁର ମା’ ଧାକୁଲେଇଙ୍କ ଅନ୍ନପୂର୍ଣ୍ଣା ବେଶ।


ଶେଖ୍‌ବଜାର ପୂଜାମଣ୍ଡପରେ ମା’ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମାଙ୍କୁ ଚାନ୍ଦି ଓ ସୁନା ଅଳଙ୍କାରରେ ଜଣେ ଶିଳ୍ପୀ ସଜ୍ଜିତ କରୁଛନ୍ତି।

# ପ୍ରସାଦର ମାନ ଯାଞ୍ଚ, ଘିଅ ନମୁନା ସଂଗ୍ରହ

- ବିଭିନ୍ନ ମନ୍ଦିରରେ ସିଏମ୍‌ସି ସ୍ୱାସ୍ଥ୍ୟ ଟିମ୍
- ପରିଚ୍ଛନ୍ନତା ପ୍ରତି ଯତ୍ନବାନ ହେବାକୁ ତାଗିଦା

**କଟକ,୭।୧୦ (କାର୍ତ୍ତିକ ସାହୁ)**



କଟକ ମହାନଗର ନିଗମ (ସିଏମ୍‌ସି)ର ସ୍ୱାସ୍ଥ୍ୟ ଟିମ୍ ପକ୍ଷରୁ ସୋମବାର ବିଭିନ୍ନ ମନ୍ଦିରରେ ଯାଞ୍ଚ କରାଯାଇଛି। ବିଶେଷକରି ମନ୍ଦିରରେ ବ୍ୟବହାର ହେଉଥିବା ଘିଅର ମାନ ସମ୍ପର୍କରେ ଜାଣିବାକୁ ଘିଅ ନମୁନା ସଂଗ୍ରହ କରାଯାଇଥିଲା। ଉକ୍ତ ନମୁନାକୁ ପରୀକ୍ଷଣ ପାଇଁ ଲାବରେଟୋରିକୁ ପଠାଯିବ ବୋଲି ଜଣାଯାଇଛି।

ପ୍ରକାଶ ଯେ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ କଟକ ସହରର ବିଭିନ୍ନ ମନ୍ଦିରରେ ପହଞ୍ଚି ଯାଞ୍ଚ କରିଥିଲା। ପ୍ରତିଦିନ ମନ୍ଦିରଗୁଡ଼ିକରେ ଅନ୍ନପ୍ରସାଦ ପାଇଁ ଭିଡ଼ ହୋଇଥାଏ। ଯାଞ୍ଚ ସମୟରେ ଅନ୍ନପ୍ରସାଦ ପ୍ରସ୍ତୁତିସ୍ଥଳ, ପ୍ରସ୍ତୁତି ସମୟରେ ସ୍ୱଚ୍ଛତା ଅବଲମ୍ବନ, ପ୍ରସାଦ ବିତରଣ ସ୍ଥଳର ସ୍ୱଚ୍ଛତା ଆଦି ସ୍ୱାସ୍ଥ୍ୟ ଟିମ୍ ପରଖିଥିଲା। କେତେକ ମନ୍ଦିରରେ ଅନ୍ନପ୍ରସାଦ ପ୍ରସ୍ତୁତି ସମୟରେ ପ୍ରସ୍ତୁତକାରୀମାନେ ମାସ୍କ ପରିଧାନ କରି ନ ଥିବା ଦେଖି ଟିମ୍ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନଙ୍କୁ ମାସ୍କ ପିନ୍ଧିବା ପାଇଁ ତାଗିଦା କରାଯାଇଥିଲା। ସେହିପରି ମନ୍ଦିର ପରିସରରେ ଭକ୍ତଙ୍କ ପ୍ରସାଦ ସେବନ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥା ମଧ୍ୟ ସନ୍ତୋଷଜନକ ନ ଥିବା ସେମାନେ ଦେଖିବାକୁ ପାଇଥିଲେ। ପ୍ରସାଦ ସେବନ ସ୍ଥଳୀକୁ ସଫାସୁତରା ରଖିବାକୁ ଟିମ୍ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏଥିସହ ପ୍ରସାଦ ବିତରଣ ଓ ବିକ୍ରୟ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିମାନେ ସ୍ୱଚ୍ଛତା ପ୍ରତି ଯତ୍ନବାନ ହେବାକୁ କୁହାଯାଇଥିଲା। ଏଣେତେଣେ ଚଟାଣରେ ପ୍ରସାଦ ପଡ଼ିଥିବା କାରଣରୁ ପାରିପାର୍ଶ୍ୱିକ ସ୍ଥିତି ଅତ୍ୟନ୍ତ ବିପର୍ଯ୍ୟସ୍ତ ଥିବା ଦେଖିବାକୁ ମିଳିଥିଲା। ଏ ନେଇ ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅପରପକ୍ଷରେ କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରୀ ଦାସ କହିଛନ୍ତି, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ସିଏମ୍‌ସି ସ୍ୱାସ୍ଥ୍ୟ ଟିମ୍ ପହଞ୍ଚି ଯାଞ୍ଚ କରିଥିଲା। ମନ୍ଦିରରେ ବ୍ୟବହାର କରାଯାଉଥିବା ଘିଅର ନମୁନା ସେମାନେ ନେଇଛନ୍ତି। ଏଥିସହ ପ୍ରସାଦ ପ୍ରସ୍ତୁତ ଓ ବିତରଣ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିମାନେ ମାସ୍କ ପିନ୍ଧିବାକୁ ଯାଞ୍ଚକାରୀ ଦଳ ପରାମର୍ଶ ଦେଇଥିବା ଦାସ ପ୍ରକାଶ କରିଛନ୍ତି।


ସାଲେପୁର ବଟେଶ୍ୱରସ୍ଥିତ ମା’ ଭଗବତୀଙ୍କ କାତ୍ୟାୟିନୀ ବେଶ


ତିଗିରିଆ ନୂଆପାଟଣା ମା’ କଳାପାଟ ଠାକୁରାଣୀଙ୍କ ତ୍ରିପୁରା ଭୈରବୀ ବେଶ।


ବାଙ୍କୀର ଆରାଧ୍ୟା ଦେବୀ ମା’ ଚର୍ଚ୍ଚିକାଙ୍କ ୧୪ତମ ଦିନର ବେଶ।

# ଶିକ୍ଷାନୁଷ୍ଠାନ ନବୀକରଣ ପାଇଁ ପ୍ରତିଶ୍ରୁତି ଦେଲେ ସୋଫିଆ

**କଟକ,୭।୧୦(ଶିଳ୍ପା ପ୍ରିୟଦର୍ଶିନୀ)**


ଉଚ୍ଚବିଦ୍ୟାଳୟରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ଜଣେ ଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ସୋମବାର ଦେଉଳସାହିସ୍ଥିତ ରଘୁନାଥଜୀଉ ଉଚ୍ଚବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟ ଶ୍ରେଣୀଗୃହଗୁଡ଼ିକର ନବୀକରଣ, ଅଫିସ, ଷ୍ଟାଫ ରୁମ୍, କମ୍ପ୍ୟୁଟର ଲ୍ୟାବ ରୁମ୍ ଓ କମନ୍ ରୁମ ମରାମତି ଏବଂ ନବୀକରଣ କରାଯିବା ଦିଗରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିକ୍ଷାନୁଷ୍ଠାନର ସୁରକ୍ଷା ଓ ନବୀକରଣ ସହ ଉନ୍ନତୀକରଣ କରାଯିବା ନେଇ ସୋଫିଆ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ, ସହକାରୀ ଶିକ୍ଷୟିତ୍ରୀ ମିନତି ସେଠୀ, ତୃପ୍ତିଲତା ପ୍ରଧାନ, ଧର୍ମାନନ୍ଦ ବେହେରା, ଦିଲ୍ଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଜନଶୁଣାଣି ଶିବିର

**କଟକ ସଦର,୭।୧୦(ସୁଶାନ୍ତ କୁମାର ଜେନା)**

କଟକ ଜିଲାପାଳଙ୍କ କିଶନନଗର ତହସିଲସ୍ତରୀୟ ଜନଶୁଣାଣି ଶିବିର ସୋମବାର ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସରକାର ବଦଳିବା ପରେ ଉକ୍ତ ତହସିଲରେ ପ୍ରଥମ କରି ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ କଟକସଦର, ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଜନ ସାଧାରଣଙ୍କ ୨୧୬ଟି ଅଭିଯୋଗର ଶୁଣାଣି କରିଥିଲେ। ଅଧିକାଂଶ ଅଭିଯୋଗ ପୁରୁଣା ଥିଲା। ଅତୀତରେ ଅନ୍ୟ ଜିଲାପାଳମାନେ ସମାନ ଧରଣର ଅଭିଯୋଗ ଶୁଣାଣି କରିଥିଲେ ସୁଦ୍ଧା ସମାଧାନ ହୋଇ ପାରି ନ ଥିଲା। ଶୁଣାଣିବେଳେ ମଧ୍ୟ ସେହି ଅଭିଯୋଗ ଆସିବା ପରେ ପଦକ୍ଷେପ ନେବାକୁ ଅଧସ୍ତନ ଅଧିକାରୀଙ୍କୁ ଜିଲାପାଳ ସିନ୍ଦେ କହିଥିଲେ। ମାତ୍ର ଅନ୍ୟ ଅଧିକାରୀମାନେ ପୁରୁଣା ଜିଲାପାଳଙ୍କ ସମୟରେ ଏକ ପ୍ରକାରର ଅଭିଯୋଗ ନିର୍ଦ୍ଦିଷ୍ଟ ବ୍ୟକ୍ତି କରିଥିବାରୁ ଏହା ଉପରେ ସେତେଟା ଆଗ୍ରହ ପ୍ରକାଶ କରି ନ ଥିଲେ। ଅନେକ ପ୍ରଧାନମନ୍ତ୍ରୀ ଆବାସ, ଭୂମିହୀନ ଜମି ପଟ୍ଟା ପାଇଥିଲେ ସୁଦ୍ଧା ଜାଗା ଚିହ୍ନଟ ହୋଇ ନ ଥିବା କଥା ଜିଲାପାଳଙ୍କୁ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସଚନ୍ଦ୍ର ରାୟ, ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, କ୍ଷୀରୋଦ ଚନ୍ଦ୍ର ଦାସ ପ୍ରମୁଖ ଶୁଣାଣିବେଳେ ଜିଲାପାଳଙ୍କୁ ସହଯୋଗ କରିଥିଲେ।

# ମହାଷ୍ଟମୀରେ ବଣ୍ଟାଯିବ ୨ କୁଇଣ୍ଟାଲ ଲଡୁ

## ମାନସିଂପାଟଣା ପୂଜା କମିଟି






**କଟକ,୭।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ମଣ୍ଡପରେ ବୁଧବାରଠାରୁ ଜଗଜ୍ଜନନୀ ମା’ ଦୁର୍ଗାଙ୍କ ମହାଷଷ୍ଠୀ ପୂଜାର୍ଚ୍ଚନା ଆରମ୍ଭ ହେବ। ଏଥିପାଇଁ ପୂଜା କମିଟିଗୁଡ଼ିକ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପୂଜା ଦୌଡ଼ରେ ସାମିଲ ହୋଇଛି ମାନସିଂପାଟଣା ପୂଜା କମିଟି। କମିଟି ପକ୍ଷରୁ ୧୯୯୨ ମସିହାରୁ ଶାରଦୀୟ ଦୁର୍ଗାପୂଜା କରାଯାଇଆସୁଛି। ଚଳିତ ବର୍ଷ ପୂଜା ପାଇଁ କମିଟି ପକ୍ଷରୁ ୬ଲକ୍ଷ ଟଙ୍କାର ବଜେଟ ରଖାଯାଇଛି। ୬ଫୁଟ୍ ଉଚ୍ଚତା ବିଶିଷ୍ଟ ମା’ଙ୍କ ମୂର୍ତ୍ତି ଓ ୧୫ ଫୁଟ୍ ଉଚ୍ଚତାର ଜରିମେଢ଼ ନିର୍ମାଣ କରାଯାଇଛି। ମା’ ଦୁର୍ଗାଙ୍କ ସମେତ ପାର୍ଶ୍ୱ ଦେବଦେବୀଙ୍କ ୭୦ କେଜି ଓଜନର ଅଳଙ୍କାର କରାଯାଇଛି। ପୂଜା ମଣ୍ଡପ ସମ୍ମୁଖରେ ୨୫ ଫୁଟ୍ ଉଚ୍ଚର ତୋରଣ ନିର୍ମାଣ ହୋଇଛି। ମହାଷ୍ଟମୀରେ ମା’ଙ୍କୁ ୨ କୁଇଣ୍ଟାଲ ଲଡୁ ଭୋଗ ଲାଗି କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ନବମୀରେ ମହାଯଜ୍ଞ ଓ ଚଣ୍ଡୀ ପାଠ କରାଯିବ। ସେହିପରି ଦଶମୀରେ ମା’ଙ୍କ ନିକଟରେ ଦହି ପଖାଳ ଭୋଗ ଲାଗି କରାଯାଇ ୧୦୦୦ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଭସାଣି ଯାତ୍ରାରେ ବ୍ୟାଣ୍ଡ ପାର୍ଟି, ଘଣ୍ଟ ବାଦ୍ୟ, ଚାଙ୍ଗୁ ବାଜା ସମେତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

### ଡିଜେମୁକ୍ତ ଭସାଣି ଉପରେ ଗୁରୁତ୍ୱ



“ପୂଜା ଓ ଭସାଣି ଯାତ୍ରାକୁ ଶୃଙ୍ଖଳିତ କରିବା ସହ ଭସାଣିକୁ ଡିଜେ ଓ ନିଶାମୁକ୍ତ କରିବା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। କମିଟି କର୍ମକର୍ତ୍ତା ପୂଜା ଓ ଭସାଣି ଯାତ୍ରାରେ ଏଥିପ୍ରତି ବିଶେଷ ଧ୍ୟାନ ଦେବେ।

– ସନାତନ ଦାସ, ସଭାପତି

### ଭକ୍ତଙ୍କ ସମାଗମ ଅଧିକ ହେବା ନେଇ ଆଶା



“ଶ୍ରଦ୍ଧାଳୁମାନେ ସୁରୁଖୁରୁରେ ଯେପରି ମା’ଙ୍କ ଦର୍ଶନ କରିବେ ସେନେଇ ଗୁରୁତ୍ୱ ଦିଆଯାଇଛି। ସହରର ପ୍ରମୁଖ ସ୍ଥାନରେ ଏହି ପୂଜା ମଣ୍ଡପ ଥିବାବେଳେ ଚଳିତବର୍ଷ ଭକ୍ତଙ୍କ ସମାଗମ ଅଧିକ ହେବ ବୋଲି ଆଶା କରାଯାଉଛି।

– ପ୍ରଭାତ କୁମାର ଜେଠୀ, ସମ୍ପାଦକ

# କର୍ମଚାରୀଙ୍କୁ ନିଲମ୍ବନ ନେଇ ଏସ୍‌ସିବିରେ ଅସନ୍ତୋଷ

**କଟକ,୭।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ (ଏସ୍‌ସିବି)ର ଠିକା କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଠିକା ଭିତ୍ତିରେ ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ହାତରେ ଟାଟୁ କରିଥିବାରୁ ସମ୍ପୃକ୍ତ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା ଅଭିଯୋଗ ଆଣି ଅନ୍ୟ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୧୮ତାରିଖରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ସରକାରୀ ହସ୍ପିଟାଲରେ ରୋଗୀଙ୍କୁ କର୍ମଚାରୀମାନେ ଉତ୍ତମ ସେବା ପ୍ରଦାନ ଓ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ନିମନ୍ତେ ଏକ ନିୟମାବଳୀ ଜାରି କରାଯାଇଥିଲା। ଏହାପରେ ଦୁଇଦିନ ତଳେ ସର୍‌ପ୍ରାଇଜ ଭିଜିଟରେ ମେଡିକାଲର ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ ବିଭିନ୍ନ ୱାର୍ଡ ବୁଲିଥିଲେ। ନିୟମ ଅନୁସାରେ କର୍ମଚାରୀମାନେ ପରିଚୟପତ୍ର ବ୍ୟବହାର କରୁଛନ୍ତି କି ନାହିଁ, ଡ୍ରେସ କୋଡ୍ ପରିଧାନ କରୁଛନ୍ତି କି ନାହିଁ ଏବଂ ସମୟାନୁଯାୟୀ ଡ୍ୟୁଟି କରୁଛନ୍ତି କି ନାହିଁ ତାହା ଯାଞ୍ଚ କରିଥିଲେ। ପାସ୍ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ସେ ଯାଞ୍ଚ କରିଥିଲେ। ପ୍ରଶାସନିକ ଅଧିକାରୀ ଡା. ରାଉତ ୱାର୍ଡ ବୁଲିବା ସମୟରେ ଜଣେ କର୍ମଚାରୀଙ୍କୁ ନିଲମ୍ବନ କରିଥିଲେ। ତେବେ ସମ୍ପୃକ୍ତ କର୍ମଚାରୀ ନିଜ ହାତରେ ଟାଟୁ କରିଥିବାରୁ ତାଙ୍କୁ ନିଲମ୍ବନ କରାଯାଇଥିବା ଅନ୍ୟ କର୍ମଚାରୀମାନେ ଅଭିଯୋଗ ଆଣି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ମେଡିକାଲ ପ୍ରଶାସନିକ ଅଧିକାରୀ ଡା. ରାଉତ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ନିୟମାବଳୀ ଜାରି କରାଯାଇଛି, ଯେଉଁଥିରେ ମେଡିକାଲରେ ରୋଗୀଙ୍କୁ ଉତ୍ତମ ବ୍ୟବହାର କରିବା ସହ ପରିଚୟପତ୍ର, ଡ୍ରେସ କୋଡ୍ ପରିଧାନ କରିବା ପାଇଁ ନିର୍ଦ୍ଦେଶ ରହିଛି। ସମସ୍ତ କର୍ମଚାରୀଙ୍କୁ ନିୟମାନୁଯାୟୀ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟାଟୁ କରିବା ନେଇ କୌଣସି ନିଲମ୍ବନ ନିର୍ଦ୍ଦେଶ ଦିଆଯାଇନାହିଁ ବୋଲି ରାଉତ ପ୍ରକାଶ କରିଛନ୍ତି।

# ଶେହନାଜ-ଅଲ୍ଲୁ ଯୋଡ଼ି ବିଜେତା

**୧୨ତମ ଯୁଗଳ କ୍ୟାରମ ପ୍ରତିଯୋଗିତା**

**କଟକ,୭।୧୦ (କାର୍ତ୍ତିକ ସାହୁ)**

ବାରବାଟୀ କ୍ୟାରମ ଏକାଡେମୀ ଆନୁକୂଲ୍ୟରେ ୧୨ତମ ଯୁଗଳ କ୍ୟାରମ ପ୍ରତିଯୋଗିତା ବାରବାଟୀ ଷ୍ଟାଡିୟମସ୍ଥିତ କ୍ୟାରମ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେମିଫାଇନାଲରେ ଶେହନାଜ ଖାନ ଓ ଶେଖ ଅଲ୍ଲୁ ଯୋଡ଼ି ଦୀପକ ସାମଲ ଓ ରୁଦ୍ରପ୍ରତାପ ଯୋଡ଼ିଙ୍କୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲେ। ସେହିପରି ସୁରଜ କାନୁନଗୋ ଓ ଇନ୍‌ତେଆବ ଯୋଡ଼ିଙ୍କୁ ସୁଶାନ୍ତ ଓ ଶିଶିର ଯୋଡ଼ି ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲରେ ଶେହନାଜ ଖାନ ଓ ଶେଖ ଅଲ୍ଲୁ ଯୋଡ଼ି ୨-୦ରେ ସୁଶାନ୍ତ ଓ ଶିଶିର ଯୋଡ଼ିଙ୍କୁ ହରାଇ ବିଜୟ ଲାଭ କରିଥିଲେ। ବିଜେତା ଯୋଡ଼ିଙ୍କୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ବାରବାଟୀ ଏକାଡେମୀ ସମ୍ପାଦକ ଗଣେଶ ଭଗତ, ଜିଲା କ୍ୟାରମ ସଂଘ ସଂଗଠନ ସମ୍ପାଦକ ମାୟାଧର ସାହୁଙ୍କ ସମେତ ସ୍ୱରାଜ କାନୁନଗୋ ଓ ଶକ୍ତିପ୍ରସାଦ ଜେନା ପୁରସ୍କାର ବିତରଣୀ ଉତ୍ସବରେ ଯୋଗଦେଇଥିଲେ। ଦିଲୀପ ବେହେରାଙ୍କ ସମେତ ଅନ୍ୟମାନେ ଖେଳ ପରିଚାଳନା କରିଥିଲେ।

# ଦଶହରା ପୂର୍ବରୁ ରାସ୍ତା ମରାମତି ଦାବି

**ମଙ୍ଗୁଳି-ଜଗତପୁର,୭।୧୦(ମାନସ ସାମଲ)**

ଦଶହରା ଓ ଚୌଦ୍ୱାର ରୂପଯାତ୍ରାରେ ପ୍ରାୟ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ଅଥଚ ଏଯାଏ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ଆସୁଥିବା ରାସ୍ତାଗୁଡ଼ିକ ମରାମତି ନ କରାଯିବାରୁ ଅଧିକାଂଶ ଜାଗାରେ ଖାଲଖମା ଭର୍ତ୍ତି ହୋଇଛି। ଫଳରେ ଜନସାଧାରଣ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦଶହରା ପୂର୍ବରୁ ବିଭାଗ ଅଧୀନରେ ଆସୁଥିବା ରାସ୍ତାଗୁଡ଼ିକୁ ତୁରନ୍ତ ମରାମତି କରିବାକୁ ଚୌଦ୍ୱାର ନଗର କଂଗ୍ରେସ ପକ୍ଷରୁ ସୋମବାର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଜିତ ରାୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ ସଭାପତି ବିଜୟ ବେହେରା, ହରିହର ପରିଡ଼ା, ରାଜୀବ ମହାନ୍ତି, ଶେଖ୍ ତନୁ, ଶେଖ୍ ଅସଲମ, ଶେଖ୍ ଶାର୍ବି, ଦିଲୀପ ଭୂୟାଁ, ରଶ୍ମିରଞ୍ଜନ ବେହେରା, ଅଂଶୁମାନ ପ୍ରଧାନ, ସୁବାସ ଦଳାଇ, ସୁବାସ ସୁବୁଦ୍ଧିରାୟ, ଅଜୟ ଦାସ, ମୋନାଲିସା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚୌଦ୍ୱାର ନଗର କଂଗ୍ରେସ ପକ୍ଷରୁ ରାସ୍ତା, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥାକୁ ଯାତ୍ରା ପୂର୍ବରୁ ସୁବ୍ୟବସ୍ଥା କରିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି।



ପାଲେଷ୍ଟାଇନକୁ ସ୍ୱାଧୀନ ରାଷ୍ଟ୍ର ଘୋଷଣା ଦାବିରେ ସୋମବାର କଟକ କଲେଜ ଛକଠାରେ ସିପିଆଇ, ସିପିଆଇଏମ୍ ଏବଂ ପାଲେଷ୍ଟାଇନ ସଂହତି ପରିଷଦ ପକ୍ଷରୁ ଆୟୋଜିତ ସଭା।

# ଅପରାହ୍ନ ୪ରୁ ରାତି ୧ ପର୍ଯ୍ୟନ୍ତ ୱାନ ୱେ

**କଟକ,୭।୧୦(କାର୍ତ୍ତିକ ସାହୁ)**

- ପାର୍ବଣ ପାଇଁ ଯାନବାହନ ନିୟନ୍ତ୍ରଣ ବ୍ୟବସ୍ଥା
- ଷଷ୍ଠୀରୁ ଦଶହରା ଯାଏ ଟ୍ରାଫିକ କଟକଣା

ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ କମିଶନରେଟ ପୋଲିସ ପକ୍ଷରୁ ଯାନବାହନ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି। ଷଷ୍ଠୀ ପୂଜା ୯ ତାରିଖରୁ ଆରମ୍ଭ କରି ଦଶହରା ୧୩ ତାରିଖ ପର୍ଯ୍ୟନ୍ତ ସହରରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପୁରା ସହରରେ ଟ୍ରାଫିକ କଟକଣା ଜାରି ହେବ। ପ୍ରତ୍ୟେକ ଦିନ ଅପରାହ୍ନ ୪ଟାରୁ ରାତି ୧ଟା ପର୍ଯ୍ୟନ୍ତ ୱାନ୍ ୱେ ନିୟମ ବଳବତ୍ତର ରହିବ।

ହାଓଡ଼ାମୋଟର ଛକଠାରୁ କୌଣସି ଯାନବାହନ ସିଧା ମଙ୍ଗଳାବାଗ ଛକ ଆଡ଼କୁ ଯାଇପାରିବେ ନାହିଁ। ଏହି ଗାଡ଼ିଗୁଡ଼ିକ ହାଓଡ଼ାମୋଟର ଛକଠାରୁ ମାତାମଠ ଦେଇ ମହାନଦୀ ରିଂବନ୍ଧରେ ଆସି ମଲ୍ଲସାହି ବା କାଠଗୋଲା ଦେଇ ମଙ୍ଗଳାବାଗ ଯିବେ। ମଙ୍ଗଳାବାଗ ପୁରୁଣା ଦେବୀ ଘର ଛକଠାରୁ କୌଣସି ଯାନବାହନ ବଣିଆସାହି ବା ଥୋରିଆସାହି ଆଡ଼କୁ ଯାଇପାରିବେ ନାହିଁ। ଦୋଳମୁଣ୍ଡାଇ ଛକ ଆଡୁ ଆସୁଥିବା ସମସ୍ତ ଯାନ ବଜ୍ରକବାଟି ପୋଲ ଛକରୁ ରାଣୀହାଟ ଆଡ଼କୁ ଯାଇପାରିବେ ନାହିଁ। ଉକ୍ତ ଯାନଗୁଡ଼ିକୁ ବଜ୍ରକବାଟି ପୋଲଛକରୁ ବାମକୁ ଭାଙ୍ଗି କେନାଲ ରାସ୍ତାରେ ଗହ୍ମାଡିଆ କବର ସ୍ଥାନ କେଶରପୁର ଛକ ଦେଇ ମଙ୍ଗଳାବାଗ କିମ୍ବା ବକ୍ସିବଜାର ଆଡ଼କୁ ଯାଇପାରିବେ ଏବଂ ଫ୍ରେଣ୍ଡସ୍ କଲୋନୀ ଦେଇ ଥୋରିଆସାହି ବାଳିକା ସ୍କୁଲ ପାଖରେ ବାହାରି କେବଳ ମଙ୍ଗଳାବାଗ ଆଡ଼କୁ ଯିବେ, ମାତ୍ର ବଣିଆସାହି କିମ୍ବା ଭୂଦାନ ଅଫିସ ଆଡ଼େ ଯାଇପାରିବେ ନାହିଁ। କେଶରପୁର ପୋଲ, ଗହ୍ମାଡିଆ ଛକ, ଥୋରିଆସାହି ବାଳିକା ସ୍କୁଲ ଛକ ଓ ଫ୍ରେଣ୍ଡସ କଲୋନୀ ପାର୍ଶ୍ୱରୁ କୌଣସି ଯାନ ବଜ୍ରକବାଟି ପୋଲ ଆଡ଼କୁ ଯାଇପାରିବେ ନାହିଁ। ଥୋରିଆସାହି ଓ ବଣିଆସାହି ଛକରୁ କୌଣସି ଯାନ ବଡ଼େଇସାହି ଆଡ଼କୁ ଯାଇପାରିବେ ନାହିଁ। ମୋଚିସାହି ଛକରୁ କୌଣସି ଯାନ ରାଣୀହାଟ ହାଇସ୍କୁଲ ଦେଇ ଘଣ୍ଟା ଟାୱାର ଆଡ଼କୁ ଯାଇପାରିବେ ନାହିଁ। ସେହି ଗାଡ଼ିଗୁଡ଼ିକ ବାମପଟେ କେନାଲ କୂଳ ରାସ୍ତା ଦେଇ ଯୋବ୍ରା ଆଡ଼କୁ ଯାଇପାରିବେ।

ଦୋଳମୁଣ୍ଡାଇ ଛକ ଆଡୁ ଆସୁଥିବା ଯାନଗୁଡ଼ିକ ମହତାବ ରୋଡ୍ ଦେଇ ଛତ୍ରବଜାର ଆଡ଼କୁ ଯାଇ ସେଠିଠାରୁ ମାଲଗୋଦାମ ଏବଂ ଓଏମ୍‌ପି ଆଡ଼କୁ ଯାଇପାରିବେ। ମାଲଗୋଦାମ ଫାଣ୍ଡି ଛକ ପାଖରୁ କୌଣସି ଯାନ ଛତ୍ରବଜାର ଦେଇ ମହତାବ ରୋଡ୍ ଆଡ଼କୁ କିମ୍ବା ପିଲିଗ୍ରିମ ରୋଡ୍‌ରେ କଲେଜ ଛକ ଆଡ଼କୁ ଯାଇପାରିବେ ନାହିଁ। କ୍ଲକ୍ ଟାୱାରଠାରୁ କେନାଲ କୂଳରେ ଆସୁଥିବା ଯାନଗୁଡ଼ିକ ଛତ୍ରବଜାର ବନ୍ଧଠାରୁ ବାମ ମୋଡ଼ ନେଇ ମାଲଗୋଦାମ ଆଡ଼କୁ ଯାଇପାରିବେ କିମ୍ବା ଡାହାଣ ମୋଡ଼ ନେଇ ଓଏମ୍‌ପି ଆଡ଼କୁ ଯାଇପାରିବେ। କୌଣସି ଯାନ ଛତ୍ରବଜାର ଦୈତାରି ରାଉତଙ୍କ ଆଳୁଗୋଦାମ ଆଡୁ ପ୍ରଫେସରପଡ଼ା ନାଳ ରାସ୍ତାରେ ବଜ୍ରକବାଟି ରୋଡ୍ ଆଡ଼କୁ ଆସିପାରିବେ ନାହିଁ। କିନ୍ତୁ ବଜ୍ରକବାଟି ରୋଡ୍ ପାର୍ଶ୍ୱରୁ ଯାନଗୁଡ଼ିକ ପ୍ରଫେସରପଡ଼ା ଭିତର ଦେଇ କେନାଲ ରାସ୍ତାରେ ଛତ୍ରବଜାର ଯାଇପାରିବେ। କୌଣସି ଯାନ ଛତ୍ରବଜାର କିମ୍ବା ମାଲଗୋଦାମ ପଟରୁ ମହତାବ ରୋଡ୍‌ରେ ଦୋଳମୁଣ୍ଡାଇ ଆଡ଼କୁ ଯାଇପାରିବେ ନାହିଁ। ମାଲଗୋଦାମରୁ କୌଣସି ଯାନ ଛତ୍ରବଜାର ଆଡ଼କୁ ବା ପିଲିଗ୍ରିମ ରୋଡ୍ ଦେଇ କଲେଜ ଛକ ଯାଇପାରିବେ ନାହିଁ। ପିଠାପୁର ଓ ଝୋଲାସାହି ଆଡୁ ଆସୁଥିବା ଯାନଗୁଡ଼ିକ ଝୋଲାସାହି ଫୋନ୍‌ବକ୍ସ ଛକରୁ ବାମପଟେ ଗୋପାଳଜୀଉ ଲେନ୍, ବଙ୍ଗାଳିସାହି କିମ୍ବା ନନ୍ଦିସାହି ଛକ ଆଡ଼କୁ ନଯାଇ ଫୋନବକ୍ସ ଛକରୁ ଡାହାଣକୁ ମୋଡ଼ି କାଠଗଡ଼ାସାହି ଦେଇ ଧର୍ମଶାଳା ଛକରୁ ଫୁଲ ଦୋକାନ ସାମ୍ନା ରାସ୍ତାରେ ଉକ୍ରିକା ଦେଇ ଜେଲରୋଡ୍ କିମ୍ବା ଗୌରୀଶଙ୍କର ପାର୍କ ଆଡ଼କୁ ଯାଇପାରିବେ। ପୁରୁଣା ଜେଲ ଛକରୁ ଚୌଧୁରୀ ବଜାର ଆଡ଼କୁ ଆସୁଥିବା ଯାନଗୁଡ଼ିକ ଗୌରୀଶଙ୍କର ପାର୍କ ସବ୍‌ଷ୍ଟେଶନ ଛକରୁ ସିଧା ଚୌଧୁରୀବଜାର ଛକ ଆଡ଼କୁ ଯାଇପାରିବେ ନାହିଁ। ଚୌଧୁରୀବଜାର ଛକରୁ କୌଣସି ଯାନ ଗୌରୀଶଙ୍କର ପାର୍କ ଆଡ଼କୁ ଯାଇପାରିବେ ନାହିଁ। ବାଲୁବଜାର ଛକରୁ ନିମ୍‌ଚୌଡ଼ି ଛକ, ଇପାରୀଗୋବିନ୍ଦ ଗହଣା ଦୋକାନ ଛକ ଓ ହାଇକୋର୍ଟ ଛକ ଦେଇ ଚାନ୍ଦିନୀ ଚୌକ ଯାଇପାରିବେ ନାହିଁ। କାଳିଗଳି ଭିତରୁ ଆସୁଥିବା ଯାନ ଚାନ୍ଦିନୀଚୌକ ଯାଇପାରିବେ ନାହିଁ। କେବଳ ହାଇକୋର୍ଟ ଛକ ଆଡ଼କୁ ଯାଇପାରିବେ। ସହରର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଅନୁରୂପ ଭାବେ ୱେନ ୱେ ଟ୍ରାଫିକ କାର୍ଯ୍ୟ କରିବ ବୋଲି ସୋମବାର ଭୁବନେଶ୍ୱର-କଟକ ପୋଲିସ କମିଶନର ଡ. ସୁରେଶ ଦେବଦତ୍ତ ସିଂହ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ବି++ ଗ୍ରେଡ୍

■ଭିତ୍ତିଭୂମି ଅଭାବ, କମ୍ ଅଧ୍ୟାପକ ପାଇଁ ଗ୍ରେଡ୍ କମିଲା

■କମ୍ ଭିତ୍ତିଭୂମିରେ ଆମେ ଭଲ ରେଜଲ୍ଟ କରିଛୁ: କୁଳପତି




ଭୁବନେଶ୍ୱର,୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ପ୍ରଥମଥର ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଟେଶନ କାଉନ୍‌ସିଲ(ନାକ) ମାନ୍ୟତା ମିଳିଛି। ନାକ ଟିମ୍ ବିଶ୍ୱବିଦ୍ୟାଳୟକୁ ୨.୮୭ ସିଜିପିଏ ପ୍ରଦାନ କରି 'ବି ++' ଗ୍ରେଡ୍ ମାନ୍ୟତା ଦେଇଛନ୍ତି। ବିଶେଷକରି ଭିତ୍ତିଭୂମି ନେଇ ଗ୍ରେଡ୍ କମିଥିବା ରିପୋର୍ଟରେ ପ୍ରକାଶ ପାଇଛି। ସେଥିପାଇଁ ନାକ୍ ଭିତ୍ତିଭୂମିର ବିକାଶ ପାଇଁ ପରାମର୍ଶ ଦେଇଛି। ଏହି ରିପୋର୍ଟରେ ନାକ୍ ଉଲ୍ଲେଖ କରିଛି ଯେ, ବିଶ୍ୱବିଦ୍ୟାଳୟ ହିସାବରେ ଯେତିକି ଭିତ୍ତିଭୂମି ରହିବା କଥା ତାହା ନାହିଁ। ସେହିପରି ବିଶ୍ୱବିଦ୍ୟାଳୟରୁ ଗବେଷଣା ପତ୍ର ପ୍ରକାଶନ ନୈରାଶ୍ୟଜନକ। କ୍ରୀଡ଼ା ଭିତ୍ତିଭୂମିର ଅଭାବ ରହିଛି। ରାଜସ୍ୱ ଆଦାୟ କରିପାରୁନି ବିଶ୍ୱବିଦ୍ୟାଳୟ। ଆବଶ୍ୟକ ସ୍ଥାୟୀ ଅଧ୍ୟାପକ ଓ ଅଣଅଧ୍ୟାପକ ନିଯୁକ୍ତି, ଅନ୍ତର୍ଜାତୀୟ ଶିକ୍ଷାର୍ଥୀ ଆଦୌ ନାହାନ୍ତି। ଏଥିସହ ଦେଶ ବାହାରର ଶିକ୍ଷାର୍ଥୀଙ୍କ ସଂଖ୍ୟା କମ୍ ରହିଛି। ରାଜସ୍ୱ ଆଦାୟ ପାଇଁ ଉତ୍ସ ନ ଥିବା ଓ ବିଶେଷକରି ଏକାଡେମିକ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିର ଅଭାବ ଥିବା ରିପୋର୍ଟରେ ପ୍ରକାଶ ପାଇଛି। ନାକ ଟିମ୍ ସମସ୍ତ ଜିନିଷକୁ ତର୍ଜମା କରି ବିଶ୍ୱବିଦ୍ୟାଳୟର ଦକ୍ଷତା, ଦୁର୍ବଳତା, ସୁଯୋଗ ଓ ଆହ୍ୱାନର ରିପୋର୍ଟ ଦେଇଛନ୍ତି। ଏଥିସହ ନାକ ଟିମ୍ ତାଙ୍କ ରିପୋର୍ଟରେ ବିଶ୍ୱବିଦ୍ୟାଳୟର ପାଠପଢ଼ାକୁ ପ୍ରଶଂସା କରିଛନ୍ତି। ବିଶ୍ୱବିଦ୍ୟାଳୟର ଗ୍ରୀନ କ୍ୟାମ୍ପସ୍, ଆକ୍ଟିଭ ଆଲୁମ୍‌ନି ଆସୋସିଏଶନ୍‌କୁ ଭଲ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ନାକ୍ ୱେବ୍‌ସାଇଟରେ ରମାଦେବୀର ନାକ୍ ରିପୋର୍ଟ ଅପ୍‌ଲୋଡ୍ ହୋଇଥିଲା। ତେବେ କିଛି ସମୟ ପରେ ଏହାକୁ ଉଠାଇ ଦିଆଯାଇଥିବାରୁ ସନ୍ଦେହ ବଢ଼ିଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ କହିଛନ୍ତି, ଆମକୁ ନାକ୍ ପକ୍ଷରୁ ମାନ୍ୟତା ମିଳିଛି। ବିଶ୍ୱବିଦ୍ୟାଳୟ ହେବା ପରେ ଆମକୁ ବି ++ ମିଳିଛି। କମ୍ ଭିତ୍ତିଭୂମିରେ ଆମେ ଭଲ ରେଜଲ୍ଟ କରିଛୁ। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟର ନାକ୍ ମାନ୍ୟତା ଭଲ କରିବ ବୋଲି ଅପରାଜିତା କହିଛନ୍ତି।

## ସଂକ୍ଷେପରେ

### ଶ୍ରେଣୀଗୃହରେ ଟଳିପଡ଼ିଲେ ଛାତ୍ର

ବେଗୁନିଆ,୭।୧୦(ସନ୍ଧ୍ୟାରାଣୀ ମିଶ୍ର)

ସିମୋର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ପୂର୍ବାହ୍ନରେ ଶ୍ରେଣୀଗୃହରେ ପାଠପଢ଼ା ଚାଲିଥିବା ବେଳେ ଜଣେ ଛାତ୍ର ହଠାତ୍ ଟଳିପଡ଼ିଥିଲେ। ସେ ହେଲେ ପଞ୍ଚମ ଶ୍ରେଣୀ ଛାତ୍ର ଜୀବନଜ୍ୟୋତି ନାୟକ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୀବନଜ୍ୟୋତିଙ୍କ ଘର ବାଘମାରୀ ଥାନା ଅନ୍ତର୍ଗତ ଦିନିଆରି ଗ୍ରାମରେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଦ୍ୟାଳୟ ସମେତ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ଶ୍ୱଶୁର ଘରୁ ଜ୍ୱାଇଁଙ୍କ ମୃତଦେହ ଜବତ

ହତ୍ୟା ଅଭିଯୋଗ ଆଣିଲେ ବାପା

ନିରାକାରପୁର,୭।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଶ୍ୱଶୁରଘରୁ ଜ୍ୱାଇଁଙ୍କ ମୃତଦେହକୁ ଜଙ୍କିଆ ଥାନା ପୋଲିସ ଜବତ କରିଛି। ମୃତକ ହେଲେ ଏହି ଥାନା ଅଧୀନ ଗୋଲବାଇ ପାଟଣା ସାହିର ହୁଣ୍ଡି ବଳିୟାରସିଂହ(୩୦)। ତାଙ୍କୁ ଶ୍ୱଶୁରଘର ଲୋକେ ମାରିଦେଇଛନ୍ତି ବୋଲି ବାପା ନୀଳାଦ୍ରି ବଳିୟାରସିଂହ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଜଙ୍କିଆ ପୋଲିସ ଏକ ମାମଲା (ନଂ.୩୫୦/୨୪) ରୁଜୁ କରିବା ସହ ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ସୋମବାର ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୋଗ ମୁତାବକ, ଜଙ୍କିଆ ଥାନା ଗୋଡିପଡ଼ା ପଞ୍ଚାୟତ ଅଧୀନ ମୋଟା ଗ୍ରାମରେ ୩ବର୍ଷ ହେବ ହୁଣ୍ଡି ଶ୍ୱଶୁରଘରେ ରହିଆସୁଥିଲେ। ହୁଣ୍ଡିଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିବାରୁ ଶ୍ୱଶୁରଘର ଲୋକେ ମାରିଦେଇଛନ୍ତି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ମା' ଆକ୍ରମଣରେ ୨ ସିଂହ ଶାବକ ଗୁରୁତର

ତ୍ରିଶୂଳିଆ,୭।୧୦(ତୁଷାରକାନ୍ତ ବେହେରା)

ନନ୍ଦନକାନନରେ ସିଂହୀ ବିଜୁଲୀର ୨ ଶାବକ ଗୁରୁତର ହୋଇପଡ଼ିଛନ୍ତି। ଗତ ଅଗଷ୍ଟ ୨୯ରେ ୯ ବର୍ଷିୟା ସିଂହୀ ବିଜଲୀ ୫ଟି ଶାବକ ଜନ୍ମ ଦେଇଥିଲା। ସେଥିମଧ୍ୟରୁ ୨ ଦିନରେ ୨ ଶାବକଙ୍କ ମୃତ୍ୟୁ ହୋଇଥିଲା। ବିଜୁଲୀ ୩ଟି ଶାବକକୁ ନିଜେ ପାଖରେ ରଖି ପାଳନ କରୁଥିଲା। ରବିବାର ହଠାତ୍ ୨ ଶାବକକୁ ମା' ନିଜେ ଆକ୍ରମଣ କରି ଗୁରୁତର କରି ଦେଇଥିଲା। ଏହାପରେ ମା'ଠାରୁ ଛୁଆମାନଙ୍କୁ ଅଲଗା କରି ପ୍ରାଣୀ ଚିକିତ୍ସାଳୟକୁ ଆଣିଥିଲେ। ସେଥିମଧ୍ୟରୁ ଗୋଟିଏ ଶାବକର ଅସ୍ତ୍ରୋପଚାର କରାଯାଇଛି। ସମସ୍ତଙ୍କୁ ଏବେ କ୍ୱାରେନଷ୍ଟାଇନ ସେଣ୍ଟରରେ ରଖାଯାଇଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ ସୂଚନା ଦେଇଛନ୍ତି। ସିଂହୀ ବିଜୁଲୀ ୪ ଥରରେ ୧୪ଟି ଶାବକ ଜନ୍ମ ଦେଇସାରିଲାଣି। ସେଥିମଧ୍ୟରୁ ୫ଟି ଶାବକ ଜନ୍ମ ପରେ ମୃତ୍ୟୁ ହୋଇଛି। ୨ଟି ଶାବକ ବର୍ଷା ଓ କାମିନୀକୁ ବିଜଲୀ ଜନ୍ମ ପରେ ଗ୍ରହଣ ନ କରିବାରୁ ସେମାନଙ୍କୁ ଶିଶୁ ଲାଳନ ପାଳନ କେନ୍ଦ୍ରରେ ପାଳନ କରାଯାଇଥିଲା। ବାକି ୪ ଶାବକ ରାମ, ଅମନ, ଯୁବରାଜ ଓ ସନ୍ଧ୍ୟାକୁ ନିଜେ ପାଳିଥିଲା।

# ସେବାୟତ ଘର କୁମାରୀ କନ୍ୟାଙ୍କ ନେତ ପରମ୍ପରା



ସେବାୟତ ପରିବାରର କୁମାରୀ କନ୍ୟାମାନେ ସୁନା ଅଳଙ୍କାରରେ ସଜ୍ଜିତ ହୋଇ ନେତ ପିଲା ବେଶରେ ମାର୍କଣ୍ଡେୟ ପୁଷ୍କରିଣୀ କୂଳରେ ହରପାର୍ବତୀଙ୍କୁ ପୂଜା କରୁଛନ୍ତି।

ପୁରୀ,୭।୧୦(ଅଜିତ୍ ମହାନ୍ତି)

'ବଳିରେ ବଳି ନ କର କଳି .. କାଲି ଆଣିଦେବି ସରୁ ଚକୁଳି ..ସରୁ ଚକୁଳି ଉପରେ ମହୁ'। ଏପରି ଗୀତରେ ଝଙ୍କୃତ ହୋଇଥିଲା ମାର୍କଣ୍ଡେୟ ପୁଷ୍କରିଣୀ କୂଳ। ସୋମବାର ସେବାୟତ ପରିବାରର କୁମାରୀ କନ୍ୟାମାନେ ନେତ ବେଶରେ ସଜେଇ ହୋଇ ଏହି ଗୀତ ବୋଲି ହରପାର୍ବତୀଙ୍କୁ ଆରାଧନା କରିଥିଲେ। ଶ୍ରୀକ୍ଷେତ୍ରର ପରମ୍ପରା ମଧ୍ୟରୁ ଏହା ସ୍ୱତନ୍ତ୍ର। ଆଶ୍ୱିନ ମାସରେ ଏହି ପରମ୍ପରା ପାଳନ କରାଯାଏ। ସୋମବାର ସେବାୟତ ପରିବାରର କୁନି ଝିଅମାନେ ବିଭିନ୍ନ ସୁନା ରୁପା ଅଳଙ୍କାରରେ ସଜେଇ ହୋଇ ମାର୍କଣ୍ଡେୟ ପୁଷ୍କରିଣୀ କୂଳକୁ ଆସିଥିଲେ। ସୁନ୍ଦର ଓ ଯୋଗ୍ୟ ବର ପାଇବା ପାଇଁ ଠାକୁରଙ୍କ ନିକଟରେ ମନାସି ପୂଜା କରିଥିଲେ। ବିଶେଷକରି ଅଢେଇ ବର୍ଷରୁ ୮ବର୍ଷ ବୟସର କୁମାରୀ କନ୍ୟାମାନେ ବିଭିନ୍ନ ପ୍ରକାର ସୁନା ଅଳଙ୍କାରରେ ବେଶଭୂଷାରେ ସଜ୍ଜିତ ହୋଇ ନେତପିଲା ବେଶ ହୋଇ ପୂଜା କରିଥାନ୍ତି। ପରିବାରର କଲ୍ୟାଣ ଓ ଭଲ ବର ବା ସ୍ୱାମୀ ପାଇବା ଉଦ୍ଦେଶ୍ୟରେ ଏହି ପରମ୍ପରା ପାଳନ କରାଯାଉଥିବା ଜଣାଯାଏ। ଶ୍ରୀମନ୍ଦିର ସେବାୟତ ପରିବାରରେ ଦୁର୍ଗାପୂଜା ସମୟରେ ନେତପିଲା ପରମ୍ପରା ଦେଖିବାକୁ ମିଳିଥାଏ। ଭାଦ୍ରବ ମାସ ପୂର୍ଣ୍ଣମୀଠାରୁ ନେତପୂଜା ଆରମ୍ଭ ହୋଇଥାଏ। ପ୍ରଥମ ୨୧ଦିନ ପର୍ଯ୍ୟନ୍ତ ସେବାୟତ ପରିବାରର କୁମାରୀ କନ୍ୟାମାନେ ସନ୍ଧ୍ୟାରେ ଘରେ ଶିବପାର୍ବତୀଙ୍କୁ ପୂଜା କରିଥାନ୍ତି। ସେହିପରି ଆଶ୍ୱିନ ଶୁକ୍ଳପକ୍ଷ ପଞ୍ଚମୀ ତିଥିରୁ ୪ଦିନ ପର୍ଯ୍ୟନ୍ତ ବିଭିନ୍ନ ଅଳଙ୍କାର ପରିଧାନ କରି ନେତପିଲା ବେଶରେ ସଜ୍ଜିତ ହୋଇ ମାର୍କଣ୍ଡେୟ ପୋଖରୀଠାରେ ମା' ବୃନ୍ଦାବତୀଙ୍କ ପାଖରେ ଶିବପାର୍ବତୀଙ୍କ ଉପାସନା କରିଥାନ୍ତି। ଏଥିସହ ସେଠାରେ ବଳି ଗୀତ ଗାଇଥାନ୍ତି। ଏହି ପୂଜା ସମୟରେ ସେମାନେ ସ୍ୱତନ୍ତ୍ର ଆଭୂଷଣ ଓ ବସ୍ତ୍ରରେ ଭୂଷିତ ହୋଇଥାନ୍ତି। ବିଭିନ୍ନ ପ୍ରକାର ଫଳ, ନଡ଼ିଆ, ଗୁଆ, ପରିବା ଆଦି ଅର୍ପଣ କରି ପୂଜା କରିବାର ବିଧି ଥିବାବେଳେ ବଳି ଗୀତ ଗାନ କରିଥାନ୍ତି। ପୂଜା ପରେ ନେତପିଲାମାନେ ସେମାନଙ୍କ ସମ୍ପର୍କୀୟଙ୍କ ଘରକୁ ବୁଲିଯିବାର ବିଧି ରହିଛି। ପାର୍ବତୀ ଶିବଙ୍କୁ ପାଇବା ଉଦ୍ଦେଶ୍ୟରେ ଏହି ପୂଜା କରିଥିବା କିମ୍ବଦନ୍ତୀ ରହିଥିବାରୁ ତାହାକୁ ଅନୁସରଣ କରି ନେତପିଲାମାନେ ନେତଓଷା ପାଳନ କରିଥାନ୍ତି ବୋଲି ବିଶ୍ୱାସ ରହିଛି।

# ଭୁବନେଶ୍ୱରରେ ୧୦୮୦ ଛୁଇଁଲା ଡେଙ୍ଗୁ ସଂକ୍ରମଣ

ଭୁବନେଶ୍ୱର, ୭।୧୦ (ବନ୍ଦନା ସେଠୀ)

ରାଜଧାନୀରେ ଡେଙ୍ଗୁ ସଂକ୍ରମଣ ୧ହଜାର ପାର୍ କରିଛି। ଜାନୁଆରୀ ପହିଲାରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ସହରରୁ ୧୦୮୦ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ପଟିଆରୁ ସର୍ବାଧିକ ୮୭ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ଏହା ପଛକୁ ରହିଥିବା ଶହୀଦନଗରରେ ୭୪ଜଣ ଆକ୍ରାନ୍ତ ହୋଇଥିବାବେଳେ ଚନ୍ଦ୍ରଶେଖରପୁରରୁ ୭୧, ନୂଆପଲ୍ଲୀରୁ ୫୯, ସାଲିଆସାହିରୁ ୫୨ ଏବଂ ଶିଖରଚଣ୍ଡୀରୁ ୫୫ଜଣ ଡେଙ୍ଗୁରେ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ତେବେ ଗତବର୍ଷ ତୁଳନାରେ ଚଳିତବର୍ଷ ରାଜଧାନୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କମ୍ ରହିଥିବା ଜଣାପଡିଛି। ସେହିପରି ଜାନୁଆରୀରୁ ଅକ୍ଟୋବର ମଧ୍ୟରେ ଖୋର୍ଦ୍ଧା ଜିଲାରୁ ମୋଟ୍ ୩୬ହଜାର ୯୭୨ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୨୧ଶହ ୭୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ବିଏମ୍‌ସି ଅଞ୍ଚଳରୁ ୧୦୮୦ଜଣ ସଂକ୍ରମିତ ଥିବାବେଳେ ଖୋର୍ଦ୍ଧା ଗ୍ରାମାଞ୍ଚଳରୁ ୩୫୩, ଅନ୍ୟ ଜିଲାରୁ ଆସି ବିଏମ୍‌ସି ଅଞ୍ଚଳରେ ପରୀକ୍ଷା କରିଥିବା ସଂକ୍ରମିତଙ୍କ ସଂଖ୍ୟା ୮୮ ରହିଛି। ତେବେ ୬୫୦ଜଣ ସଂକ୍ରମିତଙ୍କ ତଥ୍ୟ ମିଳୁ ନ ଥିବାରୁ ଏମାନେ ହିଁ ସଂକ୍ରମଣ ବୃଦ୍ଧିର ଅନ୍ୟତମ କାରଣ ବୋଲି କୁହାଯାଉଛି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ପ୍ରାୟ ୬୦ ପ୍ରତିଶତ କମ୍ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଛି।

# କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ର କଂଗ୍ରେସର ଧାରଣା

ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି ନାମଲେଖା ଅନିୟମିତତା

ଭୁବନେଶ୍ୱର,୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)




ନାମଲେଖାରୁ ବଞ୍ଚିତ ଛାତ୍ରଙ୍କୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିବା ଛାତ୍ର କଂଗ୍ରେସ କର୍ମକର୍ତ୍ତା।

ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଜି ନାମଲେଖା ଅନିୟମିତତା ଘଟଣାକୁ ନେଇ ସୋମବାର ଛାତ୍ର କଂଗ୍ରେସ ପକ୍ଷରୁ କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପିଜିରେ ତଳ ର୍‍ୟାଙ୍କ୍ ପିଲାଙ୍କୁ ଆଡ୍‌ମିଶନ ମିଳୁଥିବାବେଳେ ଉପର ର୍‍ୟାଙ୍କ୍‌ରେ ଥିଲେ ମଧ୍ୟ ବଞ୍ଚିତ କରାଯାଉଛି। ବିଜୟ କୁମାର ସାହୁ ନାମକ ଛାତ୍ର ଜଣକ ପ୍ରଥମ ସିଲେକ୍ସନରେ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଆଡ୍‌ମିଶନ କରିଥିଲେ। ପରବର୍ତ୍ତୀ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଡ୍‌ମିଶନ ନେଇ ଫୋନ ଯିବା ପରେ ସେ ସେଠାରୁ ସିଏଲ୍‌ସି ଆଣିଥିଲେ। ମାତ୍ର ଏଠାରେ ତାଙ୍କର ଆଡ୍‌ମିଶନ ହୋଇପାରୁନାହିଁ। କାରଣ ପଚାରିବାରୁ କୁଳପତି କୌଣସି ଉତ୍ତର ଦେଉନାହାନ୍ତି। ତେଣୁ ଛାତ୍ର ଜଣକ କିଛିଦିନ ହେବ ଆନ୍ଦୋଳନରେ ବସିଥିବାବେଳେ ଏବେ ଛାତ୍ର କଂଗ୍ରେସ ତାଙ୍କୁ ସମର୍ଥନ କରି ଏଥିରେ ସାମିଲ ହୋଇଛି। ନାମଲେଖାରୁ ବଞ୍ଚିତ ବିଜୟ କହିଛନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟକୁ ସ୍ଲାଇଡ୍ ଅପ୍ କରିବା ପରେ ମୋ ର୍‍ୟାଙ୍କ୍ ଥିଲା ୯। ମୁଁ ଏଠାରେ ରିପୋର୍ଟିଂ କରି ଆଡ୍‌ମିଶନ କରିଥିଲି। ମୋତେ କହିଥିଲେ କି ଯଦି ସିଟ୍ ଫାଙ୍କା ହୁଏ ଆମେ ତୁମକୁ ଜଣାଇବୁ। ଏହାପରେ ମୋତେ ଗତ ୩୦ତାରିଖରେ ଅର୍ଜିନାଲ ଡକ୍ୟୁମେଣ୍ଟ ଧରି ଆସିବାକୁ କୁହାଗଲା। ମୁଁ ଆସିଥିଲି। ମୋର ସବୁ ଡକ୍ୟୁମେଣ୍ଟ ଭେରିଫାଏ ହେଲା। ହେଲେ ତା' ପରଦିନ ଜଣେ ସାର ଫୋନ କରି କହୁଛନ୍ତି, ବାବୁରେ ମୋର ଭୁଲ୍ ହୋଇଯାଇଛି। ମୁଁ ଏଠି ଛୋଟ ଚାକିରି କରିଛି। ମୋତେ ବହୁତ ପ୍ରେସର ପଡୁଛି। ତୋର ଏଠି ଆଡ୍‌ମିଶନ ହୋଇପାରିବ ନାହିଁ। ତୁ ଯେଉଁଠୁ ଆସିଥିଲୁ ସେଠାକୁ ତୋର ପୁଣି ଟ୍ରାନ୍ସଫର କରିଦେବି। ତୋ ଭବିଷ୍ୟତରେ କିଛି ଅସୁବିଧା ହେବ ନାହିଁ। ହେଲେ ମୋ ଠୁ ତଳ ର୍‍ୟାଙ୍କ୍‌ରେ ଥିବା ପିଲାର ଆଡ୍‌ମିଶନ ହୋଇଛି, ହେଲେ ମୋର କାହିଁକି ହେବ ନାହିଁ ବୋଲି ବିଜୟ ପ୍ରଶ୍ନ ଉଠାଇଛନ୍ତି। ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି, ଜଣେ ନିରୀହ ଛାତ୍ର ଜୀବନ ସହ ଖେଳାଯାଉଛି। ଆଡ୍‌ମିଶନ ନ ହେଲେ ଛାତ୍ର କଂଗ୍ରେସ ପକ୍ଷରୁ ଧାରଣା ଜାରି ରହିବ। ତେବେ ଏ ନେଇ କୁଳପତିଙ୍କ ପାଖରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



# ମଧୁପୁର ଗାଁ ମୁଣ୍ଡରୁ ଅଜଗର ଉଦ୍ଧାର

ବାରଙ୍ଗ,୭।୧୦(ଲିଙ୍ଗରାଜ ରାଉତ)

ମଧୁପୁର ଗାଁ ମୁଣ୍ଡରୁ ଏକ ବିରାଟ ଅଜଗର ସାପକୁ ରବିବାର ବିଳମ୍ବିତ ରାତିରେ ସ୍ନେକଲାଇଭ୍‌ର ଜଣେ ସଦସ୍ୟ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି। ପ୍ରାୟ ୧୦/୧୨ଫୁଟ ଲମ୍ବର ଏକ ମାଈ ଅଜଗର ଗାଁମୁଣ୍ଡ ପୋଖରୀ ପାଖରୁ ବାହାରି ବାରଙ୍ଗ ମୁଖ୍ୟରାସ୍ତା ଅତିକ୍ରମ କରୁଥିବାବେଳେ ଗ୍ରାମର କେତେଜଣ ଯୁବକ ଦେଖିଥିଲେ। ଏହାପରେ ସଂଘବଦ୍ଧ ଭାବେ ଅଜଗରକୁ ଅଟକାଇବା ସହ ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ଜଙ୍ଗଲ ବିଭାଗ କର୍ମଚାରୀ ନ ଆସିବାରୁ ସ୍ନେକ ଲାଇଭ ସଦସ୍ୟଙ୍କୁ ଗ୍ରାମବାସୀ ଡାକି ଅଜଗରକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଉକ୍ତ ଅଜଗରକୁ ସୋମବାର ନିକଟ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ନେଇ ସ୍ନେକ୍‌ଲାଇଭ୍ ପକ୍ଷରୁ ସୂଚନା ଦିଆଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଦେଶନା



@ ଦୀପକ



@ ଜଗନ୍ନାଥ



@ ପ୍ରଦ୍ୟୁମ୍ନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପିପିଲିରେ କୁମ୍ଭୀର ଆତଙ୍କ, ଲୋକେ ଭୟଭୀତ

ପିପିଲି,୭।୧୦(ଦୁର୍ଗା ମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)



ପିପିଲି ବ୍ଲକ ଅନ୍ତର୍ଗତ ଦୟା ନଦୀ ପାଣିରେ ସୋମବାର ଏକ କୁମ୍ଭୀର ଆତଙ୍କ ଖେଳାଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଦୟା ନଦୀର କଣ୍ଟିଠାରେ ଲୋକମାନେ ଗାଧୋଇବାକୁ ଯିବାବେଳେ କୁମ୍ଭୀରଟି ପାଣିରେ ପହଁରି ମାଛ ଖାଉଥିବା ଦେଖିବାକୁ ପାଇଥିଲେ। ନଦୀରେ କୁମ୍ଭୀରକୁ ଦେଖି ଆଖପାଖ ନଦୀକୂଳିଆ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। କୁମ୍ଭୀର ଦେଖି ଲୋକମାନେ ଭୟଭୀତ ଅବସ୍ଥାରେ ରହିଥିବାବେଳେ ବନବିଭାଗ ପକ୍ଷରୁ କୌଣସି ଅଧିକାରୀଙ୍କ ଦେଖା ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖବରପାଇ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ କଣ୍ଟି ରାଜସ୍ୱ ବିଭାଗ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। କୁମ୍ଭୀରକୁ କାବୁ କରା ନ ଯିବା ପର୍ଯ୍ୟନ୍ତ ଲୋକମାନେ ନଦୀକୁ ଗାଧୋଇବାକୁ ଯିବା ପାଇଁ ବାରଣ କରାଯାଇଛି।

# କବିତା ସଙ୍କଳନ 'ଅଙ୍କୋଳିକା' ଲୋକାର୍ପିତ

ଭୁବନେଶ୍ୱର,୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଡ. ଦୁଃଖିଶ୍ୟାମ ମିଶ୍ରଙ୍କ ତୃତୀୟ କବିତା ସଙ୍କଳନ 'ଅଙ୍କୋଳିକା' ରବିବାର ରତ୍ନଚିରା ପବ୍ଲିକେଶନ ପକ୍ଷରୁ ଉନ୍ମୋଚିତ ହୋଇଯାଇଛି। ଅତିଥି ଭାବେ ବିଶିଷ୍ଟ ଲେଖକ ଦାଶ ବେନହୁର, ନାଟ୍ୟକାର ମନୋଜ ପଟ୍ଟନାୟକ, ଚିନ୍ମୟ ହୋତା, ବୈଜୟନ୍ତୀ ମିଶ୍ର, ଚିନ୍ମୟୀ ମିଶ୍ର, ନିରୁପମା କର, ଜଗନ୍ନାଥ ଦାଶ ପ୍ରମୁଖ ଉପସ୍ଥିତ ରହି ଏହି ପୁସ୍ତକଟିକୁ ଲୋକାର୍ପଣ କରିଥିଲେ। ସମୁଦାୟ ୩୬ଟି କବିତା ଏହି ପୁସ୍ତକରେ ରହିଛି। ବାସ୍ତବ ଜୀବନର ମାନସିକ ମାନବିକତା, ଗ୍ରାମ୍ୟ ପରିବେଶ, ବ୍ୟକ୍ତି ତଥା ସମାଜର ଚିତ୍ରଶାଳା ସମ୍ପର୍କରେ ପୁସ୍ତକରେ ଉଲ୍ଲେଖ ରହିଛି।

# କରାଚୀରେ ବିସ୍ଫୋରଣ: ୨ ଚାଇନା ନାଗରିକ ନିହତ



କରାଚୀସ୍ଥିତ ଜିନ୍ନା ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ନିକଟରେ ଘଟିଥିବା ଆତ୍ମଘାତୀ ବିସ୍ଫୋରଣରେ ଜଳିଯାଇଥିବା ଗାଡ଼ି।

କରାଚୀ,୭।୧୦(ପି.ଟି.)

ବେଲୋଚ୍ ଉଗ୍ରପନ୍ଥୀ ସଂଗଠନ ରବିବାର ରାତିରେ ପାକିସ୍ତାନର ସବୁଠୁ ବ୍ୟସ୍ତବହୁଳ ଜିନ୍ନା ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ନିକଟରେ ଆତ୍ମଘାତୀ ବିସ୍ଫୋରଣ ଘଟାଇଛି। ଏଥିରେ ୨ ଚାଇନା ନାଗରିକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୭ ଜଣ ଆହତ ହୋଇଛନ୍ତି। ଚାଇନା କର୍ମଚାରୀମାନଙ୍କ ଗାଡ଼ିକୁ ଟାର୍ଗେଟ କରି ଏହି ବିସ୍ଫୋରଣ କରାଯାଇଥିଲା। ଇସ୍‌ଲାମାବାଦରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ହେବାକୁ ଯାଉଥିବାବେଳେ ଏହାର ସପ୍ତାହେ ପୂର୍ବରୁ ବେଆଇନ ଘୋଷିତ ବେଲୋଚ ଲିବରେଶନ ଆର୍ମି ଆତ୍ମଘାତୀ ବିସ୍ଫୋରଣ ଘଟାଇଛି।

# ଓଲା ସ୍କୁଟର ସର୍ଭିସିଂକୁ ନେଇ ବିବାଦ

■ଏକ୍ସ'ରେ କମେଡିଆନ୍ କୁନାଲ କାମରାଙ୍କ ସହ ସିଇଓ ଭାବିଶ ଅଗ୍ରୱାଲଙ୍କ ଯୁକ୍ତିତର୍କ

■ଗ୍ରାହକଙ୍କ ଅଭିଯୋଗର ଜବାବ ରଖିବାକୁ କେନ୍ଦ୍ରର ନୋଟିସ

ନୂଆଦିଲ୍ଲୀ, ୭।୧୦

ଓଲା ଇଲେକ୍ଟ୍ରିକ୍ ସ୍କୁଟରର କଷ୍ଟମର ସର୍ଭିସିଂକୁ ନେଇ ଷ୍ଟାଣ୍ଡଅପ୍ କମେଡିଆନ୍ କୁନାଲ କାମରା ଓ ଓଲା ଇଲେକ୍ଟ୍ରିକ୍‌ର ସିଇଓ ଭାବିଶ ଅଗ୍ରୱାଲଙ୍କ ମଧ୍ୟରେ ବିବାଦ ଦେଖାଯାଇଛି। ଖରାପ କଷ୍ଟମର ସର୍ଭିସିଂକୁ ନେଇ କୁନାଲ ଏକ୍ସ'ରେ ପୋଷ୍ଟ କରିଛନ୍ତି, ଯାହା ଖୁବ୍ ଭାଇରାଲ ହୋଇଛି। ତେବେ ଭାବିଶ କୁନାଲଙ୍କ ଏହି ପୋଷ୍ଟରେ ତୁରନ୍ତ ପ୍ରତିକ୍ରିୟା ଦେଇଛନ୍ତି। ଟଙ୍କା ନେଇ କୁନାଲ ଏପରି ପୋଷ୍ଟ କରୁଥିବା ସେ କହିଛନ୍ତି। ଭାବିଶ କୁନାଲଙ୍କୁ ଜଣେ ଫ୍ଲପ୍ କମେଡିଆନ୍ କହିବା ସହ ସେ ଏପରି ପେଡ୍ ଟୁଇଟ୍ କରି ବେଶି ପଇସା ରୋଜଗାର କରନ୍ତି ବୋଲି କହିଛନ୍ତି। ତେବେ ଏହାପରେ କୁନାଲ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଟ୍ୟାଗ୍ କରି ଭାରତୀୟମାନେ କିପରି ଇଲେକ୍ଟ୍ରିକ ଭେହିକିଲ(ଇଭି)ର ବ୍ୟବହାର କରି ଦୁର୍ଦ୍ଦଶା ଭୋଗୁଛନ୍ତି, ତାହା ଜଣାଇଛନ୍ତି। ତେବେ ଭାବିଶ ଓ କୁନାଲଙ୍କ ମଧ୍ୟରେ ଏହି ବିବାଦ ମଧ୍ୟରେ ଓଲା ବିରୋଧରେ ଗ୍ରାହକଙ୍କ ଅଭିଯୋଗ ବଢ଼ିବାରେ ଲାଗିଛି। ଖରାପ କଷ୍ଟମର ସର୍ଭିସିଂ ଦର୍ଶାଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଓଲାକୁ ଟ୍ରୋଲ୍ କରୁଛନ୍ତି। ଏହାସହ ଓଲା ଇଲେକ୍ଟ୍ରିକ୍ ମୋବିଲିଟି ଲିମିଟେଡ୍‌ର ଶେୟାର ସୋମବାର ୮% ହ୍ରାସ ଘଟିଛି। କ୍ରମାଗତ ତୃତୀୟ ଦିନ ପାଇଁ କମ୍ପାନୀର ଶେୟାର କମିଛି। ତେବେ ଓଲାକୁ ନେଇ ଗ୍ରାହକମାନଙ୍କର ଆସୁଥିବା ଅଭିଯୋଗକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ କଞ୍ଜ୍ୟୁମର ପ୍ରୋଟେକ୍ସନ ଅଥରଟି କମ୍ପାନୀକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ନେଇ ଜାତୀୟ ଗଣମାଧ୍ୟମର ଏକ ସୂତ୍ରରୁ ପ୍ରକାଶ ପାଇଛି। ୧୫ ଦିନ ମଧ୍ୟରେ ଉତ୍ତର ରଖିବାକୁ ଓଲାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୩ ସେପ୍ଟେମ୍ବର ୧ରୁ ଚଳିତ ବର୍ଷ ଅଗଷ୍ଟ ୩୧ ମଧ୍ୟରେ ଗ୍ରାହକ ବ୍ୟାପାର ବିଭାଗ ଦ୍ୱାରା ପରିଚାଳିତ ଜାତୀୟ ଗ୍ରାହକ ହେଲ୍ପଲାଇନ 'ଓଲା ଇ ସ୍କୁଟର' ବିରୋଧରେ ୧୦,୬୪୪ ଅଭିଯୋଗ ରେକର୍ଡ କରିଛି। ସେଥିମଧ୍ୟରୁ ୩,୩୮୯ ମାମଲା ବିଳମ୍ବିତ ସେବା ସହ ଜଡ଼ିତ ରହିଛି।



ଭାବିଶ ଅଗ୍ରୱାଲ



କୁନାଲ କାମରା

# ୯ରେ ଡାକ୍ତର ସଂଘର ଦେଶବ୍ୟାପୀ ଅନଶନ

ନୂଆଦିଲ୍ଲୀ,୭।୧୦(ପି.ଟି.)

କୋଲକାତାର ଆର୍.ଜି. କର ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ନ୍ୟାୟ ଏବଂ କାର୍ଯ୍ୟସ୍ଥଳ ନିରାପତ୍ତା ଦାବିରେ ପଶ୍ଚିମବଙ୍ଗର ଜୁନିୟର ଡାକ୍ତରମାନଙ୍କ ଆମରଣ ଅନଶନ ସୋମବାର ତୃତୀୟ ଦିନରେ ପହଞ୍ଚିଥିବାବେଳେ ସେମାନଙ୍କ ସମର୍ଥନରେ ବୁଧବାରଠାରୁ ଦେଶବ୍ୟାପୀ ଅନଶନ ପାଇଁ ନିଷ୍ପତ୍ତି ହୋଇଛି। ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ମେଡିକାଲ ଆସୋସିଏଶନ (ଏଫ୍‌ଏଆଇଏମ୍‌ଏ) ଆସନ୍ତା ୯ରୁ ଦେଶବ୍ୟାପୀ ଅନଶନ କରିବାକୁ ଘୋଷଣା କରିଛି। ଅଗଷ୍ଟ ୯ରେ ଆର୍.ଜି. କର ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବାବେଳେ ବୁଧବାର ୨ ମାସ ପୂରିବାକୁ ଯାଉଛି। ତେବେ ଏପର୍ଯ୍ୟନ୍ତ ମୃତକଙ୍କ ପରିବାରକୁ ନ୍ୟାୟ ମିଳି ନ ଥିବାବେଳେ ପଶ୍ଚିମବଙ୍ଗ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହାନ୍ତି। ବ୍ୟାପକ ବିଚାରବିମର୍ଶ ପରେ ଦେଶବ୍ୟାପୀ ଅନଶନ ଚଳାଇବାକୁ ନିଷ୍ପତ୍ତି ହୋଇଥିବା ଏଫ୍‌ଏଆଇଏମ୍‌ଏ ଅଧ୍ୟକ୍ଷ ଶୁଭ୍ରଙ୍କର ଦତ୍ତ କହିଛନ୍ତି।

# ହଜ୍ ଯାତ୍ରା ପାଇଁ ୧.୨ ଲକ୍ଷ ମନୋନୀତ

ନୂଆଦିଲ୍ଲୀ,୭।୧୦(ପି.ଟି.)

ଆସନ୍ତା ବର୍ଷ ହଜ୍ ଯାତ୍ରା ପାଇଁ ଭାରତୀୟ ହଜ୍ କମିଟି ସୋମବାର ଲଟେରି ଜରିଆରେ ୧.୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଚୟନ କରିଛି। ୨୦୨୫ର ହଜ୍ କୋଟା ୧,୨୨,୫୧୮ ରହିଥିବାବେଳେ ମୋଟ ୧,୫୧,୯୧୮ଟି ଆବେଦନ ପହଞ୍ଚିଥିଲା। ୬୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ୧୪,୭୨୮ ଜଣଙ୍କୁ ଚୟନ କରାଯାଇଥିବାବେଳେ ୩,୭୧୭ ଜଣ ମହିଳା ବିନା ମେହରମ୍ (ପୁରୁଷ ସାଥୀ)ରେ ଯିବା ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କୁ ବିନା ଲଟେରିରେ ଚୟନ କରାଯାଇଛି।

## ଜମି ବଦଳରେ ନିଯୁକ୍ତି ଦୁର୍ନୀତି ମାମଲା

# ଲାଲୁ, ୨ ପୁଅଙ୍କୁ ଜାମିନ



ଲାଲୁ ଯାଦବ



ତେଜସ୍ୱୀ ଯାଦବ

ନୂଆଦିଲ୍ଲୀ, ୭।୧୦

ଜମି ବଦଳରେ ନିଯୁକ୍ତି ଦୁର୍ନୀତି ମାମଲାରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ଓ ତାଙ୍କର ୨ ପୁଅ ତେଜସ୍ୱୀ ଏବଂ ତେଜପ୍ରତାପ ଯାଦବଙ୍କ ସହ ୯ ଜଣ ଅଭିଯୁକ୍ତଙ୍କୁ ସୋମବାର ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ଜଜ୍ ବିଶାଲ ଗୋଗ୍‌ନେ ୧ ଲକ୍ଷ ଟଙ୍କାର ବ୍ୟକ୍ତିଗତ ବଣ୍ଡରେ ଉକ୍ତ ୯ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେହିପରି ଅଭିଯୁକ୍ତମାନଙ୍କୁ ସେମାନଙ୍କ ପାସପୋର୍ଟ ଅଦାଲତଙ୍କ ନିକଟରେ ଜମା ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।


No.CAD-1335

INSTITUTE ON MANAGEMENT OF AGRICULTURAL EXTENSION (IMAGE)
(An Autonomous Institute of Government of Odisha)
Siripur, BHUBANESWAR-751003, Odisha
Ph. - (0674) 2562151, Fax - 2561879, E-mail : imagebbsr@rediffmail.com
No. 4516 dt. 07.10.2024

**RFP for selection of Agency for the Establishment of Project Management Unit (PMU) under Rashtriya Krishi Vikash Yojana (Cafeteria) Scheme at Department of A&FE(O)**

IMAGE invites Request for Proposal of (RFP) for **"Selection of Agency for the Establishment of Project Management Unit (PMU) under Rashtriya Krishi Vikash Yojana (Cafeteria) Scheme at Department of A&FE(O)"**. The detailed RFP document can be downloaded from the website https://agriodisha.nic.in. & https://tenderodisha.gov.in from dt.07.10.2024. The last date for submitting the RFP documents along with Bid Processing Fees of Rs,11,800/- (Rupees Eleven Thousand Eight Hundred) only in favour of Director, IMAGE payable at Bhubaneswar through speed Post/ Registered post/ Courier/ By hand with receipt on or before dt.08.11.2024 up to 12 Noon. The Pre Proposal Meeting will be held at 3rd floor Conference Hall, Krushi Bhawan, Bhubaneswar on 25.10.2024 at 11.00 AM. The Technical Bids will be opened on dt.11.11.2024 at 5.00 PM. The date of Opening of Financial Bids shall be intimated later on. IMAGE reserves the right to accept or Reject any/ all proposals/ terminate the entire selection process at any stage without assigning any reason thereof.

OIPR-01408/11/0009/2425 Sd./- DIRECTOR, IMAGE



GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KHORDHA
Tel.No.(06755) 221502, E-mail:eemidkhurda@yahoo.co.in
Letter No.4034, Dt.05.10.2024

**Invitation for Bids**

No.A-392: Bid Identification SEMIDKHD 05/2024-25

| | | | |
|---|---|---|---|
| 1 | The Superintending Engineer, Minor Irrigation Division, Khordha on behalf of the Governor of Odisha invites Percentage Rate Bids in Single and Double Cover System in Online Mode only for civil works in MIPs under CAPEX Scheme as detailed in the table below from the eligible Class of Contractors. | | |
| 2 | Nature of Work | : | Civil Works in MIPs under CAPEX Scheme in different Blocks of Khordha District |
| 3 | No. of Works | : | 04 (Four) Nos. Only |
| 4 | Cost of Bid document | : | Rs.10,000/- (through online) only |
| 5 | Tender Value | : | Rs.63.35 to 72.27 lakhs |
| 6 | Class of Contractor | : | 'B' Class as applicable |
| 7 | Availability of Bid documents Online | : | 10.00 A.M. of Dt.18.10.2024 to 05.00 PM of Dt.01.11.2024 |
| 8 | Last Date and Time for receipt of Bids in the Portal | : | 5.00 PM of Dt.01.11.2024 |
| 9 | Date of Opening of Bids | : | 11.00 A.M. of Dt.02.11.2024 |
| 10 | The bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/corrigendum/Cancellation of Bid can also be seen in the said website. The Authority reserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

Sd./-Superintending Engineer
OIPR-32042/11/0002/2425 Minor Irrigation Division, Khordha



କଟକ ବାଲିଯାତ୍ରା–୨୦୨୪
ପଞ୍ଜୀକରଣ ଏବଂ ସ୍ଥାନ (ପ୍ଲଟ) ଆବଣ୍ଟନ ନିୟମାବଳୀ ସମ୍ପର୍କିତ ଘୋଷଣା
ଜିଲ୍ଲା ସଂସ୍କୃତି ପରିଷଦ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ

ପତ୍ରସଂଖ୍ୟା–୭୫୩/ସଂସ୍କୃତି/ ତାରିଖ.୦୫.୧୦.୨୦୨୪

No.RR-18:କଟକ ଐତିହାସିକ ବାଲିଯାତ୍ରା ୨୦୨୪, କଟକ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ତା.୧୫.୧୧.୨୦୨୪ ରିଖ ଠାରୁ ତା.୨୨.୧୧.୨୦୨୪ ରିଖ ପର୍ଯ୍ୟନ୍ତ ଗଡ଼ଗଡିଆ ଘାଟ ନିକଟବର୍ତ୍ତୀ ତଳ ଓ ଉପର ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହେବାକୁ ଯାଉଅଛି । ଭାରତ ବର୍ଷର ଅନ୍ୟତମ ମୁକ୍ତାକାଶ ପ୍ରସିଦ୍ଧ ବାଣିଜ୍ୟ ମେଳା ଏହି ବାଲିଯାତ୍ରା ସବୁବର୍ଗର ବ୍ୟବସାୟୀମାନଙ୍କ ପାଇଁ ବ୍ୟବସାୟର ଏକ ଅଭୂତପୂର୍ବ ସୁଯୋଗ ସୃଷ୍ଟି କରିଥାଏ । ଏହି କଟକ ବାଲିଯାତ୍ରା ୨୦୨୪ରେ ଭାଗନେବା ପାଇଁ ଇଚ୍ଛୁକ ପୃଷ୍ଠପୋଷକ, ଉଦ୍ୟୋଗ, ବ୍ୟବସାୟିକ ଅନୁଷ୍ଠାନ, ସଂଘ, ବ୍ୟବସାୟୀ ଏବଂ ଉଠାଦୋକାନୀମାନଙ୍କୁ ସ୍ଥାନ (ପ୍ଲଟ୍) ଆବଣ୍ଟନ କରାଯିବା ପାଇଁ ନିମ୍ନ ନିୟମାବଳୀ ପ୍ରସ୍ତୁତ କରାଯାଇଅଛି ।

| କ୍ର. ସଂ. | ସ୍ଥାନର ବର୍ଗ (ପ୍ଲଟ) | ସ୍ଥାନ (ପ୍ଲଟ)ର ପରିମାଣ | ପଞ୍ଜୀକରଣ ସମୟ ସୀମା |
|---|---|---|---|
| ୧ | ପୃଷ୍ଠପୋଷକ (Patrons) ମାନଙ୍କ ପାଇଁ ବାଲିଯାତ୍ରା–୨୦୨୪ ନିମନ୍ତେ ସ୍ଥାନ (ପ୍ଲଟ) ଆବଣ୍ଟନ ପ୍ରଣାଳୀ | ୧୦୦୦ ବର୍ଗଫୁଟରୁ ଉର୍ଦ୍ଧ୍ୱ | ତା.୦୬.୧୦.୨୦୨୪ ରିଖ ଠାରୁ ତା.୧୫.୧୦.୨୦୨୪ ରିଖ ପର୍ଯ୍ୟନ୍ତ |
| ୨ | ଅନ୍ୟାନ୍ୟ ବ୍ୟବସାୟୀ, ଅନୁଷ୍ଠାନ, ବ୍ୟକ୍ତିବିଶେଷମାନଙ୍କ ପାଇଁ ବାଲିଯାତ୍ରା–୨୦୨୪ ନିମନ୍ତେ ସ୍ଥାନ (ପ୍ଲଟ) ଆବଣ୍ଟନ ପ୍ରଣାଳୀ | ୧୦୦୦ ବର୍ଗଫୁଟରୁ କମ୍ | ତା.୧୫.୧୦.୨୦୨୪ ରିଖ ଠାରୁ ତା.୨୫.୧୦.୨୦୨୪ ରିଖ ପର୍ଯ୍ୟନ୍ତ |

ଆବେଦନକାରୀ ୱେବ୍‌ସାଇଟ୍ cuttack.odisha.gov.in କୁ ଯାଇ ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ ।

OIPR-03028/11/0001/2425 ଜିଲ୍ଲାପାଳ, କଟକ



GOVERNMENT OF ODISHA No.MM-187:
OFFICE OF THE CHIEF EXECUTIVE, RPRC, BHUBANESWAR
(e-mail Id: rprcbbsr@gmail.com), Tel.(0674)- 2557925
INVITATIONS FOR BIDS THROUGH e-Procurement
No.1604/RPRC, Date:07.10.2024
Bid Identification No.RPRC/05/2024-25, e-Procurement Notice No.05 of 2024-25
The Chief Executive, RPRC, Bhubaneswar on behalf of Governor of Odisha invites Percentage Rate Bids for the works as detailed in table below.

| e-Procurement Officer | Name of Work | Bid Id No. | Tender Cost in Lakhs (Ex. GST) | EMD in Rs. | Cost of Bid Document in Rs. | Class of Contractor | Period of Completion | Availability of Tender Online for bidding: From | Availability of Tender Online for bidding: To | Date of Opening of (Technical Bid) |
|---|---|---|---|---|---|---|---|---|---|---|
| Chief Executive, RPRC, Bhubaneswar | "Improvement of peripheral road alongside the compound wall at RPRC, Bhubaneswar" for the financial year 2024-25 | 05 of 2024-25 | 206.55 | 2,07,000/- (online) | 10,000.00 (Online) | State Government "A" & "B" Class and contractors of equivalent Grade/Class registered with Central Government/ MES/Railways | 03 (Three Calendar Months) | 10.10.2024 10.00 A.M. | 25.10.2024 17.30 P.M. | 28.10.24/ 11.30 A.M. |

GOVERNMENT OF ODISHA
OFFICE OF THE CHIEF EXECUTIVE, RPRC, BHUBANESWAR
(e-mail Id: rprcbbsr@gmail.com), Tel.(0674)- 2557925
INVITATIONS FOR BIDS THROUGH e-Procurement
No.1605/RPRC, Date:07.10.2024
Bid Identification No.RPRC/06/2024-25, e-Procurement Notice No.06 of 2024-25
The Chief Executive, RPRC, Bhubaneswar on behalf of Governor of Odisha invites Percentage Rate Bids for the works as detailed in table below.

| e-Procurement Officer | Name of Work | Bid Id No. | Tender Cost in Lakhs (Ex. GST) | EMD in Rs. | Cost of Bid Document in Rs. | Class of Contractor | Period of Completion | Availability of Tender Online for bidding: From | Availability of Tender Online for bidding: To | Date of Opening of (Technical Bid) |
|---|---|---|---|---|---|---|---|---|---|---|
| Chief Executive, RPRC, Bhubaneswar | "Repair & strengthening of peripheral compound wall at RPRC, Bhubaneswar" for the financial year 2024-25 | 06 of 2024-25 | 52.06 | 52,100/- (online) | 10,000.00 (Online) | State Government "B" Class and contractors of equivalent Grade/Class registered with Central Government/ MES/Railways | 04 (Four Calendar Months) | 10.10.2024 10.00 A.M. | 25.10.2024 17.30 P.M. | 28.10.24/ 11.30 A.M. |

GOVERNMENT OF ODISHA
OFFICE OF THE CHIEF EXECUTIVE, RPRC, BHUBANESWAR
(e-mail Id: rprcbbsr@gmail.com), Tel.(0674)- 2557925
INVITATIONS FOR BIDS THROUGH e-Procurement
No.1606/RPRC, Date:07.10.2024
Bid Identification No.RPRC/07/2024-25, e-Procurement Notice No.07 of 2024-25
The Chief Executive, RPRC, Bhubaneswar on behalf of Governor of Odisha invites Percentage Rate Bids for the works as detailed in table below.

| e-Procurement Officer | Name of Work | Bid Id No. | Tender Cost in Lakhs (Ex. GST) | EMD in Rs. | Cost of Bid Document in Rs. | Class of Contractor | Period of Completion | Availability of Tender Online for bidding: From | Availability of Tender Online for bidding: To | Date of Opening of (Technical Bid) |
|---|---|---|---|---|---|---|---|---|---|---|
| Chief Executive, RPRC, Bhubaneswar | "Strengthening of peripheral compound wall with Razor fencing at RPRC, Bhubaneswar" for the financial year 2024-25 | 07 of 2024-25 | 27.40 | 27,400/- (online) | 6,000.00 (Online) | State Government "C" & "B" Class and contractors of equivalent Grade/Class registered with Central Government/ MES/Railways | 04 (Four Calendar Months) | 10.10.2024 10.00 A.M. | 25.10.2024 17.30 P.M. | 28.10.24/ 11.30 A.M. |

GOVERNMENT OF ODISHA
OFFICE OF THE CHIEF EXECUTIVE, RPRC, BHUBANESWAR
(e-mail Id: rprcbbsr@gmail.com), Tel.(0674)- 2557925
INVITATIONS FOR BIDS THROUGH e-Procurement
No.1607/RPRC, Date:07.10.2024
Bid Identification No.RPRC/08/2024-25, e-Procurement Notice No.08 of 2024-25
The Chief Executive, RPRC, Bhubaneswar on behalf of Governor of Odisha invites Percentage Rate Bids for the works as detailed in table below.

| e-Procurement Officer | Name of Work | Bid Id No. | Tender Cost in Lakhs (Ex. GST) | EMD in Rs. | Cost of Bid Document in Rs. | Class of Contractor | Period of Completion | Availability of Tender Online for bidding: From | Availability of Tender Online for bidding: To | Date of Opening of (Technical Bid) |
|---|---|---|---|---|---|---|---|---|---|---|
| Chief Executive, RPRC, Bhubaneswar | "Renovation & strengthening of internal pathways inside RPRC, Bhubaneswar" for the financial year 2024-25 | 08 of 2024-25 | 258.87 | 2,59,000/- (online) | 10,000.00 (Online) | State Government "A" & "B" Class and contractors of equivalent Grade/Class registered with Central Government/ MES/Railways | 02 (Two Calendar Months) | 10.10.2024 10.00 A.M. | 25.10.2024 17.30 P.M. | 28.10.24/ 11.30 A.M. |

GOVERNMENT OF ODISHA
OFFICE OF THE CHIEF EXECUTIVE, RPRC, BHUBANESWAR
(e-mail Id: rprcbbsr@gmail.com), Tel.(0674)- 2557925
INVITATIONS FOR BIDS THROUGH e-Procurement
No.1608/RPRC, Date:07.10.2024
Bid Identification No.RPRC/09/2024-25, e-Procurement Notice No.09 of 2024-25
The Chief Executive, RPRC, Bhubaneswar on behalf of Governor of Odisha invites Percentage Rate Bids for the works as detailed in table below.

| e-Procurement Officer | Name of Work | Bid Id No. | Tender Cost in Lakhs (Ex. GST) | EMD in Rs. | Cost of Bid Document in Rs. | Class of Contractor | Period of Completion | Availability of Tender Online for bidding: From | Availability of Tender Online for bidding: To | Date of Opening of (Technical Bid) |
|---|---|---|---|---|---|---|---|---|---|---|
| Chief Executive, RPRC, Bhubaneswar | "Construction of Chain Link Fencing in the Premises of RPRC, Bhubaneswar for the financial year 2024-25 | 09 of 2024-25 | 224.30 | 2,24,300/- (online) | 10,000.00 (Online) | State Government "A" & "B" Class and contractors of equivalent Grade/Class registered with Central Government/ MES/Railways | 02 (Two Calendar Months) | 10.10.2024 10.00 A.M. | 25.10.2024 17.30 P.M. | 28.10.24/ 11.30 A.M. |

Further details can be seen from the RPRC website www.rprcbbsr.in/e-Wizard System: https://rprc.ewizard.in. Addendum/ Corrigendum/Cancellation, if any, will be published in RPRC website and e-portal https://rprc.ewizard.in.

Sd./- Chief Executive, RPRC, Bhubaneswar

Website:www.rprcbbsr.in.
For downloading & submission of e-Tender visit our e-protal https://rprc.ewizard.in. Use e-Portal www.e-Wizard System, vendor needs to register on the portal after successful Registration and send a mail to eprochelpdesk.101@gmail.com with details (For New Bidders)
For any other queries regarding registration & online tender submission contact to: Mr. Shivendra Kumar, Mobile- 9355030613 and Jitesh Kumar, Mobile-9355030604, e-mail:eprochelpdesk.101@gmail.com

OIPR-08004/11/0006/2425



ଜିଲ୍ଲା ପରିଷଦ, ଅନୁଗୋଳ
ZILLA PARISHAD, ANGUL
ପଞ୍ଚାୟତି ରାଜ
Dist-Angul, Odisha, Pin-759122, E-mail:ori-dangul@nic.in, drdaangul@gmail.com
ବ୍ଲକସ୍ତରୀୟ ଜନଶୁଣାଣି, ଅନୁଗୋଳ ଜିଲ୍ଲା
କାର୍ଯ୍ୟାଳୟ ଆଦେଶନାମା ସଂଖ୍ୟା–୩୩୨୬/ତା.୦୫.୧୦.୨୦୨୪

No.CAD-1325:ଅନୁଗୋଳ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ୨୦୨୪–୨୫ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ ସାମାଜିକ ସମୀକ୍ଷା ଅନୁଯାୟୀ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଅଛି । ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହିତ ସଂପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଅଛି କି ଏହି ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇନେବା ପାଇଁ ଆପଣମାନଙ୍କର ସହଭାଗିତାର ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପିତ କରିବା ହେବେ ।

| କ୍ର.ସଂ. | ବ୍ଲକର ନାମ | ବ୍ଲକସ୍ତରୀୟ ଜନଶୁଣାଣି ନିମନ୍ତେ ଧାର୍ଯ୍ୟ କାର୍ଯ୍ୟକ୍ରମ: ତାରିଖ | ସମୟ (ପୂର୍ବାହ୍ନ) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
|---|---|---|---|---|---|
| ୧ | ଅନୁଗୋଳ | ୧୭.୧୦.୨୦୨୪ | ୧୦.୩୦ | ପଞ୍ଚାୟତ ସମିତି ପରିସର | ମୁଖ୍ୟ ଉନ୍ନୟନ ଅଧିକାରୀ–ତଥା–କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଅନୁଗୋଳ |
| ୨ | ଛେଣ୍ଡିପଦା | ୧୮.୧୦.୨୦୨୪ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ–ଜିଲ୍ଲାପାଳ, ଅନୁଗୋଳ |
| ୩ | ଆଠମଲ୍ଲିକ | ୨୨.୧୦.୨୦୨୪ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ–ଜିଲ୍ଲାପାଳ, ଆଠମଲ୍ଲିକ |
| ୪ | ବଣ୍ଡାରପାଳ | ୨୩.୧୦.୨୦୨୪ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଅନୁଗୋଳ |
| ୫ | ତାଳଚେର | ୨୪.୧୦.୨୦୨୪ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ–ଜିଲ୍ଲାପାଳ, ତାଳଚେର |
| ୬ | କଣିହାଁ | ୨୫.୧୦.୨୦୨୪ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ–ଜିଲ୍ଲାପାଳ, ପାଲଲହଡା |
| ୭ | ପାଲଲହଡ଼ା | ୨୯.୧୦.୨୦୨୪ | ୧୦.୩୦ | ପଞ୍ଚାୟତ ସମିତି ପରିସର | ମୁଖ୍ୟ ଉନ୍ନୟନ ଅଧିକାରୀ–ତଥା–କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଅନୁଗୋଳ |
| ୮ | କିଶୋର ନଗର | ୩୦.୧୦.୨୦୨୪ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଅନୁଗୋଳ |

ସ୍ୱା./– ମୁଖ୍ୟ ଉନ୍ନୟନ ଅଧିକାରୀ–ତଥା–କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଅନୁଗୋଳ
OIPR-19236/11/0006/2425
ସ୍ୱା./–ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ମନରେଗା, ଅନୁଗୋଳ



NATIONAL HEALTH MISSION ଜାତୀୟ ସ୍ୱାସ୍ଥ୍ୟ ମିଶନ
Odisha State Health & Family Welfare Society
Deptt. of Health & Family Welfare, Govt. of Odisha
Annex Building of SIH&FW, Nayapalli, Unit-8, Bhubaneswar-751012,
District-Khordha (Odisha), Land Line No.: (0674) 2392480/88
E-mail Id-hrdnrhm1@gmail.com

Advt.No.27/24 **CONTRACTUAL APPOINTMENT** Date:08/10/2024

**No.E-385:**Applications are invited from eligible candidates for filling up of the following positions under National Health Mission, Odisha on contractual basis with monthly remuneration as noted against each and subject to renewal as per the terms and conditions of OSH&FW Society. These positions are purely temporary and coterminus with the scheme. Lower age limit for all the positions is 21 years as on dtd. 01.10.2024

| Sl. No. | Name of the Position | No. of Vacancy/ies | Remuneration (in Rs.), Performance Incentive & other allowances as admissible |
|---|---|---|---|
| 01 | State Cold Chain Manager | 01 | Rs.63,152/- + P.I |
| 02 | Regional Vaccine & Cold Chain Manager | 02 | Rs.40,618/- + P.I. |

Interested candidates can log on to www.nhmodisha.gov.in for details of vacancy, eligibility criteria, age & selection procedure, ToR etc. Online application form will be available from **08.10.2024 to 30.10.2024 by 11.59 P.M. Last date for receipt of the System Generated Application duly signed by the candidate along with self attested copies of all supportive documents is 12.11.2024 (by 5.30 P.M.).**
**The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.**

Sd/- Mission Director, NHM
OIPR-10084/11/0011/2425 Member Secretary, OSH&FWS, Odisha



OFFICE OF THE SUPERINTENDENT
MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL,
Brahmapur-760004, Ganjam, Odisha
Tel. 0680-2292624, FAX. : 0680-2292752//E.mail : supdtmkcg@gmail.com, mkcgmchberhampur@gmail.com,
Website : www.mkcgmch.org

No.13578.MCH/F&S/XXIII/2024 Dt/Brahmapur the 05.10.2024

**1st CORRIGENDUM TO THIS OFFICE TENDER CALL NOTICE NO. 12690 Dt. 17.09.2024 for (supply of printing articles) published in daily English news paper 'THE NEW INDIAN EXPRESS' and Odia news paper DHARITRI on 21.09.2024**

**No.E-388**: The Last date of receipt of tender is hereby extended up to 18.10.2024 at 5.30 P.M. and will be opened on 19.10.2024 12.30 P.M.

The cost of tender paper shall be read as Rs. 1000/- (Rupees One thousand) instead of Rs. 1000/- in words (Rupees five thousand). The tenderer should supply some additional printing material as per list annexed (Download from www.ganjam.odisha.gov.in & www.mkcgmch.org & www.mkcgmch.org).
Other terms and conditions remain unaltered.

Sd./- Superintendent
OIPR-10028/11/0027/2425 M.K.C.G Medical College Hospital, Berhampur

**୬ ବର୍ଷର ବାଳିକାଙ୍କୁ ବଳାତ୍କାର**

ମଧ୍ୟପ୍ରଦେଶର ଡିଣ୍ଡୋରି ଜିଲାରେ ୬ ବର୍ଷର ବାଳିକାଙ୍କୁ ବଳାତ୍କାର କରାଯାଇଛି। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଜବଲପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୨୧ ବର୍ଷୀୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ପୀଡ଼ିତା ଜଣକ ତାଙ୍କ ଅଜାଘରେ ଥିବାବେଳେ ପାଖ ଘରେ ରହୁଥିବା ଯୁବକ ଜଣକ ରବିବାର ତାଙ୍କୁ ବଳାତ୍କାର କରିଥିଲେ।

# ବର୍ଷକରେ ଧ୍ୱଂସସ୍ତୂପ ପାଲଟିଛି ଗାଜା

## ଯୁଦ୍ଧବିରତି ପାଇଁ ସାରା ବିଶ୍ୱରୁ ଆହ୍ୱାନ

**ତେଲ୍ ଆଭିଭ୍/ଗାଜା ଷ୍ଟ୍ରିପ୍,୭।୧୦**

ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ସୋମବାର ବର୍ଷେ ପୂରିଛି। ଇସ୍ରାଏଲ୍‌ର ଆକ୍ରମଣରେ ଗାଜା ବର୍ଷକ ମଧ୍ୟରେ ଏକପ୍ରକାର ଧ୍ୱଂସସ୍ତୂପରେ ପରିଣତ ହୋଇଥିବା ସାଟେଲାଇଟ୍ ଫଟୋରୁ ଦେଖିବାକୁ ମିଳିଛି। ଚାରିଆଡ଼େ ବିଲ୍ଡିଂଗୁଡ଼ିକର ଧ୍ୱଂସାବଶେଷର ପାହାଡ଼ ଛିଡ଼ାହୋଇଛି। ଦୂଷିତ ଜଳ ଯୋଗୁ ରୋଗ ବ୍ୟାପିଛି। ସହରଗୁଡ଼ିକର ରାସ୍ତାଘାଟ ଆବର୍ଜନାପୂର୍ଣ୍ଣ ହୋଇଥିବାବେଳେ କେତେକ ଅଞ୍ଚଳରେ ମୃତକମାନଙ୍କ କଙ୍କାଳ ପଡ଼ିରହିଛି। ଗତବର୍ଷ ଅକ୍ଟୋବର ୭ରେ ଗାଜାର ହମାସ୍ ଆତଙ୍କବାଦୀମାନେ ଅଚାନକ ଇସ୍ରାଏଲ୍ ଉପରେ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ମାରିବା ସହ ୨୫୦ ଜଣଙ୍କୁ ପଣବନ୍ଦୀ କରିନେଇଥିଲେ। ଏହାର ଜବାବରେ ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ କରିଥିଲା। ବର୍ଷେ ହେଲା ଚାଲିଥିବା ଯୁଦ୍ଧରେ ପାଖାପାଖି ୪୨ ହଜାର ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ସେଥିରୁ ଅର୍ଦ୍ଧାଧିକ ହେଉଛନ୍ତି ମହିଳା ଓ ଛୋଟ ପିଲା। ଯୁଦ୍ଧ ଯୋଗୁ ଅନେକ ଲକ୍ଷ ଲୋକ ଘରଦ୍ୱାର ହରାଇଛନ୍ତି। ଅନେକେ ବିଭିନ୍ନ ଆଶ୍ରୟ ସ୍ଥଳରେ ମୁଣ୍ଡ ଗୁଞ୍ଜିଥିବାବେଳେ ବହୁ ଲୋକ ଦେଶ ଛାଡ଼ି ପଳାଇଛନ୍ତି। ଯୁଦ୍ଧବିରତି ପାଇଁ ଆମେରିକା ଓ ଅନ୍ୟ ଆଞ୍ଚଳିକ ଶକ୍ତି ଅନେକ ଉଦ୍ୟମ କରି ବିଫଳ ହୋଇଛନ୍ତି। ଯୁଦ୍ଧ ବନ୍ଦ ହେବା ପରିବର୍ତ୍ତେ ଲେବାନନ୍‌କୁ ବ୍ୟାପିଛି। ଇସ୍ରାଏଲର କ୍ରମାଗତ ଆକ୍ରମଣରେ ଇରାନ ସମର୍ଥିତ ହେଜବୋଲ୍ଲା ଆତଙ୍କବାଦୀ ସଂଗଠନର ମୁଖ୍ୟ ସମେତ ଅନେକ କମାଣ୍ଡର ଏବଂ ବହୁ ଲୋକ ମୃତାହତ ହେଲେଣି।

ହମାସ୍ ଆକ୍ରମଣର ବର୍ଷପୂର୍ତ୍ତି ଅବସରରେ ଇସ୍ରାଏଲୀମାନେ ସୋମବାର ଜାଗ୍ରତ ରହି ଉଦାସ ସମାରୋହ ପାଳନ କରିଛନ୍ତି। ଇସ୍ରାଏଲ୍ ଇତିହାସରେ ଏହା ସବୁଠୁ ଘାତକ ଆକ୍ରମଣ ଥିଲା, ଯାହା ଗାଜାରେ ଯୁଦ୍ଧ କରିବାକୁ ଇସ୍ରାଏଲ୍‌କୁ ପ୍ରେରିତ କରିଥିଲା। ଅନ୍ୟପକ୍ଷରେ ଗାଜାରେ ଇସ୍ରାଏଲ୍‌ର ଗଣସଂହାରକୁ ବିରୋଧ କରି ବିଶ୍ୱବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଯୁଦ୍ଧବିରତି ପାଇଁ ଆହ୍ୱାନ ଦିଆଯାଇଛି। ପାଲେଷ୍ଟିନୀୟଙ୍କୁ ଗଣହତ୍ୟା ପ୍ରତିବାଦରେ ବିଭିନ୍ନ ଦେଶରେ ସ୍କୁଲ ପିଲାମାନେ ରାଲି ବାହାର କରିଥିଲେ। ବିଭିନ୍ନ ଦେଶର ଲକ୍ଷାଧିକ ଲୋକ ଗାଜା ସମେତ ଲେବାନନ୍‌ରେ ଅସ୍ତ୍ରବିରତି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଯୁଦ୍ଧର ବର୍ଷପୂର୍ତ୍ତିରେ ହମାସ୍ ତେଲ୍ ଆଭିଭ୍ ଉପରେ ସୋମବାର ଅନେକ ରକେଟ୍ ମାଡ଼ କରିଛି। ଇସ୍ରାଏଲ୍‌ର ହଇଫା ସହରରେ ହେଜ୍‌ବୋଲ୍ଲାର ରକେଟ୍ ମାଡ଼ରେ ୧୦ ଜଣ ଆହତ ହୋଇଥିବା କୁହାଯାଉଛି। ଅନ୍ୟପକ୍ଷରେ ଇସ୍ରାଏଲୀ ସେନା ଲେବାନନ୍‌ର ଦକ୍ଷିଣ ଭାଗରେ ବୋମାମାଡ଼ କରିଛି। ଏଥିରେ ଅନ୍ୟୂନ ୧୦ ଜଣ ନିହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ଅନେକେ ପୋତିହୋଇ ପଡ଼ିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି।



## ସଂକ୍ଷେପରେ

### କୋଇଲା ଖଣିରେ ବିସ୍ଫୋରଣ, ୬ ମୃତ

**କୋଲକାତା, ୭।୧୦**

ପଶ୍ଚିମବଙ୍ଗର ବୀରଭୂମ ଜିଲା ଲୋକପୁର ଥାନା ଭାଦୁଲିଆସ୍ଥିତ ଏକ କୋଇଲା ଖଣିରେ ସୋମବାର ବିସ୍ଫୋରଣ ଘଟି ୬ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଗଙ୍ଗାରାମ୍‌ଚକ୍ ମାଇନିଂ ପ୍ରାଇଭେଟ ଲିମିଟେଡ୍(ଜେଏମ୍‌ପିଏଲ୍) କମ୍ପାନୀର ଏହି କୋଇଲା ଖଣିରେ ଏହି ବିସ୍ଫୋରଣ ଘଟିଥିବାବେଳେ ଏଥିରେ ଅନେକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବୀରଭୂମ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ସ୍ଥାନୀୟ ଅଧିକାରୀ ଆଶଙ୍କା କରିଛନ୍ତି। କୋଇଲା ଉତ୍ତୋଳନ ସମୟରେ ଶ୍ରମିକଙ୍କ ଦ୍ୱାରା ଅସାବଧାନତାବଶତଃ ବିସ୍ଫୋରକ ବ୍ୟବହାର ଦ୍ୱାରା ଦୁର୍ଘଟଣା ଘଟିଥିବା ନେଇ ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି। ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ୩୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଓ ଆହତଙ୍କ ପାଇଁ ୨ ଲକ୍ଷ ଟଙ୍କା ପ୍ରଦାନ ନେଇ ପଶ୍ଚିମବଙ୍ଗ ସରକାର ଘୋଷଣା କରିଛନ୍ତି।

### ମେଡିକାଲ କ୍ୟାମ୍ପସରୁ ମିଳିଲା ଡାକ୍ତରୀ ଛାତ୍ରଙ୍କ ମୃତଦେହ

**ଶାହାଜାହାନପୁର, ୭।୧୦**

ଉତ୍ତରପ୍ରଦେଶର ଶାହାଜାହାନପୁରସ୍ଥିତ ବରୁଣ ଅର୍ଜୁନ ଘରୋଇ ମେଡିକାଲ କଲେଜ କ୍ୟାମ୍ପସରୁ ସୋମବାର ଜଣେ ଦ୍ୱିତୀୟ ବର୍ଷ ଡାକ୍ତରୀଛାତ୍ରଙ୍କ ମୃତଦେହ ମିଳିଛି। ଛାତ୍ରଙ୍କ ନାମ କୁଶଗ୍ର ପ୍ରତାପ ସିଂ(୨୪) ହୋଇଥିବାବେଳେ ସେ ୩ ମହଲା ବିଶିଷ୍ଟ ହଷ୍ଟେଲର ତଳ ମହଲାରେ ରହୁଥିଲେ। ତେବେ କୁଶଗ୍ରଙ୍କୁ ହତ୍ୟା କରାଯାଇ ତାଙ୍କ ମୃତଦେହକୁ ହଷ୍ଟେଲ ପଛପଟେ ଫିଙ୍ଗି ଦିଆଯାଇଥିବା ତାଙ୍କ ବାପା ଅଜୟ ପ୍ରତାପ ସିଂ ଅଭିଯୋଗ କରିଛନ୍ତି। ସେ ଏନେଇ ଥାନାରେ ଏତଲା ଦେଇଛନ୍ତି। କୁଶଗ୍ରଙ୍କ ମୃତଦେହରେ ଆଘାତର ଚିହ୍ନ ଥିବା ସୂଚନା ମିଳିଛି। ଡାକ୍ତରୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ କ୍ୟାମ୍ପସ୍‌ରେ ଉତ୍ତେଜନା ଦେଖାଦେଇଛି।

### ଆପ୍ ଏମ୍‌ପି ସଞ୍ଜୀବ ଆରୋରାଙ୍କ ଘରେ ଇଡି ଚଢ଼ାଉ

**ଜଳନ୍ଧର,୭।୧୦(ପି.ଟି.)**

ଜମି ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଜ୍ୟ ସଭା ସଦସ୍ୟ ସଞ୍ଜୀବ ଆରୋରା ଓ ଅନ୍ୟମାନଙ୍କ ଘରେ ଚଢ଼ାଉ କରିଛି। ସେମାନଙ୍କର ଜଳନ୍ଧର, ଲୁଧିଆନା, ଗୁରୁଗ୍ରାମ ଏବଂ ଦିଲ୍ଲୀରେ ଥିବା ଘର ଓ କାର୍ଯ୍ୟାଳୟରେ ଇଡି ଅଧିକାରୀମାନେ ତଲାସି ନେଇଥିଲେ। ୬୧ ବର୍ଷୀୟ ଆରୋରାଙ୍କର ଲୁଧିଆନା ଓ ଗୁରୁଗ୍ରାମରେ ଥିବା ଘର ସମେତ୧୭ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଏହା ବ୍ୟତୀତ ରିଅଲ ଇଷ୍ଟେଟ୍ ବ୍ୟବସାୟୀ ହେମନ୍ତ ସୁଦ୍, ଚନ୍ଦ୍ରଶେଖର ଅଗ୍ରୱାଲଙ୍କ ଘରେ ମଧ୍ୟ ତଲାସି ନିଆଯାଇଛି। ଚଢ଼ାଉର କାରଣ ଜାଣି ନାହିଁ। ତେବେ ଇଡିକୁ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବି ଏବଂ ସବୁ ପ୍ରଶ୍ନର ଜବାବ ଦେବି ବୋଲି ଆରୋରା କହିଛନ୍ତି। ଆପ୍‌କୁ ଭାଙ୍ଗିଦେବା ଉଦ୍ୟମ ସ୍ୱରୂପ ଏଭଳି ଚଢ଼ାଉ କରାଯାଉଥିବା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏକ୍ସ'ରେ ଲେଖିଛନ୍ତି।

## ବୋଇଂ ରୁଡର ସିଷ୍ଟମ୍‌ରେ ସମସ୍ୟା

### ଏୟାରଲାଇନ୍ସ ପାଇଁ ଡିଜିସିଏର ଆଡ୍‌ଭାଇଜରି

**ନୂଆଦିଲ୍ଲୀ,୭।୧୦**

ବୋଇଂ ୭୩୭ ବିମାନଗୁଡ଼ିକର ରୁଡର କଣ୍ଟ୍ରୋଲ ସିଷ୍ଟମ୍ ଜାମ୍ ହେବାର ସମ୍ଭାବ୍ୟ ଆଶଙ୍କା ଥିବାରୁ ବେସାମରିକ ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏ ସୋମବାର ଭାରତୀୟ ଏୟାରଲାଇନ୍ସ ପାଇଁ ଆଡଭାଇଜରି ଜାରି କରିଛି।। ନିକଟରେ ଆମେରିକାର ଜାତୀୟ ପରିବହନ ସୁରକ୍ଷା ବୋର୍ଡ (ଏନ୍‌ଟିଏସ୍‌ବି) ଦ୍ୱାରା କରାଯାଇଥିବା ତଦନ୍ତ ରିପୋର୍ଟ ଅନୁଯାୟୀ କୋଲିନ୍ସ ଏରୋସ୍ପେସ୍ ଏସ୍‌ଭିଓ-୭୩୦ ରୁଡର ରୋଲ୍‌ଆଉଟ୍ ଗାଇଡାନ୍ସ ଆକ୍‌ଚୁଏଟର ଥିବା ବୋଇଂ ୭୩୭ ବିମାନ ପ୍ରତି ବିପଦ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଡିଜିସିଏ ଭାରତୀୟ ଏୟାରଲାଇନ୍ସଗୁଡ଼ିକୁ କେତେକ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ ସୁପାରିସ କରିଛି। ସମ୍ପ୍ରତି ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଆକାଶ ଏୟାର ଏବଂ ସ୍ପାଇସ୍ ଜେଟ୍ ସଂସ୍ଥା ବୋଇଂ ୭୩୭ ବିମାନ ଉଡ଼ାଉଛନ୍ତି। ଉକ୍ତ ବିମାନର ରୁଡର କଣ୍ଟ୍ରୋଲ ସିଷ୍ଟମ୍ ଜାମ୍ ହେବା ସମ୍ଭାବନା ଥିବା ନେଇ କ୍ରିଉ ସଦସ୍ୟମାନଙ୍କୁ ଜଣାଇ ଦିଆଯାଇଛି।

# ମାଳଦ୍ୱୀପକୁ ଆର୍ଥିକ ସହାୟତା ବୃଦ୍ଧି କଲା ଭାରତ

## ମୋଦି-ମୁଇଜୁ ଦ୍ୱିପାକ୍ଷିକ ଆଲୋଚନା

**ନୂଆଦିଲ୍ଲୀ, ୭।୧୦**

ଭାରତ ଗସ୍ତର ଦ୍ୱିତୀୟ ଦିନରେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ଠାରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ମାଳଦ୍ୱୀପକୁ ୧୦୦ ମିଲିୟନ ଡଲାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଭାରତ ସହମତି ପ୍ରକାଶ କରିଛି। ଉଭୟ ଭାରତ ଓ ମାଳଦ୍ୱୀପ ୪୦୦ ମିଲିୟନ ଡଲାରର ମୁଦ୍ରା ବିନିମୟ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ସେହିପରି ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ପାଇଁ ଉଭୟ ଦେଶ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ବ୍ୟାପକ ଅର୍ଥନୈତିକ ଓ ସାମୁଦ୍ରିକ ସୁରକ୍ଷା ସହଭାଗିତା, ବାଣିଜ୍ୟ ଓ ଅର୍ଥନୈତିକ ଭାଗୀଦାରି, ଡିଜିଟାଲ ଓ ବିଭିନ୍ନ ଆର୍ଥିକ ପଦକ୍ଷେପ, ଶକ୍ତି, ସ୍ୱାସ୍ଥ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ୨ ଦେଶ ଆଲୋଚନା କରିଛନ୍ତି। ମାଳଦ୍ୱୀପରେ ରୁପେ କାର୍ଡରେ ଟଙ୍କା ଦେଣନେଣ ଆରମ୍ଭ ହୋଇଛି। ମୁଇଜୁଙ୍କ ମନୋଭାବ ସମ୍ପୂର୍ଣ୍ଣ ବଦଳିଥିବା ଦେଖିବାକୁ ମିଳିଛି। ମାଳଦ୍ୱୀପ ଭାରତର ସ୍ୱତନ୍ତ୍ର ବନ୍ଧୁ ହୋଇଥିବା ସେ ଏହି ଅବସରରେ କହିଛନ୍ତି। ଆର୍ଥିକ ସହାୟତା ପ୍ରଦାନ କରିଥିବାରୁ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଭୟ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ୬୦ତମ ବାର୍ଷିକୀ ପାଳନ କରିବା ପାଇଁ ଆସନ୍ତାବର୍ଷ ମାଳଦ୍ୱୀପ ଗସ୍ତରେ ଆସିବାକୁ ସେ ମୋଦିଙ୍କୁ ନିମନ୍ତ୍ରଣ କରିଛନ୍ତି।



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁ।

# ଏନ୍‌ଇଇଟି ୟୁଜି: ପ୍ରଘଟ ପ୍ରଶ୍ନପତ୍ର ପାଇବାକୁ ୧୪୪ ଆଶାୟୀ ଟଙ୍କା ଦେଇଥିଲେ

**ନୂଆଦିଲ୍ଲୀ,୭।୧୦(ପି.ଟି.)**

## ସିବିଆଇର ୩ୟ ଚାର୍ଜଶିଟ ଦାଖଲ

ଚଳିତ ବର୍ଷ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ କରୁଥିବା ସିବିଆଇ ୧୪୪ ଜଣ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରିଛି। ଉକ୍ତ ଆଶାୟୀମାନେ ପରୀକ୍ଷା ପୂର୍ବରୁ ପ୍ରଘଟ ପ୍ରଶ୍ନପତ୍ର ଓ ଏହାର ଉତ୍ତର ପାଇବା ପାଇଁ ଟଙ୍କା ଦେଇଥିଲେ ବୋଲି ସିବିଆଇ ଅଭିଯୋଗ କରିଛି। ଗତ ସପ୍ତାହରେ ସିବିଆଇ ଦାଖଲ କରିଥିବା ତୃତୀୟ ଚାର୍ଜଶିଟ୍ ଅନୁଯାୟୀ ଝାଡ଼ଖଣ୍ଡର ହଜାରିବାଗସ୍ଥିତ ଓଏସିସ୍ ସ୍କୁଲ୍‌ରୁ ପଙ୍କଜ କୁମାର ପ୍ରଶ୍ନପତ୍ର ଚୋରି କରିଥିଲେ। ଏଥିରେ ସ୍କୁଲ୍‌ର ପ୍ରିନ୍ସିପାଲ ଅହସାନୁଲ ହକ୍ ଏବଂ ଭାଇସ୍ ପ୍ରିନ୍ସିପାଲ ମହମ୍ମଦ ଇମ୍‌ତିଆଜ ଆଲାମଙ୍କ ହାତ ଥିଲା। ସିଭିଲ୍ ଇଞ୍ଜିନିୟର ପଙ୍କଜଙ୍କୁ ପ୍ରଶ୍ନପତ୍ର ଚୋରି କରିବାକୁ ହକ୍ ଏବଂ ଆଲାମ ଅନୁମତି ଦେଇଥିଲେ। ପ୍ରଶ୍ନପତ୍ର ଥିବା ଟ୍ରଙ୍କ ସିଲ୍ ଖୋଲିବା ପାଇଁ ପଙ୍କଜ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରିଥିଲେ, ଯାହାକୁ ସିବିଆଇ ତାଙ୍କ ଘରୁ ଜବତ କରିଥିଲା।

# ପିଡିପି ସହ ମେଣ୍ଟ କରିବ ଏନ୍‌ସି

## ଭୋଟଗଣତି ପୂର୍ବରୁ ଫାରୁକଙ୍କ ସୂଚନା

**ଶ୍ରୀନଗର,୭।୧୦**

ଜମ୍ମୁ-କଶ୍ମୀରରେ ଭୋଟଗଣତି ପୂର୍ବରୁ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ନିର୍ବାଚନ ପରବର୍ତ୍ତୀ ମେଣ୍ଟ ସମ୍ପର୍କରେ ସୋମବାର ସୂଚନା ଦେଇଛନ୍ତି। ଏପରିକି ଏନ୍‌ସି-କଂଗ୍ରେସ ମେଣ୍ଟ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି)ର ସମର୍ଥନ ଆବଶ୍ୟକ କରୁ ନ ଥିଲେ ମଧ୍ୟ ଉକ୍ତ ଦଳକୁ ସାଙ୍ଗରେ ନେବାକୁ ହେବ। ଆମକୁ ଆଗକୁ ବଢ଼ିବାକୁ ହେଲେ ଏକାଠି ଯିବାକୁ ପଡ଼ିବ। ଜମ୍ମୁ-କଶ୍ମୀରର ସୁରକ୍ଷା ପାଇଁ ସମସ୍ତଙ୍କୁ ଉଦ୍ୟମ କରିବାକୁ ହେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ କହିଛନ୍ତି। କଶ୍ମୀରରେ ଶିକ୍ଷିତ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ନାହିଁ, ଦରଦାମ ଆକାଶଛୁଆଁ ହୋଇଛି। ଏଠାରେ ନିଶା ଚୋରା କାରବାର ବଡ଼ ସମସ୍ୟା ଭାବେ ଦେଖାଦେଇଛି। ଏସବୁ ସମସ୍ୟାର ସମାଧାନ ଆବଶ୍ୟକ। ପିଡିପି ଅଧ୍ୟକ୍ଷ ମେହବୁବା ମୁଫ୍‌ତି ଏନ୍‌ସିକୁ ତାଙ୍କ ଦଳର ସମର୍ଥନ ପ୍ରସ୍ତାବ ଦେଇଥିବାରୁ ଫାରୁକ୍ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜମ୍ମୁ-କଶ୍ମୀରକୁ ଶୀଘ୍ର ରାଜ୍ୟ ମାନ୍ୟତା ଫେରିବ ବୋଲି ସେ ଆଶାବାଦୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପାଇଁ ତାଙ୍କର କୌଣସି ଲାଳସା ନାହିଁ। ସେହିପରି ଏକ୍‌ଜିଟ୍ ପୋଲ୍ ପୂର୍ବାନୁମାନକୁ ନେଇ ସେ ଚିନ୍ତିତ ନୁହନ୍ତି ବୋଲି ଫାରୁକ୍ କହିଛନ୍ତି।



ଫାରୁକ୍ ଅବଦୁଲ୍ଲା

# ୩ ଦଶନ୍ଧିରେ ନଦୀଗୁଡ଼ିକ ପାଇଁ ୨୦୨୩ ସବୁଠୁ ଶୁଷ୍କ ବର୍ଷ

## ବିଶ୍ୱ ପାଣିପାଗ ସଙ୍ଗଠନର ରିପୋର୍ଟ

**ଜେନେଭା, ୭।୧୦**

ନିକଟରେ ବିଶ୍ୱବ୍ୟାପୀ ଦେଖାଦେଇଥିବା ଜଳ ସଙ୍କଟର ଏକ ଚିନ୍ତାଜନକ ବିଷୟକୁ ବିଶ୍ୱ ପାଣିପାଗ ସଙ୍ଗଠନ(ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ ସୋମବାର ଜାରି ହୋଇଥିବା 'ଷ୍ଟେଟ ଅଫ୍ ଗ୍ଲୋବାଲ ୱାଟର ରିସୋର୍ସେସ୍ ୨୦୨୩' ରିପୋର୍ଟରେ ବିସ୍ତୃତ ଭାବେ ଦର୍ଶାଯାଇଛି। ଉକ୍ତ ରିପୋର୍ଟରେ ଭୂତଳ ଜଳସ୍ତର ହ୍ରାସ, ବରଫ ହ୍ରାସ, ଜଳବାୟୁ ପରିବର୍ତ୍ତନ ଆଦି ଯୋଗୁ ବଢ଼ୁଥିବା ଜଳ ସଙ୍କଟକୁ ନେଇ ବିଶ୍ଳେଷଣ କରାଯାଇଛି।

ଗତ ୩୩ ବର୍ଷ ମଧ୍ୟରେ ନଦୀଗୁଡ଼ିକ ପାଇଁ ୨୦୨୩ ସବୁଠାରୁ ଶୁଷ୍କ ବର୍ଷ ଥିବା ରିପୋର୍ଟ ପ୍ରକାଶ କରିଛି। ୨୦୨୩ରେ ବିଶ୍ୱର ଅଧାରୁ ଅଧିକ ନଦୀର ଜଳସ୍ତର ସ୍ୱାଭାବିକ ତୁଳନାରେ ବହୁତ କମ୍ ଥିଲା। ଗତବର୍ଷ ଉତ୍ତର, ମଧ୍ୟ ଏବଂ ଦକ୍ଷିଣ ଆମେରିକାର ବିଭିନ୍ନ ଅଞ୍ଚଳରେ ଭୟଙ୍କର ମରୁଡ଼ି ଦେଖାଦେଇଥିଲା। ସେଠାରେ ନଦୀଗୁଡ଼ିକର ଜଳ ପ୍ରବାହ ହ୍ରାସ ପାଇଥିଲା। ଆମେରିକାର ମିସିସିପି ଓ ଆମାଜନ ଭଳି ପ୍ରମୁଖ ନଦୀର ଜଳସ୍ତର ରେକର୍ଡ ସ୍ତରକୁ ଖସିଥିଲା। ସେହିପରି ଏସିଆର ଗଙ୍ଗା, ବ୍ରହ୍ମପୁତ୍ର ଏବଂ ମେକୋଙ୍ଗ ନଦୀର ଜଳସ୍ତର ମଧ୍ୟ କମ୍ ପରିଲକ୍ଷିତ ହୋଇଥିଲା। ଅନ୍ୟପକ୍ଷରେ ଗତବର୍ଷ ଆଫ୍ରିକାର ପୂର୍ବ ଉପକୂଳରେ ଥିବା ନଦୀଗୁଡ଼ିକର ଜଳସ୍ତର ସ୍ୱାଭାବିକଠାରୁ ଅଧିକ ଥିଲା।

କେବଳ ନଦୀ ନୁହେଁ, ଗତବର୍ଷ ଭାରତ ସମେତ ଉତ୍ତର ଆମେରିକା, ଦକ୍ଷିଣ ଆମେରିକା ଓ ଅଷ୍ଟ୍ରେଲିଆରେ ଥିବା ବିଭିନ୍ନ ଜଳାଶୟର ଜଳସ୍ତର ମଧ୍ୟ ସ୍ୱାଭାବିକଠାରୁ କମ୍ ରହିଥିଲା। ସେହିପରି ୨୦୨୩ରେ ଦକ୍ଷିଣ ଆଫ୍ରିକା, ଭାରତ, ଇସ୍ରାଏଲ, ଆୟର୍ଲାଣ୍ଡ, ଅଷ୍ଟ୍ରେଲିଆ ଓ ଇସ୍ରାଏଲ୍‌ରେ ସ୍ୱାଭାବିକ ବୃଷ୍ଟିପାତ ହୋଇଥିବା କାରଣରୁ ଏଠାରେ ଥିବା ଅଧିକାଂଶ କୂଅର ଭୂତଳ ଜଳସ୍ତର ଅଧିକ ଥିଲା। ତେବେ ଉତ୍ତର ଆମେରିକା ଓ ୟୁରୋପର କିଛି ଅଞ୍ଚଳରେ ମରୁଡ଼ି ହେତୁ ଭୂତଳ ଜଳର ମାତ୍ରା କମ୍ ଥିଲା। ରିପୋର୍ଟ ଅନୁଯାୟୀ, ଲୋକଙ୍କର ଦୈନନ୍ଦିନ ଆବଶ୍ୟକତା ତଥା କୃଷି କାର୍ଯ୍ୟ ଆଦି ପାଇଁ ଉପଲବ୍ଧ ଜଳର ପରିମାଣ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଯାହାଫଳରେ ବିଶ୍ୱ ଜଳଯୋଗାଣ ଉପରେ ଚାପ ବୃଦ୍ଧି ପାଇଛି। ସେହିପରି ଉକ୍ତ ରିପୋର୍ଟ ଅନୁଯାୟୀ, ବିଗତ ୫ ଦଶନ୍ଧି ମଧ୍ୟରେ ଗ୍ଲାସିୟର ମଧ୍ୟ ଗତବର୍ଷ ସର୍ବାଧିକ ବରଫ ହରାଇଛି। ୨୦୨୨ ସେପ୍ଟେମ୍ବରରୁ ୨୦୨୩ ଅଗଷ୍ଟ ମଧ୍ୟରେ ଗ୍ଲାସିୟରଗୁଡ଼ିକରୁ ୬୦ ହଜାର କୋଟି ଟନ୍‌ରୁ ଅଧିକ ବରଫ ତରଳିଥିବା ଡବ୍ଲ୍ୟୁଏମ୍‌ଓ କହିଛି।



# 'ସିଂଘମ୍ ଏଗେନ୍' ଟ୍ରେଲର ଆଉଟ

**ମୁମ୍ବାଇ**

ଅଜୟ ଦେବଗନଙ୍କ 'ସିଂଘମ୍ ଏଗେନ୍' ଫିଲ୍ମକୁ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଆସନ୍ତା ନଭେମ୍ବର ୧ରେ ଦୀପାବଳି ଉପଲକ୍ଷେ ରିଲିଜ୍ ହେବାକୁ ଯାଉଥିବା ଏହି ଫିଲ୍ମର ଟ୍ରେଲରକୁ ସୋମବାର ଜାରି କରାଯାଇଛି। ଫିଲ୍ମର ଅନ୍ୟତମ ମୁଖ୍ୟ ତାରକା ଅକ୍ଷୟ କୁମାର 'ସିଂଘମ୍ ଏଗେନ୍'ର ଟ୍ରେଲରକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସେ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଆସନ୍ତା ଦୀପାବଳିରେ କେଉଁ କେଉଁ ଯୋଦ୍ଧା ଆସିବେ ତାହା ପବ୍ଲିକ ଭଲଭାବେ ଜାଣିଛନ୍ତି। 'ସିଂଘମ୍ ଏଗେନ୍'ର ଟ୍ରେଲର ଆସିସାରିଛି।

'ସିଂଘମ୍ ଏଗେନ୍' କାହାଣୀ ରାମାୟଣ ଦ୍ୱାରା ଅନୁପ୍ରାଣିତ ହୋଇଥିବା ନେଇ ଏହି ଟ୍ରେଲରରୁ ଜଣାପଡ଼ିଛି। ଏହି ଆକ୍ସନ୍ ପ୍ୟାକ୍ ଏବଂ ମଲ୍ଟି ଷ୍ଟାରର ମୁଭିରେ ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କୁ ଲେଡି ସିଂଘମ ଭାବେ ଏକ ଶକ୍ତିଶାଳୀ ଭୂମିକାରେ ଦେଖିବାକୁ ମିଳିବ। ତେବେ ୪ ମିନିଟ୍ ୫୮ ସେକେଣ୍ଡ ଲମ୍ବା ଏହି ଟ୍ରେଲର ବର୍ତ୍ତମାନ ସୁଦ୍ଧା ହିନ୍ଦୀ ସିନେମାର ସବୁଠାରୁ ଲମ୍ବା ଟ୍ରେଲର ଭାବେ ରେକର୍ଡ ସୃଷ୍ଟି କରିଛି। ଟ୍ରେଲରରେ ଅଭିନେତା ଅଜୟ ଦେବଗନ, ଅକ୍ଷୟ କୁମାର, ରଣବୀର ସିଂ, ଟାଇଗର ଶ୍ରଫ୍, ଅର୍ଜୁନ କପୁର, ଅଭିନେତ୍ରୀ କରୀନା କପୁର ଖାନ୍, ଜ୍ୟାକି ଶ୍ରଫ୍ ଓ ଦୀପିକା ପାଦୁକୋନ୍‌ଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଛି।




## ଫୁରସତ୍

### ମହିଳାଙ୍କ ପେଟରୁ ବାହାରିଲା ୨ କେ.ଜି. କେଶ

**ବରେଲି**

ଉତ୍ତରପ୍ରଦେଶର ବରେଲି ଜିଲା କରଗୈନା ଅଞ୍ଚଳରେ ରହୁଥିବା ଜଣେ ୩୧ ବର୍ଷିୟା ମହିଳା ଲମ୍ବା ସମୟ ଧରି ପେଟ ଯନ୍ତ୍ରଣାରେ ପୀଡ଼ିତ ଥିଲେ। ସେ ତାଙ୍କର ଚିକିତ୍ସା କରାଇବା ପାଇଁ ବରେଲିର ମହାରାଣା ପ୍ରତାପ ଜିଲା ଚିକିତ୍ସାଳୟରେ ପହଞ୍ଚିଥିଲେ। ପେଟର ବିଭିନ୍ନ ପରୀକ୍ଷା ନିରୀକ୍ଷା କରିବା ପରେ ଡାକ୍ତର ମହିଳାଙ୍କ ଅପରେଶନ କରିବା ନେଇ ନିଷ୍ପତ୍ତି ନେଇଥିଲେ। ଅପରେଶନ କରିବା ପରେ ତାଙ୍କ ପେଟରୁ ୨ କେ.ଜି. ଓଜନର କେଶ ବାହାରିଥିଲା। ସେ ବିରଳ ଟ୍ରାଇକୋଲୋଟୋମାନିଆ ରୋଗରେ ପୀଡ଼ିତ ଥିବା ନେଇ ଡାକ୍ତର କହିଛନ୍ତି। ଏହା ଏକ ବିରଳ ମାନସିକ ବିକୃତି, ଯେଉଁଥିରେ ପୀଡ଼ିତ ରୋଗୀଙ୍କୁ କେଶ ଖାଇବାକୁ ଇଚ୍ଛା ହୋଇଥାଏ।

# ଆବେଦନର ୪୮ ବର୍ଷ ପରେ ନିଯୁକ୍ତି ଅଫର

**ଲଣ୍ଡନ**

ଟିଜି ହୋଡ୍‌ସନ (୭୦) ନାମ୍ନୀ ଜଣେ ପୂର୍ବତନ ଷ୍ଟଣ୍ଟ ଓମ୍ୟାନ୍ ୪୮ ବର୍ଷ ପୂର୍ବେ ଏକ ମୋଟରସାଇକେଲ ଷ୍ଟଣ୍ଟ ରାଇଡର ଚାକିରି ପାଇଁ ଆବେଦନ କରିଥିଲେ। ତେବେ ଆବେଦନ କରିବାର ୪୮ ବର୍ଷ ପରେ ହୋଡ୍‌ସନ ସୋମବାର ତାଙ୍କର ନିଯୁକ୍ତି ପତ୍ରକୁ ଗ୍ରହଣ କରିଛନ୍ତି। ଦୀର୍ଘ ପ୍ରାୟ ୫ ଦଶନ୍ଧି ପରେ ଏହି ହଜିଯାଇଥିବା ନିଯୁକ୍ତି ପତ୍ର ଆସି ହୋଡ୍‌ସନଙ୍କ ନିକଟରେ ପହଞ୍ଚିଛି। ୧୯୭୬ ଜାନୁଆରୀରେ ହୋଡ୍‌ସନ ଏହି ଆବେଦନ କରିଥିବା ବେଳେ ଏତେବର୍ଷ ଧରି ଉକ୍ତ ନିଯୁକ୍ତି ପତ୍ରଟି ଡାକଘରର ଏକ ଡ୍ରୟର ପଛରେ ଫସି ରହିଥିଲା। ତେବେ ସୋମବାର ଏକ ହସ୍ତଲିଖିତ ନୋଟ୍ ସହ ଏହି ନିଯୁକ୍ତିପତ୍ର ଆସି ହୋଡ୍‌ସନଙ୍କ ନିକଟରେ ପହଞ୍ଚିଛି। ଉକ୍ତ ନୋଟ୍‌ରେ ଲେଖା ହୋଇଛି, ଷ୍ଟେନସ୍ ପୋଷ୍ଟ ଅଫିସ୍ ଦ୍ୱାରା ବିଳମ୍ବିତ ବିତରଣ। ଏକ ଡ୍ରୟର ପଛରେ ଦୀର୍ଘ ବର୍ଷ ଧରି ପଡ଼ି ରହିଥିବାରୁ ବିତରଣରେ ବିଳମ୍ବ ଘଟିଥିବା ଦର୍ଶାଇ ପୋଷ୍ଟ ଅଫିସ ପକ୍ଷରୁ କ୍ଷମା ପ୍ରାର୍ଥନା ମଧ୍ୟ କରାଯାଇଛି।

ତେବେ ସମ୍ପୂର୍ଣ୍ଣ ଘଟଣାକୁ ନେଇ ହୋଡ୍‌ସନ କହିଛନ୍ତି, ଏହି ନିଯୁକ୍ତି ପତ୍ରର ଅପ୍ରତ୍ୟାଶିତ ଆଗମନ ଦ୍ୱାରା ସେ ତାଙ୍କ ଯୁବାବସ୍ଥାରେ ଦେଖିଥିବା ସ୍ୱପ୍ନ ପୁଣି ଥରେ ପୁନଃଜାଗ୍ରତ କରିଛି। ଉକ୍ତ ମୋଟରସାଇକେଲ ଷ୍ଟଣ୍ଟ ରାଇଡର ଚାକିରି ପାଇଁ ଆବେଦନ କରିବା ସତ୍ତ୍ୱେ ମଧ୍ୟ ଜବ୍ ଲେଟର କାହିଁକି ଆସିଲା ନାହିଁ ତାହା ସେ ସର୍ବଦା ଭାବୁଥିଲେ ବୋଲି ହୋଡ୍‌ସନ କହିଛନ୍ତି। ସେ ଆହୁରି ମନେପକାଇ କହିଛନ୍ତି, ସେତେବେଳେ ଲଣ୍ଡନର ଏକ ଆପାର୍ଟମେଣ୍ଟରେ ସେ ରହୁଥିଲେ ଏବଂ ମୋଟରସାଇକେଲ ଷ୍ଟଣ୍ଟ ରାଇଡର ହେବା ପାଇଁ ଏହି ଆବେଦନ କରିଥିଲେ। ଦୀର୍ଘ ସମୟ ଧରି ସେ ଏହି ନିଯୁକ୍ତି ପତ୍ରକୁ ଉତ୍ସାହର ସହିତ ଅପେକ୍ଷା କରି ରହିଥିଲେ। ତେବେ ଏହା ଆସି ନ ଥିଲା, ଫଳରେ ସେ ନିରାଶ ହୋଇଥିବା ହୋଡ୍‌ସନ କହିଛନ୍ତି। ମୋଟରସାଇକେଲ ଷ୍ଟଣ୍ଟ ରାଇଡର୍ ହେବାକୁ ସେ ଦେଖିଥିବା ସ୍ୱପ୍ନ ପୂରଣ ହୋଇ ପାରିଲା ନାହିଁ ବୋଲି ସେ କହିଛନ୍ତି।



ଟିଜି ହୋଡ୍‌ସନ

# ବିଜୁଳି ଘଡ଼ଘଡ଼ି ଗର୍ଜିବ, କମ୍ ବର୍ଷିବ

ଭୁବନେଶ୍ୱର,୭।୧୦
(ଅନୁରାଧା ମହାରଣା)

ରାଜ୍ୟରେ ଏବେ ବର୍ଷା ତୁଳନାରେ ବିଜୁଳି ଓ ଘଡ଼ଘଡ଼ିର ଅଧିକ ଭୟ ରହିଛି। ସୋମବାର କିଛି ସ୍ଥାନରେ ବର୍ଷା ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ସର୍ବାଧିକ ୧୦.୮ ମିମି ବର୍ଷା ହୋଇଥିବାବେଳେ ଭଦ୍ରକରେ ୭.୫ ମିମି, ଜଗତ୍‌ସିଂହପୁରରେ ୬.୩ ମିମି, କେନ୍ଦ୍ରାପଡ଼ାରେ ୩.୪ ମିମି ଓ ଖୋର୍ଦ୍ଧାରେ ୨ ମିମି ବର୍ଷା ହୋଇଛି। ପାଣିପାଗ ବିଶେଷଜ୍ଞ ସଞ୍ଜୀବ ଦ୍ୱିବେଦୀଙ୍କ ସୂଚନାନୁସାରେ, ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବଡ଼ ବର୍ଷାର ସମ୍ଭାବନା କମ୍ ରହିଛି। ମଙ୍ଗଳବାର ରାଜ୍ୟର ଗୋଟିଏ ଦୁଇଟି ଜିଲାରେ ବର୍ଷା ହେବାକୁ ଥିବାବେଳେ ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ଼ ସମେତ ପ୍ରାୟ ୨୨ ଜିଲାକୁ ବିଜୁଳି ଓ ଘଡ଼ଘଡ଼ି ଭୟ ରହିଛି। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱର୍ନିଂ ଜାରି କରାଯାଇଛି। ଆସନ୍ତା ୮ ତାରିଖରୁ ୧୨ ଯାଏ ବିଶେଷ ବର୍ଷା ଆଶଙ୍କା ନ ଥିବାରୁ କୌଣସି ସତର୍କ ସୂଚନା ଜାରି କରାଯାଇନାହିଁ।

# ଟ୍ରେନ୍‌ରୁ ୮୭ କଇଁଛ ଜବତ

## ଓଡ଼ିଶାରୁ ପଶ୍ଚିମବଙ୍ଗ ହେଉଥିଲା ଚୋରା ଚାଲାଣ

ବାଲେଶ୍ୱର,୭।୧୦(ବାଞ୍ଛାନିଧି ଦେ)

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପସା ରେଳ ଷ୍ଟେଶନରେ ଆରପିଏଫ୍ ଥାନା ପୋଲିସ ଚଢ଼ାଉ କରି ଏକ ଟ୍ରେନ୍‌ରୁ ୮୭ କଇଁଛ ଜବତ କରିଛି। କଇଁଛ ବ୍ୟବସାୟୀ ଟ୍ରେନ୍‌ରୁ ଚମ୍ପଟ ମାରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଭଦ୍ରକରୁ ଖଡ଼ଗପୁର ଯାଉଥିବା ମେମୋ ଲୋକାଲ ଟ୍ରେନ୍‌ଟି ରୂପସାରେ ଛିଡ଼ା ହୋଇଥିବା ବେଳେ ଆରପିଏଫ୍ ଥାନା ଆଇଆଇସି କୁନ୍ଦନ କୁମାର ଝାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲେ। ଓଡ଼ିଶାରୁ ପଶ୍ଚିମବଙ୍ଗ ଚୋରା ଚାଲାଣ କରୁଥିବା ବ୍ୟବସାୟୀ ଜଣକ ଖସି ପଳାଇଥିଲେ। ଟ୍ରେନ୍ ଭିତରୁ ୮୭ଟି କଇଁଛ ଜବତ କରାଯାଇଥିଲା। ଏ ସମ୍ପର୍କରେ ବନ ବିଭାଗକୁ ଖବର ଦିଆଯାଇଥିଲା। ବନ ବିଭାଗ ଏଡିଏସ୍ ଷ୍ଟାଫ୍ ସଦାନନ୍ଦ ଜେନା, ଫରେଷ୍ଟ ଗାର୍ଡ ଶଶାଙ୍କ ଶେଖର ଜେନା ଓ ତପନ କୁମାର ଜେନା ରବିବାର ରାତିରେ ପହଞ୍ଚି ଜବତ କଇଁଛକୁ ବନ ବିଭାଗ ହେପାଜତକୁ ନେଇଥିଲେ। ଏ ସମ୍ପର୍କରେ ବନ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୧୩ସିଏଚ୍/୨୦୨୪-୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଜବତ କଇଁଛଗୁଡ଼ିକୁ ସୋମବାର ବାଲେଶ୍ୱର ନିକଟ ବୁଢ଼ାବଳଙ୍ଗ ନଦୀରେ ଛଡ଼ା ଯାଇଥିଲା।



ଆରପିଏଫ୍ ଥାନା ପୋଲିସ ଓ ବନ କର୍ମଚାରୀ ଜବତ କଇଁଛ ସମ୍ପର୍କରେ ସୂଚନା ଦେଉଛନ୍ତି।

# ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ମାମଲା

## ନିଶ୍ଚିନ୍ତା ପାହାଡ଼ରୁ କଳାପଥର ଲୁଟ୍ ଘଟଣା

ଢେଙ୍କାନାଳ,୭।୧୦
(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ତହସିଲ ନିହଲ ପ୍ରସାଦ ଥାନା ଅଞ୍ଚଳର ନିଶ୍ଚିନ୍ତା ପାହାଡ଼ରେ ସରକାରଙ୍କ ୨ଟି ରୋଡ୍‌ମେଟାଲ କ୍ୱାରୀକୁ ଜଙ୍ଗଲ ଜମି ଥିବା କାରଣରୁ ଗତ ୧୦ ବର୍ଷ ହେଲା ନିଲାମ କରାଯାଉନାହିଁ। ଏହି ପାହାଡ଼ରେ ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ମଧ୍ୟ ବଳବତ୍ତର ରହିଛି। ଏହାସତ୍ତ୍ୱେ ଚୋରା ପଥର ମାଫିଆମାନେ ଏହି ପାହାଡ଼ରୁ କଳାପଥର ଲୁଟ୍ କରି ଚାଲିଛନ୍ତି। ଏ ସମ୍ପର୍କରେ ଅଭିଯୋଗ ପରେ ମଧ୍ୟ ପୋଲିସ ଓ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଖଣି ବିଭାଗ ମଧ୍ୟ ହାତ ଟେକି ଦେଇଥିବା ଅଭିଯୋଗ ହେଉଛି। ଉକ୍ତ ଅଞ୍ଚଳ ମଧ୍ୟଦେଇ ରାତିରେ ଭାରିଯାନ ଯୋଗେ ବ୍ୟାପକ କଳାପଥର ଲୁଟ୍ କରି ଚୋରାଚାଲାଣ ହେଉଥିବାରୁ ରାସ୍ତାଘାଟ ନଷ୍ଟ ହେଉଥିବାବେଳେ ବାରମ୍ବାର ବିସ୍ଫୋରଣ ଯୋଗୁ ଘରଦ୍ୱାର ଫାଟି ଯାଉଥିବା ଅଞ୍ଚଳବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ଏହାକୁ ନେଇ ଏକ ପରିବେଶ ସଙ୍ଗଠନ ପକ୍ଷରୁ ଗତ ୧୮ ତାରିଖରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ମାମଲା ରୁଜୁ କରାଯାଇଛି। ଏଥିରେ ଢେଙ୍କାନାଳ ଜିଲାପାଳ, ବନ ଅଧିକାରୀ, ରାଜ୍ୟ ପରିବେଶ ବିଭାଗ ଓ ଖଣି ବିଭାଗକୁ ପକ୍ଷଭୁକ୍ତ କରାଯାଇଛି ବୋଲି ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା ନବୀନ ନନ୍ଦ ରବିବାର ଏକ୍ସ ଯୋଗେ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଜଣାଇବା ସହିତ ଏଭଳି ବେଆଇନ କାର୍ଯ୍ୟ ବନ୍ଦ କରିବା ପାଇଁ ଅନୁରୋଧ କରିଥିବା ସୋମବାର ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।

# ବାଇକ୍ ଉପରେ ଚଢ଼ିଗଲା ଟ୍ରେଲର, ୩ ମୃତ

କେନ୍ଦୁଝର/ଢେଙ୍କିକୋଟ, ୭।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ/ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ଥାନା ଢେଙ୍କିକୋଟସ୍ଥିତ ୨୦ନଂ. ଜାତୀୟ ରାଜପଥ ଲଙ୍ଗଳକଣ୍ଟି ପେଟ୍ରୋଲ ପମ୍ପ ନିକଟରେ ସୋମବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ଉପରେ ଏକ ଟ୍ରେଲର ଚଢ଼ିଯିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସାନ ମସିଣାବିଲା ପଞ୍ଚାୟତ ସାନ ମସିଣାବିଲା ଗ୍ରାମର ବଳଭଦ୍ର ଖଟୁଆ (୪୦), କାହ୍ନୁ ଚରଣ ମୁଣ୍ଡା (୩୫) ଓ ସାନବରବେଡ଼ା ଗ୍ରାମର ମହେଶ୍ୱର ନାୟକ(୪୮)।

ପ୍ରକାଶ ଯେ, ଲଙ୍ଗଳକଣ୍ଟି ପେଟ୍ରୋଲ ପମ୍ପ ନିକଟରେ ରାସ୍ତା ମରାମତି ପାଇଁ ଗୋଟିଏ ଲାଇନ୍‌ରେ ଗାଡ଼ି ଯାତାୟାତ କରୁଛି। ଢେଙ୍କିକୋଟ ବଜାରରୁ ଅପରାହ୍ଣ ୫.୩୦ରେ ବାଇକ୍ ଯୋଗେ ୩ ଜଣ ଫେରୁଥିଲେ। ବିପରୀତ ଦିଗରୁ ଆସୁଥିବା ଟ୍ରେଲର ବାଇକ୍‌କୁ ସମ୍ମୁଖରୁ ଧକ୍କା ଦେଇ ଉପରେ ଚଢ଼ିଯାଇଥିଲା। ଦୁର୍ଘଟଣା ଘଟାଇ ଡ୍ରାଇଭର ଟ୍ରେଲର ଛାଡ଼ି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଚଳାଇଛି। ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା କହିଛନ୍ତି, ଟ୍ରେଲରକୁ ଜବତ କରାଯାଇଛି। ହେଲପରଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଘଟଗାଁରେ ବ୍ୟବଚ୍ଛେଦ କେନ୍ଦ୍ର ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ମଙ୍ଗଳବାର ବ୍ୟବଚ୍ଛେଦ ପାଇଁ ସ୍ୱାମପାଟଣା ପଠାଯିବ ବୋଲି ସୂଚନା ଦେଇଛନ୍ତି।

# ମୃତ୍ୟୁ ପରେ ଜୀବନ ଫେରିବା ଚର୍ଚ୍ଚା

- ଜୀବିତ ଭାବି ପୁଣି ମୃତଦେହ ମେଡିକାଲ ଆଣିଲେ ପରିବାର ଲୋକେ
- ସନ୍ଧ୍ୟାରେ ହେଲା ମୃତଦେହ ସତ୍କାର

ବୌଦ୍ଧ,୭।୧୦
(ଅଜିତ କୁମାର ବାରିକ)

ଡାକ୍ତରଖାନାରେ ଡାକ୍ତରଙ୍କ ଦ୍ୱାରା ମୃତ ଘୋଷିତ ଜଣେ ଯୁବକ ଜୀବିତ ଥିବା ମନେ କରି ତାଙ୍କ ପରିବାର ଲୋକେ ପୁଣି ମୃତଦେହ ଧରି ଘରୁ ଡାକ୍ତରଖାନାକୁ ଆସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ମୃତକ ପୁନର୍ବାର ଜୀବନ ଫେରି ପାଇବା ନେଇ ଆଲୋଚନା ଜୋର୍ ଧରିଛି।

ପ୍ରକାଶ ଯେ, ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଛପଟ ସାହିରେ ରହୁଥିବା ରବି ନାଏକ (୫୦)ସକାଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ସେ ଯନ୍ତ୍ରଣାରେ ଛଟପଟ ହେବା ଦେଖି ପରିବାର ଲୋକେ ତାଙ୍କୁ ଘରପାଖ ପୁରୁଣାକଟକ ମେଡିକାଲ ନେଇଯାଇଥିଲେ। ସେଠାରେ ପହଞ୍ଚିବାର କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଡାକ୍ତର ମୃତଦେହ ବ୍ୟବଚ୍ଛେଦ କରିବାକୁ କହିଥିଲେ। କିନ୍ତୁ ପରିବାର ଲୋକ ଏଥିରେ ରାଜି ହୋଇ ନ ଥିଲେ। ଶେଷରେ ମୃତ ରବିଙ୍କ ପୁଅ ସୁନୀଲ ମୃତଦେହ ବ୍ୟବଚ୍ଛେଦ କରିବାକୁ ଚାହୁଁ ନ ଥିବା ନେଇ ଲିଖିତ ଭାବେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଧରି ଘରକୁ ଆସିଥିଲେ। ଏହାପରେ ମୃତ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କରିବାକୁ ପ୍ରସ୍ତୁତ ହେଉଥିବା ବେଳେ କେହି ଜଣେ କିଛି ଅସ୍ୱାଭାବିକ ଘଟଣା ଦେଖି ପ୍ରଚାର କଲେ ସେ ଜୀବିତ ଅଛନ୍ତି। ଫଳରେ ଅପରାହ୍ଣ ପ୍ରାୟ ଗୋଟାଏ ବେଳେ ପରିବାର ଲୋକେ ପୁନର୍ବାର ମୃତଦେହ ଧରି ଡାକ୍ତରଖାନା ଯାଇଥିଲେ। ସେଠାରେ ଡ୍ୟୁଟିରେ ଥିବା ଅନ୍ୟ ଜଣେ ଡାକ୍ତର ପରୀକ୍ଷା କରି ରବିଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରବି ନାରାୟଣ ପରମାଣିକ କହିଛନ୍ତି, ଚିକିତ୍ସା କରିବା ସମୟରେ ରବି ନାଏକଙ୍କର ମୃତ୍ୟୁ ଘଟିଥିଲା। ଘରକୁ ମୃତଦେହ ନେବା ପରେ କୌଣସି କାରଣରୁ ହଲଚଲ ହେବା ସନ୍ଦେହ କରି ପରିବାର ଲୋକେ ଜୀବତ ଭାବି ପୁଣି ମେଡିକାଲକୁ ଆଣିଥିଲେ। ସେତେବେଳେ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଡାକ୍ତର ପୁନର୍ବାର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ପୁରୁଣାକଟକ ଅଞ୍ଚଳରେ ମୃତ୍ୟୁ ପରେ ପୁଣି ବଞ୍ଚିଥିବା ନେଇ ଗୁଜବ ଉଠିଥିଲା। ସନ୍ଧ୍ୟାରେ ପରିବାର ଲୋକ ଗାଁ ଶଶ୍ମାନରେ ରବିଙ୍କ ଅନ୍ତିମ ସଂସ୍କାର କରିଥିବା ଜଣାଯାଇଛି।

# କେରଳରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ଜି.ଉଦୟଗିରି,୭।୧୦
(ଚିନ୍ମୟ କୁମାର ସେଠୀ)

ସ୍ଥାନୀୟ ବ୍ଲକ ମାଳିକାପଡ଼ି ପଞ୍ଚାୟତ ଅନ୍ତର୍ଗତ ସିର୍କି ଗ୍ରାମର ଯୁବକଙ୍କ (୩୫)ଙ୍କ କେରଳରେ ମୃତ୍ୟୁ ହୋଇଛି। ସେ କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ମାଳିକପୋଡ଼ି ପଞ୍ଚାୟତ ସିର୍କି ଗ୍ରାମର ବିକ୍ରମ ପ୍ରଧାନ(୩୬) ବୋଲି ଜଣାପଡ଼ିଛି। କେରଳ ଏର୍ନାକୁଲମ୍ ଜିଲା ବିନାନିପୁରମର ଏଡିଆର ଠାରେ ଥିବା ଫରମାଲ ଟ୍ରେଡ ଲିନକ୍ସ ଲିମିଟେଡ କମ୍ପାନୀରେ ବିକ୍ରମ ରାତିରେ କାମ କରୁଥିଲେ। ଶନିବାର ରାତି ୧୧ଟାରେ କାମ କରୁଥିବା ସମୟରେ ହଠାତ୍ ଗ୍ୟାସ୍ ଟାଙ୍କି ଫାଟି ଯିବାରୁ ବିକ୍ରମଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ଦୁଇ ଜଣ ମାନସ ପ୍ରଧାନ(୨୫) ଓ ବାର ପ୍ରଧାନ(୩୫) ଗୁରୁତର ହୋଇଥିଲେ। ବିକ୍ରମ ୪ ମାସ ତଳେ ବିବାହ କରିଥିଲେ। ପୋଲିସ୍ ମୃତହେଦ ଜବତ କରି ବ୍ୟବଚ୍ଛେଦ କରିଛି। ମୃତଦେହକୁ କମ୍ପାନୀ ମାଲିକ୍ ସିର୍କି ଗ୍ରାମକୁ ପଠାଇବା ବ୍ୟବସ୍ଥା କରିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଅଟକ

ଦିଗପହଣ୍ଡି,୭।୧୦(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଞ୍ଚଳର ଜଣେ ୭ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ସୋମବାର ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ତାଙ୍କ ବୟାନ ରେକର୍ଡ କରାଯାଇଛି। ମଙ୍ଗଳବାର ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯିବା ପରେ ବ୍ରହ୍ମପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରାଯିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ଏସଆଇ ଜ୍ୟୋତି ରଞ୍ଜନ ବେହେରା କହିଛନ୍ତି। ରବିବାର ମଧ୍ୟାହ୍ନରେ ନାବାଳିକାଙ୍କୁ ଏକୁଟିଆ ଦେଖି ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିବାକୁ ଏକ ବୁଦା ମୂଳକୁ ଟାଣି ନେଇଯାଇଥିଲେ। ସେ ପାଟି କରିବାରୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଗ୍ରାମର ଜଣେ ବ୍ୟକ୍ତି ପୋଖରୀକୁ ଯାଉଥିବା ବେଳେ ନାବାଳିକାଙ୍କୁ ଦେଖିବାରୁ ଅଭିଯୁକ୍ତ ଜଣକ ଦୌଡ଼ି ପଳାଇଥିଲେ। ନାବାଳିକାଙ୍କୁ ଖୋଜିବା ପାଇଁ ତାଙ୍କ ଦୁଇ ଭାଇ ଘଟଣାସ୍ଥଳରେ ପହଞ୍ଚିବା ପରେ ନାବାଳିକା ଜଣକ କାନ୍ଦି କାନ୍ଦି ସବୁ କଥା କହିଥିଲେ। ରାତି ପ୍ରାୟ ୯ ଟାରେ ନାବାଳିକାଙ୍କ ଭାଇ ଏ ନେଇ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଥିଲେ।

# ଠିକା କମ୍ପାନୀ ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ



କ୍ଷତିପୂରଣ ଦାବିରେ ଗ୍ରାମବାସୀ କମ୍ପାନୀ କାର୍ଯ୍ୟାଳୟ ପରିସରରେ ପଶି ହୋହଲ୍ଲା କରୁଛନ୍ତି।

ମାର୍ଶାଘାଇ, ୭।୧୦
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ ନଂ. ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ବଡ଼ପାଳ ଛକରେ ସୋମବାର ସକାଳେ ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ସ୍ଥାନୀୟ ବଡ଼ପାଳ ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ ବଡ଼ପାଳ ଗ୍ରାମର ରାମଚନ୍ଦ୍ର ମଲ୍ଲିକଙ୍କ ପୁଅ କୁନା (୨୦)। ସୂଚନା ମୁତାବକ, ଭୋରୁ କୁନା ଫୁଲ ତୋଳିବାକୁ ବଡ଼ପାଳ ଛକ ରାସ୍ତାକଡ଼କୁ ଆସିଥିଲେ। ଏହି ସମୟରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ନେଇଥିବା ଠିକା କମ୍ପାନୀ ରାଜବୀର କନ୍‌ଷ୍ଟ୍ରକଶନର ଏକ ପିକ୍‌ଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କୁନାଙ୍କ ମୃତ୍ୟୁ ଘଟିଥିଲା। ମୃତକ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଶତାଧିକ ଗ୍ରାମବାସୀ ପାଖରେ ଥିବା କମ୍ପାନୀ କାର୍ଯ୍ୟାଳୟ ପରିସରରେ ପହଞ୍ଚି କ୍ଷତିପୂରଣ ଦାବିରେ ହୋହାଲ୍ଲା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ କମ୍ପାନୀ କର୍ତ୍ତୃପକ୍ଷ ୫ ଲକ୍ଷ ଟଙ୍କା, ପରିବାରରୁ ଜଣଙ୍କୁ ନିଯୁକ୍ତି ଓ ସଂସ୍କାର, ଶୁଦ୍ଧକ୍ରିୟା ପାଇଁ ନଗଦ ୪୦ ହଜାର ଟଙ୍କା ଦେବାକୁ ରାଜିହେବା ପରେ ଘଟଣା ଶାନ୍ତ ପଡ଼ିଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

# ସରକାରୀ କାର୍ଯ୍ୟକ୍ରମ ଲିଫ୍‌ଲେଟ୍‌ରେ ନବୀନଙ୍କ ଫଟୋ

## ବିରୋଧ ପରେ ଅଧାରୁ ବନ୍ଦ 'ମୋ ଜଙ୍ଗଲ ଜମି ଯୋଜନା' କର୍ମଶାଳା

ବାସୁଦେବପୁର,୭।୧୦
(ନାରାୟଣ ପ୍ରସାଦ ବାରିକ୍)

ସରକାରୀ କାର୍ଯ୍ୟକ୍ରମ ଲିଫ୍‌ଲେଟ୍‌ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଦେଖିବାକୁ ମିଳିଛି। ଏହାକୁ ନେଇ ଅସନ୍ତୋଷ ଓ ପ୍ରତିବାଦ ପରେ କାର୍ଯ୍ୟକ୍ରମକୁ ଅଧାରୁ ବନ୍ଦ ରଖାଯାଇଛି। ସୋମବାର ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ଏଭଳି ଘଟଣା ଘଟିଛି। 'ମୋ ଜଙ୍ଗଲ ଜମି ଯୋଜନା'ରେ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ କମ୍ୟୁନିଟି ଭଲ୍ୟୁଣ୍ଟିୟର କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳା ଆରମ୍ଭ ହେବା ପରେ ଲଗାଯାଇଥିବା ବ୍ୟାନରରେ ଶଙ୍ଖ ଚିହ୍ନ ଭଳି ଏକ ଚିତ୍ର ଓ ଲିଫ୍‌ଲେଟ୍‌ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନଙ୍କ ଫଟୋ ଥିବା ଦେଖି ସେଠାରେ ଉପସ୍ଥିତ କେତେଜଣ ବ୍ୟକ୍ତି ଏହାକୁ ବିରୋଧ କରିଥିଲେ। ନବୀନଙ୍କ ଫଟୋ ଥିବା ଲିଫ୍‌ଲେଟ୍ କାହିଁକି ବଣ୍ଟାଯାଉଛି ଓ ଏହା କାହା ସ୍ୱାର୍ଥରେ କରାଯାଉଛି ବୋଲି ପ୍ରଶ୍ନ ଉଠାଇବା ସହ ଏହାକୁ ନେଇ ବିବାଦ ଉପୁଜିଥିଲା। ଏହି ଖବର ଭାଜପା କର୍ମୀ ଓ ସମର୍ଥକଙ୍କ ପାଖରେ ପହଞ୍ଚିବା ପରେ କେତେଜଣ କର୍ମୀ ସେଠାରେ ପହଞ୍ଚିଥିଲେ। କାହିଁକି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପରିବର୍ତ୍ତେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନଙ୍କ ଫଟୋ ଥିବା ଲିଫ୍‌ଲେଟ୍ ବଣ୍ଟାଯାଉଛି କହି ବିରୋଧ କରି ହୋହଲ୍ଲା କରିଥିଲେ। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେବା ପରେ କର୍ମଶାଳାକୁ ବନ୍ଦ ରଖାଯାଇଥିଲା।

ଏ ସମ୍ପର୍କରେ ବିଡିଓ ସଞ୍ଜୀବ କୁମାର ସାହୁ କହିଛନ୍ତି, ଉକ୍ତ କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ବ୍ଲକରେ ପୂର୍ବରୁ ହୋଇସାରିଛି। ବାସୁଦେବପୁର ବ୍ଲକରେ ହୋଇ ନ ଥିଲା। ସୋମବାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଭୁଲ୍‌ବଶତଃ ପୂର୍ବ ଲିଫ୍‌ଲେଟ୍ ବଣ୍ଟାଯାଇଛି। ଏହା ଦେଖିବା ପରେ ଲିଫ୍‌ଲେଟ୍‌କୁ ଫେରାଇ ନିଆଯାଇଛି।


## ଏସ୍‌ଏଲ୍‌ଆର/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୨୦ ତାରିଖ: ୦୭।୧୦।୨୦୨୪
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୦୨୪-୨୦ | ୧୮।୧୦।୨୪ | ୧୧.୦୦ ଘ. | ୧୨.୦୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
(PR-681) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

सेन्ट्रल बैंक ऑफ़ इंडिया
Central Bank of India
1911 से आपके लिए "केंद्रित" "CENTRAL" TO YOU SINCE 1911
କ୍ଷେତ୍ରୀୟ କାର୍ଯ୍ୟାଳୟ: ୧୦୮-ବି, ୟୁନିଟ୍-୭, ସୂର୍ଯ୍ୟନଗର, ଗୋପବନ୍ଧୁ ସ୍କୋୟାର, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୩୯୭୫୫୧, ୨୩୯୭୧୯୯

## ଲିଜ୍ ଭିତ୍ତିରେ ଗୃହ ନିମନ୍ତେ ବିଡ୍/ପ୍ରସ୍ତାବ ଆମନ୍ତ୍ରଣ

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର ନୟାଚୌକ ଶାଖା ନିମନ୍ତେ ନୟାଚୌକ, କଟକ ଠାରେ ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ ଥାଇ ୯୨.୯୦ ରୁ ୧୩୯.୩୫ ବର୍ଗମିଟର (୧୦୦୦-୧୫୦୦ ବର୍ଗଫୁଟ) କାର୍ପେଟ୍ ଏରିଆ ବିଶିଷ୍ଟ ଗୃହ ଦଖଲ ନିମନ୍ତେ ପ୍ରସ୍ତୁତ ଥିବା/୩ ମାସ ମଧ୍ୟରେ ଦଖଲ ନେବା ପାଇଁ ପ୍ରସ୍ତୁତ ହୋଇପାରୁଥିବା ତଳ ମହଲା ଗୃହ ଆବଶ୍ୟକ କରୁଅଛି। ଗୃହ ପରିସରଟି ବାଦାମବାଡ଼ି ରୋଡ୍ ଠାରେ, ମୁଖ୍ୟତଃ ଲିଙ୍କ୍ ରୋଡ୍ ସ୍କୋୟାର ଠାରୁ ବାଦାମବାଡ଼ି ଟ୍ରାଫିକ୍ ମଧ୍ୟରେ ହୋଇଥିବା ଆବଶ୍ୟକ। ୫.୯୪ ରୁ ୯.୨୯ ବର୍ଗମିଟର (୬୪-୧୦୦ ବର୍ଗଫୁଟ) ବିଶିଷ୍ଟ ଅନ୍‌ସାଇଟ୍ ଏଟିଏମ୍ ବ୍ୟବସ୍ଥା ଥିବା ଆବଶ୍ୟକ। କୌଣସି ଦଲାଲ କିମ୍ବା ମଧ୍ୟସ୍ଥିଙ୍କୁ ପ୍ରଶ୍ରୟ ଦିଆଯିବ ନାହିଁ। ସରକାରୀ /ଅର୍ଦ୍ଧ ସରକାରୀ କିମ୍ବା ସରକାରୀ ବିଭାଗ ଅଧିନସ୍ଥ ପରିସରକୁ ଅଗ୍ରାଧିକାର ଦିଆଯିବ। ଦୟାକରି ଫର୍ମାଟ / ନିୟମ ଏବଂ ସର୍ତ୍ତାବଳୀ ବ୍ୟାଙ୍କର ୱେବସାଇଟ୍ http://www.centralbankofindia.co.inରୁ ଡାଉନ୍‌ଲୋଡ୍ କରିପାରିବେ କିମ୍ବା ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାଚୌକ ଶାଖା, ପ୍ଲଟ୍ ନଂ.: ୩୦୯୮/୩୦୯୯, ଲିଙ୍କ୍ ରୋଡ୍, କଟକ-୭୫୩୦୧୨ / କ୍ଷେତ୍ରୀୟ କାର୍ଯ୍ୟାଳୟ, ୧୦୮-ବି, ପ୍ରଥମ ମହଲା, ୟୁନିଟ୍-୭, ସୂର୍ଯ୍ୟନଗର, ଗୋପବନ୍ଧୁ ସ୍କୋୟାର, ଭୁବନେଶ୍ୱର-୭୫୧୦୦୩ରୁ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିପାରିବେ। ପ୍ରସ୍ତାବ ଦାଖଲ କରିବାର ଅନ୍ତିମ ତାରିଖ: ତା.୨୩.୧୦.୨୦୨୪ରିଖ ଅପରାହ୍ଣ ୪.୦୦ ଘଟିକା ପର୍ଯ୍ୟନ୍ତ। କୌଣସି କାରଣ ନଦର୍ଶାଇ କର୍ତ୍ତୃପକ୍ଷ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।
ତାରିଖ: ୦୭.୧୦.୨୦୨୪ ସ୍ୱା/- ମୁଖ୍ୟ ପ୍ରବନ୍ଧକ

झारखण्ड सरकार
कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, मनोहरपुर।
eercdmanohar-jhr@nic.in

## शुद्धि पत्र

इस कार्यालय द्वारा निकाली गई ई– निविदा आमंत्रण सूचना संख्या – RCD/MANOHARPUR/08/2024-25 दिनांक : 01.10.2024 जिसका PR 337902 (West Singhbhum) 24-25 (D) को निम्नवत संशोधित किया जाता है।

| | | पूर्व में प्रकाशित | संशोधित |
|---|---|---|---|
| 1. | Date of Publication of Tender on Website | 08.10.2024 from 10.30 A.M. | 18.10.2024 from 10.30 A.M. |
| 2. | Last date & Time for online bidding | 14.10.2024up to 3.00 P.M. | 24.10.2024up to 3.00 P.M. |
| 3. | Date & time for opening of Tender Bid | 15.10.2024up to 12.30 P.M. | 25.10.2024up to 3.30 P.M. |

कार्यपालक अभियंता,
प0नि0वि0, पथ प्रमण्डल, मनोहरपुर।
PR 338301 (West Singhbhum) 24-25 (D)

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org
ପତ୍ରସଂଖ୍ୟା ୧୮୪ ତା.୦୪.୧୦.୨୪

## ବିଜ୍ଞାପନ

No.CAD-1337:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଡି.ଇ.-୨୦୪, (DE-204), ବାସନ୍ତୀ କଲୋନୀ, ତୃତୀୟ ପର୍ଯ୍ୟାୟ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ (୧) ନମିତା ଲେଙ୍କା, ପିତା-ସ୍ୱ ପ୍ରେମାନନ୍ଦ ପରିଡ଼ା, ସା-ଏଫ୍‌ଏଫ୍-୧୧, ସିଭିଲ୍ ଟାଉନଶିପ୍, ଭିଟିସି-ରଘୁନାଥପଲ୍ଲୀ, ପୋ-ରାଉରକେଲା, ଜିଲା-ସୁନ୍ଦରଗଡ଼; (୨) ନନ୍ଦିତା ନାୟକ, ସ୍ୱାମୀ-ସତ୍ୟନାରାୟଣ ନାୟକ, ସା-ନୂଆଗଡ଼, ପୋ-ତେଲେଙ୍ଗାପେଣ୍ଠ, ଥାନା-ସଦର, ଜିଲା-କଟକ; (୩) ଅନିତା ମହାନ୍ତି, ପିତା-ସ୍ୱ ପ୍ରେମାନନ୍ଦ ପରିଡ଼ା, ସା- ପ୍ଲଟ ନଂ.ଏଲ/୨୪, ଫେଜ୍-୧, ପୋ-ଛେଣ୍ଡ କଲୋନୀ, ଥାନା-ଛେଣ୍ଡ, ଜିଲା-ସୁନ୍ଦରଗଡ଼, ରାଉରକେଲା; (୪) ଅମିତା ଖୁଣ୍ଟିଆ, ସ୍ୱାମୀ-ମଦନ ମୋହନ ଖୁଣ୍ଟିଆ, ସା-ଏଚ୍ ନଂ-୨୩/ସି, ବିର୍ସାନଗର, ଜୋନ୍-୯, ଆର୍ଯ୍ୟସମାଜ ପାଖ ରୋଡ୍ ନଂ.-୫, ପୋ-ବିର୍ସାନଗର, ଜାମସେଦ୍‌ପୁର, ଜିଲା-ପୂର୍ବ ସିଂହଭୂମ୍, ଝାଡ଼ଖଣ୍ଡଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା (୧) ନମିତା ଲେଙ୍କା, (୨) ନନ୍ଦିତା ନାୟକ, (୩) ଅନିତା ମହାନ୍ତି, (୪) ଅମିତା ଖୁଣ୍ଟିଆ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ପିଙ୍କି ସାଓ, ସ୍ୱାମୀ- ରଞ୍ଜିତ ସାଓ, ଡି.ଇ.-୧୮୬, ନାରାୟଣ କୁଞ୍ଜ, ବାସନ୍ତୀ କଲୋନୀ, ରାଉରକେଲା-୧୨, ଥାନା-ପ୍ଲାଣ୍ଟ ସାଇଟ୍, ଜିଲା-ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି। ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0294/2425

कार्यपालक अभियन्ता का कार्यालय
ग्रामीण कार्य विभाग, कार्य प्रमण्डल, कोडरमा।

## अति अल्पकालीन ई–पुर्ननिविदा आमंत्रण सूचना

ई–निविदा संख्या:- 12(RI)/2023-24/RWD/EE/KODERMA दिनांक :-05.10.2024

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, कोडरमा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|
| 1. | RWD/KODERMA/17/2023-24 | झरनाकुण्ड धाम से तिलैया बस्ती तक निर्माण कार्य (लं0–4.700 कि0मी0) | 3,56,71,000/- | तीन करोड़ छप्पन लाख एकहतर हजार रू0 मात्र। | 09 (नौ) माह | द्वितीय |

1. वेबसाईट में निविदा प्रकाशन की तिथि :–09.10.2024
2. ई–निविदा प्राप्ति की अंतिम तिथि एवं समय :–17.10.2024 अपराह्न 5.00 बजे तक।
3. निविदा खोलने की तिथि एवं समय :–19.10.2024 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, कोडरमा झारखण्ड, पिन– 825410
5. ई–निविदा प्रकोष्ठ का दूरभाष सं0– 8709561933/06534.297102
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
ह0/–
कार्यपालक अभियन्ता,
ग्रामीण कार्य विभाग, कार्य प्रमण्डल, कोडरमा।
PR.NO.338251 Rural Work Department(24-25):D

No. CAD-978
ODISHA
## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: VISC(LEM)Proj-64/24-25/୧୨୯୯୧ ତାରିଖ: ୧୭।୦୮।୨୦୨୪

ପ୍ରଦୂଷଣମୁକ୍ତ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାଳୀପୂଜା ତଥା ସରସ୍ୱତୀ ପୂଜା ପାଳନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିବେଦନ

**ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**
- ମୂର୍ତ୍ତି ନିର୍ମାଣରେ ପୋଡ଼ା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ।
- ମୂର୍ତ୍ତିର ଉଚ୍ଚତାକୁ ୨୦ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ଫୁଟ ମଧ୍ୟରେ ସୀମିତ ରଖନ୍ତୁ।
- ପୂଜାପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ।
- ବିସର୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢ଼ରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢ଼ି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ। ଏହାକୁ ବିସର୍ଜନ ସ୍ଥଳରେ ପୋତନ୍ତୁ ନାହିଁ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।

**ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**
- ଜନସାଧାରଣଙ୍କୁ ମୂର୍ତ୍ତି ବିସର୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ।
- ଜନସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ।
- ସମ୍ପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ନିମନ୍ତେ ମାଟିବନ୍ଧ ଓ Synthetic Liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ।
- ମୂର୍ତ୍ତି ବିସର୍ଜନ ହେବାର ୨୪ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal Dumpsiteକୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷାସିତ କରାଯାଇପାରେ।

**ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**
- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ। ସାଜସଜ୍ଜା ନିମନ୍ତେ ଏକକ ବ୍ୟବହର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀକୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ।
- ବ୍ୟବହୃତ ପୂଜା ସାମଗ୍ରୀକୁ ଜରିରେ ବାନ୍ଧି କୌଣସି ନଦୀ କିମ୍ବା ପୋଖରୀରେ ନ ଫୋପାଡ଼ି ଚିହ୍ନଟ ବିସର୍ଜନ ସ୍ଥଳୀରେ ପକାନ୍ତୁ।

**ଫାଇନ୍ ଓ ଦଣ୍ଡ ବ୍ୟବସ୍ଥା:**
Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021 ଅନୁଯାୟୀ ମୂର୍ତ୍ତି କାରିଗରମାନେ ରୁଲ୍ ୩ର ଅବମାନନା କଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରିରୁ ବାସନ୍ଦ ହେବେ। ଏହା ବ୍ୟତୀତ ମୂର୍ତ୍ତି ନିର୍ମାତାମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ।
ପୂଜା କମିଟି କର୍ମକର୍ତ୍ତାମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ର ଅବମାନନା ହେଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ।
- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା।
- ମ୍ୟୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା।
- ମ୍ୟୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା।

ଆସନ୍ତୁ ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା

- ବି.ଦ୍ର.: ଏ ସମ୍ବନ୍ଧୀୟ ବିଶଦ ବିବରଣୀ "The Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021ରେ ମିଳିପାରିବ। (Weblink: http://ospcboard.org/wp-content/uploads/2022/02/1741-F-E-Idol-Immersion-Rule-by-Odisha.pdf।

ସ୍ୱା./- ସଦସ୍ୟ ସଚିବ
OSPCB-CL-MISC-0049-2023/13/2024 OIPR-08012/11/0066/2425

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................

ବୟସ: ...............................

ଜନ୍ମ ତାରିଖ: ...............................



ବିଭାସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନଭେମ୍ବର ୧୫ରେ ସରିବ ପିଜିଡିଏସ୍‌ର ଆବେଦନ ପ୍ରକ୍ରିୟା

**ଭୁବନେଶ୍ୱର,୭।୧୦**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରଫେସର ଘନଶ୍ୟାମ ଦାଶ ସ୍କଲାରଶିପ୍ (ପିଜିଡିଏସ୍) ର ୨୦ତମ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ବୃତ୍ତି ଆବେଦନ ପ୍ରକ୍ରିୟା ନିକଟରେ ଆରମ୍ଭ ହୋଇଥିଲାବେଳେ ୨୦୨୪ ନଭେମ୍ବର ୧୫ ରେ ଏହା ଶେଷ ହେବ ବୋଲି ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ ବା ଇମ୍ଫାର ସାମାଜିକ ପ୍ରତିଷ୍ଠାନ ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେଶନ୍ (ବିଆଇପିଏଫ୍) ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଶେଷ କରି ଉଚ୍ଚ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଏହି ସ୍କଲାରଶିପ୍ ନିମନ୍ତେ ଆବେଦନ ପତ୍ର ଗ୍ରହଣ କରାଯାଉଛି। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ଏହି ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏପରିକି ଆଶାୟୀ ଆବେଦନକାରୀ ଓଡ଼ିଶାର ବାସିନ୍ଦା ହୋଇଥିବା ସହିତ ବୃତ୍ତିର ଯୋଗ୍ୟତା ମାନଦଣ୍ଡ (୮ଲକ୍ଷରୁ କମ୍ ବାର୍ଷିକ ପରିବାର ଆୟ) ପୂରଣ କରୁଥିବା ଆଗ୍ରହୀ ଛାତ୍ରୀଛାତ୍ରମାନେ ଏହାର ୱେବସାଇଟ www.bipf.org.in. ଜରିଆରେ ସ୍କଲାରଶିପ୍ ନିମନ୍ତେ ଆବେଦନ କରିପାରିବେ। ଏହି ଅବସରରେ ବିଆଇପିଏଫ୍‌ର ପ୍ରତିଷ୍ଠାତା ତଥା ଟ୍ରଷ୍ଟି ଶୈଫାଳିକା ପଣ୍ଡା କହିଛନ୍ତି, ଆଗାମୀ ପିଢ଼ିକୁ ସଶକ୍ତ କରିବାରେ ଶିକ୍ଷାର ପ୍ରମୁଖ ଭୂମିକା ରହିଛି। ଏପରିକି ପିଜିଡିଏସ୍ ମାଧ୍ୟମରେ ଆମେ ଆର୍ଥିକ ପୃଷ୍ଠଭୂମିର ପ୍ରତିଭାଶାଳୀ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ହାସଲରେ ସହାୟତା ପ୍ରଦାନ କରିବା ସହିତ ସେମାନଙ୍କ ସମ୍ପ୍ରଦାୟରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ସେହିଭଳି ଓଡ଼ିଶାର ପ୍ରତିଭାଶାଳୀ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ସଶକ୍ତ କରିବା ଲକ୍ଷ୍ୟରେ ଏହି ସ୍କୋଲାରସିପ୍ ପ୍ରଦାନ କରାଯାଉଛି। ପ୍ରତି ବର୍ଷ ଇଞ୍ଜିନିୟରିଂ, ମେଡ଼ିସିନ୍, ଷ୍ଟେମ୍ ଓ ଲିବରାଲ ଆର୍ଟସ ବିଭାଗରେ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନରେ ୬ ଜଣ ଅସାଧାରଣ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଶିକ୍ଷାରେ ଆର୍ଥିକ ସହାୟତା ସ୍ୱରୂପ ଏହି ସ୍କୋଲାରସିପ୍ ପ୍ରଦାନ କରାଯାଇଥାଏ।

ଅପରପକ୍ଷରେ ପିଜିଡିଏସ୍ ଅନ୍ତର୍ଗତ ଏକାଡେମିକ୍ ଫି'ର ୯୦% ଓ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ପ୍ରତ୍ୟେକ ସ୍କୋଲାରସିପ୍ ହାସଲକାରୀ ଛାତ୍ରୀଛାତ୍ରମାନଙ୍କୁ ୬ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥାଏ।


## ଜନ୍ମଦିନ ଶୁଭେଚ୍ଛା



**ବିଭାସ ପଧାନ**
ସୁନାଝରୀ ଗ୍ରାମ
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ- ବାପା: ବେଣୁଧର ପଧାନ, ମାଆ: ମାନସୀ ପଧାନ, ଜେଜେବାପା, ଜେଜେମାଆ, ଅପା, ଦାଦା, ନାନୀ।
ଧ-୧୫୯୨


**୬ ଦିନରେ ପ୍ରାୟ ୨୫ ଲକ୍ଷ କୋଟିର ନିବେଶ ହ୍ରାସ**

# ଦିନକରେ ନିବେଶକ ହରାଇଲେ ୯ଲକ୍ଷ କୋଟି

**ମୁମ୍ବାଇ,୭।୧୦**

ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ସାଙ୍ଗକୁ ଦରବୃଦ୍ଧି ଜନିତ ମାନ୍ଦାବସ୍ଥାର ପ୍ରଭାବ ଭାରତୀୟ ପୁଞ୍ଜି ବଜାର କାରବାର ଉପରେ ପଡୁଛି। ଫଳରେ ଘରୋଇ ଶେୟାର ବଜାରର ନିବେଶକମାନେ ବଡ ଧରଣର କ୍ଷତି ସହୁଛନ୍ତି। ଏପରିକି ଦିନକରେ ଶେୟାର ବଜାର ନିବେଶକ ପ୍ରାୟ ୯ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ପୂର୍ବ ଦିନର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୬୧ ଲକ୍ଷ କୋଟି ଥିଲା। ସୋମବାର ଶେୟାର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୯ ଲକ୍ଷ କୋଟି ହ୍ରାସ ହୋଇ ୪୫୨ ଲକ୍ଷ କୋଟିରେ ପହଞ୍ଚିଛି। ଅପରପକ୍ଷରେ



କ୍ରମାଗତ ଭାବେ ଘରୋଇ ଶେୟାର ବଜାର ହ୍ରାସ କାରଣରୁ ଗତ ୬ଟି କାର୍ଯ୍ୟ ଦିବସ ମଧ୍ୟରେ ବଜାର ପୁଞ୍ଜି ପ୍ରାୟ ୨୫ ଲକ୍ଷ କୋଟି ହ୍ରାସ ଘଟିଛି। ଏପରିକି ଗତ ସପ୍ତାହରେ ଘରୋଇ ପୁଞ୍ଜି ବଜାରର ପରିମାଣ ୪୭୭ ଲକ୍ଷ କୋଟି ଥିଲାବେଳେ ଚଳିତ ସପ୍ତାହର ପ୍ରଥମ ଦିନର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୪୫୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଘରୋଇ ଶେୟାର ବଜାରର ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର କାରବାର ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରେ ମଧ୍ୟ ହ୍ରାସ ଘଟିଛି। ଏପରିକି ୩୦ ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସ ୬୦୦ ପଏଣ୍ଟରୁ ଅଧିକ ହ୍ରାସ ଘଟି ୮୧,୦୫୦ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନିଫ୍ଟି-୫୦ରେ ମଧ୍ୟ କାରବାର ୦.୮୭% କମି ପ୍ରାୟ ୨୪, ୭୯୬ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ମିଡକ୍ୟାପର କାରବାର ୧.୮୫% ଏବଂ ସ୍ମଲକ୍ୟାପର କାରବାରରେ ୩.୨୭ % ହ୍ରାସ ଘଟିଛି।

ସେହିଭଳି ନିଫ୍ଟି ମିଡକ୍ୟାପ କାରବାର ୨.୦୧% କମି ୫୭,୩୦୦.୨୦ ଅଙ୍କରେ ଥିଲାବେଳେ ସ୍ମଲକ୍ୟାପ ୨.୫୮% ହ୍ରାସ ଘଟି ୮୮୦୪.୪୫ ଅଙ୍କରେ ପହଞ୍ଚିଛି। ସେହିପରି ନିଫ୍ଟି ବ୍ୟାଙ୍କର କାରବାର ୧.୯୧ % କମି ୫୦,୪୭୮.୯୦ ଅଙ୍କରେ କାରବାର ବନ୍ଦ ହୋଇଥିଲା।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ୬ଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ)ର ସେନସେକ୍ସ ୬୩୮ (୬୩୮.୪୫) ପଏଣ୍ଟ କମି ୮୧,୦୫୦(୮୧,୦୫୦.୦୦)ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସଇ)ର ନିଫ୍ଟି-୫୦ରେ ମଧ୍ୟ ୨୧୯ (୨୧୮.୮୫) ପଏଣ୍ଟ ହ୍ରାସ ଘଟି ୨୪,୭୯୬ (୨୪,୭୯୫.୭୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ବଜାରରେ ଅଲ୍ ନ୍ୟୁ ନିଶାନ ମ୍ୟାଗନାଇଟ

**ଭୁବନେଶ୍ୱର,୭।୧୦ (ଅଭୟ ଦାଶ)**

ନିଶାନ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ ନ୍ୟୁ ନିଶାନ ମ୍ୟାଗନାଇଟ'ର ଅନାବରଣ ଓ ବଜାର ପ୍ରବେଶ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ସ୍ୱୀକୃତିପ୍ରାପ୍ତ ଡିଲର ଜାହ୍ନବୀ ନିଶାନ (ଜାହ୍ନବୀ ଅଟୋମୋବାଇଲ୍ସ ପ୍ରାଇଭେଟ ଲିମିଟେଡ) ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବ ଭୁବନେଶ୍ୱର ନିକଟସ୍ଥ ପାହାଳର ପ୍ରାଚୀ ବଜାରସ୍ଥିତ ନିଶାନ ଶୋ'ରୁମଠାରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ପାହାଳ ଗ୍ରାମ କମିଟିର ସଭାପତି ପଦ୍ମନାଭ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ)ର ମ୍ୟାନେଜର ସୋମନାଥ ମିଶ୍ର, ସାମାଜିକକର୍ମୀ ଦିଲୀପ କୁମାର ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।




ଉଲ୍ଲେଖଯୋଗ୍ୟ, ଅଲ ନ୍ୟୁ ନିଶାନ ମ୍ୟାଗନାଇଟରେ ଅନେକ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାମିଲ ଥିଲାବେଳେ ଆକର୍ଷଣୀୟ ଡିଜାଇନ ଓ ସୁରକ୍ଷା ବ୍ୟବସ୍ଥା ଉକ୍ତ ମଡେଲକୁ ଆହୁରି ଚିତ୍ତାକର୍ଷକ କରିଛି।

ଏ ସମ୍ପର୍କରେ ଜାହ୍ନବୀ ନିଶାନ (ଜାହ୍ନବୀ ଅଟୋମୋବାଇଲ୍ସ ପ୍ରାଇଭେଟ ଲିମିଟେଡ) ର ଏମଡି ଅମିତ କୁମାର ଜୟସ୍ୱାଲ କହିଥିଲେ, ଆମେ ଆମର ଶୋ'ରୁମ ପରିସରରେ ନିଶାନ ମ୍ୟାଗନାଇଟର ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ଜାହ୍ନବୀ ନିଶାନର ଜିଏମ୍ ସଞ୍ଜୟ ପଣ୍ଡା ଅନାବରଣ ଉତ୍ସବର ସଂଯୋଜନା ସହ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶୋ'ରୁମର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଆଶାୟୀ ଗ୍ରାହକମାନେ ମଧ୍ୟ ଉପସ୍ଥିତ ଥିଲେ।

# ଫ୍ରିଡମ ଅଏଲ୍‌ସର ଆକର୍ଷଣୀୟ ଅଫର

**ନୂଆଦିଲ୍ଲୀ,୭।୧୦**

ଦେଶର ପ୍ରମୁଖ ଖାଇବା ତେଲ ତଥା ଜେମିନୀ ଏଡିବେଲସ ଆଣ୍ଡ ଫ୍ୟାଟସ ଇଣ୍ଡିଆ ଲିମିଟେଡର ଅଗ୍ରଣୀ ବ୍ରାଣ୍ଡ ଫ୍ରିଡମ ହେଲଦି କୁକିଂ ଅଏଲ୍‌ସର ବହୁ ପ୍ରତୀକ୍ଷିତ ତଥା ଏକ ନୂଆ ପ୍ରଚାର ଯୋଜନା (ନ୍ୟୁ ପ୍ରମୋଶନାଲ ସ୍କିମ) 'ଗୋ ଫର୍ ଫ୍ରିଡମ ଗୋଲ୍ଡ ଅଫର୨୦୨୪'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଚଳିତ ବର୍ଷର ପାର୍ବଣ ଋତୁ (ଦଶହରା ଓ ଦୀପାବଳି) ରେ ଗ୍ରାହକଙ୍କୁ ଅତିରିକ୍ତ ସୁବିଧା ଯୋଗାଇ ଦେବା ପାଇଁ ଏହି ଆକର୍ଷଣୀୟ ଅଫର ଆରମ୍ଭ ହୋଇଛି। ଏହି ଅଫର ଅଗାମୀ ୪୫ ଦିନ ପର୍ଯ୍ୟନ୍ତ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଛତିଶଗଡ ଏବଂ କର୍ନାଟକ ଭଳି ରାଜ୍ୟରେ ଉପଲବ୍ଧ ରହିବ। ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବର ୧ରୁ ନଭେମ୍ବର ୧୪ପର୍ଯ୍ୟନ୍ତ ଉପଲବ୍ଧ ଏହି ଅଫର ଜରିଆରେ ପ୍ରତିଦିନ ପ୍ରଥମ ୧୦୦ ଜଣ ଭାଗ୍ୟଶାଳୀ ଗ୍ରାହକ ୧ ଗ୍ରାମ୍ ସୁନା ମୁଦ୍ରାର ବିଜେତା ହେବା ସହିତ ବ୍ରାଣ୍ଡ୍‌ର ବମ୍ପର ଡ୍ର ପ୍ରତିଯୋଗିତାରେ




ମଧ୍ୟ ସାମିଲ ହୋଇ ଆକର୍ଷଣୀୟ ପୁରସ୍କାରର ବିଜେତା ହୋଇପାରିବେ।

ଏ ସମ୍ପର୍କରେ ଜେମିନୀ ଏଡିବେଲସ ଆଣ୍ଡ ଫ୍ୟାଟସ ଇଣ୍ଡିଆ ଲିମିଟେଡର ବରିଷ୍ଠ ଉପସଭାପତି ( ବିକ୍ରି ଓ ବିପଣନ) ପି. ଚନ୍ଦ୍ରଶେଖର ରେଡ୍ଡୀ କହିଥିଲେ ଆମେ ଆମର ନୂତନ ଯୋଜନା 'ଗୋ ଫର ଫ୍ରିଡମ ଗୋଲ୍ଡ ଅଫର୨୦୨୪'ର ଶୁଭ ।ରମ୍ଭ କରି ବେଶ୍ ଉତ୍ସାହିତ ଅଛି।

# ଧରିତ୍ରୀ ଜୁଏଲର୍ସର ନବୀକୃତ ଶୋ'ରୁମ୍ ଉଦ୍‌ଘାଟିତ



**କଟକ,୭।୧୦ (କାର୍ତ୍ତିକ ସାହୁ)**

ବକ୍ସିବଜାରସ୍ଥିତ ଧରିତ୍ରୀ ଜୁଏଲର୍ସର ନବୀକୃତ ଶୋ'ରୁମ ସୋମବାର କଟକର ବକ୍ସିବଜାର ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଧରିତ୍ରୀ ଜୁଏଲର୍ସର ସ୍ୱତ୍ତ୍ୱାଧିକାରୀ ପ୍ରେମଲତା ପୃଷ୍ଟି ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋ-ରୁମ୍‌ର ଅନ୍ୟତମ ନିର୍ଦ୍ଦେଶକ ପ୍ରଦୀପ କୁମାର ପୃଷ୍ଟି, ପ୍ରଶାନ୍ତ କୁମାର ପୃଷ୍ଟି, ପ୍ରଭାତ କୁମାର ପୃଷ୍ଟି ଓ ଲକ୍ଷ୍ମୀଧର ପୃଷ୍ଟିଙ୍କ ସମେତ ବରିଷ୍ଠ ପରିଚାଳକ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରଶ୍ମିରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପ୍ରକାଶ ଯେ, ୨୦୦୭ ମସିହାରୁ ବକ୍ସିବଜାର ଅଞ୍ଚଳରେ ଏହି ସୋ-ରୁମ ସୁନା, ରୂପା ଅଳଙ୍କାର ବ୍ୟବସାୟର ପ୍ରମୁଖ ପ୍ରତିଷ୍ଠାନ ଭାବେ ଗ୍ରହଣୀୟ ହୋଇପାରିଛି। ଦେଶର ବିଭିନ୍ନ ସ୍ଥାନରୁ ବଛାବଛା କାରିଗରଙ୍କ ଜ୍ଞାନ କୌଶଳରେ ସର୍ବଦା ନୂତନ ଡିଜାଇନ୍‌ର ଅଳଙ୍କାର ଯୋଗାଇ ଗ୍ରାହକଙ୍କ ମନଲାଖି ହୋଇପାରିଛି। ସବୁବର୍ଗର ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସୋ-ରୁମ୍‌ର କଳେବରକୁ ବୃଦ୍ଧି ସମ୍ପ୍ରସାରିତ କରାଯାଇଛି। ନବୀକୃତ ସୋରୁମ୍‌କୁ ଆକର୍ଷଣୀୟ କରାଯାଇ ସେଥିରେ ନୂଆ ନୂଆ ଅଳଙ୍କାରଗୁଡ଼ିକ ପ୍ରଦର୍ଶିତ କରାଯାଇଛି। ସହଜ ସୁଲଭ ଭାବେ ଯେପରି ଗ୍ରାହକମାନେ ନିଜ ମନପସନ୍ଦର ଅଳଙ୍କାର କିଣିପାରିବେ ସେନେଇ ଯଥେଷ୍ଟ ବ୍ୟବସ୍ଥା ମଧ୍ୟ କରାଯାଇଛି। ଉଦ୍‌ଘାଟନ ଅବସରରେ ସୁନାର ଗଢ଼ା ମଜୁରୀ ଉପରେ ୩୦% ଛାଡ଼ କରାଯାଇଥିବା ବେଳେ ରୁପା ଅଳଙ୍କାରରେ ଗଢ଼ା ମଜୁରୀ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି।

# ଗ୍ରାମୋଦ୍ୟୋଗ ଶିଳ୍ପରେ ନୂଆ ମାଇଲଖୁଣ୍ଟ




**ନୂଆଦିଲ୍ଲୀ,୭।୧୦**

ଦେଶର ପ୍ରମୁଖ ପାପଡ ବ୍ରାଣ୍ଡ ତଥା ଶ୍ରୀ ମହିଳା ଗ୍ରୀହ ଉଦ୍ୟୋଗ ଲିଜତ ପାପଡର ୫୯ତମ ବାର୍ଷିକ ସାଧାରଣ ସଭା(ଏଜିଏମ) ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ମୁମ୍ବାଇର ସିଆନ ସାନମୁଖାନନ୍ଦା ହଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଇଡୁକୋର ପ୍ରତିଷ୍ଠାତା ଟ୍ରଷ୍ଟି ମିନାଲ ଶ୍ରୀନିବାସନ, ଏନ୍‌ପିଏସ୍‌ଏସ୍‌ର ପୂର୍ବ ସମ୍ପାଦକ ଏବଂ ମଙ୍ଗଳ ମେହେଣ୍ଡାଲେ ଏବଂ ଲିଜତ ପାପଡର ଆଇନଜୀବୀ ଶୈଳେଶ ଯାଦବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଭୟ ଗ୍ରାମୋଦ୍ୟୋଗ ଓ ପାପଡ ଶିଳ୍ପରେ ଲିଜତ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି ବୋଲି ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଲିଜତ ପାପଡର ସଭାପତି ସ୍ୱାତୀ ଆର୍ ପାରଡକର ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଏଜିଏମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲାବେଳେ ଉପସଭାପତି ପ୍ରତିଭା ଇ. ସ୍ୱାଓନ୍ତ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।


# Classified Everyday
0674-2580101, 2549949



REAL ESTATE
SALE

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313. D-1589

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' Road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘର କଲାଭଳି plot ମିଳୁଛି। (Owner) 9090963952. D-75996

High profile Three Storied building at Jaydurga Nagar, Bomikhal, Bhubaneswar for 2.40crores. Brokers Excuse. Call-8917520527. D-1570

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584. D-1590

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Asribada Panchakarma herbal SPA, Kesharimall, Bhubaneswar. Contact-8926173473. D-75791

Newly open health benefits SPA special Offer @ 799 Bapuji Nagar. 9861237682. D-76160

Kerala Massage therapy gents/ Ladies pain relief Bhubaneswar. 9337672475. D-1575

AFFIDAVIT

I, Subash Chandra Behera, S/o- Late Purandar Behera resident of Nuabag P.O.-Nuabaga, P.S.-Hindol, Dist.-Dhenkanal, Pin-759021, Odisha declare by this affidavit No.- 814 dtd.07.10.2024 that now onwards I shall be known as SUBAS CHANDRA BEHERA for all future purposes. D-1595

I, Shankar Lal Soni, S/o- Amarsing Soni, resident of Town/P.O./P.S.- Kantabanji, Dist.-Balangir, PIN- 767039, Odisha declare by this affidavit No.1857, dtd.07.10.2024 that now onwards I shall be known as Shankar Lal Soni for all future purposes. D-1588

LEGAL NOTICE

I, Sri Ganeswar Naik, S/o- Ratnakar Naik, Vill-Susuda, P.O.-Ankula, P.S./Dist.-Angul, (Odisha) do hereby confirm that I have cancelled and revoked the said Power of Attorney granted to Anita Naik bearing Regd. No. 10012400141, dt. 06.01.2024 with effect from 05.10.2024 and I have also absolutely and completely revoked all powers or authority given under the aforesaid Power of Attorney to the aforesaid person with effect from the date 05.10.2024. Court of the Executive Magistrate affidavit No.- 3796 D-1596

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ବୀଣାପାଣି ମହାନ୍ତି
ବଡ଼ଗଡ଼ ବ୍ରିଟ୍ କଲୋନୀ, ଇବି-୫୫୧, ଭୁବନେଶ୍ୱର
ତିରୋଧାନ: ୨୮।୦୯।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର: ଆଶୁତୋଷ, ଭଣଜା-ଭଜଣାବୋହୂ: ଅଭୀପ୍ସା, ସୁମିତ୍ରା, ଲ୍ୱାଇଁ, ଝିଅ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୧୫୯୪

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଏଅଲେଖ ଚନ୍ଦ୍ର ପଣ୍ଡା
କୁଞ୍ଜପଦା, ବନମାଳିପୁର
ଆବିର୍ଭାବ: ୧୬।୧୨।୧୯୪୮
ତିରୋଧାନ: ୨୨।୦୯।୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୭୧୨୩୪

୩୩ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଗୌତମ ପ୍ରସାଦ ପଣ୍ଡା
ଆବିର୍ଭାବ: ୨୦।୦୭।୧୯୬୫
ତିରୋଧାନ: ୧୩।୧୦।୧୯୯୧
(ଆଶ୍ୱିନ ଶୁକ୍ଳ ଷଷ୍ଠୀ ତିଥି)
ଆଜି ୩୩ତମ ଶ୍ରାଦ୍ଧବାର୍ଷିକ ଅବସରରେ ତୋର ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।
:ଶୋକସନ୍ତପ୍ତ:
ମାତା: ଲଳିତା ପଣ୍ଡା, ନନା: ସିଦ୍ଧାର୍ଥ କୁମାର ପଣ୍ଡା, ଭାଉଜ: ଶାନ୍ତିଲତା ପତି, ଭାଇ: ମିଟୁ, ଲୁଲୁ, ବାବୁଲି ଓ ଟୁଲୁ, ଭାଇବୋହୂ: ସିଲା, ଟିନା, ଟୋପା, ସିଲୁ, ଭଉଣୀ: ଲିଲି ଓ ମାମି, ଭିଣୋଇ: ଜୟଦୀପ ମିଶ୍ର ଓ ଲକ୍ଷ୍ମୀନାରାୟଣ ମିଶ୍ର ଏବଂ ବନ୍ଧୁବର୍ଗ।
ଧ-୧୫୪୩

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ମହାରାଷ୍ଟ୍ରର କୋହ୍ଲାପୁରରେ ଅନୁସୂଚିତ ଜାତି ସମ୍ପ୍ରଦାୟର ଅଜୟ ତୁକାରାମ ସନଦେଙ୍କ ଘରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି।

# ଦଳର ପରାଜୟ ପରେ ପ୍ରସନ୍ନ ଆଚାର୍ଯ୍ୟ ହତୋତ୍ସାହିତ: ଭାଜପା

ଭୁବନେଶ୍ୱର, ୭।୧୦(ସୁନିତ୍ ମିଶ୍ର)

ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଓ ତାଙ୍କ ଦଳ ପରାଜୟ ପରେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଓଡ଼ିଶା ଲୋକଙ୍କ ନିଷ୍ପତ୍ତିକୁ ନିଜ ଅହଙ୍କାର କାରଣରୁ ସେମାନେ ସ୍ୱୀକାର କରିପାରୁନାହାନ୍ତି ବୋଲି ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସମୀର କହିଛନ୍ତି, ଭାଜପାର ଲୋକକଲ୍ୟାଣକାରୀ ଯୋଜନାରେ ଈର୍ଷାନ୍ୱିତ ହୋଇ ବିଜେଡି ନେତା ଇଆଡୁସିଆଡୁ ମନ୍ତବ୍ୟ ଦେଉଛନ୍ତି। ୨୦୨୪ ନିର୍ବାଚନ ସମୟରେ ବିଜେଡି ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦଳରୁ କୋଣଠେସା କରି ଟିକେଟ୍ ଦେଉ ନ ଥିଲା। ଏ କଥାକୁ ବୋଧେ ସେ ଭୁଲିଯାଉଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପରେ ପ୍ରସନ୍ନ ଯେଉଁ ଟିପ୍ପଣୀ ଦେଇଛନ୍ତି, ତାହା ତାଙ୍କର ବ୍ୟକ୍ତିଗତ ନା ଦଳରେ ନିଜକୁ ସୁରକ୍ଷିତ ରଖିବା ପାଇଁ ଏପରି ମନ୍ତବ୍ୟ ଦେଇଛନ୍ତି। ଯଦି ନବୀନ ବାବୁଙ୍କ ପ୍ରତି ଲୋକପ୍ରିୟତା ଥିଲା ବୋଲି ସେ କହୁଛନ୍ତି ତେବେ ଗତ ନିର୍ବାଚନରେ ନବୀନ ବାବୁ ଲଢୁଥିବା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ୧୬,୩୪୪ ଭୋଟ୍ ବ୍ୟବଧାନରେ କେମିତି ହାରିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଦୀର୍ଘ ୨୪ ବର୍ଷ ଧରି ଲୋକଙ୍କୁ ପ୍ରତାରିତ କରିବା ତଥା ପ୍ରତିଶ୍ରୁତି ପୂରଣ ନ କରିବା ପରାଜୟର କାରଣ ନୁହେଁ କି ବୋଲି ସମୀର ପ୍ରଶ୍ନ ଉଠାଇଛନ୍ତି। ନବୀନବାବୁ କ୍ରମାଗତ ଭାବେ ନିଜର ଆସ୍ଥା ଓ ବିଶ୍ୱାସ ରାଜ୍ୟବାସୀଙ୍କଠାରୁ ହରାଇ ବସିଛନ୍ତି। ଏହି କଥାକୁ ସେ ଗ୍ରହଣ କରୁନାହାନ୍ତି। ଚଳିତଥର ହିଞ୍ଜିଳି ନିର୍ବାଚନମଣ୍ଡଳୀରୁ ବିଜେଡି ସଭାପତି କେତେ ଭୋଟ ବ୍ୟବଧାନରେ ଜିତିଛନ୍ତି, ତାହା ନବୀନ ବାବୁଙ୍କୁ ପଚାରିଲେ ଭଲ ହୁଅନ୍ତା। ଗତ କିଛିବର୍ଷ ହେଲା ବିଜେଡିରେ ମନ୍ତ୍ରୀ ଓ ବିଧାୟକମାନଙ୍କ ସ୍ଥିତି କ'ଣ ଥିଲା, ଏହା ମଧ୍ୟ ସେ ଅନୁଭବ କରିଥିବେ। ଭାଜପାର ଲୋକପ୍ରିୟତା ନେଇ ବିଜେଡି ନେତାଙ୍କୁ ଚିନ୍ତା ଘାରିବା ସ୍ୱାଭାବିକ ବୋଲି ସମୀର କହିଛନ୍ତି।

ସୂଚନାଯୋଗ୍ୟ, ଦୁଇ ଦିନ ତଳେ ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ହେମାମୁରାଠାରେ ଆୟୋଜିତ ପଦଯାତ୍ରାରେ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ଭାଜପା ସରକାରକୁ ଟାର୍ଗେଟ କରିଥିଲେ। ଏଠାରେ ଗୋଟିଏ ନୁହେଁ ୪ଟି ସରକାର ଚାଲିଛି ବୋଲି କହିଥିଲେ। ଆହୁରି କହିଥିଲେ, ବିଜେଡି ଶାସନ ବେଳେ ଗୋଟିଏ ସରକାର ଚାଲିଥିଲା। ଆମ ସରକାର ଯାହା ନିଷ୍ପତ୍ତି ନେଉଥିଲା ସେମାନେ ମାନୁଥିଲେ। ହେଲେ ଭାଜପା ଶାସନରେ ୪ଟି ସରକାର। ମୁଖ୍ୟମନ୍ତ୍ରୀଙ୍କୁ ୪ ଜଣଙ୍କ କଥା ଶୁଣିବାକୁ ପଡୁଛି ବୋଲି ପ୍ରସନ୍ନ କହିଥିଲେ।

# ରାଜ୍ୟପାଳଙ୍କ ପୁଅଙ୍କୁ ଗିରଫ ଦାବିରେ ଯୁବ କଂଗ୍ରେସର ପ୍ରତିବାଦ




ରାଜ୍ୟପାଳଙ୍କ ପୁଅଙ୍କୁ ଗିରଫ ପ୍ରତିବାଦରେ ସୋମବାର ରାଜଭବନ ଘେରାଉ ପାଇଁ ଯାଉଥିବା ରାଜ୍ୟ ଯୁବ କଂଗ୍ରେସ ନେତା ଓ କର୍ମୀ।

ଭୁବନେଶ୍ୱର, ୭।୧୦(ସୁନିତ୍ ମିଶ୍ର)

ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଥିବା ଭାଜପା ସରକାର ଏବେ ରାଜ୍ୟବାସୀଙ୍କ ଭାବାବେଗ ସହ ଖେଳ ଖେଳି ଆସୁଛି। ରାଜ୍ୟପାଳଙ୍କ ପୁଅଙ୍କୁ ଗିରଫ ପ୍ରତିବାଦରେ କିଛିଦିନ ତଳେ ରାଜଭବନ ସମ୍ମୁଖରେ ପ୍ରଦେଶ ଯୁବଛାତ୍ର କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା। ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଅଫିସରଙ୍କୁ ମାଡ଼ ମାରିବା ଘଟଣା ଅନେକ ଦିନ ବିତିଯାଇଥିଲେ ମଧ୍ୟ ଏହି ଘଟଣାରେ ଭାଜପା ସରକାର ସମ୍ପୂର୍ଣ୍ଣ ଚୁପ୍ ବସିଛନ୍ତି। ଏହାର ପ୍ରତିବାଦରେ

## ରାଜ୍ୟପାଳଙ୍କୁ ତୁରନ୍ତ ପ୍ରତ୍ୟାହାର ନ କଲେ ଜୋରଦାର ବିରୋଧ: ରଞ୍ଜିତ

ସୋମବାର ରାଜ୍ୟ ଯୁବ କଂଗ୍ରେସ ନେତା ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ ରାଜ୍ୟପାଳ ରଘୁବର ଦାସଙ୍କ ପୁଅକୁ ତୁରନ୍ତ ଗିରଫ କରିବା ପ୍ରତିବାଦରେ ରାଜଭବନ ଘେରାଉ କରିଛନ୍ତି। ଯୁବ କଂଗ୍ରେସ କର୍ମୀମାନେ ପାୱାର ହାଉସ୍ ଛକଠାରୁ ବାହାରି ରାଜଭବନ ପର୍ଯ୍ୟନ୍ତ ଯିବାବେଳେ ପୋଲିସ ସେଠାରେ ଅଟକାଇଥିଲା। ଏହି ସମୟରେ କିଛି ସମୟ ଧରି ପୋଲିସ ସହ ଯୁବ କଂଗ୍ରେସ ନେତା ଓ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାପରେ ପୋଲିସ କିଛି ଯୁବ କଂଗ୍ରେସ କର୍ମୀଙ୍କୁ ସେଠାରେ ଉଠାଇ ନେଇ ବାରାକରେ ରଖି ପରବର୍ତ୍ତୀ ସମୟରେ ଛାଡି ଦେଇଛି। ଏହି ଅବସରରେ ରଞ୍ଜିତ କହିଛନ୍ତି, ରାଜ୍ୟରେ ଭାଜପା ସରକାର ଆସିବା ପୂର୍ବରୁ ଓଡ଼ିଆ ଅସ୍ମିତା କଥା କହି ଲୋକମାନଙ୍କ ଆସ୍ଥା ପ୍ରକଟ କରିଥିଲେ। କିନ୍ତୁ ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ମିଥ୍ୟା ପାଲଟିଛି। ଓଡ଼ିଆ ଅଫିସର ବର୍ତ୍ତମାନ ସୁରକ୍ଷିତ ନାହାନ୍ତି, ଏବେ ମୋହନ ସରକାର ନୁହେଁ, ଓଡ଼ିଶାରେ ରଘୁବର ସରକାର ଚାଲିଛି, ଯାହାକି ଅତ୍ୟନ୍ତ ନିନ୍ଦନୀୟ ଘଟଣା। ରାଜ୍ୟ ସରକାର ତୁରନ୍ତ ରାଜ୍ୟପାଳଙ୍କ ପୁଅକୁ ଗିରଫ କରି ଓଡ଼ିଆ ଅସ୍ମିତାର ପରିଚୟ ଦିଅନ୍ତୁ। ଏହାସହ ଓଡ଼ିଶାର ରାଜ୍ୟପାଳଙ୍କୁ ତୁରନ୍ତ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଯୁବ କଂଗ୍ରେସ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନଙ୍କୁ ରାସ୍ତାରେ ବିରୋଧ କରିବା ସହ ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦେଇ ରାଜ୍ୟ ସରକାର ଯେଉଁ ପ୍ରହସନ କରିଛନ୍ତି, ତାହା ବିରୋଧରେ ଜୋରଦାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସେ କହିଛନ୍ତି।

# କାମ ନ କରି ବାହାବା ନେବାକୁ ଚେଷ୍ଟା କରୁଛି ଭାଜପା ସରକାର: ବିଜେଡି

ଭୁବନେଶ୍ୱର,୭।୧୦(ଅନିଲ ଦାସ



ରୋହିତ ପୂଜାରୀ

ରାଜ୍ୟରେ ଥିବା ଭାଜପା ସରକାର ଏକ କପିପେଷ୍ଟ ସରକାର। କେବଳ ନବୀନ ସରକାରଙ୍କ ଅମଳରେ ହୋଇଥିବା କାର୍ଯ୍ୟକୁ କିମ୍ବା ଯୋଜନାଗୁଡ଼ିକୁ ନାମ ଓ ରଙ୍ଗ ପରିବର୍ତ୍ତନ କରି ଚଳାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖଭବନଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ ଭାଜପା ସରକାରଙ୍କ ଉପରେ ବର୍ଷିଥିଲେ। ପୂଜାରୀ କହିଥିଲେ, ଓଡ଼ିଆରେ ଗୋଟେ ଢଗ ଅଛି, ଗାଲୁଆଙ୍କ ବାରବାଟୀ ଚାଷ। ଏହି ଢଗଟି ବର୍ତ୍ତମାନର ଭାଜପା ସରକାରଙ୍କ ପାଇଁ ପ୍ରଯୁଜ୍ୟ। କାରଣ ସରକାରକୁ ଆସିବାର ୧୨୦ ଦିନ ବିତି ଯାଇଥିଲେ ସୁଦ୍ଧା, କୌଣସି ନୂତନ କାମ ନ କରି କେବଳ ନବୀନ ସରକାରଙ୍କ କାର୍ଯ୍ୟର ନାମ ଓ ରଙ୍ଗ ପରିବର୍ତ୍ତନ କରି ସରକାର ବାହାଦୁରି ନେବାକୁ ଚେଷ୍ଟା କରୁଛନ୍ତି। ଉଦାହରଣ ସ୍ୱରୂପ, ଗତ ୨ ଦିନ ହେଲା ସମ୍ବଲପୁରର ମା'ସମଲେଇଙ୍କ ମନ୍ଦିର ସମ୍ମୁଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫଟୋଥିବା ଏକ ପୋଷ୍ଟର ଲଗାଯାଇଛି ଓ ସମାନ ପୋଷ୍ଟର ମଧ୍ୟ ନେଲସନ ମଣ୍ଡେଲା ଛକରୁ ଛାପୁର ଛକ ପର୍ଯ୍ୟନ୍ତ ରାସ୍ତାର ବ୍ରିଜ ସମ୍ମୁଖରେ ଲଗାଯାଇଛି। ସାରା ରାଜ୍ୟବାସୀ ଜାଣିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ମା' ସମଲେଶ୍ୱରୀ ପୀଠର ରୂପାନ୍ତରୀକରଣକୁ ସଫଳତାର ସହିତ ସମ୍ପୂର୍ଣ୍ଣ କରାଯାଇଥିଲା। ସେହିପରି, ଛାପୁରବ୍ରିଜ ମଧ୍ୟ ତାଙ୍କରି ସମୟରେ ହୋଇଥିଲା। ବର୍ତ୍ତମାନର ଭାଜପା ସରକାର ବ୍ୟାନର ଲଗାଇ ନିଜର ପ୍ରଚାର କରିବାକୁ ଚାହୁଁଛନ୍ତି। ଲୋକଙ୍କ ପାଇଁ କାମକରି ପୋଷ୍ଟର ବ୍ୟାନର ଲଗାନ୍ତୁ, ସେଥିରେ ଅସୁବିଧା ନାହିଁ। କାମ ନ କରି କେବଳ ପୋଷ୍ଟର ବ୍ୟାନର ଲଗାଇ ବାହାଦୁରି ନେବାକୁ ଚେଷ୍ଟା କଲେ ଲୋକେ ଗ୍ରହଣ କରିବେ ନାହିଁ।

ସେହିପରି, ପଶ୍ଚିମ ଓଡ଼ିଶାରେ ଉଚ୍ଚ ନ୍ୟାୟାଳୟ ବେଞ୍ଚ୍ ପ୍ରତିଷ୍ଠା ନେଇ ଭାଜପା ସରକାର କୌଣସି ଆନ୍ତରିକତା ଦେଖାଇ ନାହାନ୍ତି। ପ୍ରଥମେ ଏପରି କୌଣସି ପ୍ରସ୍ତାବ ସରକାରଙ୍କ ପାଖରେ ନାହିଁ ବୋଲି କହିଥିଲେ, ପରେ ଏହା ବିଚାରାଧୀନ ଅଛି ବୋଲି କହିଲେ। ସରକାର ସ୍ପଷ୍ଟ କରନ୍ତୁ, କେବେ ଏହି ବେଞ୍ଚ୍ ପ୍ରତିଷ୍ଠା ହେବ। ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସେଣ୍ଟ୍ରାଲ ୟୁନିଭର୍ସିଟିର ମାନ୍ୟତା, ଭିସୁଟ୍‌କୁ ଆଇଆଇଟିର ମାନ୍ୟତା ଇତ୍ୟାଦିର କାମ ରହିଛି। ଏହି ସବୁ କାମ କରି ସରକାର ନିଜର ପ୍ରଚାର କରନ୍ତୁ । କିଛି କାମ ନ କରି କେବଳ ପୋଷ୍ଟର ବ୍ୟାନର ମାରିଲେ ଲୋକେ ଗ୍ରହଣ କରିବେ ନାହିଁ। ଛତିଶଗଡ଼ ସରକାରଙ୍କ ଦ୍ୱାରା କରାଯାଇଥିବା ବ୍ୟାରେଜଗୁଡ଼ିକ ହୀରାକୁଦ ଡ୍ୟାମ୍ ପ୍ରତି ବିପଦ ସୃଷ୍ଟିକରୁଛି। ବର୍ତ୍ତମାନ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ଭାଜପା ସରକାର ଥିବାରୁ ଏହି ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ଏହି ସମସ୍ୟାକୁ ସମାଧାନ ପାଇଁ ଉଦ୍ୟମ ନ କରି ପ୍ୟାକେଜ ଘୋଷଣା କେବଳ ଧର୍ମକୁ ଆଖିଠାର ସଦୃଶ ବୋଲି ପୂଜାରୀ କହିଛନ୍ତି।

# ନବୀନଙ୍କୁ ଭେଟିଲେ ଅମରେଶ

ଭୁବନେଶ୍ୱର,୭।୧୦(ଅନିଲଦାସ)

ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ବିଜେଡିର ଗୋଟିଏ ଗୋଷ୍ଠୀ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଦୁର୍ଗାପୂଜା ନିମନ୍ତ୍ରଣ ବାହାନାରେ ଗତ ଶୁକ୍ରବାର ନବୀନ ନିବାସରେ ଭେଟି କର୍ପୋରେଟର ଅମରେଶ ଜେନା ଓ ବିରଞ୍ଚି ମହାସୁପକାରଙ୍କ ବିରୋଧରେ ଦଳବିରୋଧୀ କାର୍ଯ୍ୟାନୁଷ୍ଠାନ ଦାବି କରିବା ନେଇ ଚର୍ଚ୍ଚା ହେଉଥିଲା । ଏହାର ୩ ଦିନ ପରେ ଅର୍ଥାତ ସୋମବାର ସନ୍ଧ୍ୟାରେ ଅମରେଶ ନବୀନ ନିବାସ ଯାଇ ନବୀନଙ୍କୁ ସାକ୍ଷାତ୍ କରିଛନ୍ତି । ସେ ଦୀର୍ଘ ସମୟ ଧରି ସେଠାରେ ରହିଥିଲେ। ନବୀନ ନିବାସରୁ ବାହାରି ଦଶହରା ପାଇଁ ନିମନ୍ତ୍ରଣ କରିବାକୁ ଆସିଥିବା କହିଥିଲେ। ଏହାକୁ ନେଇ ରାଜଧାନୀ ରାଜନୀତି ସରଗରମ ହୋଇଛି।

ନିଜର ବିରୋଧୀ ଗୋଷ୍ଠୀଙ୍କ ମେଳିକୁ ନେଇ ଅମରେଶ କହିଛନ୍ତି, ନବୀନ ପଟ୍ଟନାୟକଙ୍କଠାରୁ ତାଙ୍କୁ ଅଲଗା କରିଦେବେ ବୋଲି ଯିଏ ଷଡଯନ୍ତ୍ର କରୁଛନ୍ତି, ସେମାନେ କେବେ ସଫଳ ହେଇପାରିବେ ନାହିଁ। ତାଙ୍କୁ ନବୀନ ପଟ୍ଟନାୟକଙ୍କଠାରୁ କେହି ଅଲଗା କରି ପାରିବେ ନାହିଁ। ଆମେ ସମସ୍ତେ ଏକଜୁଟ ଅଛୁ। ମାଆଙ୍କର ନବରାତ୍ର ପୂଜା ଚାଲିଛି, ମାଆ ସେମାନଙ୍କୁ ସଦବୁଦ୍ଧି ଦିଅନ୍ତୁ। ଲୋକଙ୍କ ସେବା କରନ୍ତୁ, ଦଳକୁ ଆଗକୁ ନିଅନ୍ତୁ। ଭାଙ୍ଗିବା ଅପେକ୍ଷା ଗଠନମୂଳକ ଚିନ୍ତାରେ ଆଗକୁ ବଢନ୍ତୁ ବୋଲି ସେ କହିଛନ୍ତି।



ଗଞ୍ଜାମ ଜିଲା ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀର ନେତା ଓ କର୍ମୀମାନେ ସୋମବାର ନବୀନ ନିବାସଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି।

# ବିଡିଓ, ଉପାଧ୍ୟକ୍ଷଙ୍କ ଗିରଫ ଦାବିରେ ବିଜେଡିର ଥାନା ଘେରାଉ

## ଗୋପ ବ୍ଲକ ଫଳକଭଙ୍ଗା ଘଟଣା

ଗୋପ, ୭।୧୦
(ଭାରତୀ ଭୂଷଣ ଉପାଧ୍ୟାୟ)

ପୁରୀ ଜିଲା ଗୋପ ବ୍ଲକ ଅଧ୍ୟକ୍ଷାଙ୍କୁ ଅପମାନ କରିବା, ଧମକାଇବା ଓ ଜାତିଆଣ ମନ୍ତବ୍ୟ ଦେବା ଅଭିଯୋଗ ଉପରେ ଗୋପ ପୋଲିସ ବିଡିଓ ଏବଂ ଉପାଧ୍ୟକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସୋମବାର ଅପରାହ୍ନରେ ଗୋପ ବିଜେଡି ପକ୍ଷରୁ ଥାନା ଘେରାଉ କରାଯାଇଥିଲା। ପରେ ଦଳ ପକ୍ଷରୁ ଜିଲା ଏସ୍‌ପିଙ୍କ ନିକଟକୁ ଏକ ଦାବିପତ୍ର ଦିଆଯାଇଥିଲା।

ପ୍ରକାଶ ଯେ, ଗତ ୩୦ ତାରିଖ ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଗୋପ ବ୍ଲକ ଗସ୍ତ ପୂର୍ବରୁ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ନାମ ଭିସି ଗୃହ ଉଦ୍‌ଘାଟନ ଫଳକରେ ନ ଥିବାରୁ ସେ ଫଳକ ଭାଙ୍ଗିଥିଲେ। ଏହି ସମୟରେ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଓ ଅଧ୍ୟକ୍ଷା ମଲ୍ଲିକଙ୍କ ମଧ୍ୟରେ କଥା କଟାକଟି ହେବା ସହିତ ୨ ଦଳ କର୍ମୀଙ୍କ ମଧ୍ୟରେ ବାଦାନୁବାଦ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ପହଞ୍ଚିବା ପରେ ଉତ୍ତେଜନା ଥମିଥିଲା।




ଥାନା ସମ୍ମୁଖରେ ଗୋପ ବିଜେଡି ପକ୍ଷରୁ ସୋମବାର ବିକ୍ଷୋଭ କରାଯାଉଛି।

ପରେ ବ୍ଲକ ବୈଠକ ଗୃହରେ ଅନେକ ଶହ ହିତାଧିକାରୀଙ୍କ ଉପସ୍ଥିତିରେ ସଂପୃକ୍ତ ଘଟଣାକୁ କେନ୍ଦ୍ରକରି ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ମଧ୍ୟରେ ମଧ୍ୟ କଥା କଟାକଟି ହୋଇଥିଲା। ସନ୍ଧ୍ୟାରେ ଉପାଧ୍ୟକ୍ଷ ବନରଞ୍ଜନ ଅଧ୍ୟକ୍ଷାଙ୍କ ବିରୋଧରେ ଏକ ଏତଲା ଦେଇଥିଲେ। ଅଧ୍ୟକ୍ଷା ମଲ୍ଲିକ ମଧ୍ୟ ବିଡିଓ ଛବିରାଣି ସାହୁ ଓ ଉପାଧ୍ୟକ୍ଷ ବନରଞ୍ଜନଙ୍କ ବିରୋଧରେ ଅଭିଯୋଗ କରିଥିଲେ। ବିଡିଓଙ୍କ ବିରୋଧରେ ମିଥ୍ୟା ଅଭିଯୋଗକୁ ନେଇ ବ୍ଲକ ପ୍ରଶାସନ ସମୂହ ଦୀର୍ଘ ୪ ଦିନ ଧରି କଲମଛାଡ଼ ଆନ୍ଦୋଳନ କରିବା ପରେ ଗୋପ ବ୍ଲକ ସରପଞ୍ଚ ସଂଘର ଅନୁରୋଧକ୍ରମେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ପୋଲିସ ଏପରି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ମୋକଦ୍ଦମା ରୁଜୁ ନ କରି ଓ କାର୍ଯ୍ୟାନୁଷ୍ଠାନ ନ ହେବା ଅଭିଯୋଗକୁ ନେଇ ଗୋପ ବ୍ଲକ ବିଜେଡି ପକ୍ଷରୁ ଗୋପ ଥାନାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗୋପ ବଜାର ଶେଷ ଭାଗରୁ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଜିଲା ବିଜେଡି ସଭାପତି ଦିବାକର ପାତ୍ର, ଯୁବ ନେତୃତ୍ୱ ଦିଲୀପ ନାୟକ, ସୁବ୍ରତ ଛାଟୋଇ, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଗୋପ ବ୍ଲକ ଅଧ୍ୟକ୍ଷା ମଲ୍ଲିକଙ୍କ ସମେତ ଆଉ ଅନ୍ୟାନ୍ୟ ଦଳ ନେତୃତ୍ୱଙ୍କ ସହିତ ୫ ଶହରୁ ଅଧିକ ଦଳୀୟ କର୍ମୀ ବିଭିନ୍ନ ନାରାବାଜି ଦେଇ ଗୋପ ଥାନାରେ ପହଞ୍ଚିଥିଲେ। ନିମାପଡ଼ା ଡିଏସ୍‌ପି ପ୍ରଭାତ ମଲ୍ଲିକ ଏହି ଘଟଣା ଉପରେ ୧୪ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ବିଜେଡିର ଥାନା ଘେରାଉକୁ ନେଇ ବିଭିନ୍ନ ଥାନାର ଅଧିକାରୀଙ୍କ ସହିତ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ଘଟଣାରେ ବିଡିଓ ସାହୁ ଓ ଉପାଧ୍ୟକ୍ଷ ବନରଞ୍ଜନଙ୍କୁ ପଚାରିବାରେ, ଏପରି ଅଭିଯୋଗ ରାଜନୈତିକ କନ୍ଦଳ ବୋଲି କହିବା ସହ ମିଥ୍ୟା ଅଭିଯୋଗ ବୋଲି କହିଥିଲେ।



କଳିଙ୍ଗ ଷ୍ଟାଡିୟମରେ ସୋମବାର ଆରମ୍ଭ ହୋଇଥିବା ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ୍ସର ବାଳକ ଲଙ୍ଗଜମ୍ପ ଅବସରରେ ଜଣେ ପ୍ରତିଯୋଗୀ।

# ପୂର୍ବାଞ୍ଚଳ ଜୁନିୟର ଆଥ୍ଲେଟିକ୍ସ ଆରମ୍ଭ

## ପ୍ରଥମ ଦିନରେ ଓଡ଼ିଶାକୁ ୨୭ ପଦକ

**ଭୁବନେଶ୍ୱର, ୭।୧୦ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ୍‌ରେ ସୋମବାର ୩୫ତମ ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଓଡ଼ିଶାକୁ ୨୭ଟି ପଦକ ମିଳିଛି। ଉଦଘାଟନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଆଥଲେଟ୍‌ଙ୍କୁ ପଦକ ପ୍ରଦାନ କରିଛନ୍ତି। କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ୍ସ ଆୟୋଜନ ଯୋଗୁ ସମସ୍ତ ଯୁବ କ୍ରୀଡାବିତ୍ ନିଜର ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ପାଇ ପାରୁଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। "ଓଡ଼ିଶାରେ ୩୫ତମ ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ ହେବା ଏବଂ ପ୍ରଥମ ଦିନରେ ଓଡ଼ିଶାକୁ ୨୭ ପଦକ ମିଳିବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଆଗାମୀ ୨ ଦିନରେ କ୍ରୀଡାବିତ୍‌ମାନେ ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ପଦକ ଜିତି ନିଜ ନିଜ ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣିବାନେଇ ମୁଁ ଆଶାବାଦୀ'' ବୋଲି ସୂର୍ଯ୍ୟବଂଶୀ କହିଛନ୍ତି।

ପ୍ରଥମ ଦିନ ପ୍ରତିଯୋଗିତାର ୧୮ ବର୍ଷରୁ କମ୍ ବାଳକ ୧୦୦ ମିଟରରେ ପ୍ରତୀକ ମହାରଣା ସ୍ୱର୍ଣ୍ଣ ଓ ଚିନ୍ମୟ ନାଗ ବ୍ରୋଞ୍ଜ ପଦକ ଜିତିଛନ୍ତି। ୨୦ ବର୍ଷରୁ କମ୍ ବାଳକ ୧୦୦ ମିଟରରେ ଦୋଣ୍ଡପତି ଜୟରାମଙ୍କୁ ସ୍ୱର୍ଣ୍ଣ ଓ ମହେନ୍ଦ୍ର ସାନ୍ତାଙ୍କୁ ରୌପ୍ୟ, ୨୦ ବର୍ଷରୁ କମ୍ ବାଳକ ୫୦୦୦ ମିଟରରେ ପ୍ରଦୀପ ମହତାଙ୍କୁ ରୌପ୍ୟ ପଦକ ମିଳିଛି। ୧୮ ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପ ଓ ୧୦୦ ମିଟର ରେସ୍‌ରେ ସଂଜୁ ହନ୍ତାଳ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳକ ଶଟପୁଟ ଥ୍ରୋରେ ସୌମ୍ୟ ରଞ୍ଜନ ପ୍ରିୟଦର୍ଶୀଙ୍କୁ ରୌପ୍ୟ, ୧୮ ବର୍ଷରୁ କମ୍ ବାଳକ ହାଇଜମ୍ପରେ ସାଗର ଏକ୍କାଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ଓଁକାର ନନ୍ଦ୧୮ ବର୍ଷରୁ କମ୍ ବାଳକ ଶଟପୁଟରେ ସ୍ୱର୍ଣ୍ଣ ଓ ଆଂଶିକା ରାଉତରାୟ ୨୦ ବର୍ଷରୁ କମ୍ ବାଳିକା ଶଟପୁଟ ଥ୍ରୋରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ୧୬ ବର୍ଷରୁ କମ୍ ବାଳକ ଜାଭେଲିନ୍ ଥ୍ରୋରେ ସତ୍ୟରଞ୍ଜନ ରାୟଙ୍କୁ ରୌପ୍ୟ ଓ ଦେବସ୍ମୃତି ମୋହନଙ୍କୁ ବ୍ରୋଞ୍ଜ, ୧୮ ବର୍ଷରୁ କମ୍ ବାଳିକା ଡିସକସ୍ ଥ୍ରୋରେ ପୁରବୀଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ୨୦ ବର୍ଷରୁ କମ୍ ବାଳକ ଲଙ୍ଗଜମ୍ପରେ ନରେଶ ରୋହିଦାସ ବ୍ରୋଞ୍ଜ, ୧୬ ବର୍ଷରୁ କମ୍ ୮୦ ମିଟର ବାଳିକା ହର୍ଡଲ୍ସରେ ଦୀପ୍ତିମୟୀ ଦାସଙ୍କୁ ରୌପ୍ୟ, ୧୮ ବର୍ଷରୁ କମ୍ ବାଳିକା ୧୦୦ ମିଟର ହର୍ଡଲରେ ବାସନ୍ତୀ ମାଝୀଙ୍କୁ ରୌପ୍ୟ ଓ ଗୁରୁପୂଜା ପରିଡାଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ୨୦ ବର୍ଷରୁ କମ୍ ବାଳିକା ୧୦୦ ମିଟର ହର୍ଡଲ୍ସରେ ଅମ୍ରିତା ଡୁଙ୍ଗଡୁଙ୍ଗ ବ୍ରୋଞ୍ଜ,୧୪ବର୍ଷରୁ କମ୍ ବାଳିକା ଟ୍ରାଇଥଲନ୍-ବି ପ୍ରତିଯୋଗିତାରେ ଏଲ. ସ୍ନିଗ୍ଧା ରୌପ୍ୟ ଓ ସମୀକ୍ଷା ସ୍ମରଣିକା ସ୍ୱର୍ଣ୍ଣ ପଦକ ପାଇଛନ୍ତି।

୧୬ ବର୍ଷରୁ କମ୍ ବାଳିକା ଜାଭେଲିନ ଥ୍ରୋରେ ଅଲୌକିକା ସ୍ୱାଇଁଙ୍କୁ ସ୍ୱର୍ଣ୍ଣ, ୨୦ ବର୍ଷରୁ କମ୍ ବାଳକ ୪୦୦ ମିଟରରେ ଆସ୍ତିକ ପ୍ରଧାନଙ୍କୁ ରୌପ୍ୟ ଓ ବାପି ହାଁସଦାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ୧୮ ବର୍ଷରୁ କମ୍ ବାଳିକା ୪୦୦ ମିଟରରେ ଅକ୍ଷୀରେଣ୍ଡୀଙ୍କୁ ବ୍ରୋଞ୍ଜ, ୨୦ ବର୍ଷରୁ କମ୍ ବାଳକ ୧୦୦୦ ମିଟର ରେସ ୱାକ୍‌ରେ ସନ୍ତୋଷ ବେହେରାଙ୍କୁ ବ୍ରୋଞ୍ଜ, ୨୦ ବର୍ଷରୁ କମ୍ ବାଳକ ଲଙ୍ଗଜମ୍ପରେ ନରେଶ ରୋହିଦାସଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ଆସନ୍ତା୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ସମୁଦାୟ ୧୦ଟି ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ମେଘାଳୟ, ନାଗାଲାଣ୍ଡ, ସିକିମ, ଅରୁଣାଚଳ ପ୍ରଦେଶ, ଆସାମ ଓ ମଣିପୁରରୁ ୬୦୦ରୁ ଊର୍ଦ୍ଧ୍ୱ ଯୁବ କ୍ରୀଡ଼ାବିତ୍ ବିଭିନ୍ନ ଟ୍ରାକ୍ ଏବଂ ଫିଲ୍ଡ ଇଭେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ବିହାରରୁ ସର୍ବାଧିକ ୧୩୪ ଓ ନାଗାଲାଣ୍ଡରୁ ସର୍ବନିମ୍ନ ୫ କ୍ରୀଡ଼ାବିତ୍ ଏଥିରେ ଭାଗ ନେଇଛନ୍ତି। ଓଡ଼ିଶାରୁ ଚଳିତବର୍ଷ ୧୧୫ ଆଥଲେଟ୍ ଅଂଶଗ୍ରହଣ କରିଛନ୍ତି।



କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କଠାରୁ ପଦକ ଗ୍ରହଣ ପରେ ଆଂଶିକା ରାଉତରାୟ (ମଝି)।

# ଭଲିବଲରେ କିସ୍‌ର ଗିନିଜ୍ ବିଶ୍ୱ ରେକର୍ଡ

**ଭୁବନେଶ୍ୱର, ୭।୧୦ (ତପନ ସ୍ୱାଇଁ)**

ଭଲିବଲ ମହୋତ୍ସବରେ ନୂଆ ଗିନିଜ୍ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛି କିସ୍। ଭଲିବଲ୍ ମହୋତ୍ସବ ଅବସରରେ ଆୟୋଜିତ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ମ୍ୟାଚ୍‌ରେ ୪୩୦ ଖେଳାଳି ଦୀର୍ଘ ୮ଘଣ୍ଟା ଧରି ଗୋଟିଏ ମ୍ୟାଚ୍ ଖେଳି ମୋଟ ୭୩୬-୭୫୬ ପଏଣ୍ଟ ସ୍କୋର ସହ ଏହି ରେକର୍ଡ କରିଛନ୍ତି। କିଟ୍, କିସ୍ ଓ ଆନ୍ତର୍ଜାତିକ ଭଲିବଲ୍ ସଂଘ (ଏଫ୍‌ଆଇଭିବି)ର ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇଛି। ପୂର୍ବରୁ ୨୦୧୧ରେ ଫ୍ରାନ୍ସରେ ଏହିପରି ଏକ ପ୍ରୟାସ କରାଯାଇଥିଲା। ସେହି ମ୍ୟାଚରେ ୨୯୪ ଖେଳାଳି ଅଂଶ ଗ୍ରହଣ କରି ଏକ ବିଶ୍ୱ ରେକର୍ଡ କରିଥିଲେ। ଏହି ରେକର୍ଡକୁ ଏବେ କିସ୍ ଭାଙ୍ଗିବାରେ ସକ୍ଷମ ହୋଇଛି। ରାଜ୍ୟପାଳ ରଘୁବର ଦାସ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଗିନିଜ ବିଶ୍ୱରେକର୍ଡ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, 'କିସ୍ ଭଲିବଲ୍ ମହୋତ୍ସବ'ରେ ସମଗ୍ର ଭାରତରୁ ୫ହଜାର ଛାତ୍ରୀଛାତ୍ର ଖେଳାଳି ଭାବେ ଅଂଶଗ୍ରହଣ କରିଥିବା ବେଳେ ଗ୍ୟାଲେରିରେ ପାଖାପାଖି ୪୦ ହଜାର ଦର୍ଶକ ଏହାର ମଜା ନେଇଥିଲେ। କିସ୍ ଭଲିବଲ୍ କ୍ରୀଡ଼ା ମହୋତ୍ସବରେ ମୋଟ ୬୦ଟି ଆଉଟ୍ ଡୋର କୋର୍ଟ ଓ ବିଭିନ୍ନ ଇନ୍‌ଡୋର ଭେନ୍ୟୁରେ ଖେଳାଳିମାନେ ମ୍ୟାଚ୍ ଖେଳିଥିଲେ। ଏଥିରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏଫ୍‌ଆଇଭିବି ଓ ଏହାର ସଭାପତି ଆରି ଗ୍ରାସାଙ୍କୁ ଧନ୍ୟବାଦ ଦେବା ସହ ଏହି ରେକର୍ଡ ସବୁଦିନ ପାଇଁ କିସ୍ ଓ ଓଡ଼ିଶା ନାଁରେ ରହିଗଲା ବୋଲି କହିଛନ୍ତି।



ରାଜ୍ୟପାଳ ରଘୁବର ଦାସଙ୍କଠାରୁ ଗିନିଜ ବିଶ୍ୱରେକର୍ଡ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

# ଭାରତୀୟ ପେସ୍ ବୋଲର ଅରୁନ୍ଧତୀଙ୍କୁ ଭର୍ତ୍ସନା

**ଦୁବାଇ, ୭।୧୦ (ପି.ଟି.):** ଚଳିତ ମହିଳା ଟି୨୦ ବିଶ୍ୱକପ୍‌ରେ ଆଇସିସି ଆଚରଣବିଧି ଉଲ୍ଲଂଘନ କରିଥିବାରୁ ଭାରତୀୟ ପେସ୍ ବୋଲର ଅରୁନ୍ଧତୀ ରେଡ୍ଡୀଙ୍କୁ ଭର୍ତ୍ସନା କରାଯାଇଛି। ରବିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ମ୍ୟାଚ ଭାରତ ୬ ଉଇକେଟରେ ବିଜୟ ଲାଭ କରିଥିଲା। ଏଥିରେ ରେଡ୍ଡୀ ୩ଟି ଉଇକେଟ ନେଇଥିଲେ। ୨୦ତମ ଓଭରରେ ପାକିସ୍ତାନ ବ୍ୟାଟର ନିଦା ଦାରଙ୍କ ଉଇକେଟ ପତନ ଘଟାଇବା ପରେ ତାଙ୍କ ପ୍ରତି ଯେଉଁଳି ଅଙ୍ଗଭଙ୍ଗୀ ପ୍ରଦର୍ଶନ ସହ ପ୍ୟାଭିଲିଅନକୁ ଫେରିଯିବା ଲାଗି ଇଙ୍ଗିତ କରିଥିଲେ ତଦ୍ୱାରା ସେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଚରଣବିଧି ଲେଭଲ-୧ ଧାରା ୨.୫ର ଉଲ୍ଲଂଘନ କରିଥିଲେ। ଏଥିପାଇଁ ରେଡ୍ଡୀଙ୍କୁ ଭର୍ତ୍ସନା କରାଯିବା ସହ ତାଙ୍କ ଶୃଙ୍ଖଳାଗତ ରେକର୍ଡରେ ଏକ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ୨୪ ମାସ ମଧ୍ୟରେ ଏହା ତାଙ୍କର ପ୍ରଥମ ଅପରାଧ। ରେଡ୍ଡୀ ତାଙ୍କ ଦୋଷ ସ୍ୱୀକାର କରିବା ସହ ଦଣ୍ଡକୁ ଗ୍ରହଣ କରିନେଇଥିଲେ। ଫଳରେ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା। ଲେଭଲ-୧ ଉଲ୍ଲଂଘନ କଲେ ସମ୍ପୃକ୍ତ ଖେଳାଳିଙ୍କୁ ଅତିକମ୍‌ରେ ଏକ ବିଧିବଦ୍ଧ ଭର୍ତ୍ସନା, ସର୍ବାଧିକ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା ଏବଂ ଏକ କିମ୍ବା ଦୁଇ ଡିମେରିଟ ପଏଣ୍ଟର ବ୍ୟବସ୍ଥା ରହିଛି। ୨୪ ମାସ ମଧ୍ୟରେ ଜଣେ ଖେଳାଳି ଯଦି ୪ ଡିମେରିଟ୍ ପଏଣ୍ଟ ଅର୍ଜନ କରେ ତେବେ ଏହା ସସ୍‌ପେନ୍‌ସନ ପଏଣ୍ଟରେ ରୂପାନ୍ତରିତ ହୋଇଥାଏ। ଖେଳାଳିଙ୍କୁ ବାସନ୍ଦ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥାଏ।

# କଳିଙ୍ଗ ପ୍ରିମିୟର ଲିଗ୍: ଲାୟନ୍ସ ଚାମ୍ପିୟନ



ଫାଇନାଲ ପୂର୍ବରୁ ଦୁଇ ଦଳର ଖେଳାଳି ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୭।୧୦ (ତପନ ସ୍ୱାଇଁ)**

ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ ଆୟୋଜିତ କଳିଙ୍ଗ ପ୍ରିମିୟର ଲିଗ୍-୨୦୨୪ରେ କଟକର ଭି. ଲାୟନ୍ସ ଚାମ୍ପିୟନ ହୋଇଛି। ଫାଇନାଲରେ ଭି. ଲାୟନ୍ସ ଝାରସୁଗୁଡ଼ାର ଲିଟିଲ ଷ୍ଟାରକୁ ପରାସ୍ତ କରିଛି। ଆକାଶ ମାଲିଙ୍ଗା ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଫରଦିନ୍ କାଜି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଚାମ୍ପିୟନ ଦଳକୁ ୧ ଲକ୍ଷ, ରନରଅପ୍‌କୁ ୬୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୁଶାନ୍ତ କୁମାର ରାଉତ, ଯୁବନେତା ମନୋଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କ୍ଲବର ସମ୍ପାଦକ ଦେବପ୍ରସାଦ ଜେନା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ଏସିଆନ୍ ଚାମ୍ପିୟନ୍ସ ଲିଗ୍‌ରୁ ଓହରିଲା ମୋହନବାଗାନ

**ନୂଆଦିଲ୍ଲୀ, ୭।୧୦(ପି.ଟି.):** ଏଏଫ୍‌ସି ଏସିଆନ୍ ଚାମ୍ପିୟନ୍ସ ଲିଗ୍‌ରୁ ମୋହନବାଗାନ ସୁପର ଜାଏଣ୍ଟ ଓହରି ଯାଇଥିବା ଜଣାପଡିଛି। ଅକ୍ଟୋବର ୨ ତାରିଖରେ ଇରାନିଆନ୍ କ୍ଲବ ଟ୍ରାକ୍ଟର ଏଫ୍‌ସି ସହିତ ମୋହନବାଗାନର ମ୍ୟାଚ୍ ରହିଥିଲା। ଖେଳାଳିଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଦଳ ଇରାନ ଗସ୍ତ କରି ନ ଥିଲା। ଏଏଫ୍‌ସିର ଧାରା ୫.୨ ଅନୁସାରେ କୌଣସି ଟିମ୍ ମ୍ୟାଚ୍ ପୂର୍ବରୁ ରିପୋର୍ଟ ନ କରିପାରିଲେ ସେହି ଦଳ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରୁ ଓହରି ଯାଇଥିବା ଧରିନେବାକୁ ହେବ। କୋଲକାତାର କ୍ଲବ ଟାବ୍ରିଜ୍‌ରେ ପହଞ୍ଚି ନ ଥିବା କାରଣରୁ ଏହାର ଆଗାମୀ ସମସ୍ତ ମ୍ୟାଚକୁ ବାତିଲ କରି ଦିଆଯାଇଛି। ଏହା ସହ ଧାରା ୮.୩ ଅନୁଯାୟୀ ଗ୍ରୁପ୍ ଏ'ର ଫଳାଫଳ ପାଇଁ ଏହି ମ୍ୟାଚ୍‌ଗୁଡିକୁ ବିଚାରକୁ ନିଆଯିବ ନାହିଁ। ମୋହନବାଗାନ ଏହାର ପ୍ରଥମ ମ୍ୟାଚ୍ ଏଫ୍‌ସି ରାଭଶାନ ବିପକ୍ଷ ମ୍ୟାଚ୍ ଡ୍ର ରଖିଥିଲା। ବର୍ତ୍ତମାନ ପରିସ୍ଥିତିରେ ଉକ୍ତ ମ୍ୟାଚ୍‌ର ଫଳାଫଳକୁ ବିଚାରକୁ ନିଆଯିବ ନାହିଁ ବୋଲି କୁହାଯାଇଛି।

# ଏସିଆନ ପେନ୍‌ଚାକ୍ ସିଲାଟରେ ପ୍ଲିଜାଲିନ୍

**ଭୁବନେଶ୍ୱର, ୭।୧୦ (ତପନ ସ୍ୱାଇଁ):** ଚଳିତ ମାସ ୧୦ରୁ ୧୬ ଯାଏ ଉଜ୍‌ବେକିସ୍ତାନର ବୁଖରାଠାରେ ହେବାକୁ ଥିବା ୮ମ ଏସିଆନ ପେନ୍‌ଚାକ ସିଲାଟ ଚାମ୍ପିଅନଶିପରେ ଅଂଶ ଗ୍ରହଣ ପାଇଁ ସୁଯୋଗ ପାଇଛନ୍ତି ଓଡ଼ିଶାରନ୍ ପ୍ଲିଜାଲିନ୍ ତରାଇ। ସେ ଓଡ଼ିଶାର ଏକମାତ୍ର ମହିଳାଭାବେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ପୂର୍ବରୁ ସେ ଜାତୀୟ କ୍ରୀଡ଼ାରେ ରୌପ୍ୟ ଜିତି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଏସିଆନ ଚାମ୍ପିଅନଶିପରେ ମଧ୍ୟ ଭାରତ ପାଇଁ ପଦକ ଆଣିବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ବିଜୟ କୁମାର ସ୍ୱାଇଁ, ରାଜ୍ୟ ଆସୋସିଏଶନ ସଭାପତି ତାପସ କୁମାର ରାୟ ଚୌଧୁରୀ, ସଂପାଦକ ପ୍ରେମ ସିଂ ଥାପା, ଖୋର୍ଦ୍ଧା ଜିଲ୍ଲା ସଭାପତି ସାରଦା ପ୍ରସନ୍ନ ଦାସ ପ୍ରମୁଖ ଶୁଭକାମନା ଜଣାଇଛନ୍ତି।

# ବାଳିକାରେ ଫୁଲ, ବାଳକରେ ସୋମେଶ ପ୍ରଥମ

**ଭୁବନେଶ୍ୱର, ୭।୧୦ (ବିଜୟ ରଣା)**

କିଟ୍ ପରିସରରେ ଥିବା ବିଶ୍ୱନାଥନ ଆନନ୍ଦ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍‌ରେ କିସ୍ ଉଚ୍ଚ ମାଧ୍ୟମିକ ସ୍କୁଲ ଆନୁକଲ୍ୟରେ ୧୯ ବର୍ଷରୁ କମ୍ ବାଳିକା ଓ ବାଳକ ଉଚ୍ଚ ମାଧ୍ୟମିକ ପରିଷଦ ସ୍କୁଲ ଚେସ୍ ପ୍ରତିଯୋଗିତା ସୋମବାର ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ବାଳିକା ବିଭାଗରେ ଫୁଲ ଟୁଡୁ ପ୍ରଥମ ଓ ମନୀଷା ମୁର୍ମୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଉଭୟ ହେଉଛନ୍ତି କିସ୍ ଉଚ୍ଚ ମାଧ୍ୟମିକ ସ୍କୁଲର ଛାତ୍ରୀ। ବାଳକ ବିଭାଗରେ ଖଲିକୋଟ ଉଚ୍ଚ ମାଧ୍ୟମିକ ସ୍କୁଲ, ଗଞ୍ଜାମର ସେମେଶ କୁମାର ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କିସ୍ ଉଚ୍ଚ ମାଧ୍ୟମିକ ସ୍କୁଲର ଦେବେନ୍ଦ୍ର ସବର ଦ୍ୱିତୀୟ ହୋଇଥିଲେ।

# ଓଡ଼ିଶା ସେମିଫାଇନାଲରେ

**ରାଞ୍ଚି, ୭।୧୦ (ପି.ଟି.)**

ଓଡ଼ିଶା, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ହରିୟାଣା ଏଠାରେ ଚାଲିଥିବା ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା କ୍ୱାର୍ଟରଫାଇନାଲରେ ଝାଡ଼ଖଣ୍ଡକୁ ୫-୧ ଗୋଲ୍‌ରେ ପରାସ୍ତ କରିଛି। ପ୍ରଥମ ମିନିଟ୍ ଖେଳରେ ଲାହାରେ ମାମ୍‌ତେଶ୍ୱରୀ ଏକ ଗୋଲ ସ୍କୋର କରି ଛତିଶଗଡ଼କୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ଓଡ଼ିଶା ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ପରେ ୫ ଗୋଲ ସ୍କୋର କରି ମ୍ୟାଚକୁ ନିଜ ସପକ୍ଷରେ ନେଇ ଆସିଥିଲା। ଦଳ ପକ୍ଷରୁ କୁଜୁର ରମ୍ଭା୨୯ତମ ଓ ୩୩ତମ ମିନିଟରେ ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ ତନୁଜା ଟପ୍ପୋ (୧୧ଶ), କୁଜୁର ପ୍ରିୟଙ୍କା (୨୦ତମ) ଓ କରୁଣା ମିଞ୍ଜ (୩୨ ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

# ଜ୍ୟୋତ୍ସ୍ନା, ହର୍ଷବର୍ଦ୍ଧନଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୭।୧୦ (ତପନ ସ୍ୱାଇଁ)**

ହିମାଚଳ ପ୍ରଦେଶରେ ଆୟୋଜିତ ଆଇଡବ୍ଲ୍ୟୁଏଲ୍‌ଏଫ୍ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜ୍ୟୋତ୍ସ୍ନା ଶବର ଓ ହର୍ଷବର୍ଦ୍ଧନ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଜ୍ୟୋତ୍ସ୍ନା ବାଳିକା ୪୦ କେଜି ୟୁଥ୍ ବର୍ଗରେ ମୋଟ ୧୨୦ କେଜି ଉତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପଞ୍ଜାବର ଖୁସ୍‌ବୁ ୧୧୦ କେଜି ସହ ରୌପ୍ୟ ଓ ପଣ୍ଡିଚେରୀର ଦର୍ଶନୀପ୍ରୀୟା ୧୦୮ କେଜି ସହିତ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ହର୍ଷବର୍ଦ୍ଧନ ଯୁବ ୪୯ କିଗ୍ରା ବର୍ଗରେ ମୋଟ ୧୯୫ କେଜି ଭାର ଉଠାଇ ରାଜ୍ୟକୁ ଗର୍ବିତ କରିଛନ୍ତି। ଉତ୍ତରାଖଣ୍ଡର ଅର୍ଶଲନ ୧୮୦ ଓ ଉତ୍ତର ପ୍ରଦେଶର ତୁଫେଲ ୧୭୮ କେଜି ଉତ୍ତୋଳନ କରି ଯଥାକ୍ରମେ ରୌପ୍ୟ ବ୍ରୋଞ୍ଜ ପଦକ ପାଇଛନ୍ତି।





ପଦକ ସହ ଜ୍ୟୋତ୍ସ୍ନା ଶବର ଓ ହର୍ଷବର୍ଦ୍ଧନ ସାହୁ।

# ତାରକା ଜିମ୍ନାଷ୍ଟ ଦୀପା କର୍ମକାରଙ୍କ ଅବସର

**ନୂଆଦିଲ୍ଲୀ,୭।୧୦(ପି.ଟି.)**

ଭାରତର ତାରକା ଜିମ୍ନାଷ୍ଟ ଦୀପା କର୍ମକାର ସୋମବାର ଅବସର ଘୋଷଣା କରିଛନ୍ତି। ପ୍ରଥମ ଭାରତୀୟ ଭାବରେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ବେଳେ ରିଓ ୨୦୧୬ରେ ଅଳ୍ପକେ ବ୍ରୋଞ୍ଜ ପଦକରୁ ସେ ବଞ୍ଚିତ ହୋଇଥିଲେ। ମାତ୍ର ୦.୧୫ ପଏଣ୍ଟ ପଛରେ ରହି ସେ ଚତୁର୍ଥ ସ୍ଥାନରେ ରହିଥିଲେ। ରିଓରେ ପଦକରୁ ବଞ୍ଚିତ ହୋଇଥିଲେ ମଧ୍ୟ କୋଟି କୋଟି ଭାରତୀୟଙ୍କୁ ଜିମ୍ନାଷ୍ଟିକ୍ସରେ କ୍ୟାରିୟର କରିବା ପାଇଁ ଦୀପା ଅନୁପ୍ରାଣିତ କରିଥିଲେ। ୫ ବର୍ଷ ବୟସରେ ଫ୍ଲାଟ୍ ଫୁଟ୍ କାରଣରୁ ଜିମ୍ନାଷ୍ଟିକ୍ କରିପାରିବେ ନାହିଁ ବୋଲି ସମସ୍ତେ କହିଥିବା ବେଳେ ଏହାକୁ ଭୁଲ୍ ପ୍ରମାଣିତ କରିଥିଲେ ଦୀପା। ନିଜ ଅଧ୍ୟବସାୟ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଭାରତ ପାଇଁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ ମଧ୍ୟ କରିଥିଲେ। ଦୀର୍ଘଦିନ ଧରି ଚିନ୍ତା କରିବା ପରେ ଅବସର ପାଇଁ ନିଷ୍ପତ୍ତି ନେଇଛି ବୋଲି ମଧ୍ୟ କହିଛନ୍ତି ଦୀପା। ଶରୀର ସମୟ ସହ ଦୁର୍ବଳ ହୋଇଥିଲେ ମଧ୍ୟ ମନ ଅବସର ନିଷ୍ପତ୍ତିକୁ ବିରୋଧ କରୁଥିଲା। ତେବେ କଷ୍ଟ ହୋଇଥିଲେ ମଧ୍ୟ ଉପଯୁକ୍ତ ସମୟରେ ସେ ଅବସର ନେଇଥିବା କହିଛନ୍ତି ଦୀପା। ଅନେକ ସ୍ମରଣୀୟ ମୁହୂର୍ତ୍ତ ସହ କିଛି ବିଫଳତାର ମୁହୂର୍ତ୍ତ ମଧ୍ୟ ସାମ୍ନାକୁ ଆସିଛି। ତେବେ ସବୁ ସମୟ ପାଇଁ ମୁଁ ଜିମ୍ନାଷ୍ଟିକ୍ ନିକଟରେ କୃତଜ୍ଞ ରହିବି। ଜିମ୍ନାଷ୍ଟିକ୍ ମୋ ପାଇଁ ଅସମ୍ଭବ ବୋଲି ଡାକ୍ତରମାନେ କହିଥିଲେ ମଧ୍ୟ ଭାରତ ପାଇଁ ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତିଥିବାରୁ ମୁଁ ଗର୍ବିତ। ରିଓ ଅଲିମ୍ପିକ୍ସରେ କଷ୍ଟସାଧ୍ୟ ପ୍ରୋଡୁନୋଭା ଭଲ୍ଟ ପ୍ରଦର୍ଶନ କରିବା ସହ ୧୫.୦୬୬ ପଏଣ୍ଟ ସ୍କୋର କରି ବ୍ରୋଞ୍ଜ ବିଜେତାଙ୍କଠାରୁ ମାତ୍ର ୦.୧୫ ପଏଣ୍ଟ ପଛରେ ରହିଥିଲେ ଦୀପା। ୨୦୧୬ରେ ଦୀପାଙ୍କୁ ଖେଳରତ୍ନ ଓ ୨୦୧୭ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୨୧ରେ ଡୋପିଂ ଅଭିଯୋଗରେ ନାଡା ପକ୍ଷରୁ ଦୀପାଙ୍କୁ ୨୧ ମାସ ବାସନ୍ଦ ମଧ୍ୟ କରାଯାଇଥିଲା। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ସେ ୨୦୨୪ ତାସକେଣ୍ଟ ଏସିଆନ୍ ଚାମ୍ପିୟନଶିପ୍‌ରେ ଭଲ୍ଟ ଇଭେଣ୍ଟରେ ୧୩.୫୬୬ର ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୋଚ୍ ବିଶ୍ୱେଶ୍ୱର ନନ୍ଦୀ, ସାଇ, କ୍ରୀଡ଼ା ବିଭାଗ ଓ ତ୍ରିପୁରା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ଦୀପା। ଏହା ସହ ଆଗାମୀ ଦିନରେ ଯୁବ ଜିମ୍ନାଷ୍ଟଙ୍କ ପାଇଁ କିଛି କରିବା ଲାଗି ସେ ପ୍ରତିଶ୍ରୁତିବଦ୍ଧ ବୋଲି ମଧ୍ୟ କହିଛନ୍ତି।



# ଫେଷ୍ଟିଭ୍ ଲୁକ୍ ଦେବ ନୋଜ୍‌ପିନ୍

ଫେଷ୍ଟିଭ୍ ସିଜନ୍‌ରେ ଟ୍ରାଡିଶନାଲ୍ ଓ ଏଥ୍‌ନିକ୍ ଗେଟଅପ୍ ଅନେକଙ୍କୁ ପସନ୍ଦ। ଆଉ ଏମିତିରେ ଗୋଟିଏ ନୋଜ୍ ପିନ୍ ଲୁକ୍‌କୁ ଆହୁରି ଆକର୍ଷଣୀୟ କରିଥାଏ। ଯଦି ଆପଣ ବି ଏହାକୁ ନିଜ ଫେଷ୍ଟିଭ୍ ଫ୍ୟାଶନ୍‌ରେ ସାମିଲ କରିବାକୁ ଚାହୁଁଛନ୍ତି ଜାଣି ରଖନ୍ତୁ ଟିପ୍ସ...



- ଛୋଟ ଗୋଲ୍ଡ ବଲ୍ କିମ୍ବା ଡାଇମଣ୍ଡ ନୋଜ୍ ପିନ୍ ସିମ୍ପଲ୍ ଏବଂ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ। ଏହାକୁ ସବୁ ଆଉଟ୍‌ଫିଟ୍‌ରେ ପିନ୍ଧିଲେ ଡିସେଣ୍ଟ ଲାଗୁଥିବାରୁ ଅନେକେ ବେଶ୍ ପସନ୍ଦ କରୁଛନ୍ତି। ବିଶେଷ କରି ଶାଢ଼ି କିମ୍ବା ଡାଣ୍ଡିଆ ନାଇଟ୍ସ ପାଇଁ ଲେହେଙ୍ଗା ପିନ୍ଧୁଥିଲେ ଏହି ନୋଜ୍ ପିନ୍ ବେଶ୍ ସୁନ୍ଦର ଲାଗିବ।
- ନୋଜ୍ ରିଂ ହୁପ୍‌ର ଡିମାଣ୍ଡ ଏବେ ସବୁଠୁ ଅଧିକ। ଏହା ଟ୍ରାଡିଶନାଲ୍‌ରୁ ମଡର୍ନ ପର୍ଯ୍ୟନ୍ତ ସବୁ ପ୍ରକାର ଗେଟ୍‌ଅପ୍ ସହ ମ୍ୟାଚ୍ କରିଥାଏ। ଆପଣ ଚାହିଁଲେ ଡ୍ରେସ୍‌ର କଲର ସହିତ ମ୍ୟାଚ୍ କରି ବିଡ୍, କ୍ରିଷ୍ଟାଲ୍, ବ୍ଲାକ୍ ମେଟାଲ୍, କୁନ୍ଦନ ଭଳି ନୋଜ୍ ରିଂ ହୁପ୍ ପିନ୍ଧିପାରିବେ।
- ଡିଫରେଣ୍ଟ ଏବଂ ଟ୍ରେଣ୍ଡି ଲୁକ୍ ପାଇଁ ସେପ୍ଟମ୍ ପିଅର୍ସିଂ କରିପାରିବେ। ଏଥିରେ ନାକର ମଝିରେ ଛୋଟ ରିଂ କିମ୍ବା ଓଠ ଆଡ଼କୁ ସାମାନ୍ୟ ଝୁଲିଥିବା ରିଂ ଲଗାଇ ପାରିବେ। ସେଥିରେ ପର୍ଲ, ଷ୍ଟୋନ୍ କିମ୍ବା ଗୋଲ୍ଡ ବଲ୍ ଆଦି ଭଲ ଲାଗିବ।
- ଆଣ୍ଟିକ୍ କିମ୍ବା ଷ୍ଟଡେଡ୍ ନୋଜ୍ ପିନ୍ ବି ଏବେ ଖୁବ୍ ଡିମାଣ୍ଡରେ ଅଛି। ଷ୍ଟୋନ୍ ଏବଂ ପର୍ଲ ନୋଜ୍ ପିନ୍ ବା ଷ୍ଟଡ୍ ମଧ୍ୟ ଅନେକେ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

# ବଡି ଡିଟକ୍ସ



ପୂଜାପର୍ବରେ ସାଧାରଣତଃ ପିଠା, ମିଠା ଏବଂ ଅନେକ ଭଳିକି ଭଳି ଖାଦ୍ୟରେ ସଭିଙ୍କ ଘର ଭରିଯାଏ। ପୁଣି ପୂଜାରେ ବୁଲାବୁଲି ବେଳେ ବାହାର ଖାଦ୍ୟ ଖିଆଯାଏ। ହେଲେ ଏହାଦ୍ୱାରା ଶରୀରକୁ ଅଧିକ କ୍ୟାଲୋରି ଯିବା ସହ ଏସବୁ ଖାଦ୍ୟରେ ବ୍ୟବହୃତ ରଙ୍ଗ, ତେଲ ଆଦିରେ ଥିବା ବିଷାକ୍ତ ପଦାର୍ଥ ଶରୀରକୁ ହାନି ପହଞ୍ଚାଇଥାଏ। ଏମିତିରେ ଶରୀରକୁ ସୁସ୍ଥ ତଥା ଡିଟକ୍ସ କରିବା ଲାଗି କେତେକ ଉପାୟ ଆପଣେଇପାରିବେ...

- ଖାଦ୍ୟ ଦ୍ୱାରା ଶରୀରକୁ ଯାଉଥିବା କୌଣସି ବିଷାକ୍ତ ପଦାର୍ଥକୁ ଦୂରକରିବା ଲାଗି ପ୍ରୋବାୟୋଟିକ୍ ସବୁଠୁ ଭଲ। ଏଥିପାଇଁ ଦହି ଖାଆନ୍ତୁ। ଏହାଦ୍ୱାରା ହଜମ କ୍ରିୟା ଠିକ୍ ଭାବେ ହୋଇଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା ବ୍ୟାକ୍ଟେରିଆଙ୍କୁ ସୁରକ୍ଷିତ ରଖିଥାଏ।
- ଅତିକମ୍‌ରେ ଦିନକୁ ୩-୪ ଲିଟର ପାଣି ପିଅନ୍ତୁ। ବିଶେଷକରି ପୂଜା ଦିନମାନଙ୍କରେ ଖାଉଥିବା ଖାଦ୍ୟ ଭଲ ଭାବେ ହଜମ ହେବା ଲାଗି ଏହାଠୁ ଅଧିକ ପାଣି ପିଇପାରିଲେ ଭଲ। ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ଝାଳ ଏବଂ ପରିସ୍ରା ଦ୍ୱାରା ବାହାର କରିବା ସହ ତାପମାତ୍ରାକୁ ନିୟନ୍ତ୍ରଣରେ ରଖି ଶରୀରକୁ ସୁସ୍ଥ ରଖିଥାଏ।
- ପରିବା ଜୁସ୍ ପିଇବା ଶରୀରକୁ ଡିଟକ୍ସ କରିବାରେ ସାହାଯ୍ୟ କରିଥାଏ। ଏଥିପାଇଁ ଲାଉ, କାକୁଡ଼ି, ଅଦା, ଲେମ୍ବୁ, ଗାଜର, ବିଟ୍, ପାଳଙ୍ଗ ଆଦିର ଜୁସ୍ ପିଅନ୍ତୁ। ଏହା ଶରୀରକୁ ସୁସ୍ଥ ରଖିବା ଲାଗି ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ।
- ପୂଜା ଆଳରେ ବୁଲାବୁଲି ସହ ବାହାରେ ଅଧିକ ଲୁଣ, ରାଗ, ତେଲ, ମସଲାଯୁକ୍ତ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ଠିକ୍ ନୁହେଁ। କାରଣ ଏହା ରକ୍ତଚାପ ବଢ଼ାଇବା ସହ ଶରୀରରେ ପାଣି ଜମା କରିଥାଏ। ଏହାଦ୍ୱାରା ଲିଭର ଏବଂ କିଡ୍‌ନୀ ସମସ୍ୟା ଉପୁଜିପାରେ। ତେଣୁ ପରେ ଶରୀରକୁ ଡିଟକ୍ସ କରିବା ଲାଗି ଖାଦ୍ୟରେ ଲୁଣ ମାତ୍ରା କମ୍ କରିବା ଆବଶ୍ୟକ।
- ପ୍ରତିଦିନ ବ୍ୟାୟାମ କରିବା ଦ୍ୱାରା ଶରୀର ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ପାଇଥାଏ। ଏହାଦ୍ୱାରା ଶରୀରକୁ ଯାଇଥିବା ଏକ୍ସଟ୍ରା କ୍ୟାଲୋରି ବର୍ନ ହେବା ସହ ଗ୍ୟାସ୍, ବଦହଜମି ଭଳି ସମସ୍ୟା ଦୂରହୋଇଥାଏ। ଏହା ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇବା ସହ ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ।

# ପାର୍ବଣ ଓ ସୁରକ୍ଷା

ଆରମ୍ଭ ହୋଇସାରିଛି ପାର୍ବଣ ଋତୁ। ବୁଲି ବୁଲି ମା'ଙ୍କ ମୂର୍ତ୍ତି ଦର୍ଶନ କରିବା, ଆକର୍ଷଣୀୟ ତୋରଣ ଦେଖିବା, ଫେଷ୍ଟିଭ୍ ସିଜନ ଶପିଂ କରିବା, ବିଭିନ୍ନ ସ୍ଥାନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ହେଉ ଅବା ଡାଣ୍ଡିଆ ନାଇଟ୍ସରେ ଯୋଗଦେବା ଲାଗି ଏବେ ସମସ୍ତେ ତତ୍ପର। ତେଣୁ ଅନେକଙ୍କର ଏହି ଫେଷ୍ଟିଭ୍ ସିଜନରେ ଦିନର ଅଧିକାଂଶ ସମୟ ବିତିଥାଏ ବାହାରେ। ଏମିତିରେ ଘର ଖାଲି ଥିବାର ହେଉ କିମ୍ବା ଅଧିକ ଗହଳିର ସୁଯୋଗ ନେଇ ବଢ଼ିଥାଏ ଚୋରି ଡକାୟତି। ତେଣୁ ପୂଜା ସମୟରେ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...





ପାର୍ବଣ ଋତୁ ଆସିଲେ ମା'ଙ୍କ ଆଗମନରେ ସମସ୍ତଙ୍କ ମନରେ ଅପୂର୍ବ ଆନନ୍ଦ ଖେଳିଯାଏ। ଗାଁଠୁ ସହର ସବୁଠି ଉତ୍ସବମୁଖର ହୋଇଉଠେ। ହେଲେ ଏହି ଖୁସି ଭିତରେ ଟେନ୍‌ସନ ବଢ଼ାଇଦିଏ ବିଭିନ୍ନ ଚୋରି ଖବର। ତେଣୁ ଏହି ଫେଷ୍ଟିଭ୍ ସିଜନରେ ନିଜର ତଥା ଘର ଏବଂ ପରିବାରର ସୁରକ୍ଷା ପାଇଁ କେତେକ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...

- ପରିବାରର ସମସ୍ତ ସଦସ୍ୟ ଏକାସଙ୍ଗେ ଘର ଛାଡ଼ି ବାହାରକୁ ଯାଆନ୍ତୁ ନାହିଁ। କାରଣ ଘରେ କେହି ଜଣେ ଉପସ୍ଥିତ ଥିଲେ ଚୋରି ହେବା ଆଶଙ୍କା ବହୁମାତ୍ରାରେ କମିଯାଏ।
- ଏହି ସମୟରେ ବୁଲାବୁଲି ପାଇଁ ବାହାରକୁ ଯିବା ବେଳେ ଘରକୁ ଭଲ ଭାବେ ଲକ୍ କରନ୍ତୁ। ଯଦି ଘରେ ସିସିଟିଭି ଲଗାଛନ୍ତି ତେବେ ଏହାକୁ ନିଜ ଫୋନ୍‌ରେ କନେକ୍ଟ କରିରଖନ୍ତୁ।
- ବର୍ତ୍ତମାନ ଖବରକାଗଜ ଏବଂ ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ପ୍ରତିଦିନ ଟଙ୍କା ଚୋରି ଖବର ପ୍ରସାରିତ ହେଉଛି। ତେଣୁ ଘରେ କିମ୍ବା ବାହାରକୁ ଗଲାବେଳେ ପାଖରେ ଅଧିକ କ୍ୟାଶ୍ ଆଦୌ ରଖନ୍ତୁ ନାହିଁ। ଏହା ବଦଳରେ ଇ-ବ୍ୟାଙ୍କିଙ୍ଗ୍ ସୁବିଧା ଆପଣାନ୍ତୁ।
- ବାହାରକୁ ଯିବାବେଳେ ଗହଣା କିମ୍ବା କୌଣସି ଦାମୀ ଅଳଙ୍କାର ପିନ୍ଧନ୍ତୁ ନାହିଁ। ଆଜିକାଲି ଚେନ୍ ସ୍ନାଚିଂ ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେଣୁ ଏଥିପ୍ରତି ବିଶେଷ ସତର୍କ ରୁହନ୍ତୁ।
- ପୂଜା ପେଣ୍ଡାଲରେ ମୋବାଇଲ ଚୋରି ହୋଇଥାଏ। ସେଥିପ୍ରତି ସତର୍କ ରୁହନ୍ତୁ ଏବଂ ନିଜ ଫୋନ୍‌କୁ ହାତରେ ନ ଧରି ବ୍ୟାଗ୍‌ରେ ରଖନ୍ତୁ ଏବଂ ବ୍ୟାଗ୍‌କୁ ହାତରେ ଆଗପଟକୁ କରି ରଖନ୍ତୁ। ମୋବାଇଲରେ ଫଟୋ କିମ୍ବା ଭିଡିଓ କରୁଥିଲେ ସରିବା ମାତ୍ରେ ତୁରନ୍ତ ଭିତରେ ରଖିଦିଅନ୍ତୁ।
- ଛୋଟପିଲାଙ୍କୁ ସାଙ୍ଗରେ ନେଉଥିଲେ ଭିଡ଼ରେ ଆଦୌ ହାତ ଛାଡ଼ନ୍ତୁ ନାହିଁ। ସେମାନଙ୍କ ହାତରେ ଫୋନ୍, ଟଙ୍କା ଦିଅନ୍ତୁ ନାହିଁ କିମ୍ବା ଦାମୀ ଗହଣା ଆଦୌ ପିନ୍ଧାନ୍ତୁ ନାହିଁ।

## ସତର୍କତା ଏବଂ ସଚେତନତା ଜରୁରୀ



**ରୀନା ମିଶ୍ର** (ଆଇଆଇସି, ମହିଳା ଥାନା, ଭୁବନେଶ୍ୱର)- ପାର୍ବଣ ଅବସରରେ ବିଶେଷ ଭାବରେ ରାଜଧାନୀରେ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ। ଲୋକେ ବିଭିନ୍ନ ପୂଜା ମଣ୍ଡପ, ମିନାବଜାର,ରାବଣପୋଡ଼ି ଦେଖିବାକୁ ଘର ଛାଡ଼ି ଆସିଥାନ୍ତି। ଏହି ଅବସରରେ ଲୁଟେରାମାନେ ଏହାର ଫାଇଦା ନେଇଥାନ୍ତି। ଏଥିପାଇଁ ସମସ୍ତଙ୍କୁ ସତର୍କ ରହିବାକୁ ପଡ଼ିବ। ପ୍ରଥମତଃ ଘରୁ ଯେତେବେଳେ ଲୋକମାନେ ବାହାରକୁ ଆସୁଛନ୍ତି ଘରର ସମସ୍ତ ଝରକା, କବାଟ ବନ୍ଦକରି ଭଲ ଭାବେ ତାଲା ପକାଇ ବାହାରିବା ଦରକାର। ସମସ୍ତେ ଏକାସଙ୍ଗେ ନ ଯାଇ ସୁରକ୍ଷା ଦୃଷ୍ଟିରୁ ଜଣେ ସଦସ୍ୟ ଘରେ ରହିଲେ ଭଲ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପିଏ ସିଷ୍ଟମ କରାଯାଇଛି। କୌଣସି ଅସୁବିଧା ହେଲେ ତୁରନ୍ତ ସହାୟତା ପାଇଁ ପ୍ରତ୍ୟେକ ଥାନା ନମ୍ବର ଏବଂ କଣ୍ଟ୍ରୋଲରୁମ୍ ନମ୍ବର ୧୧୨, ୨୪ ଘଣ୍ଟା କାର୍ଯ୍ୟକ୍ଷମ ରଖାଯାଇଛି। ପୂଜା ମଣ୍ଡପରେ ସ୍ପେଶାଲ ମହିଳା ପୋଲିସ ମୁତୟନ କରାଯାଇଛି। କୌଣସି ସମସ୍ୟା ହେଲେ ତୁରନ୍ତ ସେମାନଙ୍କ ସହ ଯୋଗାଯୋଗ କରିପାରିବେ। ଘର ସୁରକ୍ଷା ସହ ନିଜର ସୁରକ୍ଷା ପାଇଁ ପୂଜା ଦେଖିବାକୁ ଆସିଲେ ସୁନା କିମ୍ବା କୌଣସି ଦାମୀ ଗହଣା ନ ପିନ୍ଧିବାକୁ ବାରମ୍ବାର ସଚେତନ କରାଯାଉଛି। ନିଜର ମୋବାଇଲ ଏବଂ ମନିପର୍ସ, ଭ୍ୟାନିଟି ବ୍ୟାଗ୍ ଆଦି ପଛପଟକୁ ନ ରଖି ସର୍ବଦା ସମ୍ମୁଖ ନଚେତ୍ ସାଇଡ୍‌ରେ ରଖି ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି।

## ଏମାନେ କ'ଣ କହନ୍ତି...

### ପ୍ରଥମେ ନିଜେ ସଚେତନ ହେବା ଦରକାର



**ତ୍ରିବେଣୀ ଗାଙ୍ଗୁଲି**(ଗୃହିଣୀ, ଲେଖିକା, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର)- ଚାରିଆଡ଼େ ଏବେ ଦଶହରାର ମାହୋଲ। ପାର୍ବଣ ଋତୁରେ ଉତ୍ସବମୁଖର ଗାଁଠାରୁ ସହର। ସେଥିପାଇଁ ଚାରିଆଡ଼େ ପ୍ରବଳ ଗହଳି ଯୋଗୁ ଏହାର ଫାଇଦା ନେଇ ଚୋର ସକ୍ରିୟ ହୁଅନ୍ତି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ପ୍ରତି ପୂଜା ମଣ୍ଡପରେ ପୋଲିସ ତଥା ପୂଜାରେ ନିୟୋଜିତ ଭଲ୍ୟୁଣ୍ଟିୟର ଉପସ୍ଥିତ ଥିବା ସତ୍ତ୍ୱେ ମଧ୍ୟ ଅନେକ ଚୋରି ଘଟଣା ସାମ୍ନାକୁ ଆସିଥାଏ। ତେଣୁ ଏଥିପାଇଁ ସର୍ବପ୍ରଥମେ ନିଜେ ସଚେତନ ହେବା ଦରକାର। ନିଜ କଥା କହିବି, ବୁଲିଲା ବେଳେ ସୁନା ଅଳଙ୍କାର ପିନ୍ଧି ନ ଥାଏ। ନିଜର ମୋବାଇଲ, ଟଙ୍କା ଓ ଦରକାରୀ ସାମଗ୍ରୀ ନିଜ ଦାୟିତ୍ୱରେ ରଖିଥାଏ। ତେବେ ମା' ଦୁର୍ଗାଙ୍କ ଧରାପୃଷ୍ଠରେ ଅବତରଣ ସମଗ୍ର ମାନବ ସମାଜର କଲ୍ୟାଣ ସହ ଚାରିଆଡ଼େ ଶାନ୍ତିଶୃଙ୍ଖଳାର ବାତାବରଣ ସୃଷ୍ଟି କରିବ ବୋଲି ମୋର ଆଶା।

### ଭିଡ଼ ପାଇଁ ଭଲ କ୍ୟାଶ୍‌ଲେସ୍ ବ୍ୟବସ୍ଥା



**ମୀରା ବେଉରା**( ସଙ୍ଗଠନ ସମ୍ପାଦିକା, ନାରୀ ସେବା ସଂଘ, କଟକ)- ଆଧୁନିକ ମଣିଷ ଆଜି ଯଦିଓ ଚନ୍ଦ୍ରପୃଷ୍ଠରେ ପଦାର୍ପଣ କରିଛି, କିନ୍ତୁ ବଡ଼ ଦୁଃଖର କଥା ନିଜ ପାଖ ପଡ଼ୋଶୀ ସହ ଭଲ ସମ୍ପର୍କ ରଖିପାରୁନାହିଁ। ଆଜିର ବ୍ୟସ୍ତ ବହୁଳ ଦୁନିଆରେ ମଣିଷ ନିଜ ପଡ଼ୋଶୀକୁ ମଧ୍ୟ ଜାଣିପାରୁନାହିଁ। ଆମେ ଏଭଳି ଏକ ସମାଜରେ ବାସ କରୁଛୁ ଯେଉଁଠି ଆମର ଧନ ଜୀବନ କେହି ବି ସୁରକ୍ଷିତ ନୁହେଁ। ମଣିଷ ଯେତେ ଆଗକୁ ଯାଉ, କିନ୍ତୁ ବଞ୍ଚିବା ପାଇଁ ସାମାଜିକ ସମ୍ପର୍କ ନିହାତି ଆବଶ୍ୟକ। ତେଣୁ ପ୍ରଥମେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରଖିଲେ ଦୁର୍ଗାପୂଜା ହେଉ ଅବା କେଉଁଆଡ଼େ ଛୁଟିରେ ଗଲେ ଆମେ ତାଙ୍କୁ ଘର ଚାବି ଦେଇ ରାତିରେ ଲାଇଟ ଲଗାଇବାକୁ କହିପାରିବା। ଭିଡ଼ରେ ସୁନାଗହଣା ପିନ୍ଧିବା ଠିକ୍ ନୁହେଁ କିମ୍ବା ଘରେ ରଖିବା ବି ସୁରକ୍ଷିତ ନୁହେଁ। ତେଣୁ ଏହାକୁ ଘରେ ନ ରଖି ବ୍ୟାଙ୍କ ଲକରରେ ରଖିଦେବା ବୁଦ୍ଧିମତ୍ତାର କାର୍ଯ୍ୟ। ତା'ଛଡ଼ା ଆମେ କ୍ୟାଶ୍ ବଦଳରେ ଫୋନ୍ ପେ, ଗୁଗଲ ପେ ବ୍ୟବହାର କରିପାରିବା।







ସୌନ୍ଦର୍ଯ୍ୟ

# କେଶ ହେବ ମଜଭୁତ



କେଶ ଝଡ଼ିବା ଏବେ ଅନେକଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ତେଣୁ ଝଡ଼ିବା କମାଇବା ସହ କେଶକୁ ମଜଭୁତ କରିବାକୁ ଚାହୁଁଥିଲେ କେତେକ ଦିଗ ପ୍ରତି ସଚେତନ ରହିବା ଆବଶ୍ୟକ। ଜାଣିରଖନ୍ତୁ ସେ ସମ୍ପର୍କରେ...

- ଅନେକ ମହିଳା କେଶକୁ ସଫାକରିବା ଲାଗି ଅଧିକ ଶାମ୍ପୁ କିମ୍ବା କେମିକାଲଯୁକ୍ତ ଶାମ୍ପୁ ବ୍ୟବହାର କରନ୍ତି। ଏମିତିକି କାହାଠୁ କିଛି ଶୁଣିଲେ କିମ୍ବା ୟୁଟ୍ୟୁବ୍ ଭିଡିଓରେ କିଛି କେଶ ସୌନ୍ଦର୍ଯ୍ୟ କରିବାର ଟିପ୍ସ ଜାଣିଲେ ତୁରନ୍ତ ଏହାକୁ ଆପ୍ଲାଏ କରିବାକୁ ପଛାନ୍ତି ନାହିଁ। ହେଲେ ଏହାଦ୍ୱାରା କେଶରେ ଥିବା ପ୍ରାକୃତିକ ତେଲ ନଷ୍ଟ ହୋଇଥାଏ। ଶାମ୍ପୁର କେମିକାଲ ମଧ୍ୟ କେଶ ପାଇଁ ହାନିକାରକ ହୋଇଥିବାରୁ ପରବର୍ତ୍ତୀ ସମୟରେ କେଶ ଝଡ଼ିବାର ମୁଖ୍ୟ କାରଣ ସାଜିଥାଏ। ତେଣୁ କେମିକାଲଯୁକ୍ତ ଶାମ୍ପୁ ଲଗାନ୍ତୁ ନାହିଁ କିମ୍ବା ଯେକୌଣସି ଉପଚାର ସମ୍ପର୍କରେ ଜାଣିବା ମାତ୍ରେ ନିଜ କେଶ ସହ ଏହାକୁ ଏକ୍ସପେରିମେଣ୍ଟ କରନ୍ତୁ ନାହିଁ।
- କେଶ କଳା ଏବଂ ମଜଭୁତ ହେବା ଲାଗି ମୁଣ୍ଡରେ ବ୍ଲଡ୍ ସାର୍କୁଲେଶନ ଭଲ ଭାବେ ହେବା ଦରକାର। ଏହାର ଅର୍ଥ ନୁହେଁ ଅଳ୍ପ ସମୟ ବ୍ୟବଧାନରେ ବାରମ୍ବାର ମୁଣ୍ଡ କୁଣ୍ଡାଇବା, କାରଣ ତାହା କେଶ ମୂଳକୁ ଦୁର୍ବଳ କରିବା ସହ ଝଡ଼ିଥାଏ। ତେଣୁ ଦିନରେ ୨ଥର କେଶ କୁଣ୍ଡାନ୍ତୁ।
- ତେଲିଆ କେଶ ଥିଲେ ଅନେକେ ବାରମ୍ବାର ଶାମ୍ପୁ କରନ୍ତି କିମ୍ବା ଆଦୌ ତେଲ ବ୍ୟବହାର କରନ୍ତି ନାହିଁ। ହେଲେ ଏହାଦ୍ୱାରା କେଶ ଡ୍ରାଏ ହୋଇ ଧୀରେ ଧୀରେ ପାଚିବା ଏବଂ ଝଡ଼ିବା ସମସ୍ୟା ଆରମ୍ଭ ହୋଇଯାଏ। ତେଣୁ ତେଲ ଲଗାଇ ଧୀରେ ଧୀରେ କେଶମୂଳରୁ ଶେଷ ପର୍ଯ୍ୟନ୍ତ ମସାଜ୍ କରନ୍ତୁ ଏବଂ ୧-୨ ଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ଲଗାଇ ଧୋଇ ଦିଅନ୍ତୁ।
- ଅନେକେ କେଶ ଧୋଇବା ପରେ ଟାୱେଲରେ ରଗଡ଼ି ପୋଛନ୍ତି କିମ୍ବା ବାଡ଼େଇ ବାଡ଼େଇ ପାଣି ଝାଡ଼ନ୍ତି। ହେଲେ ଏହାଦ୍ୱାରା କେଶ ଡ୍ରାଏ ହୋଇ ଦୁର୍ବଳ ହୋଇଯାଏ ଏବଂ କେଶ ଝଡ଼ିବା ଆରମ୍ଭ ହୁଏ। ତେଣୁ ଓଦା କେଶକୁ ଆଦୌ ନ ରଗଡ଼ି ଧୀରେ ଧୀରେ ଟାୱେଲରେ ପୋଛି ପବନରେ ଶୁଖିବାକୁ ଛାଡ଼ିଦିଅନ୍ତୁ।
- ବିଭିନ୍ନ ବ୍ରାଣ୍ଡର କେମିକାଲଯୁକ୍ତ କଲର, ସାଇନର ଭଳି ବିଭିନ୍ନ ପ୍ରକାର ହେୟାର ଷ୍ଟାଇଲିଂ ପ୍ରଡକ୍ଟର ବହୁଳ ବ୍ୟବହାର ମଧ୍ୟ ଅନେକଙ୍କଠାରେ କେଶ ଝଡ଼ିବାର ଅନ୍ୟତମ କାରଣ। ସେହିପରି ହେୟାର ଡ୍ରାୟର, ଷ୍ଟ୍ରେଟ୍‌ନର, ଆଇରନ, ରୋଲର ଆଦି ମଧ୍ୟ କେଶ ଛିଣ୍ଡିବା, ଝଡ଼ିବା ପାଇଁ ବିଶେଷ ଭାବେ ଦାୟୀ। ତେଣୁ ଏସବୁ ବ୍ୟବହାର କରିବା ବେଳେ ସତର୍କ ରୁହନ୍ତୁ।

ଖାଦ୍ୟରୁଚି

# ସାଗୁ ଖେଚୁଡ଼ି

**ଆବଶ୍ୟକ ସାମଗ୍ରୀ:** ୧ କପ୍ ସାଗୁ (୧୫୦ଗ୍ରାମ୍), ଦୁଇଟି ମଧ୍ୟମ ଆକାରର ସିଝା ଆଳୁ, ୨ ଚାମଚ ଘିଅ କିମ୍ବା ରିଫାଇନ୍ ତେଲ, ଜିରା ଏକ ଛୋଟ ଚାମଚ, ଅଳ୍ପ ହଳଦୀଗୁଣ୍ଡ, ୧-୨ଟି ଛୋଟ କଟା ହୋଇଥିବା କଞ୍ଚାଲଙ୍କା, ୭-୮ଟି ଛେଚାହୋଇଥିବା ଗୋଲମରିଚ, ଅଧା କପ୍ ଭଜା ବାଦାମ ମଞ୍ଜି, ୧ ଛୋଟ ଚାମଚ ସୈନ୍ଧବ ଲବଣ, ୪ ଚାମଚ କଟା ଧନିଆପତ୍ର, ଗୋଟିଏ ଛୋଟ ଲେମ୍ବୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସାଗୁଦାନାକୁ ଭଲ ଭାବେ ଧୋଇ ଏକ ପାତ୍ରରେ ପାଣିରେ ୫-୬ ଘଣ୍ଟା ଭିଜାଇ ରଖିଦିଅନ୍ତୁ। ଭିଜିଗଲା ପରେ ଉକ୍ତ ପାଣି ଢାଳି ପୁଣି ଥରେ ଧୋଇଦିଅନ୍ତୁ। ଗ୍ୟାସ୍‌ରେ କଡ଼େଇ ବସାଇ ତେଲ/ଘିଅ ପକାନ୍ତୁ। ଏହା ଗରମ ହୋଇଗଲେ ସେଥିରେ ଜିରା ପକାନ୍ତୁ। ଜିରା ଫୁଟିବା ଆରମ୍ଭ ହେଲେ ସେଥିରେ କଟା ଲଙ୍କା ଏବଂ ବାଦାମ ପକାଇ ସ୍ଲୋ ଫ୍ଲେମ୍‌ରେ ଅଳ୍ପ ଭାଜନ୍ତୁ। ବାଦାମର ରଙ୍ଗ ହାଲ୍‌କା ବ୍ରାଉନ୍ ହୋଇଗଲେ ହଳଦୀ ଏବଂ ଲଙ୍କାଗୁଣ୍ଡ ପକାଇ ଗୋଳାନ୍ତୁ। ସେଥିରେ ସିଝା ଆଳୁକୁ ଛୋଟ ଛୋଟ କାଟି ପକାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ ଯେପରି ଆଳୁରେ ମସଲା ଭଲଭାବେ ଲାଗିବ। ବର୍ତ୍ତମାନ ଏଥିରେ ସାଗୁଦାନା ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ସେଥିରେ ସୈନ୍ଧବ ଲବଣ ପକାଇ ଧୀରେ ଧୀରେ ଘାଣ୍ଟନ୍ତୁ ଯେପରି ଲୁଣ ସବୁଥିରେ ଭଲ ଭାବେ ମିଶିପାରିବ। ଏହାକୁ ଢାଙ୍କୁଣି ଘୋଡ଼ାଇ ୪-୫ ମିନିଟ୍ ମିଡିୟମ ଫ୍ଲେମ୍‌ରେ ବସାନ୍ତୁ। ଭଲ ଭାବେ ଗୋଳାଇ ଚୁଲା ବନ୍ଦ କରିଦିଅନ୍ତୁ। ସେଥିରେ ଲେମ୍ବୁ ଚିପୁଡ଼ନ୍ତୁ ଏବଂ ପୁଣି ଧୀରେ ଧୀରେ ଗୋଳାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସାଗୁ ଖେଚୁଡ଼ି। ଏହାକୁ ପୂଜାପର୍ବ, ନବରାତ୍ରି ବ୍ରତ ଆଦି ସମୟରେ ଖାଇପାରିବେ।



# କ୍ୟାପିଟାଲ୍ସର ଦ୍ୱିତୀୟ ବିଜୟ

ଜମ୍ମୁ,୭।୧୦

ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍‌ରେ ସୋମବାର ଗୁଜରାଟ ଗ୍ରେଟ୍ସ ବିପକ୍ଷରେ ସଂଘର୍ଷପୂର୍ଣ୍ଣ ୪ ଉଇକେଟରେ ବିଜୟ ହାସଲ କରିଛି ଇଣ୍ଡିଆ କ୍ୟାପିଟାଲ। ଅନ୍ତିମ ବଲରେ ୧ ରନ୍ ଆବଶ୍ୟକ ଥିବା ବେଳେ ଅଧିନାୟକ ଇଆନ୍ ବେଲ୍ ଦଳକୁ ଜିତାଇଥିଲେ। ଇକ୍‌ବାଲ ଅବଦୁଲ୍ଲା୩ ଉଇକେଟ ନେବାରୁ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୧୩୪ ରନ୍ କରିଥିଲା। ଜବାବରେ କ୍ୟାପିଟାଲ୍ସ ଶେଷ ବଲରେ ୬ ଉଇକେଟ ହରାଇ ବିଜୟୀ ହୋଇଥିଲା। ଚଳିତ ସିଜନରେ ଷଷ୍ଠ ମ୍ୟାଚ୍ ଖେଳୁଥିବା ଇଣ୍ଡିଆ କ୍ୟାପିଟାଲ୍ସର ଏହା




## ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍

ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଗୁଜରାଟ ଗୋଟିଏ ବି ମ୍ୟାଚ୍ ଜିତିନାହିଁ।

ମୌଲାନା ଆଜାଦ କ୍ରିକେଟ ଷ୍ଟାଡିୟମରେ ଗୁଜରାଟ ଗ୍ରେଟ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଶିଖର ଧାୱନ ମାତ୍ର ୧ ରନ୍ କରି ଦ୍ୱିତୀୟ ଓଭରରେ ଅବଦୁଲ୍ଲାଙ୍କ ପ୍ରଥମ ଶିକାର ହୋଇଥିଲେ। କ୍ରିସ୍ ଗେଲ୍ ପ୍ରଭାବୀ ବ୍ୟାଟିଂ କରି ୧୧ ବଲ୍‌ରୁ ୫ ଚୌକା ସହ ୨୧ ରନ୍‌କରିଥିଲେ। ପଞ୍ଚମ ଓଭରରେ ଧୱଲ କୁଲକର୍ଣୀ ତାଙ୍କୁ ଆଉଟ କରିବା ପରେ ମ୍ୟାଚରେ ରୋମାଞ୍ଚ ଭରି ଯାଇଥିଲା। ପରବର୍ତ୍ତୀ ଓଭରରେ ମର୍ନେ ଭାନ୍ ୱିକ୍(୧୦)ଙ୍କୁ ଆଉଟ କରିଥିଲେ ଅବଦୁଲ୍ଲା। ଦୁଇ ବଲ୍ ପରେ ଖାତା ଖୋଲିବା ଆଗରୁ ମନନ ଶର୍ମା ପ୍ୟାଭିଲିୟନ୍ ଫେରିଥିଲେ। ଅବଦୁଲ୍ଲା ନିଜ ୪ ଓଭର ସ୍ପେଲରେ ୧୨ ଡଟ୍ ବଲ୍ ପକାଇଥିବା ବେଳେ ୨୪ ରନ୍ ଦେଇ ୩ ଉଇକେଟ ନେଇଥିଲେ। ୩୮ ରନ୍‌ରେ ୪ ଉଇକେଟ ପଡିବା ପରେ ଗୁଜରାଟ ପକ୍ଷରୁ ଟପ୍ ସ୍କୋରର ରହିଥିବା ମହମ୍ମଦ କୈଫ୍(୪୦) ଓ ଯଶପାଲ ସିଂ(୨୦) ଷଷ୍ଠ ଉଇକେଟରେ ୬୫ ରନ୍ ଯୋଡିଥିଲେ। ଧୀମା ପିଚ୍‌ରେ କୈଫ୍ ୪୧ ବଲ୍‌ରୁ ୩ ଚୌକା ଓ ୨ ଛକା ମାରି ୪୦ ରନ୍ କରିଥିଲେ। ଅନ୍ୟ ପକ୍ଷରେ ଯଶପାଲ ୨୯ ବଲ୍‌ରୁ ୨ ଚୌକା ସହ ୨୦ ରନ୍ କରିଥିଲେ। ଶେଷ ଭାଗରେ ଦେବବ୍ରତ ଦାସ ଦ୍ରୁତ ୨୦ ରନ୍ କରିବାରୁ ଦଳୀୟ ସ୍କୋର ୧୩୪ରେ ପହଞ୍ଚିଥିଲା। କ୍ୟାପିଟାଲ୍ସ ପକ୍ଷରୁ ଇକବାଲ ଅବଦୁଲ୍ଲା ୩, ଧୱଲ କୁଲକର୍ଣୀ୨ ଓ ଆସ୍‌ଲେ ନର୍ସ ୧ ଉଇକେଟ ନେଇଥିଲେ।

୧୩୫ ଲକ୍ଷ୍ୟ ନେଇ କ୍ୟାପିଟାଲ୍ସର ଆରମ୍ଭ ଅତ୍ୟନ୍ତ ଖରାପ ରହିଥିଲା। ମନନ ଶର୍ମା ୪ ଉଇକେଟ ନେବାରୁ ଦଳ ୩୫ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ତେବେ ଅଧିନାୟକ ଇଆନ୍ ବେଲ୍ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ଦଳକୁ ଫିନିଶ ଲାଇନ୍ ପାର କରାଇଥିଲେ। ବେଲ୍ ୪୯ ବଲ୍ ଖେଳି ୪୧ ରନ୍‌ରେ ଅପରାଜିତ ରହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବେନ୍ ଡଙ୍କ ୨୨ ଓ ଭରତ ଚିପଲି ୨୨ ରନ୍ ସ୍କୋର କରିଥିଲେ। ମନନ ଶର୍ମା ଘାତକ ବୋଲିଂ କରି ଏକାକୀ ୪ ଉଇକେଟ ନେଇଥିବା ବେଳେ ଯଶପାଲ ସିଂ ୧ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଗୁଜରାଟ ଗ୍ରେଟ୍ସ ୨୦ ଓଭରରେ ୧୩୪/୬ (ମହମ୍ମଦ କୈଫ୍-୪୦, କ୍ରିସ୍ ଗେଲ୍-୨୧, ଦେବବ୍ରତ ଦାସ-୨୦*, ଇକବାଲ ଅବଦୁଲ୍ଲା-୩/୨୪, ଧୱଲ କୁଲକର୍ନୀ-୨/୧୭, ଆସ୍‌ଲେ ନର୍ସ-୧/୧୩)। ଇଣ୍ଡିଆ କ୍ୟାପିଟାଲ୍ସ ୨୦ ଓଭରରେ ୧୩୫/୬(ଇଆନ୍ ବେଲ୍-୪୧, ବେନ୍ ଡଙ୍କ-୨୨, ଭରତ ଚିପଲି-୨୨, ମନନ ଶର୍ମା-୪/୨୪, ଯଶପାଲ ସିଂ-୧/୧୯)।

# ମାସୁଦ୍, ଶଫିକ୍‌ଙ୍କ ଶତକ

ମୁଲତାନ,୭।୧୦(ପି.ଟି.)

ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଶତକ ହାସଲ କରିଛନ୍ତି ପାକିସ୍ତାନର ଶାନ୍ ମାସୁଦ୍ ଓ ଅବଦୁଲ୍ଲା ଶଫିକ୍। ଉଭୟ ଖେଳାଳିଙ୍କ ଶତକ ବଳରେ ପାକିସ୍ତାନ ପ୍ରଥମ ଦିନର ଷ୍ଟମ୍ପସ୍ ସୁଦ୍ଧା ୪ ଉଇକେଟ ହରାଇ ୩୨୮ ରନ୍ ସଂଗ୍ରହ କରିଛି। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିଥିବା ବେଳେ ଚତୁର୍ଥ ଓଭରରେ ୪ ରନ୍ କରି ସାଇମ୍ ଆୟୁବ ପ୍ୟାଭିଲିୟନ ଫେରିଥିଲେ। ଗସ୍ ଆଟକିନ୍‌ସନ୍ ଇଂଲଣ୍ଡକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ତେବେ ଅଧିନାୟକ ଶାନ୍ ମାସୁଦ୍(୧୫୧) ଓ ଅବଦୁଲ୍ଲା ଶଫିକ୍(୧୦୨) ଦୃଢ଼ ବ୍ୟାଟିଂ କରିବା ସହ ତୃତୀୟ ଉଇକେଟରେ ୨୫୩ ରନ୍ ଯୋଡିଥିଲେ। ଶାନ୍ ମାସୁଦ୍ ଦୀର୍ଘ ୧୫୨୪ ଦିନ ପରେ ଶତକ ହାସଲ କରିଥିଲେ। ୨୦୨୦ ମସିହାରେ ମାଞ୍ଚେଷ୍ଟରରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଶେଷ ଥର ପାଇଁ ସେ ଏକ ଶତକ ହାସଲ କରିଥିଲେ। ଟେଷ୍ଟ କ୍ରିକେଟରେ ଏହା ତାଙ୍କର ପଞ୍ଚମ ଶତକ ହୋଇଥିବା ବେଳେ ଇଂଲଣ୍ଡ ବିପକ୍ଷରେ ଦ୍ୱିତୀୟ।

ମାସୁଦ୍ ୧୭୭ ବଲ ଖେଳି ୧୩ ଚୌକା ଓ ୨ ଛକା ସହ ୧୫୧ ରନ୍ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଅବଦୁଲ୍ଲା ଶଫିକ୍ ୧୮୪ ବଲ୍ ଖେଳି ୧୦ ଚୌକା ଓ ୨ ଛକା ମାରିଥିଲେ। ଉଭୟ ଖେଳାଳି ଦ୍ୱିଶତକୀୟ ଭାଗୀଦାରି କରିବା ସହ ପାକିସ୍ତାନକୁ ଦୃଢ ସ୍ଥିତିରେ ପହଞ୍ଚାଇ ଥିଲେ। ଅବଦୁଲ୍ଲା ଶଫିକ୍‌ଙ୍କୁ ଆଉଟ କରି ଆଟକିନ୍‌ସନ୍ ଇଂଲଣ୍ଡକୁ ଦ୍ୱିତୀୟ ସଫଳତା ପ୍ରଦାନ କରିଥିଲେ। ୩ ଓଭର ମଧ୍ୟରେ ଶାନ୍ ମାସୁଦ୍ ମଧ୍ୟ ଜ୍ୟାକ୍ ଲିଚ୍‌ଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

ପାକିସ୍ତାନ ପ୍ରଥମ ଇନିଂସ ୮୬ ଓଭରରେ ୩୨୮/୪(ଶାନ୍ ମାସୁଦ୍-୧୫୧, ଅବଦୁଲ୍ଲା ଶଫିକ୍-୧୦୨, ଶୌଦ୍ ଶକିଲ୍-୩୫*, ଗସ୍ ଆଟକିନସନ୍-୨/୭୦, କ୍ରିସ୍ ଓକ୍ସ-୧/୫୮, ଜ୍ୟାକ୍ ଲିଚ୍-୧/୬୧)।

# ଟୋଗୋକୁ ଭେଟିବ ଭାରତ

ଲଣ୍ଡନ, ୭।୧୦ (ପି.ଟି.)

ଆସନ୍ତାବର୍ଷ ଜାନୁଆରୀ ୩୧ରୁ ଫେବୃଆରୀ ୨ ମଧ୍ୟରେ ହେବାକୁଥିବା ଡେଭିସ୍‌କପ୍ ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେ ଅଫ୍‌ର ଏକ ମ୍ୟାଚ ଭାରତ ଓ ଟୋଗୋ ମଧ୍ୟରେ ଖେଳାଯିବ। ଇଣ୍ଟରନ୍ୟାଶନାଲ ଟେନିସ ଫେଡେରେଶନ (ଆଇଟିଏଫ୍) ଦ୍ୱାରା ଅନୁଷ୍ଠିତ ଡ୍ର'ରେ ଏହା ସ୍ଥିର ହୋଇଛି। ଉଭୟ ୱାର୍ଲ୍ଡ ଗ୍ରୁପ୍-୧ ଓ ୨ ପ୍ଲେଅଫ୍‌ଗୁଡ଼ିକ ଲାଗି ଡ୍ର' ଅନୁଷ୍ଠିତ ହୋଇଥିଲା। ଏଥିରେ ୫୨ଟି ଦେଶ ୨୬ ହୋମ୍-ଆଣ୍ଡ-ଆୱେ ମ୍ୟାଚ ଖେଳିବେ। ଏହା ଜାନୁଆରୀ ୩୧-ଫେବୃଆରୀ-୧ କିମ୍ବା ଫେବୃଆରୀ ୧-୨ରେ ଖେଳାଯିବ। ଭାରତ ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେଅଫ୍‌ରେ ସ୍ଥାନ ପାଇଛି। ଆୟୋଜକ ଦେଶ ତାରିଖ ସ୍ଥିର କରିବ। ଅଫିସିଆଲ ୱେବ୍‌ସାଇଟ୍ ଅନୁସାରେ ଭାରତ- ଟୋଗୋ ମ୍ୟାଚ କେଉଁ ଗ୍ରାଉଣ୍ଡରେ ଖେଳାଯିବ ତାହା ପରେ ସ୍ଥିର ହେବ।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ